# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୬/୨୦୨୩ (୧୮ ପୃଷ୍ଠା) | Bhubaneswar, Thursday, March 16/2023 | Page 18 | ₹ 7.00

୪୯ଶ ଭାଗ ୧୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 110 | ମୂଲ୍ୟ ₹୭/-





**ଶ୍ରେୟସ ଆୟର ଓହରିଲେ**

ପିଠିରେ ଯନ୍ତ୍ରଣା ଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରୁ ଭାରତର ଶ୍ରେୟସ ଆୟର ଓହରି ଯାଇଛନ୍ତି। ୧୮

୧୪ **ଧୂମପାନ କରି ଅନନ୍ୟା ଟ୍ରୋଲ୍**

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ତାଙ୍କ ଭଉଣୀଙ୍କ ମେହେନ୍ଦୀ ଉତ୍ସବରେ ଧୂମପାନ କରି ଟ୍ରୋଲ୍‌ର ଶିକାର ହୋଇଛନ୍ତି।




# ଷ୍ଟିୟରିଂ ଛାଡ଼ି ଆନ୍ଦୋଳନରେ ଡ୍ରାଇଭର

## ରାଜ୍ୟରେ ଗାଡ଼ି ଚଳାଚଳ ପ୍ରଭାବିତ, ଯାତ୍ରୀ ହନ୍ତସନ୍ତ

**ଭୁବନେଶ୍ୱର, ୧୫।୩ (ବ୍ୟୁରୋ)**

ଷ୍ଟିୟରିଂ ଛାଡ଼ି ରାସ୍ତାକୁ ଓହ୍ଲାଇଛନ୍ତି ଡ୍ରାଇଭରମାନେ। ଏଥିଯୋଗୁ ସାରା ରାଜ୍ୟରେ ବୁଧବାର ଗାଡ଼ି ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଯାତ୍ରୀମାନେ ଅଟକି ରହି ହନ୍ତସନ୍ତ ହୋଇଛନ୍ତି। ଡ୍ରାଇଭରମାନେ ବୀମା, ପେନ୍‌ସନ, ମୃତ୍ୟୁକାଳୀନ ସୁବିଧାସୁଯୋଗ ଆଦି ୧୦ ଦାବି କରୁଛନ୍ତି। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଦାବିଗୁଡ଼ିକ ପୂରଣ ହେଉନାହିଁ। ଏହା ବିରୋଧରେ ଡ୍ରାଇଭର ଏକତା ମହାମଞ୍ଚ ଏହି ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଆପଣାଇଛି। ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନ କରିବାକୁ ମହାମଞ୍ଚ ଡାକରା ଦେଇଥିବାବେଳେ ପ୍ରଥମ ଦିନ ହିଁ ରାଜ୍ୟର ପରିବହନ ସେବା ଅନେକାଂଶରେ ଠପ୍ ହୋଇଯାଇଛି।

ଓଡ଼ିଶା ମୋଟର ଚାଳକ ସଂଘ, ପରିବହନ ସଂଘ, ଡ୍ରାଇଭର ମହାସଂଘ ଭଳି ୬ଟି ସଂଘକୁ ମିଶାଇ ମହାମଞ୍ଚ ଗଠିତ। ବୁଧବାର ସକାଳୁ ଆରମ୍ଭ ହୋଇ ଯାଇଥିଲା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ। ରାଜଧାନୀ ଭୁବନେଶ୍ୱର, କଟକ, ପୁରୀ, ବାରିପଦା, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଢେଙ୍କାନାଳ ଆଦି ବଡ଼ ସହର ସମେତ ରାଜ୍ୟର ୩୧୪ ବ୍ଲକରେ ହଜାର ହଜାର ସଂଖ୍ୟାରେ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ☞ପୃଷ୍ଠା-୪



ଭୁବନେଶ୍ୱର ତମାଣ୍ଡୋଠାରେ ବୁଧବାର ଡ୍ରାଇଭରମାନେ ୧୬ ନଂ. ଜାତୀୟ ରାଜପଥରେ ଟ୍ରକ୍ ଓ ବସ୍‌କୁ ଅଟକ ରଖି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ:ବିକାଶ)

# ଭୁଶୁଡ଼ିଲା ନିର୍ମାଣାଧୀନ ବ୍ରିଜ୍

## ୧୮ ଘଣ୍ଟାରେ ଖସିପଡ଼ିଲା ସ୍ଲାବ୍, ନିମ୍ନମାନର କାମ ନେଇ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ,୧୫।୩**

କେନ୍ଦ୍ରାପଡ଼ା ସହର ତିନିମୁହାଣୀ ଛକ ନିକଟ ନିର୍ମାଣାଧୀନ ଗୋବରୀ ନଦୀର ଦକ୍ଷିଣ ପାର୍ଶ୍ୱ ପୋଲ ବୁଧବାର ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରୁ କାର୍ଯ୍ୟରତ ଶ୍ରମିକମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସେହିପରି ରାସ୍ତାଠାରୁ ପ୍ରାୟ ୧୦୦ ମିଟର ଦୂରରେ କୌଣସି ଲୋକ ନ ଥିବାରୁ କେହି ମୃତାହତ ହୋଇ ନାହାନ୍ତି। ପୂର୍ତ୍ତ ବିଭାଗର ଏହି ନବନିର୍ମାଣ ପୋଲ ଭୁଶୁଡ଼ିବା ପରେ ତା'ର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଫକୀର ଚନ୍ଦ୍ର ଖଟୁଆ, ଦିଲ୍ଲୀପ ଦାଶ, ଶ୍ୟାମାମଣି ତ୍ରିପାଠୀ, ଉମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ କହିଛନ୍ତି, ସହରର କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ତିନିମୁହାଣୀ ଚଟି ପୋଲଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଦ୍ୱିତୀୟ ବାଇପାସ୍ ରୋଡ ନିର୍ମାଣ ହେଉଛି। ପୋଲର ପିଲର ନିର୍ମାଣ ସରିଥିବା ବେଳେ ଏବେ ବାଡା ତିଆରି କରାଯାଉଛି। ମଙ୍ଗଳବାର ଅପରାହ୍ନ ୩ଟାରେ ୩୬ ମିଟର ଲମ୍ବ ଓ ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ପୋଲର ଦ୍ୱିତୀୟ ବାଡା ଦୁଇଟି କ୍ରେନ ସାହାଯ୍ୟରେ ଉଠାଯାଇ ରଖାଯାଇଥିଲା। ବୁଧବାର ସକାଳ ପ୍ରାୟ ୯ଟାରେ ହଠାତ୍ ପୋଲ ବାଡା ଭୁଶୁଡି ପଡିବାରୁ ମୃଦୁ ଭୂମିକମ୍ପ ପରି ଅନୁଭବ ହୋଇଥିଲା। ଘଟଣାସ୍ଥଳରୁ କାର୍ଯ୍ୟରତ ଶ୍ରମିକମାନେ ଦୌଡି ପଳାଇ ଯାଇଥିଲେ। ଏହି ବାଇପାସ୍ ରୋଡ ନିର୍ମାଣ ଦାୟିତ୍ୱ ଏଆରଏସ୍‌ଏସ୍ କମ୍ପାନୀ ନେଇଛି। ନିର୍ମାଣ କାର୍ଯ୍ୟରେ ବହୁ ଅନିୟମିତତା ଥିବା ବହୁବାର ପୂର୍ତ୍ତ ବିଭାଗ ଦୃଷ୍ଟିକୁ ଅଣାଯାଇଛି। ଉଦ୍‌ଘାଟନ ପୂର୍ବରୁ ପୋଲ ଭୁଶୁଡି ଥିବାରୁ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ସୃଷ୍ଟି ହୋଇଥିବା ସେମାନେ ମତ ଦେଇଛନ୍ତି। ଅପରପକ୍ଷେ କାର୍ଯ୍ୟରତ ଶ୍ରମିକମାନେ କହିଛନ୍ତି, କ୍ରେନ ହଟାଇବା ବେଳେ ରଖାଯାଇଥିବା ପୋଲ ବାଡା ଭୁଶୁଡି ପଡିଥିଲା। ଏସମ୍ପର୍କରେ ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ପୋଲ ନିର୍ମାଣରେ ☞ପୃଷ୍ଠା-୪



ଗୋବରୀ ନଦୀର ଦକ୍ଷିଣ ପାର୍ଶ୍ୱ ନିର୍ମାଣାଧୀନ ପୋଲର ଏକ ସ୍ଲାବ୍ ବୁଧବାର ଭୁଶୁଡ଼ି ପଡ଼ିଛି।


**ଆଜିର ସମ୍ପାଦକୀୟ**
ଅସଲି ରାମରାଜ୍ୟ

**ଭାରତରେ ଓକିଲାତି କରିବେ ବିଦେଶୀ ଆଇନଜୀବୀ ୭**








**ଫାୟାର ଫେଷ୍ଟିଭାଲ୍‌ରେ ଅଘଟଣ: ୧୧ ମୃତ**

ଇରାନ୍‌ରେ ମଙ୍ଗଳବାର ରାତିରେ ପାରମ୍ପରିକ ଫାୟାର ଫେଷ୍ଟିଭାଲ ପାଳନ ସମୟରେ ଅଘଟଣ ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଛି। ୩,୫୦୦ ଆହତ ହୋଇଥିବା ଜରୁରୀ ସେବା ମୁଖ୍ୟ ଜାଫର ମିଆଦଫର ସୂଚନା ଦେଇଛନ୍ତି। ତେବେ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଏହି ଫେଷ୍ଟିଭାଲ୍ ଚାଲିବ।



## ସଂକ୍ଷେପରେ

### ବୋର୍‌ୱେଲ୍‌ରୁ ଉଦ୍ଧାର ପରେ ପ୍ରାଣ ହରାଇଲେ ବାଳକ

**ବିଦିଶା, ୧୫। ୩:** ମଧ୍ୟପ୍ରଦେଶର ବିଦିଶା ଜିଲା ଖେରଖେଡି ପଥାର ଗ୍ରାମରେ ମଙ୍ଗଳବାର ୬୦ ଫୁଟ ବୋର୍‌ୱେଲ୍‌ରେ ଖସିପଡ଼ିଥିବା ବାଳକର ବୁଧବାର ମୃତ୍ୟୁ ଘଟିଛି। ୭ ବର୍ଷୀୟ ଲୋକେଶ ୪୩ ଫୁଟ ଗଭୀର ବୋର୍‌ୱେଲ୍ ତଳେ ଫସି ଥିବାବେଳେ ୨୪ ଘଣ୍ଟାର ରେସ୍କ୍ୟୁ ଅପରେଶନ୍ ପରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଲଟେରି ସହର ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଲୋକେଶଙ୍କ ପରିବାରକୁ ସମବେଦନା ଜଣାଇବା ସହ ୪ ଲକ୍ଷ ଟଙ୍କାର ସହାୟତା ରାଶି ଦେବା ପାଇଁ ଘୋଷଣା କରିଛନ୍ତି।

### ଭାରତୀୟ ଏନ୍‌ଜିଓକୁ ୨,୪୩୦.୮୦ କୋଟି ବିଦେଶୀ ଫଣ୍ଡିଂ

**ନୂଆଦିଲ୍ଲୀ, ୧୫। ୩:** ଗତ ୩ ବର୍ଷରେ ଭାରତୀୟ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ) ୨,୪୩୦.୮୪ କୋଟି ବିଦେଶୀ ଫଣ୍ଡିଂ ଗ୍ରହଣ କରିଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ବୁଧବାର ରାଜ୍ୟ ସଭାରେ କହିଛନ୍ତି। ୨୦୨୧-୨୨ରେ ୯୦୫.୫୦ କୋଟି ଟଙ୍କା ଗ୍ରହଣ କରାଯାଇଥିବାବେଳେ ୨୦୨୦-୨୧ରେ ୭୮.୧୮ କୋଟି ଟଙ୍କା ଏବଂ ୨୦୧୯-୨୦ରେ ୭୨୭.୧୬ କୋଟି ଟଙ୍କା ଏନ୍‌ଜିଓଗୁଡ଼ିକ ଗ୍ରହଣ କରିଛନ୍ତି। ବିଦେଶୀ ଫଣ୍ଡିଂର ଦୁରୁପଯୋଗ ହେବା ନେଇ ବହୁ ଅଭିଯୋଗ କରାଯାଇଥିବାବେଳେ ଏହାର ଯାଞ୍ଚ ଚାଲିଥିବା ମନ୍ତ୍ରୀ କହିଛନ୍ତି।

### ଅଭିନେତା ସମୀର ଖାଖରଙ୍କ ପରଲୋକ

**ନୂଆଦିଲ୍ଲୀ, ୧୫। ୩:** ଖ୍ୟାତନାମା ଅଭିନେତା ସମୀର ଖାଖରଙ୍କ ବୁଧବାର ପରଲୋକ



ଘଟିଛି। ଶରୀରର ଏକାଧିକ ଅଙ୍ଗ କାମ କରିବା ବନ୍ଦ ହେବା ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ ଅସୁବିଧା ଯୋଗୁ ସମୀରଙ୍କୁ ମଙ୍ଗଳବାର ମୁମ୍ବାଇସ୍ଥିତ ଏମ୍.ଏମ୍. ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅଭିନୀତ ଟିଭି ସିରିଏଲ୍ 'ନୁକଡ୍' ଓ 'ସର୍କସ୍' ପାଇଁ ସେ ଖୁବ୍ ପରିଚିତ। ଶ୍ରୀମାନ ଶ୍ରୀମତୀ ଟେଲି ସିରିଏଲ୍‌ରେ ମଧ ତାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଅନ୍ୟପକ୍ଷେ ବଲିଉଡ୍ ଫିଲ୍ମ ଜୟ ହୋ, ହସି ତୋ ଫସି ସାଙ୍ଗକୁ ୱେବ୍ ସିରିଜ୍ 'ସନ୍‌ଫ୍ଲାୱାର'ରେ ସେ ଅଭିନୟ କରିଥିଲେ।

**ଚାକିରି ପାଇଁ ଜମି ମାମଲା**

### ଲାଲୁ, ରାବ୍ରି ଓ ମିସାଙ୍କୁ ଜାମିନ

**ନୂଆଦିଲ୍ଲୀ, ୧୫। ୩:** ବିହାରରେ ଚାକିରି ପାଇଁ ଜମି ଦିଆଯିବା ମାମଲାରେ ବୁଧବାର ଦିଲ୍ଲୀର ଏକ କୋର୍ଟ ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବ, ସ୍ତ୍ରୀ ରାବ୍ରି ଦେବୀ ଓ ଝିଅ ମିସାଙ୍କ ଜାମିନ ମଞ୍ଜୁର କରିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲାର ତଦନ୍ତ କରୁଥିବାବେଳେ ବିନା ଗିରଫଦାରିରେ ଚାର୍ଜଶିଟ୍ ଦାଖଲ କରିଥିବା କୋର୍ଟ କହିଛନ୍ତି। ତେବେ ୫୦,୦୦୦ ଟଙ୍କାର ବେଲ୍ ବଣ୍ଡ୍ ଓ ସିଓରିଟିରେ ଏହି ଜାମିନ ପ୍ରଦାନ କରାଯାଇଛି।




କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ନେତାମାନେ ଇଡି ଅଫିସ୍‌କୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକାଇଛି।

# ଆଦାନୀ, ମୋଦିଙ୍କ ସମ୍ପର୍କର ତଦନ୍ତ ହେଉ

**ନୂଆଦିଲ୍ଲୀ, ୧୫।୩**

- ଇଡି ଅଫିସକୁ ବିରୋଧୀ ନେତାଙ୍କ ମାର୍ଚ୍ଚ
- ୨୦୦ ଏମ୍‌ପିଙ୍କୁ ବାଟରେ ଅଟକାଇଲେ ୨୦୦୦ ପୋଲିସ

ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ଉପରେ ଆମେରିକୀୟ ଶର୍ଟସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ପ୍ରଘଟ ରିପୋର୍ଟକୁ ନେଇ ଭାରତୀୟ ରାଜନୀତି ଦିନକୁ ଦିନ ଚଳଚଞ୍ଚଳ ହେବାରେ ଲାଗିଛି। ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କି ସମ୍ପର୍କ ରହିଛି, ତା'ର ତଦନ୍ତ ଦାବିରେ ବୁଧବାର ବିରୋଧୀ ଦଳ ନେତାମାନେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସକୁ ବିକ୍ଷୋଭ ଶୋଭାଯାତ୍ରା କରି ଯାଉଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ବାଟରେ ଅଟକାଇଛି। ଏହାକୁ ନେଇ ଦିଲ୍ଲୀରେ ରାଜନୈତିକ ପାଣିପାଗରେ ଉଷ୍ମତା ବଢ଼ିଯାଇଛି।

କଂଗ୍ରେସ ସମେତ ୧୮ ବିରୋଧୀ ଦଳର ନେତାମାନେ ଅପରାହ୍ନରେ ପାର୍ଲାମେଣ୍ଟରୁ ଇଡି ମୁଖ୍ୟାଳୟ ଅଭିମୁଖେ ବାହାରିଥିଲେ। ଆଦାନୀ–ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ ତଦନ୍ତ ଏବଂ ଶାସକ ଭାଜପା ନିଜ ରାଜନୈତିକ ସ୍ୱାର୍ଥ ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ବନ୍ଦ କରିବା ସକାଶେ ଚାପ ସୃଷ୍ଟି କରିବାକୁ ସେମାନେ ଆଗେଇ ଚାଲିଥିଲେ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରିଥିଲା। ସେମାନଙ୍କୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ବ୍ୟାରିକେଡିଂ କରି ବହୁ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ଅବରୋଧ ଯୋଗୁ ବିରୋଧୀ ନେତାମାନେ ସେଠାରୁ ପାର୍ଲାମେଣ୍ଟକୁ ଫେରିଯାଇଥିଲେ। ଏନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଇଡି ଅଧିକାରୀଙ୍କ ସହ ସାକ୍ଷାତ୍ କରିବାକୁ ୨୦୦ ଏମ୍‌ପି ଯାଉଥିବାବେଳେ ବାଟରେ ୨୦୦୦ ପୋଲିସ କର୍ମଚାରୀ ଅଟକାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେମାନେ ଆମ ସ୍ୱରକୁ ଚପାଇ ଗଣତନ୍ତ୍ର ଉପରେ ଭାଷଣ ଦେବାକୁ ଚାହୁଁଛନ୍ତି। କେହି ଏହି ବିଷୟରେ ବିତର୍କ କିମ୍ବା ଆଲୋଚନାଚକ୍ରରେ କହିଲେ ସେମାନେ ତାଙ୍କୁ ଦେଶବିରୋଧୀ ଆଖ୍ୟା ଦେଉଛନ୍ତି ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଲଣ୍ଡନ ମନ୍ତବ୍ୟର ଅବତାରଣା କରି ଖାର୍ଗେ କହିଥିଲେ। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏହି ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇନାହାଁନ୍ତି।

### ସଂସଦ ତୃତୀୟ ଦିନ ଅଚଳ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ବ୍ରିଟେନର କେମ୍ବ୍ରିଜ୍ ୟୁନିଭର୍ସିଟିରେ ଭାରତୀୟ ଗଣତନ୍ତ୍ର ଉପରେ ଦେଇଥିବା ମନ୍ତବ୍ୟ, ଆଦାନୀ–ହିଣ୍ଡେନ୍‌ବର୍ଗ ବିବାଦ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ ନେଇ ବିରୋଧୀଙ୍କ ଅଭିଯୋଗ ମଧ୍ୟରେ ବୁଧବାର ସଂସଦରେ କ୍ରମାଗତ ତୃତୀୟ ଦିନ ଧରି ଅଚଳାବସ୍ଥା ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନର ତୃତୀୟ ଦିନରେ ମଧ ସରକାର ଅର୍ଥ ବିଲ୍‌କୁ ଗୃହୀତ କରାଇପାରି ନାହାନ୍ତି। ରାହୁଲ କ୍ଷମା ମାଗନ୍ତୁ ବୋଲି ଶାସକ ଭାଜପା ଦାବି କରିଥିବାବେଳେ ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିରେ ବିରୋଧୀ ହଟ୍ଟଗୋଳ କରିଛନ୍ତି। ଫଳରେ ଅଚଳାବସ୍ଥା ଭିତରେ ଲୋକ ସଭା ଓ ରାଜ୍ୟ ସଭାକୁ ଗୁରୁବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

**ପ୍ରତିରକ୍ଷା କ୍ଷେତ୍ରରେ ଆଦାନୀ ସମ୍ପୃକ୍ତି**

### ଜାତୀୟ ସୁରକ୍ଷାକୁ ବଳି ପକାଇଛନ୍ତି ମୋଦି

**ନୂଆଦିଲ୍ଲୀ, ୧୫।୩**

ଏକ ପ୍ରତିରକ୍ଷା ଫାର୍ମରେ ଆଦାନୀ ଗ୍ରୁପ୍‌ର ନିବେଶକୁ ନେଇ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବିରୋଧୀ ନେତା ବୁଧବାର କେନ୍ଦ୍ର ସରକାରଙ୍କୁ ପୁଣି ଟାର୍ଗେଟ କରିଛନ୍ତି। ରଣନୈତିକ ପ୍ରତିରକ୍ଷା ଉପକରଣର ନିୟନ୍ତ୍ରଣ ଏକ ଅଜଣା ବିଦେଶୀ ସଂସ୍ଥାକୁ ଦେଇ ଭାରତର ଜାତୀୟ ସୁରକ୍ଷା ସହ କାହିଁକି ସାଲିସ କରାଯାଉଛି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଶିଳ୍ପପତି ବନ୍ଧୁଙ୍କୁ ଆର୍ଥିକ ଲାଭ ପହଞ୍ଚାଇବା ପାଇଁ ଜାତୀୟ ସୁରକ୍ଷାକୁ ବଳି ପକାଇଥିବା କଂଗ୍ରେସ ଅଭିଯୋଗ ଆଣିଛି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଇଏଲ୍‌ଏଆର୍‌ଏ ଇଣ୍ଡିଆ ଅପର୍ଚୁନିଟିଜ୍ ଫଣ୍ଡ୍ (ଏଲାରା ଆଇଓଏଫ୍) ଏଲାରା କ୍ୟାପିଟାଲ ଦ୍ୱାରା ପରିଚାଳିତ। ମରିସସ୍‌ରେ ପଞ୍ଜୀକୃତ ୪ ଶୀର୍ଷ ସଂସ୍ଥା ମଧ୍ୟରୁ ଏଲାରା କ୍ୟାପିଟାଲ ଅନ୍ୟତମ। ଏହି ସଂସ୍ଥା ଆଦାନୀ ଗ୍ରୁପ୍‌ରେ ବିପୁଳ ପୁଞ୍ଜିନିବେଶ କରିଛି। ରେକର୍ଡ ଅନୁସାରେ, ଆଦାନୀ ଗ୍ରୁପ୍ ବେଙ୍ଗାଲୁରୁସ୍ଥିତ ଡିଫେନ୍ସ ଫାର୍ମ ଆଲ୍‌ଫା ଡିଜାଇନ୍ ଟେକ୍ନୋଲୋଜିସ୍ ପ୍ରା.ଲି.ର ଏକ ପ୍ରମୋଟର। ୨୦୦୩ରେ ପ୍ରତିଷ୍ଠିତ ଏହି କମ୍ପାନୀ ଇସ୍ରୋ ଏବଂ ଡିଆର୍‌ଡିଓ ସହ ମିଶି କାର୍ଯ୍ୟ କରିଥାଏ। ୨୦୨୦ରେ ଉକ୍ତ କମ୍ପାନୀ ପେଚୋରା ମିଶାଇଲ୍ ଏବଂ ରାଡାର ସିଷ୍ଟମ୍‌ର ଆଧୁନିକୀକରଣ ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟଠାରୁ ୫୯୦ କୋଟି ଟଙ୍କାର କଣ୍ଟ୍ରାକ୍ଟ ନେଇଥିଲା। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଉକ୍ତ ରିପୋର୍ଟକୁ ଟୁଇଟରରେ ଶେୟାର କରି ଲେଖିଛନ୍ତି, ଓସ୍କାରର ଛୁପା ରୁସ୍ତମ୍ କାଟାଗୋରିରେ ଡିଆର୍‌ଡିଓ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପୁରସ୍କାର ଦିଆଯାଇଛି। ଏହା କେବଳ ସେମାନଙ୍କ ବେଷ୍ଟ ଫ୍ରେଣ୍ଡ୍ ଆଦାନୀଙ୍କ ସ୍ୱାର୍ଥରେ ବୋଲି ମହୁଆ କହିଛନ୍ତି।



**୩୮୫ ଦିନରେ ୟୁକ୍ରେନ୍ ଯୁଦ୍ଧ:** ୟୁକ୍ରେନୀୟ ସୈନ୍ୟ ଭୋଲୋଡିମିରଙ୍କୁ ତାଙ୍କ ବାନ୍ଧବୀ ଭିକ୍ଟୋରିଆ ଭେଟିବା ପାଇଁ କ୍ରାମାଟୋର୍ସ୍କ ରେଳ ଷ୍ଟେଶନକୁ ଆସିଛନ୍ତି। ଏହି ଅବସରରେ ଭୋଲୋଡିମିର ନିଜ ଗର୍ଲଫ୍ରେଣ୍ଡଙ୍କୁ ପ୍ରେମ ନିବେଦନ କରୁଛନ୍ତି।

### ଇମ୍ରାନ୍ ଖାନ୍‌ଙ୍କୁ ସାମୟିକ ଆଶ୍ୱସ୍ତି

**ଲାହୋର, ୧୫।୩**

ତୋଶାଖାନା ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ବୁଧବାର ସାମୟିକ ଆଶ୍ୱସ୍ତି ମିଳିଛି। ତାଙ୍କୁ ଗୁରୁବାର ପୂର୍ବାହ୍ନ ୧୦ଟା ଯାଏ ପୋଲିସ ଗିରଫ କରିପାରିବ ନାହିଁ ବୋଲି ଲାହୋରର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅର୍ଡର ପରେ ପାକିସ୍ତାନୀ ରେଞ୍ଜର୍ସ ଓ ପୋଲିସ ଲାହୋରସ୍ଥିତ ଇମ୍ରାନ୍‌ଙ୍କ ଜମାନ୍ ପାର୍କ ବାସଭବନରୁ ଫେରିଯାଇଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ସମର୍ଥକମାନେ ଏହାକୁ ନେଇ ଉତ୍ସବ ମନାଇଛନ୍ତି। ଏହାର ଭିଡିଓକୁ ଟୁଇଟରରେ ଶେୟାର କରି ଇମ୍ରାନ୍ ଲେଖିଛନ୍ତି, ମୋର କ୍ଷତି କରିବା ପାଇଁ ପୋଲିସ ଓ ରେଞ୍ଜର୍ସଙ୍କୁ ପଠାଯାଇଥିଲା। ସେମାନଙ୍କୁ ଲୋକେ ପଛଘୁଞ୍ଚା ଦେବାକୁ ବାଧ୍ୟ କରିଛନ୍ତି। ପ୍ରକାଶ ଯେ, ପିଟିଆଇ ମୁଖ୍ୟ ଇମ୍ରାନ୍ ପ୍ରଧାନମନ୍ତ୍ରୀ ଥିବାବେଳେ ପାଇଥିବା ଦାମୀ ଗ୍ରାଫ୍ ହାତଘଣ୍ଟା ସମେତ କେତେକ ଉପହାରକୁ ସରକାରୀ ଭଣ୍ଡାର (ତୋଶାଖାନା)ରୁ ରିହାତି ମୂଲ୍ୟରେ କିଣିଥିଲେ। ପରେ ସେ ଏହାକୁ ଅଧିକ ମୂଲ୍ୟରେ ବିକ୍ରି କରିଦେଇଥିବା ଅଭିଯୋଗ ରହିଛି। ପୋଲିସ ମଙ୍ଗଳବାର ତାଙ୍କୁ ଗିରଫ କରିବାକୁ ଯାଇଥିବାବେଳେ ପିଟିଆଇ ସମର୍ଥକଙ୍କ ସହ ସଂଘର୍ଷ ହୋଇଥିଲା।

### ବାହାହେବା ପୂର୍ବରୁ କେଟ୍‌ଙ୍କର ଗର୍ଭଧାରଣ କ୍ଷମତା ପରୀକ୍ଷା କରାଯାଇଥିଲା



**ଲଣ୍ଡନ, ୧୫। ୩**

ନିକଟରେ ଉନ୍ମୋଚିତ ହୋଇଥିବା 'ଗିଲ୍‌ଡେଡ୍ ୟୁଥ୍: ଆନ୍ ଇଣ୍ଟିମେଟ୍ ହିଷ୍ଟ୍ରି ଅଫ୍ ଗ୍ରୋଇଂ ଅପ୍ ଇନ୍ ଦ ରୟାଲ ଫ୍ୟାମିଲି'ପୁସ୍ତକରେ ପ୍ରିନ୍ସେସ୍ ଅଫ୍ ୱେଲ୍ସ କେଟ୍ ମିଡଲ୍‌ଟନ୍‌ଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ବଡ଼ ବୋହୂ କେଟ୍ ପ୍ରିନ୍ସ ୱିଲିୟମ୍‌କୁ ବାହାହେବା ପୂର୍ବରୁ ତାଙ୍କର ଗର୍ଭଧାରଣ କ୍ଷମତା ପରୀକ୍ଷା (ଫର୍ଟିଲିଟି ଟେଷ୍ଟ)କରାଯାଇଥିଲା। ଟମ୍ କିନ୍ ନିଜ ପୁସ୍ତକରେ ଏ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ରାଜପରିବାରରେ ବିବାହ ପୂର୍ବରୁ ଗର୍ଭଧାରଣ କ୍ଷମତା ପରୀକ୍ଷା କରାଯିବା ଏକ ପ୍ରଥା ଭଳି। କାରଣ ବିବାହ ପାଇଁ ବଛାଯାଇଥିବା ପାତ୍ରୀ ପ୍ରଜନନ କରିବା ପାଇଁ ସକ୍ଷମ କି ନୁହେଁ ସେ ବିଷୟରେ ଜାଣିବା ପରେ ହିଁ ରାଜପରିବାର ତରଫରୁ ବିବାହ ନିଷ୍ପତ୍ତି ନିଆଯାଏ।

କେବଳ କେଟ୍ ନୁହନ୍ତି କିଙ୍ଗ୍ ଚାର୍ଲ୍ସଙ୍କ ପ୍ରଥମ ସ୍ତ୍ରୀ ଡାଏନାଙ୍କର ମଧ ଗର୍ଭଧାରଣ କ୍ଷମତା ପରୀକ୍ଷା କରାଯାଇଥିଲା। ୧୯୮୧ରେ ସେ କିଙ୍ଗ୍ ଚାର୍ଲ୍ସଙ୍କୁ ବିବାହ କରିଥିଲେ। ଏହା ପୂର୍ବରୁ ଡାଏନାଙ୍କ ପ୍ରିମାରିଟାଲ ଚେକ୍‌ଅପ୍ କରାଯାଇଥିଲା। କିନ୍ତୁ ସେ ସମୟରେ ଡାଏନା ଏହି ଟେଷ୍ଟ ସମ୍ପର୍କରେ ଅବଗତ ନ ଥିବା କହିଥିବା ଟମ୍ ପୁସ୍ତକରେ ଲେଖିଛନ୍ତି। କେଟ୍ ରାଜପରିବାର ନ ଥିଲେ। ପ୍ରିନ୍ସ ୱିଲିୟମ୍ ଓ କେଟ୍ ମିଡଲ୍‌ଟନ୍ ୨୦୧୧ ଏପ୍ରିଲ୍ ୨୯ରେ ବାହାହୋଇଥିଲେ।

### ପୁରୁଷ କମିଶନ ଗଠନ ପାଇଁ ପିଟିଶନ

**ନୂଆଦିଲ୍ଲୀ, ୧୫। ୩**

ବିବାହିତ ପୁରୁଷ କରୁଥିବା ଆତ୍ମହତ୍ୟା ଘରୋଇ ହିଂସା। ଏ ନେଇ ଗାଇଡ୍‌ଲାଇନ୍ ଓ ଜାତୀୟ ପୁରୁଷ କମିଶନ୍ ଗଠନ କରାଯିବା ନେଇ ବୁଧବାର ସୁପ୍ରିମକୋର୍ଟରେ ପିଟିଶନ୍ ଦାଖଲ କରାଯାଇଛି। ପିଟିଶନ୍‌ରେ ଆଇନଜୀବୀ ମହେଶ କୁମାର ତିୱାରି ନ୍ୟାଶନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ୨୦୨୧ ଡେଟାକୁ ଦାଖଲ କରିଛନ୍ତି, ଯେଉଁଥିରେ ଆତ୍ମହତ୍ୟା ଯୋଗୁ ଦେଶରେ ମୋଟ ୧,୬୪,୦୩୩ ଜଣଙ୍କ ମୃତ୍ୟୁ ଘଟିଥିବା ଦର୍ଶାଯାଇଛି। ମୃତକଙ୍କ ମଧ୍ୟରୁ ୮୧,୦୬୩ ବିବାହିତ ପୁରୁଷ ଆତ୍ମହତ୍ୟା କରିଥିବାବେଳେ ୨୮,୬୮୦ ବିବାହିତ ମହିଳା ଆତ୍ମହତ୍ୟା କରିଥିବା ଡେଟାରେ ଉଲ୍ଲେଖ କରାଯାଇଛି। ତେବେ ୩୩.୨% ପୁରୁଷ ପାରିବାରିକ ଅସୁବିଧା ପାଇଁ ଜୀବନ ହାରିବା ସହ ୪.୮% ବିବାହ ସଂକ୍ରାନ୍ତୀୟ ବିବାଦ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେହିପରି ଚଳିତବର୍ଷ ୧,୧୮,୯୭୯ ପୁରୁଷ ଏବଂ ୪୫,୦୨୬ ଜଣ ମହିଳା ଆତ୍ମହତ୍ୟା କରିଛନ୍ତି। ତେବେ ଜାତୀୟ ମାନବାଧିକାର କମିଶନ୍ ଘରୋଇ ହିଂସାର ଶିକାର ହେଉଥିବା ପୁରୁଷଙ୍କ କ୍ଷେତ୍ରରେ ହସ୍ତକ୍ଷେପ କରିବା ପାଇଁ ପିଟିଶନ୍‌ରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ପାରିବାରିକ ବିବାଦ ଓ ବିବାହ ଜନିତ ସମସ୍ୟା ସମ୍ପର୍କିତ ଅଭିଯୋଗକୁ ପ୍ରତ୍ୟେକ ଥାନାର ଅଧିକାରୀ ଗ୍ରହଣ କରିବା ସହ ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରିବା କଥା ପିଟିଶନ୍‌ରେ ଉଲ୍ଲେଖ କରାଯାଇଛି। ଘରୋଇ ହିଂସାର ଶିକାର ହୋଇ ଆତ୍ମହତ୍ୟା କରୁଥିବା ପୁରୁଷଙ୍କ ସମ୍ପର୍କରେ କେନ୍ଦ୍ରୀୟ ଆଇନ କମିଶନ ତରଫରୁ ରିସର୍ଚ୍ଚ କରିବା କଥା ପିଟିଶନ୍‌ରେ କୁହାଯାଇଛି।

## ଭାରତରେ ଓକିଲାତି କରିବେ ବିଦେଶୀ ଆଇନଜୀବୀ

**ନୂଆଦିଲ୍ଲୀ, ୧୫।୩**



- ଅନ୍ତର୍ଜାତୀୟ ଆଇନ, ଆର୍ବିଟ୍ରେଶନ୍ ପ୍ରସଙ୍ଗରେ ମହକିଲଙ୍କୁ ପରାମର୍ଶ ଦେବେ
- କେଉଁ ମାମଲାଗୁଡ଼ିକ ପରିଚାଳନା କରିବେ ତାହା ବିସିଆଇ ନିର୍ଦ୍ଧାରଣ କରିବ

ଭାରତରେ ବିଦେଶୀ ଆଇନଜୀବୀ ଏବଂ ଲ' ଫାର୍ମଗୁଡ଼ିକ ଏଣିକି ଓକିଲାତି କରିପାରିବେ। ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ଏନେଇ ଅନୁମତି ପ୍ରଦାନ କରିଛି। ପୂର୍ବରୁ ଏହି ପଦକ୍ଷେପକୁ ବିରୋଧ କରିଆସୁଥିବା ବିସିଆଇ ବୁଧବାର ରୁଲ୍ସ ଫର୍ ରେଜିଷ୍ଟ୍ରେଶନ୍ ଆଣ୍ଡ୍ ରେଗୁଲେଶନ୍ ଅଫ୍ ଫରେନ୍ ଲୟର୍ସ ଆଣ୍ଡ୍ ଫରେନ୍ ଲ' ଫାର୍ମ୍ସ ଇନ୍ ଇଣ୍ଡିଆ, ୨୦୨୨ ଉପରେ ବିଜ୍ଞପ୍ତି ଜାରି କରିଛି। ଏହି ନିୟମ ଅଧୀନରେ ପଞ୍ଜୀକୃତ ଜଣେ ବିଦେଶୀ ଆଇନଜୀବୀ ଭାରତରେ ନନ୍‌ଲିଟିଜିୟସ୍ (ଅଣମକଦ୍ଦମା ସମ୍ବନ୍ଧୀୟ) ପ୍ରସଙ୍ଗରେ ମାମଲା ପରିଚାଳନା କରିପାରିବେ। ଅର୍ଥାତ୍ ବିଦେଶୀ ଆଇନଜୀବୀମାନେ ଏବଂ ଆଇନ ସଂସ୍ଥାଗୁଡ଼ିକ ଭାରତୀୟ କୋର୍ଟରେ ହାଜର ହୋଇପାରିବେ ନାହିଁ। କିନ୍ତୁ ସେମାନେ ବିସିଆଇରେ ପଞ୍ଜୀକୃତ ହେବା ପରେ ଆଇନଗତ ପରାମର୍ଶ ଦେଇପାରିବେ। ବିଦେଶୀ ଆଇନଜୀବୀଙ୍କୁ କିମ୍ବା ବିଦେଶୀ ଲ' ଫାର୍ମକୁ କୌଣସି କୋର୍ଟ, ଟ୍ରିବ୍ୟୁନାଲ ଅଥବା ଅନ୍ୟ ବୈଧାନିକ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ପକ୍ଷଙ୍କ ମାମଲା ଲଢ଼ିବାକୁ ଦିଆଯିବ ନାହିଁ। ସେମାନଙ୍କୁ ଜଏଣ୍ଟ ଭେଞ୍ଚର୍ସ, ମର୍ଜର୍ସ ଏବଂ ଅଧିଗ୍ରହଣ, ବୌଦ୍ଧିକ ସମ୍ପତ୍ତି, କଣ୍ଟ୍ରାକ୍ଟ ଡ୍ରାଫ୍ଟିଂ ଭଳି ଟ୍ରାଞ୍ଜାକ୍ସନାଲ ୱାର୍କ/କର୍ପୋରେଟ୍ ୱାର୍କ ଉପରେ ପ୍ରାକ୍ଟିସ୍ କରିବାକୁ ଅନୁମତି ପ୍ରଦାନ କରାଯିବ। ବିଶେଷକରି ଅନ୍ତର୍ଜାତୀୟ ଆଇନ, ବିବିଧ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ୍ (ମଧ୍ୟସ୍ଥତା ଜରିଆରେ ମୀମାଂସା) ପ୍ରସଙ୍ଗ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ନୂଆ ରୁଲ୍ସରେ ଆହୁରି କୁହାଯାଇଛି ଯେ, ବିଦେଶୀ ଆଇନଜୀବୀ କେଉଁ ସବୁ କ୍ଷେତ୍ରରେ ଓକିଲାତି କରିବେ ସେନେଇ ବିସିଆଇ ପକ୍ଷରୁ ନିର୍ଦ୍ଧାରଣ କରାଯିବ। ଆବଶ୍ୟକ ହେଲେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଏନେଇ ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ପରାମର୍ଶ ନେବ। ଏହି ନୂଆ ଆଇନ ବଳରେ ବିସିଆଇ କୌଣସି ବିଦେଶୀ ଆଇନଜୀବୀ କିମ୍ବା ଲ' ଫାର୍ମକୁ ପଞ୍ଜୀକରଣ ପାଇଁ ମନା କରିପାରିବ, ଯଦି କାଉନ୍‌ସିଲ ମତରେ ଭାରତରେ ପଞ୍ଜୀକୃତ କୌଣସି ନିର୍ଦ୍ଦିଷ୍ଟ ଦେଶର ଲୟର୍ସ କିମ୍ବା ଲ' ଫାର୍ମ୍ସ ସଂଖ୍ୟା ଭାରତୀୟ ଓକିଲ ଅଥବା ଆଇନ ପରାମର୍ଶଦାତା ସଂସ୍ଥାଗୁଡ଼ିକ ସମ୍ପୃକ୍ତ ରାଷ୍ଟ୍ରରେ କରୁଥିବା ଓକିଲାତି ତୁଳନାରେ ଅତ୍ୟଧିକ ହୋଇଥିବ। ଏପରି ହେଲେ ଲାଥମ୍ ଆଣ୍ଡ୍ ୱାଟ୍‌କିନ୍ସ, ଡିଏଲ୍‌ଏ ପାଇପର ଏବଂ ବେକର ମ୍ୟାକ୍‌କେଞ୍ଜିଏ ଭଳି ବିଶ୍ୱସ୍ତରୀୟ ଲ' ଫାର୍ମଗୁଡ଼ିକ ଭାରତରେ ନିଜ ଅଫିସ ପ୍ରତିଷ୍ଠା କରିପାରିବେ। ନୂଆ ନିୟମ ଭାରତୀୟ ମାର୍କେଟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଘଟାଇବା ସହ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ। ଏହାଦ୍ୱାରା ଭାରତୀୟ ଆଇନଜୀବୀମାନେ ବିଦେଶୀ ପ୍ରତିପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରି ମୂଲ୍ୟଯୁକ୍ତ ଶୃଙ୍ଖଳକୁ ଉନ୍ନତ କରିପାରିବେ ବୋଲି ସରାଫ୍ ଆଣ୍ଡ୍ ପାର୍ଟନର୍ସ ପ୍ରତିଷ୍ଠାତା ମୋହିତ ସରାଫ୍ ମତ ଦେଇଛନ୍ତି।




# ଜବରଦସ୍ତ ଖୁଆଇବାରୁ ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

**କେନ୍ଦ୍ରାପଡ଼ା ଅଫିସ/ପାଟକୁରା/ମାର୍ଶାଘାଇ,୧୫।୩(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏହି ଗ୍ରାମର କମଳା ଓଝା (୫୪)ଙ୍କୁ ତାଙ୍କ ସ୍ୱାମୀ ଅଜୟ ଶାବଳରେ ପିଟି ହତ୍ୟା କରିଛନ୍ତି। ଉକ୍ତ ଘଟଣା ଜଣାପଡ଼ିବା ପରେ ଅଜୟଙ୍କୁ ପୋଲିସ ଥାନାରେ ଅଟକ ରଖିଛି। କମଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଅଜୟ ବାରମ୍ବାର କାହିଁକି ମୋତେ ଜବରଦସ୍ତ ଖୁଆଇଲା ବୋଲି ଗୁଣୁଗୁଣୁ ହେଉଛନ୍ତି। ଏହାକୁ ନେଇ ଅଜୟ ବୋଧହୁଏ କମଳା ଉପରେ ରାଗି ଏପରି ଘଟଣା ଘଟାଇ ଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସୁରାକ ପାଇଛି। ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଅଜୟ ଗତ ୫ ବର୍ଷ ହେବ ମାନସିକ ରୋଗରେ ପୀଡ଼ିତ ଅଛନ୍ତି। କମଳା ତାଙ୍କୁ ଆକଟରେ ରଖିବା ସହ ବାହାରକୁ ଛାଡ଼ନ୍ତି ନାହିଁ। ରାତିରେ ଖାଇସାରି ପରିବାର ଲୋକେ ଶୋଇ ପଡ଼ିବା ପରେ ଏହି ହତ୍ୟାକାଣ୍ଡ ଘଟିଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ପବିତ୍ରମୋହନ ମହାରଣା କହିଛନ୍ତି, ବୁଧବାର ସକାଳେ ଏ ସଂକ୍ରାନ୍ତରେ ଖବର ପାଇବା ପରେ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି। କମଳାଙ୍କ କାନମୁଣ୍ଡ ଓ ଶରୀରର ଅନ୍ୟ କେତେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଶାବଳରେ ରକ୍ତ ଲାଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ସେ ସୂଚନା ଦେଇଛନ୍ତି।

# ପ୍ରଶ୍ନପତ୍ର ପହଞ୍ଚିବା ସମୟ ବଦଳିଲା

**କଟକ ଅଫିସ, ୧୫।୩**

## ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା

### ପରୀକ୍ଷାର ୩୦ ମିନିଟ୍ ପୂର୍ବରୁ କେନ୍ଦ୍ରରେ ପହଞ୍ଚିବ

ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ପାଇଁ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପହଞ୍ଚିବା ସମୟ ପରିବର୍ତ୍ତନ ହୋଇଛି। ବାକିଥିବା ୩ଟି ପରୀକ୍ଷା ପାଇଁ ଏହା ଲାଗୁ କରାଯିବ। ନୋଡାଲ ସେଣ୍ଟରରୁ ସକାଳ ସାଢେ ୬ଟା ପରେ ପ୍ରଶ୍ନପତ୍ର ନେଇ ପରୀକ୍ଷା କେନ୍ଦ୍ରକୁ ଟିମ୍ ବାହାରିବ। ପରୀକ୍ଷା କେନ୍ଦ୍ରରେ ୬ଟା ୪୫ ମିନିଟ୍ରୁ ସାଢେ ୭ଟା ମଧ୍ୟରେ ପ୍ରଶ୍ନପତ୍ର ପହଞ୍ଚିବା ପରେ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ହସ୍ତାନ୍ତର କରାଯିବ। ଏ ସମ୍ପର୍କରେ ସମସ୍ତ ନୋଡାଲ ସେଣ୍ଟର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ବିଜ୍ଞାନ ପରୀକ୍ଷାଠାରୁ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯିବ ବୋଲି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି ନିୟମରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ପରୀକ୍ଷାର ୧ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚୁଥିଲା। ଏହାଦ୍ୱାରା ପରୀକ୍ଷା କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଥିସହ ପ୍ରଶ୍ନପତ୍ର ଲିକ୍ ହେବାର ସମ୍ଭାବନା ରହୁଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଭଳି ପରିବର୍ତ୍ତନ କରାଯାଇଥିବା ଡ. ମହାନ୍ତି ସୂଚନା ଦେଇଛନ୍ତି।

# ମାନସିକ ବିକୃତ ବୃଦ୍ଧାଙ୍କୁ ବଳାତ୍କାର

**ଖଇରା,୧୫।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ କୋଟିଆକୋଇଲିଠାରେ ଥିବା କଲ୍ୟାଣ ମଣ୍ଡପ ବାରଣ୍ଡାରେ ଜଣେ ୬୫ ବର୍ଷୀୟା ମାନସିକ ବିକୃତ ବୃଦ୍ଧାଙ୍କୁ ମଙ୍ଗଳବାର ରାତିରେ କେହି ବଳାତ୍କାର କରିଥିବା ଜଣାପଡ଼ିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବୃଦ୍ଧାଙ୍କୁ ବୁଧବାର ସକାଳେ ଜଣେ ଯୁବକ ଉଦ୍ଧାର କରି ଚିକିତ୍ସାପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଖଇରା ବଜାରରେ ମାଗିଯାଚି ଚଳୁଥିବା ବୃଦ୍ଧା ଜଣକ ପ୍ରତ୍ୟେକ ରାତିରେ ଉକ୍ତ କଲ୍ୟାଣମଣ୍ଡପ ବାରଣ୍ଡାରେ ରାତ୍ରୀଯାପନ କରିଥାନ୍ତି। ଖଇରା ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ଡ୍ରାଇଭରଙ୍କ ମୁଥ ମାଡ଼ରେ ସାଥୀ ଡ୍ରାଇଭରଙ୍କ ମୃତ୍ୟୁ

**କଟକ ସଦର,୧୫।୩(ଡି.ଏନ୍.ଏ.)**

## ହତ୍ୟା ମାମଲା ରୁଜୁ, ଅଭିଯୁକ୍ତ ଅଟକ

୪୨ ମୌଜା ଥାନା ବଉଳକୁଦ ଗ୍ରାମର ସିଡୁଆ ନଦୀ ବନ୍ଧଗଡ଼ା ନିକଟରେ ବୁଧବାର ଅପରାହ୍ନରେ ଜଣେ ଡ୍ରାଇଭରଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଜଗତପୁର ଥାନା ଭୟରପୁର ଗ୍ରାମର ସୁଶାନ୍ତ କୁମାର ଜେନା(୩୫)। ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ଏସ୍ଆଇ ସୁନୀଲ କୁମାର ଦଳାଇ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛନ୍ତି। ଏକ ହତ୍ୟା ମାମଲା(ନଂ.୯୦/୨୩) ରୁଜୁ କରି ପୋଲିସ ହତ୍ୟାକାରୀ ଡ୍ରାଇଭର ଶଙ୍କର୍ଷଣ ଦେବତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଥାନାଧିକାରୀ ମହାରଣାଙ୍କ ସୂଚନା ଅନୁଯାୟୀ, ବୁଧବାର ଡ୍ରାଇଭରମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଥିବାରୁ ସୁଶାନ୍ତ ଓ ଶଙ୍କର୍ଷଣ କାମକୁ ନ ଯାଇ ସିଡୁଆ ନଦୀକୂଳରେ ଭୋଜି କରିଥିଲେ। ହଠାତ୍ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଶଙ୍କର୍ଷଣ ଉତ୍ତେଜିତ ହୋଇ ସୁଶାନ୍ତ ପେଟକୁ ମୁଥ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପଚରାଉଚରାବେଳେ ଶଙ୍କର୍ଷଣ ପୋଲିସକୁ କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣା ସମ୍ପର୍କରେ ସ୍ପଷ୍ଟ ହେବ ବୋଲି ମହାରଣା କହିଛନ୍ତି।









ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ମାର୍ଚ୍ଚ, ୨୦୨୩

**ଆଜିର ମନ୍ତବ୍ୟ**

"ସରକାରଙ୍କୁ ଦେଶ କିମ୍ବା ବିଦେଶରେ ସମାଲୋଚନା କରିବା ନାଗରିକଙ୍କ ଅଧିକାର। ଏପରି କରୁଥିବା ବ୍ୟକ୍ତିଙ୍କୁ ଦେଶ ବିରୋଧୀ ଆଖ୍ୟା ଦେବା ଅନୁଚିତ। **-କପିଲ ସିବଲ, ରାଜ୍ୟ ସଭା ସଦସ୍ୟ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆ କଉଡ଼ି, ମାରେ କଉଡ଼ି**
**କଉଡ଼ି ନଥିଲେ ଯା' ବାହୁଡ଼ି।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଅର୍ଥ ବଳରେ ବ୍ୟକ୍ତି ସବୁ କିଛି ଅନାୟାସରେ ହାସଲ କରିପାରେ। ଯାହା ପାଖରେ ଯେତେ ଅଧିକ ଅର୍ଥ ରହିଥାଏ ସେ ସେତେ ମାନ, ସମ୍ମାନ ଏବଂ ଆଦର ଅଭ୍ୟର୍ଥନା ପାଇଥାଏ। ସେହିପରି ଯାହା ପାଖରେ ଅର୍ଥର ଅଭାବ ଥାଏ ସେ ଚାରିଆଡ଼ୁ ଉପେକ୍ଷିତ ହୋଇଥାଏ। ଏଭଳି ବ୍ୟକ୍ତିଙ୍କୁ କେହି ଆଡ଼ ଆଖିରେ ମଧ୍ୟ ଚାହିଁ ନ ଥାନ୍ତି। ଅର୍ଥ ହିଁ ପ୍ରୀତି ଏବଂ ବିଚ୍ଛେଦର କାରଣ ସାଜୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗ ଚଲାଏ, ପଛ ବୋଲାଏ**
**ମଝି ମଝିଆ ବନ୍ଧୁ ଦର୍ଶନ କରାଏ।**

ଗୋଡ଼ର ଆଗ ଅଂଶ କୁଣ୍ଡାଇ ହେଲେ ଭ୍ରମଣ ଯୋଗ ରହିଥାଏ। ସେହିପରି ଗୋଡ଼ର ପଛ ଅଂଶ କୁଣ୍ଡାଇ ହେଲେ କଳି ଏବଂ ମଝି ଅଂଶ କୁଣ୍ଡାଇ ହେଲେ ବନ୍ଧୁ ଦର୍ଶନ କରାଏ ବୋଲି ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

କଟକ ଅଫିସ,୧୫।୩: ବହୁ ଚର୍ଚ୍ଚିତ ଲେଡି ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ହାଇକୋର୍ଟ ବୁଧବାର ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ଜଗବନ୍ଧୁଙ୍କ ଜାମିନ ଆବେଦନର ଶୁଣାଣି କରି ତାଙ୍କୁ ସର୍ତ୍ତମୂଳକ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଚ୍ଚନାଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି ବେହେରା ଖଣ୍ଡଗିରି ଥାନାରେ ଜଗବନ୍ଧୁଙ୍କ ବିରୋଧରେ ଏତଲା ଦେଇଥିଲେ। ଏହି ମାମଲାରେ ଜଗବନ୍ଧୁ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ତାଙ୍କ ନାଁରେ ତିନୋଟି ମାମଲା ରହିଥିବାବେଳେ ସେ ଏହି ଗୋଟିଏ ମାମଲାରେ ଜାମିନ ପାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଷ୍ଟିୟରିଂ ଛାଡ଼ି ଆନ୍ଦୋଳନରେ ...

ବହୁ ସ୍ଥାନରେ ଜାତୀୟ ରାଜପଥରେ ଧାରଣା ଦିଆଯାଇଥିବାରୁ ଗାଡ଼ି ଚଳାଚଳରେ ବାଧା ଉପୁଜିଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ ଏବଂ ନିଖିଳ ଓଡ଼ିଶା ଅଟୋ ମହାସଂଘ ଏହି ଆନ୍ଦୋଳନରେ ସହଯୋଗ କରିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ କରିଥିଲେ। ମାତ୍ର ଆନ୍ଦୋଳନରତ ଡ୍ରାଇଭରମାନେ ଘରୋଇ ବସ୍, ମୋ ବସ୍, ଟ୍ରକ୍, ଅଟୋ, ଟ୍ୟାକ୍ସି କାହାକୁ ବି ଛାଡ଼ି ନ ଥିଲେ। ଫଳରେ ସର୍ବସାଧାରଣ ପରିବହନ ପ୍ରାୟତଃ ହୋଇପାରିନାହିଁ। ଅନେକ ସ୍ଥାନରେ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କୁ ଆନ୍ଦୋଳନକାରୀ ଡ୍ରାଇଭରମାନେ ଅଟକାଇ ଫୁଲମାଳ, ଚନ୍ଦନ ଲଗାଇବା ସହ ହାତଯୋଡି ଏବଂ ଗୋଡ଼ତଳେ ପଡ଼ି ବୁଝାଉଥିବା ଦେଖାଯାଇଛି। ତେବେ ଅତ୍ୟାବଶ୍ୟକ ସେବା ଓ ସାମଗ୍ରୀ ପରିବହନରେ ନିୟୋଜିତ ଗାଡ଼ି ଯେପରିକି ଆମ୍ବୁଲାନ୍ସ, ଫାୟାର ଗାଡ଼ି, ସ୍କୁଲ, କଲେଜ ଗାଡ଼ିକୁ ଆନ୍ଦୋଳନରୁ ବାଦ୍ ଦିଆଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ମହାମଞ୍ଚ ପକ୍ଷରୁ ରୋକ୍ ଠୋକ୍ ଶୁଣାଇ ଦିଆଯାଇଛି। ଆବଶ୍ୟକ ପଡିଲେ ପିଲାଛୁଆଙ୍କୁ ଧରି ରାସ୍ତାକୁ ଓହ୍ଲାଇବେ ବୋଲି ଧାରଣାରତ ଡ୍ରାଇଭର ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ମୋଟର ଚାଳକ ସଂଘର ରାଜ୍ୟ ସଭାପତି ଅକ୍ଷୟ କୁମାର ନାୟକ କହିଛନ୍ତି, ଡ୍ରାଇଭର କଲ୍ୟାଣ ପାଣ୍ଠି ଗଠନ, ବୀମା, ସାମଜିକ ନିରାପତ୍ତା, ପେନ୍‌ସନ, ରାଜପଥର ବିଭିନ୍ନ ସ୍ଥାନରେ ବିଶ୍ରାମାଗାର ଏବଂ ଶୌଚାଳୟ ନିର୍ମାଣ ଆଦି ୧୦ ଦଫା ଦାବି ନେଇ ପୂର୍ବରୁ ବହୁବାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇଥିଲା। ଏପରିକି ଆନ୍ଦୋଳନ, ଦଣ୍ଡବତ ଆଦି ଅଭିନବ ପନ୍ଥାରେ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ମାତ୍ର ସବୁଥର କେବଳ ପ୍ରତିଶ୍ରୁତି ଦେଇ ସରକାର ଖସି ଯାଉଛନ୍ତି। ସୋମବାର ଅର୍ଥାତ୍ ୧୩ ତାରିଖରେ ଆମେ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ନିକଟକୁ ଦାବି ନେଇ ଯାଇଥିଲୁ। ମାତ୍ର ସେ ସମାଧାନ କରିବା ପରିବର୍ତ୍ତେ ୧୫ଦିନ ସମୟ ମାଗିଥିଲେ। ଏହାକୁ ଲିଖିତ ଭାବେ ଦେବା ପାଇଁ କହିବାକୁ ମନା କରିଥିଲେ। ତେଣୁ ଅନ୍ୟ ଉପାୟ ନ ପାଇ ରାସ୍ତାକୁ ଓହ୍ଲାଇଛୁ। ହଳଦିଆ ନମ୍ବର ପ୍ଲେଟ୍ ଥିବା ଗାଡ଼ିଗୁଡ଼ିକ ବାଣିଜ୍ୟିକ ଭିତ୍ତିରେ ବ୍ୟବହାର ହେଉଥିବାରୁ ଏଗୁଡ଼ିକୁ ଅଟକା ଯାଇଛି। ଏହାଦ୍ୱାରା ଜନସାଧାରଣ ପ୍ରଭାବିତ ହେବେ। ଲୋକେ ପ୍ରଭାବିତ ହେଲେ ସରକାର ଆମ କଥା ଶୁଣିବେ। ସରକାର ନିର୍ମାଣ ଶ୍ରମିକଙ୍କଠାରୁ ଆରମ୍ଭ କରି କେନ୍ଦୁପତ୍ର ତୋଳାଳୀ ପର୍ଯ୍ୟନ୍ତ ସମସ୍ତଙ୍କ କଲ୍ୟାଣ ପାଇଁ ବ୍ୟବସ୍ଥା କରୁଛନ୍ତି। ତେବେ ଡ୍ରାଇଭରମାନଙ୍କୁ ଏଥିରୁ କାହିଁକି ବାଦ୍ ଦିଆଯାଉଛି ବୋଲି ଅକ୍ଷୟ ପ୍ରଶ୍ନ କରିଛନ୍ତି। ସେହିପରି ମନ୍ତ୍ରୀ ଟୁକୁନି ସାହୁ ଏବଂ ସଚିବ ଚାଳକ ସଂଘ ସହିତ ଆଲୋଚନା କରାଯାଇଛି ବୋଲି ଗଣମାଧ୍ୟମକୁ ଦେଇଥିବା ସୂଚନା ମିଥ୍ୟା ବୋଲି ଅକ୍ଷୟ ଅଭିଯୋଗ କରିଛନ୍ତି। ମହାମଞ୍ଚ ସହିତ କୌଣସି ଆଲୋଚନା କରାଯାଇନାହିଁ। ମନ୍ତ୍ରୀ ଗଣମାଧ୍ୟମରେ ଭୁଲ୍ ତଥ୍ୟ ରଖିଥିବା ସେ କହିଛନ୍ତି। ଅପରପକ୍ଷରେ ମହାମଞ୍ଚର ଏଭଳି କାର୍ଯ୍ୟକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଏବଂ ରାଜ୍ୟ ଟ୍ରକ୍ ମାଲିକ ସଂଘ ନାପସନ୍ଦ କରିଛନ୍ତି। ରାଜ୍ୟ ଟ୍ରକ୍ ମାଲିକ ସଂଘ ପୂରଞ୍ଜନ ପାଢ଼ୀ କହିଛନ୍ତି, ଡ୍ରାଇଭରମାନେ ଅଯଥାରେ ଲୋକଙ୍କୁ ହଇରାଣ କରୁଛନ୍ତି। ସରକାର ସେମାନଙ୍କ ଦାବି ନେଇ ଆଲୋଚନା କରିବାକୁ ରାଜି ଅଛନ୍ତି, ଏହାପରେ ବି ଏଭଳି ପନ୍ଥା ଆପଣାଇବା ଆଦୌ ଠିକ୍ ନୁହେଁ। ତେବେ ଆନ୍ଦୋଳନକୁ ମାଲିକ ସଂଘ ସମର୍ଥନ କରୁନାହିଁ। ଆମର କିଛି ଟ୍ରକ ବିଭିନ୍ନ ସ୍ଥାନରେ ଚାଲିଛି। ମାତ୍ର ବ୍ରହ୍ମପୁର, ତାଳଚେର, ସମ୍ବଲପୁର ପଟେ ଗାଡ଼ିକୁ ଅଟକାଯାଇଥିବାରୁ ମାଲ୍ ପରିବହନ ବାଧାପ୍ରାପ୍ତ ହୋଇଛି ବୋଲି ପାଢ଼ୀ କହିଛନ୍ତି।

ଭୁବନେଶ୍ୱର ବସ୍ ମାଲିକ ସଂଘ ସଭାପତି ଦେବବ୍ରତ ପଟ୍ଟନାୟକ କହିଛନ୍ତି, ସରକାର ସମ୍ପୂର୍ଣ୍ଣରୂପେ ଅସହାୟ ହୋଇ ପଡ଼ିଛନ୍ତି। ସବୁ ଦେଖି ନିଦାବିଷ୍ଟୁ ପାଲଟିଛନ୍ତି। ଏଭଳି ଆନ୍ଦୋଳନ ଚାଲିଲେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଇବ। ରାଜ୍ୟରେ ୧୪ ହଜାରରୁ ଊର୍ଦ୍ଧ୍ୱ ବସ୍ ରହିଛି। ଆନ୍ଦୋଳନ ଦ୍ୱାରା କେତେଯାତ୍ରୀ ପ୍ରଭାବିତ ହୋଇଛନ୍ତି ତାହା ଏଥିରୁ ଅନୁମେୟ। ସବୁଠାରୁ ଆଶ୍ଚର୍ଯ୍ୟର କଥା ପୋଲିସ ସମ୍ମୁଖରେ ଡ୍ରାଇଭରମାନେ ଜୁଲୁମ କରୁଥିବାବେଳେ ସେମାନେ କିଛି କରୁ ନ ଥିବା ପଟ୍ଟନାୟକ କହିଛନ୍ତି।

## ଭୁଶୁଡ଼ିଲା ନିର୍ମାଣାଧୀନ ...

ତ୍ରୁଟିକୁ ନେଇ ବୈଷୟିକ ଟିମ୍ ଯାଞ୍ଚ କରିବ। ତେବେ ଘଟଣାସ୍ଥଳରେ କେହି ମୃତାହତ ହୋଇନାହାନ୍ତି। ନିର୍ମାଣଗତ ତ୍ରୁଟି ଥିଲେ ନିଶ୍ଚିତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ସହର ରାସ୍ତାରୁ ଭିଡ଼ କମାଇବା ପାଇଁ ତିନିମୁହାଣୀସ୍ଥିତ ଚଟି ପୋଲଠାରୁ ଗରାପୁର କାଳୀମନ୍ଦିର ପର୍ଯ୍ୟନ୍ତ ଦ୍ୱିତୀୟ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଏଆରଏସ୍‌ଏସ୍ କମ୍ପାନୀ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗରୁ ୨୩କୋଟି ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଦେଶ ନେଇଥିଲା। ଏହି କାର୍ଯ୍ୟାଦେଶ ମଧ୍ୟରେ ବାଇପାସ୍ ରାସ୍ତାର ଗୋବରୀ ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ନଭେମ୍ବର ୮ ରେ ଏହି ସେତୁର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର ୪ବର୍ଷ ପରେ ୨୦୨୦ ଫେବୃୟାରୀ ୭ରେ ଏହି ସେତୁର ନିର୍ମାଣ କାମ ଆରମ୍ଭ ହୋଇ ୨୦୨୨ ମାର୍ଚ୍ଚ ୬ରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ଅଦ୍ୟାବଧି ଏହି ପ୍ରକଳ୍ପର ୫୦ପ୍ରତିଶତ କାମ ଶେଷ ହୋଇ ନାହିଁ।

# ତହସିଲଦାରଙ୍କ ଗାଡ଼ିରେ ପରୀକ୍ଷା ଦେବାକୁ ଗଲେ ଛାତ୍ରୀ

### ବାର୍ଷିକ କ୍ରୀଡ଼ାରେ ଗୋଡ଼ ଭାଙ୍ଗିଯାଇଥିଲା

କେନ୍ଦୁଝର,୧୫।୩(ସ୍ୱ.ପ୍ର.)

ସ୍କୁଲ ବାର୍ଷିକ କ୍ରୀଡ଼ାରେ ଲମ୍ଫ ଡିଆଁ ସମୟରେ ଗୋଡ଼ ଭାଙ୍ଗି ଯାଇଥିଲା। ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବାରୁ ଚିନ୍ତାରେ ଥିଲେ। ପରୀକ୍ଷାରୁ ବଞ୍ଚିତ ହେବା ଆଶଙ୍କାରେ ଦୁଃଖିତ ଥିଲେ। ସ୍ଥାନୀୟ ତହସିଲଦାର ଉକ୍ତ ଖବର ପାଇବା ପରେ ସମ୍ପୃକ୍ତ ଛାତ୍ରୀଙ୍କୁ ନିଜ ଗାଡ଼ିରେ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ। ତହସିଲଦାରଙ୍କ ସହାୟତାରେ ସିରିଗିଡା ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀର ଛାତ୍ରୀ ପପିନ ବିଶ୍ୱାଳ ମାଟ୍ରିକ୍ ପରୀକ୍ଷା ଦେଇପାରୁଛନ୍ତି ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ତେଲକୋଇ କୁଣ୍ଡେଇହତା ଗ୍ରାମର ପପିନ ଗତ ଡିସେମ୍ବରର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଭାଗ ନେଇଥିଲେ। ଲମ୍ଫଡିଆଁ ସମୟରେ ତାଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିଲା। ଶିକ୍ଷକଙ୍କ ସହାୟତାରେ କଟକ ବଡ଼ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୋଡ଼ର ଅସ୍ତ୍ରୋପଚାର ହୋଇଥିଲା। ସେହି ଦିନଠାରୁ ସେ ସ୍କୁଲକୁ ଯାଇପାରି ନ ଥିଲେ। ମାର୍ଚ୍ଚ ୧୦ରୁ ମାଟ୍ରିକ ପରୀକ୍ଷା ଥିବାରୁ ପରିବାର ଲୋକେ ଚିନ୍ତାରେ ଥିଲେ। ୨୦ କି.ମି ଯାଇ କେମିତି ପରୀକ୍ଷା ଦେବେ ସେନେଇ ପପିନା ମନଦୁଃଖରେ ଦିନ କାଟୁଥିଲେ। ସ୍ଥାନୀୟ ତହସିଲଦାର ଅଶ୍ୱିନୀ ନାୟକ ଖବର ପାଇ ନିଜ ଗାଡ଼ିରେ ପପିନଙ୍କୁ ଖୁଣ୍ଟାପଡ଼ା ବ୍ରହ୍ମେଶ୍ୱର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ। ପରେ ପ୍ରତ୍ୟେକ ପରୀକ୍ଷା ଦିନ ଯାତାୟାତ ନିମନ୍ତେ ଏକ ସରକାରୀ ଗାଡ଼ିର ବ୍ୟବସ୍ଥା କରିଥିଲେ। ସେଣ୍ଟରରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ଉକ୍ତ ଛାତ୍ରୀଙ୍କ ସମସ୍ୟା ଜାଣିବା ପରେ ସ୍ଥାନୀୟ ତହସିଲଦାର ଯାତାୟାତ ବ୍ୟବସ୍ଥା କରିଛନ୍ତି।



ସରକାରୀ ଗାଡ଼ିରେ ପପିନ ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି।

# ଏନ୍‌ଏଫ୍‌ଏସ୍‌ଏ ରାଜ୍ୟ ମାନ୍ୟତା ସୂଚକାଙ୍କରେ ଓଡ଼ିଶା ୧ ନମ୍ବର: ମନ୍ତ୍ରୀ

### ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନାରେ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହୋଇଆସୁଛି। କେନ୍ଦ୍ର ସରକାରଙ୍କ(୨୦୨୨) ଦ୍ୱାରା ପ୍ରକାଶିତ ସଦ୍ୟତମ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରାଜ୍ୟ ମାନ୍ୟତା ସୂଚକାଙ୍କରେ ଦେଶର ୧ ନମ୍ବର ରାଜ୍ୟ ଭାବେ ସ୍ଥାନିତ ହୋଇଛି। ରାଜ୍ୟର ପ୍ରାୟ ୮୦% ଜନସଂଖ୍ୟା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାରେ ଭିଟାମିନ୍‌ଯୁକ୍ତ ଚାଉଳ ଯୋଗାଣ ପୁଷ୍ଟିହୀନତାଜନିତ ସମସ୍ୟାର ସମାଧାନ ପିଡିଏସ୍, ଆଇସିଡିଏସ୍ ଓ ପୂର୍ବତନ ମଧ୍ୟାହ୍ନଭୋଜନ ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀଙ୍କ ନିମନ୍ତେ ୨୦୨୧-୨୨ବର୍ଷ ଠାରୁ ଭିଟାମିନଯୁକ୍ତ ଚାଉଳ ଯୋଗାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଅନ୍ତର୍ଗତ ମାଲକାନଗିରି ପାଇଲଟ ଜିଲାରେ ଜୁଲାଇ ୨୦୨୧ରୁ ହିତାଧିକାରୀଙ୍କୁ ଭିଟାମିନଯୁକ୍ତ ଚାଉଳ ଯୋଗାଇ ଦିଆଯାଉଛି। ଏହାସହ ୩୦ ଜିଲାରେ ଏହି ଯୋଜନା ଗତ ଫେବୃୟାରୀ ୨୦୨୩ରୁ ଲାଗୁ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ପରେ ମନ୍ତ୍ରୀ ନାୟକ ଉତ୍ତର ରଖି କହିଛନ୍ତି, ଧାନ କ୍ରୟ ପାଇଁ ରାଜ୍ୟ ସରକାର ଚଳିତ ବଜେଟରେ ୨୦୦୦ କୋଟି ଟଙ୍କାର ଘୂର୍ଣ୍ଣନ ପାଣ୍ଠିର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ସବ୍‌ସିଡି ଅର୍ଥ ପାଇବାରେ ବିଳମ୍ବ ହେଲେ ବିଭାଗ ଏହି ଘୂର୍ଣ୍ଣନ ପାଣ୍ଠିରୁ ଆବଶ୍ୟକ ଅର୍ଥ ଆଣି ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁଚାରୁ ରୂପେ ସମ୍ପାଦନ କରିପାରିବେ ଓ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କଠାରୁ ସବ୍‌ସିଡି ବାବଦ ଅର୍ଥ ପାଇବା ପରେ ଘୂର୍ଣ୍ଣନ ପାଣ୍ଠିରୁ ଅଣାଯାଇଥିବା ଅର୍ଥ ରାଶି ଫେରସ୍ତ କରାଯିବ। ଚାଷୀଙ୍କୁ ୨୪ ଘଣ୍ଟା ମଧ୍ୟରେ ସେମାନଙ୍କର ପ୍ରାପ୍ୟ ପାଇବା ସୁନିଶ୍ଚିତ କରାଯାଉଛି। ଚଳିତ ଖରିଫ ବିପଣନ ବର୍ଷ ୨୦୨୨-୨୩ରେ ଉପଗ୍ରହ ଚିତ୍ର ବ୍ୟବହାରକରି ୩୦ ଜିଲାରେ ପ୍ରକୃତ ଚାଷ ହୋଇଥିବା ଅଞ୍ଚଳକୁ ଚିହ୍ନଟ କରାଯାଇଛି। ସେଠାରେ କୃଷକ ପଞ୍ଜୀକରଣ/ଧାନ କ୍ରୟ ପ୍ରକ୍ରିୟା ସମୟରେ ଅଧିକ ସ୍ୱଚ୍ଛତା ଆଣିବାରେ ସହାୟକ ହେଉଛି। ଏହାଦ୍ୱରା ପ୍ରକୃତ ଚାଷୀଙ୍କୁ ଏମ୍‌ଏସ୍‌ପି ସୁନିଶ୍ଚିତ କରାଯାଇପାରୁଛି ବୋଲି ସେ କହିଛନ୍ତି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ଆସିଥିବା ବ୍ୟୟବରାଦକୁ ବୁଧବାର ବିଧାନସଭାରେ ଗୃହୀତ କରାଯାଇଛି। ଏହି ବିଭାଗ ଖର୍ଚ୍ଚଦାବି ଆଲୋଚନାରେ ଉଭୟ ବିରୋଧୀ ଏବଂ ଶାସକ ଦଳର ନେତାମାନେ ଭାଗନେଇଛନ୍ତି। ବିରୋଧୀଙ୍କ ପକ୍ଷରୁ ଧାନ ଉଠାଣ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହେଉଥିବା ବିଭିନ୍ନ ଅବ୍ୟବସ୍ଥା ନେଇ ସେମାନେ ବର୍ଷିଛନ୍ତି। ଅନ୍ୟପଟେ ଶାସକ ଦଳର ସଦସ୍ୟମାନେ କିନ୍ତୁ ପାଲଟା କେନ୍ଦ୍ରକୁ ଟାର୍ଗେଟ କରିଥିବା ଦେଖିବାକୁ ମିଳିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର,ଶାସକ ଦଳ ସଦସ୍ୟ ଭୂପିନ୍ଦର ସିଂ ପ୍ରମୁଖ ଭାବେ ଏହି ଆଲୋଚନାରେ ଭାଗ ନେଇଥିଲେ।

# ସବୁଜଶକ୍ତିର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ

### ସୌର, ପବନ,ଜଳ ଭଳି ନବୀକରଣଯୋଗ୍ୟ ଉତ୍ସରୁ ଉତ୍ପନ୍ନ ଶକ୍ତିକୁ ବ୍ୟବହାର କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୫।୩(ବ୍ୟୁରୋ

ରାଜ୍ୟରେ ସ୍ୱଚ୍ଛ ତଥା ସବୁଜଶକ୍ତିର ବ୍ୟାପକ ବ୍ୟବହାର ଉପରେ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରଦୂଷଣରହିତ ଶକ୍ତିର ଆବଶ୍ୟକତା ତଥା ଏ ସଂକ୍ରାନ୍ତୀୟ ଯୋଜନା ପ୍ରସ୍ତୁତ ପାଇଁ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱଚ୍ଛ ଶକ୍ତି ବ୍ୟବହାର ସମ୍ପର୍କିତ ଯୋଜନା ପ୍ରସ୍ତୁତି ନେଇ ତଥ୍ୟ ଉପସ୍ଥାପନ କରିଛନ୍ତି। ବିଦ୍ୟୁତ୍, ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍ ପରିବର୍ତ୍ତେ ସୌର, ପବନ,ଜଳ ଭଳି ନବୀକରଣଯୋଗ୍ୟ ଉତ୍ସରୁ ଉତ୍ପନ୍ନ ଶକ୍ତିକୁ ବ୍ୟବହାର କରିବା ଉପରେ ଆଲୋକପାତ କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ଶକ୍ତି ସଂରକ୍ଷଣ ଲକ୍ଷ୍ୟ ହାସଲ ହୋଇପାରିବା ସହ କୃଷି, ମତ୍ସ୍ୟ, ପରିବହନ, ଶିଳ୍ପ, ନଗର ଉନ୍ନୟନ, ପର୍ଯ୍ୟଟନ ଭଳି ଆଦି କ୍ଷେତ୍ରରେ ସ୍ୱଚ୍ଛ ଶକ୍ତିର ବ୍ୟାପକ ବ୍ୟବହାର ହୋଇପାରିବ। ରାଜ୍ୟରେ ଶକ୍ତି ସଂରକ୍ଷଣର ଆବଶ୍ୟକତା ରହିଛି ଏବଂ ସ୍ୱଚ୍ଛ ତଥା ସବୁଜ ଶକ୍ତି ବ୍ୟବହାର ଆଜିର ସମୟର ଆହ୍ୱାନ ଥିବାରୁ ଏ ସଂକ୍ରାନ୍ତୀୟ ଯୋଜନା ପ୍ରସ୍ତୁତି ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଯୋଜନା ଆସନ୍ତା ମାସକ ମଧ୍ୟରେ ପ୍ରସ୍ତୁତ କରିବାକୁ ବିଭାଗୀୟ ସଚିବମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଶକ୍ତି ସଞ୍ଚାଳନ ଏବଂ ସଂରକ୍ଷଣ ନେଇ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଏବଂ ଜର୍ମାନୀ ସ୍ଥିତ ଜିଆଇଜେଡ୍ ସଂସ୍ଥା ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଉକ୍ତ ସଂସ୍ଥା ସମସ୍ତ ପ୍ରକାର ବୈଷୟିକ ସହାୟତା ପ୍ରଦାନ କରିବ ବୋଲି ସେ କହିଛନ୍ତି।

# ବନାଗ୍ନି ପ୍ରଶମନ ପାଇଁ ଗଠନ ହେବ ସ୍ୱତନ୍ତ୍ର ଟାସ୍କଫୋର୍ସ

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଲା ବୈଠକ

### ବନାଗ୍ନି ନେଇ ପ୍ରତ୍ୟେକ ଦିନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ରାଜ୍ୟରେ ବନାଗ୍ନିକୁ ପ୍ରଶମନ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ବନାଗ୍ନି ପ୍ରଶମନ ନିମନ୍ତେ ପଞ୍ଚାୟତ ସ୍ତରରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯିବ। ସମ୍ପୃକ୍ତ ଅଞ୍ଚଳର ସରପଞ୍ଚ, ସ୍ଥାନୀୟ ଜନପ୍ରତିନିଧି, ମିଶନ ଶକ୍ତି, ସ୍ଥାନୀୟ କ୍ଲବ୍ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀମାନଙ୍କୁ ଏହି ଅଭିଯାନରେ ସାମିଲ କରାଯାଇ ପ୍ରାଥମିକତା ଭିତ୍ତିରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯିବ। ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ, ଏସ୍‌ପି, ଡିଏଫ୍‌ଓ, ଅଗ୍ନିଶମ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଭର୍ଚୁଆଲରେ ଯୋଗଦେଇଛନ୍ତି। ବନାଗ୍ନି ରୋକିବାକୁ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ସହ ଆବଶ୍ୟକ ସ୍ଥଳେ ଓଡ୍ରାଫ ଟିମ୍‌କୁ ମୁତୟନ କରାଯିବ। ଆଗକୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ଆଶଙ୍କା ଥିବାରୁ ବନାଗ୍ନି ବ୍ୟାପିବା ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ଆଗୁଆ ଓଡ୍ରାଫ ଟିମ୍ ମୁତୟନ ନିମନ୍ତେ ମୁଖ୍ୟ ଶାସନ ସଚିବ ଓସ୍‌ଡମାକୁ ନିର୍ଦ୍ଦେଶ ଦେଇଛନ୍ତି। ବନାଗ୍ନି ପ୍ରଶମନ କ୍ଷେତ୍ରରେ ଆଗୁଆ ସୂଚନା ଦେବା, ସହଯୋଗ କରୁଥିବା ସ୍ଥାନୀୟ ସଂସ୍ଥା ତଥା ବ୍ୟକ୍ତିବିଶେଷ ଏବଂ ସମ୍ପୃକ୍ତ ପଞ୍ଚାୟତକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ। ଅନେକ ସ୍ଥାନରେ ମନୁଷ୍ୟକୃତ ଭାବେ ବନାଗ୍ନି ହେଉଥିବା ଦୃଷ୍ଟିରୁ ଗୋଷ୍ଠୀ ସହଭାଗିତାରେ ଏହାକୁ ରୋକିବା ନିମନ୍ତେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ବ୍ୟାପକ ସଚେତନତା ଏବଂ ସ୍ଥାନୀୟ ଗୋଷ୍ଠୀ ସହଭାଗିତାର ଉପର ଦାୟିତ୍ୱ ବୃଦ୍ଧି ପାଇଲେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯାଇପାରିବ। ଏଥିସହ ଜିଲାର ବିଭିନ୍ନ ବନଖଣ୍ଡ ଉପରେ ତୀକ୍ଷ୍ଣ ନଜର ରଖିବାକୁ ସମ୍ପୃକ୍ତ ଜିଲାର ଜିଲାପାଳ, ଏସ୍‌ପି ଏବଂ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ସ୍ଥାନୀୟ ତହସିଲଦାର, ବିଡିଓ, ଥାନା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀଙ୍କ ତଥ୍ୟକୁ ଭିତ୍ତିକରି ସରକାରଙ୍କୁ ବନାଗ୍ନି ସମ୍ପର୍କିତ ଦୈନିକ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବୈଷୟିକ ଜ୍ଞାନକୌଶଳ ଉପଯୋଗ ତଥା ଉପଗ୍ରହ ଉତ୍ତୋଳିତ ଛବି ମାଧ୍ୟମରେ ବନାଗ୍ନି ସ୍ଥାନ ଚିହ୍ନଟ ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ବନାଗ୍ନିରେ ସମ୍ପୃକ୍ତ ଖଳ ପ୍ରକୃତିର ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ୨୩ ହଜାର ୮୬୦ଟି ସ୍ଥାନରେ ବନାଗ୍ନି ସମ୍ପର୍କରେ ତଥ୍ୟ ଥିବାବେଳେ ସେଥି ମଧ୍ୟରୁ ୯୮ ପ୍ରତିଶତ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯାଇଛି।



ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶନି ସହ ବୁଧଙ୍କ ସଂଯୋଗ କାରଣରୁ ଅଟକିଥିବା କାମ ସକାଶେ ଶାନ୍ତି ବ୍ୟାହତ ହେବ। ବ୍ୟବସାୟ, ପରିବହନ, କଳା, କ୍ରୀଡ଼ା ପାଇଁ ଚାପ ବଢିପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଫେରନ୍ତା ରାସ୍ତାରେ ନିଜ ମନ ପସନ୍ଦର ଜିନିଷ ପାଇ ଖୁସି ହେବେ।

**ବୃଷ** ଦ୍ୱାଦଶସ୍ଥ ପାପଗ୍ରହଜନିତ କୌଣସି ପ୍ରକାରର ଭୁଲ୍ ନ କରି ମଧ୍ୟ ଦୋଷୀ ରୂପେ ପରିଗଣିତ ହେବେ। ଆବଶ୍ୟକତା ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମିଥୁନ** ରାଶିରେ ମଙ୍ଗଳ ଅର୍ଥପ୍ରାପ୍ତିରେ ବାଧା ଓ ଜମିଜମା କଳହର ଆଶଙ୍କା ରହିଛି। ଅବଶ୍ୟ ଆଜି ବାଣିଜ୍ୟ ବ୍ୟବସାୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**କର୍କଟ** ଭାଗ୍ୟସ୍ଥାନରେ ରବି ଓ ବୃହସ୍ପତିଙ୍କ ସ୍ଥିତିରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବେ। ଭ୍ରମଣ ସୁଯୋଗ, ସତ୍‌ସଙ୍ଗ, ଦୂରଯାତ୍ରା ଓ ବନ୍ଧୁମିଳନଜନିତ ମନ ଖୁସି ରହିବ। କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ସିଂହ** ବ୍ୟୟାଧିପ କୋଣଭାବସ୍ଥ ଯୋଗୁ ପୂର୍ବାପେକ୍ଷା ପରିସ୍ଥିତି ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବିଗିଡି ଯିବାର ଆଶଙ୍କା ରହିଛି।

**କନ୍ୟା** ବୁଧ ଯୁକ୍ତ ଶନି ଯୋଗୁ ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ନ ପାଇ ବ୍ୟସ୍ତ ହେବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବାର ସୂଚନା ରହିଛି। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ତୁଳା** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ଅନ୍ୟମାନଙ୍କ ମନ ନେଇ ଯେତେ କାମ କଲେ ମଧ୍ୟ ସେମାନେ ଭୁଲ୍ ବୁଝିବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଅବଶ୍ୟ ଦୃଢ଼ ମନୋବଳ ସମସ୍ୟା ସମାଧାନରେ ସହାୟକ ହେବ।

**ବିଛା** ଅଷ୍ଟମାଧିପଯୁକ୍ତ ବୁଧ ହେତୁ ସ୍ୱାସ୍ଥ୍ୟ ବିଗିଡିବା ସହ ବନ୍ଧୁମାନଙ୍କ ସହ ମତାନ୍ତର ସମ୍ଭାବନା ରହିଛି। କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ଗୁରୁ ଓ ରବିଙ୍କ ସଂଯୋଗ ହେତୁ ଆଜି ଅର୍ଥଲାଭ ହେତୁ ମନ ମଧ୍ୟ ପ୍ରଫୁଲ୍ଲ ରହିବ। ଯେ କୌଣସି କ୍ଷେତ୍ର ହେଲେ ମଧ୍ୟ ବିଚାର ବିନା ବିଶ୍ୱାସ କଲେ ହଇରାଣରେ ପଡିପାରନ୍ତି। ରୋଗପୀଡ଼ା ଉପଶମ ହେତୁ ଖୁସି ରହିବେ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ସମବେଦନା ପୂର୍ବକ ମନରେ ଭାବାନ୍ତରଜନିତ କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତାବୃଦ୍ଧି ପାଇବ। ଆଜିର ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା ନିର୍ମାଣ ଓ ପରିବହନରେ ସମସ୍ୟା ଦେଖାଦେଇପାରେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ନୂତନ ଗୃହ, ଯାନବାହନ, ଧାତୁ ଅଳଙ୍କାର ପାଇଁ ମନ ବଳାଇବେ। ଦକ୍ଷତା ହେତୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବ୍ୟବସାୟ ଓ ପରିବହନରେ ଉତ୍ତରଭାଦ୍ରପଦ ନକ୍ଷତ୍ର ପାଇଁ ସାମାନ୍ୟ ଝଟକା ଲାଗିପାରେ। ଆର୍ଥିକ ସମସ୍ୟା, ଜମିଜମା, ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ** ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ରାହୁ ଯୁକ୍ତ ଶୁକ୍ର ଦ୍ୱିତୀୟସ୍ଥ ଯୋଗୁ ଚେଷ୍ଟା କରୁଥିବା କାର୍ଯ୍ୟହାନି ହେତୁ ଅନୁତାପ କରିବେ।

ଆଜି ଚୈତ୍ର କୃଷ୍ଣ ନବମୀ ଗୁରୁବାର, ମାର୍ଚ୍ଚ ୧୬ ତାରିଖ, ରାଷ୍ଟ୍ରୀୟ ଟିକାକରଣ ଦିବସ, ରାଶିନକ୍ଷତ୍ର-ପୂର୍ବଷାଢ଼ା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୮ ଗତେ ଘ. ୦୭।୩୩ ମଧ୍ୟେ, ଘ.୧୦।୪୪ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୪ ଗତେ ଘ. ୦୨।୫୪ ମଧ୍ୟେ ରାହୁ କାଳ ।

# ବ୍ୟବସାୟରେ ସ୍ୱଚ୍ଛତା ବଢ଼ିଛି

**ପାରିବାରିକ ବ୍ୟବସାୟ ସହ ବାଣିଜ୍ୟର ଛାତ୍ର ହୋଇଥିବାରୁ ବ୍ୟବସାୟ ପ୍ରତି ତାଙ୍କର ବେଶ୍ ଆଗ୍ରହ ରହିଥିଲା। ଏପରିକି ପାଠପଢ଼ା ସମୟରେ ସେ ବଡ଼ଭାଇମାନଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ବିଶେଷକରି କୋଲକାତାରୁ ଉଚ୍ଚଶିକ୍ଷା ଶେଷ ସହ ଶେୟାର ବଜାର କାରବାର କ୍ଷେତ୍ରରେ ସେ ଜଡ଼ିତ ହୋଇଥିଲେ। ଦୀର୍ଘଦିନ ଧରି ଟ୍ରେଡିଂ ବ୍ୟବସାୟରେ ଜଡ଼ିତ ଥିବାବେଳେ ଅନ୍ୟ ବ୍ୟବସାୟରେ ପ୍ରବେଶ ପାଇଁ ସେ ଯୋଜନା କରିଥିଲେ। ସମୟକ୍ରମେ ପାରିବାରିକ ସଦସ୍ୟ ଏବଂ ବନ୍ଧୁ ପରିଜନଙ୍କ ପରାମର୍ଶକ୍ରମେ ସେ ଭୁବନେଶ୍ୱରରେ ରିୟଲ ଇଷ୍ଟେଟ ବ୍ୟବସାୟରେ ପ୍ରବେଶ କରିଥିଲେ। ବହୁ ଘାତ ପ୍ରତିଘାତ ମଧ୍ୟରେ ସେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଭାବେ ନିଜକୁ ପରିଚିତ କରାଇ ପାରିଛନ୍ତି। ସେହି ସଫଳ ବ୍ୟବସାୟୀ ତଥା ସୁରେକା ଆଣ୍ଡ୍ ମର୍ଲିନ୍ ଗ୍ରୁପ୍ ଅଫ୍ କମ୍ପାନିଜର ପାର୍ଟନର ସୁରେଶ କୁମାର ସୁରେକାଙ୍କ ସହ ଧରିତ୍ରୀର ବିଶେଷ ଆଳାପ...**





ସୁରେଶ କୁମାର ସୁରେକା

**ପ୍ର- ୧: ଆପଣଙ୍କ ବ୍ୟବସାୟିକ ଯାତ୍ରା କିଭଳି ରହିଥିଲା ?**

ଉ- ୧୯୯୧ରେ ଉଚ୍ଚଶିକ୍ଷା ଶେଷକରି ୧୯୯୨ରେ ଭୁବନେଶ୍ୱର ଆସିଥିଲି। ସେବେଠାରୁ ପ୍ରାୟ ୨୦ ବର୍ଷ ପର୍ଯ୍ୟନ୍ତ ଭୁବନେଶ୍ୱର ଷ୍ଟକ୍ ମାର୍କେଟରେ ସଦସ୍ୟ ହେବା ସହ ଟ୍ରେଡିଂ ବ୍ୟବସାୟରେ ଜଡ଼ିତ ଥିଲି। ଦୀର୍ଘଦିନର ଅଭିଜ୍ଞତା ସହ ପାରିବାରିକ ସଦସ୍ୟ ଓ ପରିଜନଙ୍କ ପରାମର୍ଶକ୍ରମେ ମୁଁ ୨୦୧୦-୧୧ରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ପ୍ରବେଶ କରିଥିଲି। କାରଣ ଆଗାମୀ ଦିନରେ ଓଡ଼ିଶା ଅଭିବୃଦ୍ଧି ସହ ଦେଶର ଏକ ପ୍ରମୁଖ ରାଜ୍ୟ ଭାବେ ଗଣାହେବାକୁ ଯାଉଛି। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ସହ ଏକ ମଜଭୁତ ସରକାର କାମ କରୁଛି। ଫଳରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଅନେକ ଆଶା ଆକାଂକ୍ଷା ରହିଛି। ଏଭଳି କିଛି ଆଶା ଓ ବିଶ୍ୱାସ ନେଇ ବ୍ୟବସାୟ ଯାତ୍ରା ଜାରି ରହିଛି।

**ପ୍ର-୨: ଓଡ଼ିଶା ରିୟଲ ଇଷ୍ଟେଟ ବଜାରକୁ କିଭଳି ଦେଖୁଛନ୍ତି ?**

ଉ- ଓଡ଼ିଶା ରିୟଲ ଇଷ୍ଟେଟ ଦେଶର ଏକ ପ୍ରମୁଖ ବଜାର ଭାବେ ଉଭା ହୋଇଛି। କାରଣ ବର୍ତ୍ତମାନ ସମୟରେ ଓଡ଼ିଶାର ଅଭିବୃଦ୍ଧି ଧୀରେ ଧୀରେ ବୃଦ୍ଧି ପାଉଛି। ଫଳରେ ଶିଳ୍ପ କ୍ଷେତ୍ର ବେଶ୍ ଉନ୍ନତ ଓ ସ୍ୱଚ୍ଛତା ଜାରି ରହିଛି। ଗୋଟିଏ ପଟରେ ରାଜ୍ୟରେ ସ୍ଥିର ସରକାର ରହିଛି। ଅପରପକ୍ଷରେ ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ରେରା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଉଭୟ ଗ୍ରାହକ ଓ ରିୟଲ ଇଷ୍ଟେଟ ପ୍ରତିଷ୍ଠାନ ନିୟମ ମଧ୍ୟରେ କାର୍ଯ୍ୟ କରୁଛନ୍ତି। ଉଭୟ ରାଜ୍ୟ ଓ ଦେଶର ଜିଡିପିରେ ରିୟଲ ଇଷ୍ଟେଟର ଅବଦାନ ଅତୁଳନୀୟ।

**ପ୍ର-୩: ରିୟଲ ଇଷ୍ଟେଟ କ୍ଷେତ୍ରରେ ପ୍ରତିଯୋଗୀଙ୍କୁ କିଭଳି ଦେଖିଥାନ୍ତି ?**

ଉ- ପ୍ରତି ବ୍ୟବସାୟରେ ପ୍ରତିଯୋଗିତା ଓ ପ୍ରତିଯୋଗୀ ଥାନ୍ତି, ହେଲେ ପ୍ରତିଷ୍ଠାନର ଆଭିମୁଖ୍ୟ ଭଲ ଥିଲେ ପ୍ରତିପକ୍ଷଙ୍କୁ ଅନୁସରଣ କରିବାକୁ ପଡ଼ିବ ନାହିଁ। ବିଶେଷ କରି ୨୦୧୦ ପୂର୍ବରୁ ବଜାର ଅବ୍ୟବସ୍ଥିତ ଭଳି ରହିଥିଲା। ଅନେକ ସଂସ୍ଥା ବି ରହିଥିଲେ। ୨୦୧୦ ପରେ ଧୀରେ ଧୀରେ ସ୍ୱଚ୍ଛତା ସହିତ ଗୁଣାତ୍ମକ ଓ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦିଆଯାଉଛି। ଅପରପକ୍ଷରେ ରେରା ନିୟମାବଳୀ ପାଇଁ ବଜାରରେ ସ୍ୱତନ୍ତ୍ରତା ଆସିଛି।

**ପ୍ର-୪: ରେରା ଆସିବା ପରେ ରିୟଲ ଇଷ୍ଟେଟ କ୍ଷେତ୍ରରେ କ'ଣ ପରିବର୍ତ୍ତନ ଆସିଛି?**

ଉ- ଶିଳ୍ପରେ ଅନେକ ପରିବର୍ତ୍ତନ ଆସିଛି। ବିଶେଷକରି ବ୍ୟବସାୟରେ ଯଥେଷ୍ଟ ସ୍ୱଚ୍ଛତା ଆସିଛି। ଗ୍ରାହକଙ୍କ ମନରେ ବିଶ୍ୱାସ ବୃଦ୍ଧି ପାଇଛି। ଏପରିକି ରିୟଲ ଇଷ୍ଟେଟ ସଂସ୍ଥାଗୁଡ଼ିକ ମଧ୍ୟ ସର୍ତ୍ତକତା ଅବଲମ୍ବନ କରୁଛନ୍ତି। ଗ୍ରାହକ ଉଚିତ ସମୟରେ ଘର ପାଇପାରୁଛନ୍ତି। ସେହିଭଳି ଗୃହ ନିର୍ମାଣକାରୀମାନେ ମଧ୍ୟ ନିୟମକାନୁନରେ କାର୍ଯ୍ୟ କରୁଛନ୍ତି। ରେରା ଆସିବା ପରେ ବ୍ୟବସାୟରେ ସାଧୁତା ବୃଦ୍ଧି ପାଇଛି।

**ପ୍ର-୫: ବର୍ତ୍ତମାନ ସମୟରେ ଗ୍ରାହକଙ୍କ ଚାହିଦା କିଭଳି ରହିଛି?**

ଉ- ଗ୍ରାହକ ସ୍ଥାନ(ଅଞ୍ଚଳ)ଠାରୁ ସୁନ୍ଦର ପ୍ରକଳ୍ପ ଓ ଅତ୍ୟାଧୁନିକ ସୁବିଧାକୁ ପସନ୍ଦ କରିଥାନ୍ତି। ଛୋଟ ଛୋଟ ପ୍ରକଳ୍ପଠାରୁ ବୃହତ୍ ପ୍ରକଳ୍ପକୁ ଗ୍ରାହକ ଅଧିକ ପସନ୍ଦ କରିଥାନ୍ତି। ରିୟଲ ଇଷ୍ଟେଟରେ କେତେଜଣ ନିର୍ଦ୍ଦିଷ୍ଟ ଗ୍ରାହକ ରହିଛନ୍ତି। କେତେଜଣ ଗ୍ରାହକ ବୃହତ୍ ପ୍ରକଳ୍ପକୁ ପସନ୍ଦ କରୁଥିବା ବେଳେ ଆଉ କେତେକେ ଡ୍ୟୁପ୍ଲେକ୍ସ ପ୍ରକଳ୍ପକୁ ପସନ୍ଦ କରିଥାନ୍ତି।

**ପ୍ର-୬: ଆଗାମୀ ଯୋଜନା,ପ୍ରକଳ୍ପ ବିଷୟରେ କ'ଣ କହିବେ?**

ଉ- ରାଜ୍ୟ ସରକାରଙ୍କ ପାଇଁ ଓଡ଼ିଶା ରିୟଲ ଇଷ୍ଟେଟ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି। ଫଳରେ ଆଗାମୀ ଦିନରେ ସଂସ୍ଥା ଭୁବନେଶ୍ୱର ସମେତ କଟକ, ଯାଜପୁର, ପୁରୀ, ଅନୁଗୋଳ, ସମ୍ବଲପୁର, ରାଉରକେଲା ଏବଂ ଝାରସୁଗୁଡ଼ା ଭଳି ସହରରେ ପ୍ଲଟିଂ ସହ ନୂତନ ପ୍ରକଳ୍ପ ପାଇଁ ଯୋଜନା କରାଯାଉଛି। ବର୍ତ୍ତମାନ ଭୁବନେଶ୍ୱର ତମାଣ୍ଡୋରେ ଏକ ବୃହତ୍ ପ୍ରକଳ୍ପ ଜାରି ରହିଛି।

**ପ୍ର-୭: ଅବସର ସମୟରେ କ'ଣ କରିବାକୁ ଭଲପାଆନ୍ତି?**

ଉ- ବ୍ୟସ୍ତବହୁଳ ବ୍ୟବସାୟ ମଧ୍ୟରେ ଅବସର ସମୟ ଅଧିକ ମିଳି ନ ଥାଏ। ତଥାପି ସମାଜରେ ବସବାସ କରୁଥିବାରୁ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବାକୁ ଭଲ ଲାଗେ। ବିଶେଷ ସମୟରେ ପରିବାର ଓ ପରିଜନଙ୍କ ସହ ସମୟ ଅତିବାହିତ କରିବାକୁ ଭଲ ପାଏ।

# ଆଜିଠାରୁ ପ୍ରାଥମିକ ଶିକ୍ଷକଙ୍କ ୟୁନିଫର୍ମ ବର୍ଜନ

## ଧାରଣାକୁ ଅନୁମତି ନ ମିଳିବାରୁ ବସିଲା ମେଳି

- ୩ ଦଫା ଦାବି ପୂରଣ ପ୍ରତିଶ୍ରୁତିକୁ ପୂରିଲା ୩ମାସ
- ଶିକ୍ଷକ ୟୁନିଫର୍ମ ବର୍ଜନ ନ କରନ୍ତୁ: ମନ୍ତ୍ରୀ


ଧାରଣା ପାଇଁ ଅନୁମତି ନ ମିଳିବାରୁ ବୁଧବାର ପ୍ରାଥମିକ ଶିକ୍ଷକମାନେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଏକାଠି ହୋଇ ଆଲୋଚନା କରୁଛନ୍ତି।

**ଭୁବନେଶ୍ୱର,୧୫।୩(ବ୍ୟୁରୋ):** ୩ଦଫା ଦାବି ନେଇ ତିନି ମାସ ପୂର୍ବରୁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କରାଯାଇଥିବା ଦାବି ପୂରଣ ନ ହେବାରୁ ପୁଣିଥରେ ଶିକ୍ଷକମାନେ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି। ଲୋୟର ପିଏମଜିରେ ଆନ୍ଦୋଳନ ପାଇଁ ଅନୁମତି ନ ମିଳିବାରୁ ବୁଧବାର ପ୍ରଦର୍ଶନୀ ପଡ଼ିଆରେ ଶିକ୍ଷକମାନେ ମେଳିବାନ୍ଧି ଆଲୋଚନା କରିଥିଲେ। ୫ହଜାରରୁ ଅଧିକ ଶିକ୍ଷକ ଏଥିରେ ସାମିଲ ହୋଇ ଏହାର ପ୍ରତିବାଦ କରିଥିଲେ। ପରେ ବିଧାନସଭାସ୍ଥିତ ପ୍ରକୋଷ୍ଠରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟରେ ଆଲୋଚନା ହୋଇଥିଲା। ଶିକ୍ଷକ ସଂଘ ପକ୍ଷରୁ ୧୧ ଜଣିଆ ପ୍ରତିନିଧି ଦଳ ମନ୍ତ୍ରୀଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଥିଲେ ମଧ୍ୟ ସେପରି କିଛି ଫଳପ୍ରଦ ହୋଇ ନ ଥିଲା। ଫଳରେ ଗୁରୁବାରଠାରୁ ୟୁନିଫର୍ମ ବର୍ଜନ ପାଇଁ ଶିକ୍ଷକମାନେ ନିଷ୍ପତ୍ତି ନେଇଥିବା ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ସୂଚନା ଦେଇଛନ୍ତି।

ଏନେଇ ମନ୍ତ୍ରୀ ଦାଶ କହିଛନ୍ତି, ଶିକ୍ଷକମାନଙ୍କ ସହ ଆଲୋଚନା ହୋଇଥିଲା। ପୂର୍ବରୁ ହାଇ ଲେଭଲ କମିଟି ସହ ସେମାନଙ୍କର ଆଲୋଚନା ସରିଛି। ଏବେ ଆଲୋଚନାବେଳେ ସେମାନେ କରିଥିବା ଦାବିକୁ ଉକ୍ତ କମିଟିକୁ ପଠାଇ ଦିଆଯିବ। ସେମାନଙ୍କ ଦାବି ନେଇ ଆଲୋଚନା ଜାରି ରହିଛି। ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ମାଧ୍ୟମରେ ସେମାନଙ୍କ ଦାବି ବିଷୟରେ ସମାଧାନ ହେବ। ଶିକ୍ଷକକମାନେ ୟୁନିଫର୍ମ ବର୍ଜନ ନ କରିବା ପାଇଁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ଅନ୍ୟପଟେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ପରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦାବି ପୂରଣ ନ ହେଲେ ଗୁରୁବାରଠାରୁ ୟୁନିଫର୍ମ ବିନା ପ୍ରାଥମିକ ଶିକ୍ଷକ ସ୍କୁଲ ଯିବେ। ମନ୍ତ୍ରୀସ୍ତରୀୟ କମିଟିକୁ ଆମର ଦାବି ପଠାଇବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ୟୁନିଫର୍ମ ଭତ୍ତାକୁ ନେଇ ସରକାର ରାଜି ନାହାନ୍ତି। ତେଣୁ ଶିକ୍ଷକମାନେ ୟୁନିଫର୍ମ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

ସୂଚନା ଥାଉକି, ୨୦୦୧ରୁ ରାଜ୍ୟ ସରକାର ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ନାମରେ ପ୍ରାଥମିକ ଶିକ୍ଷାରେ ନିଯୁକ୍ତି ଦେଇଥିଲେ। ପରେ ଅନ୍ୟ ସମସ୍ତ ବିଭାଗରେ ଠିକା ନିଯୁକ୍ତି ଆରମ୍ଭ କରାଯାଇଥିଲା। ନିକଟରେ ୨୦୧୩ ପରଠାରୁ ନିଯୁକ୍ତି ପାଇଥିବା ଠିକା କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରାଯାଇଛି। କିନ୍ତୁ ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ସେହି ଶିକ୍ଷକମାନଙ୍କୁ ମଧ୍ୟ ରାଜ୍ୟ ସରକାର ବିଚାରକୁ ନିଅନ୍ତୁ ଏବଂ ଅନୁରୂପ ଭାବେ ବର୍ଦ୍ଧିତ ଦରମା ପ୍ରଦାନ କରନ୍ତୁ ବୋଲି ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ରାଜ୍ୟ ସରକାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ମାତ୍ର ୧୫୦୦ ଟଙ୍କା ପାରିତୋଷିକ ପାଇ ଯେଉଁମାନେ ରାଜ୍ୟ ସରକାରଙ୍କ ରାଜକୋଷର ଭରଣା କରିଥିଲେ ସେମାନଙ୍କୁ ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ସପ୍ତମ ବେତନ କମିଶନ ଅନୁଯାୟୀ ମାତ୍ର ୨୨୦୦ଟଙ୍କା ଗ୍ରେଡ୍ ପେ ଦେଇ ଆମ ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କୁ ଦରମା ଦିଆଯାଉଛି। ତେଣୁ ଏହି ନିୟମରେ ପରିବର୍ତ୍ତନ ଆଣିବା ସହ ପୁରୁଣା ପେନସନ ନିୟମ ଲାଗୁ କରିବା ପାଇଁ ଦାବିରେ ଦର୍ଶାଯାଇଛି।




# ଅସ୍ତରଙ୍ଗରୁ ସନ୍ଦିଗ୍ଧ ପାରା ଉଦ୍ଧାର

## ଗୋଡ଼ରେ ପିତ୍ତଳ, ପ୍ଲାଷ୍ଟିକ ରିଙ୍ଗ୍ ଲାଗିଛି



**ଅସ୍ତରଙ୍ଗ,୧୫।୩(ଡି.ଏନ୍.ଏ.)** ଓଡ଼ିଶା ପ୍ରତି ବାହ୍ୟ ଶତ୍ରୁର ବିପଦ ବଢ଼ିବାରେ ଲାଗିଛି। ଗତ କିଛିଦିନ ତଳେ ପାରାଦୀପ ପୋର୍ଟ ଅଞ୍ଚଳରୁ ଏକ ସନ୍ଦିଗ୍ଧ ପାରା ଧରାପଡ଼ିଥିବା ବେଳେ ବିଭିନ୍ନ ତଦନ୍ତ କରାଯାଉଛି। ହେଲେ ଏବେ ପୁଣି ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନାନପୁର ଗ୍ରାମରୁ ବୁଧବାର ଆଉ ଏକ ସନ୍ଦିଗ୍ଧ ପାରାକୁ ପୋଲିସ ଉଦ୍ଧାର କରିଛି। ଖବର ଅନୁଯାୟୀ, ଏହି ସନ୍ଦିଗ୍ଧ ପାରାଟି ଗତ ୮ଦିନ ହେବ ଉକ୍ତ ଗ୍ରାମରେ ବିଚରଣ କରୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ହେଲେ ବୁଧବାର ଅପରାହ୍ଣ ୫ଟା ସମୟରେ ନାନପୁର ଗ୍ରାମର ରୂପନ ପତିଙ୍କ ଘର ପାଖରେ ଅନ୍ୟ ପାରାଙ୍କ ସହିତ ଉକ୍ତ ସନ୍ଦିଗ୍ଧ ପାରାଟି ବସିଥିଲା। ରୂପନ ସନ୍ଦେହ କରି ଉକ୍ତ ପାରାଟିକୁ ଧରିବାକୁ ସକ୍ଷମ ହୋଇଥିଲେ। ପାରାଟିର ଗୋଡ଼ରେ କିଛି ବନ୍ଧାଯାଇଥିବାରୁ ସେ ପୋଲିସକୁ ଜଣାଇଥିଲେ। ଖବରପାଇ ଅସ୍ତରଙ୍ଗ ଥାନା ଅଧିକାରୀ ତଥା ନୂଆଗଡ ସାମୁଦ୍ରିକ ଥାନା ଭାରପ୍ରାପ୍ତ ଅଧିକାରୀ ପଞ୍ଚାନନ ପରିଡାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସନ୍ଦିଗ୍ଧ ପାରାଟିକୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପାରାଟିର ଗୋଟିଏ ଗୋଡରେ ପିତ୍ତଳ ଓ ଆଉ ଗୋଟେ ଗୋଡ଼ରେ ପ୍ଲାଷ୍ଟିକର ଏକ ରିଙ୍ଗ୍ ଲାଗିଛି। ସେଥିରେ ରେଡି ଭିଏସ୍‌ପି ଡିଏନ୍(Ready VSP DN ) ଇଂଲିଶରେ ଲେଖାଯାଇଛି। ପ୍ଲାଷ୍ଟିକ ରିଙ୍ଗରେ ୩୧ ଲେଖାଯାଇଛି। ପୋଲିସ ସନ୍ଦିଗ୍ଧ ପାରାକୁ ଘର ମାଲିକଙ୍କ ହେପାଜତରେ ରଖିଛନ୍ତି। ତେବେ ଉକ୍ତ ପାରାଟିକୁ କେଉଁଠାରୁ, କିଏ ପଠାଇଛି ତାହା ଜଣାପଡ଼ି ନ ଥିବାବେଳେ ଗୁରୁବାର ଜିଲାରୁ ତଦନ୍ତକାରୀ ଦଳ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ପରିଡ଼ା ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ଅସ୍ତରଙ୍ଗ ଅଞ୍ଚଳରେ ଏବେ ଚର୍ଚ୍ଚା ଜୋର ହେଉଛି।



ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। **–ଶ୍ରୀଅରବିନ୍ଦ**

# ଅସଲି ରାମରାଜ୍ୟ



ଦେବଦତ୍ତ ପଟ୍ଟନାୟକ

ଥରେ ମୁଁ ଜଣେ ହିଞ୍ଜଡ଼ାଙ୍କୁ ପଚାରିଲି ତାଙ୍କ ସମୁଦାୟର କେଉଁ କାହାଣୀକୁ ସେ ପବିତ୍ର ମନେକରେ। ମୋ ପ୍ରଶ୍ନର ଉତ୍ତର ସେ ଯାହା ଦେଇଥିଲା ତାହା ଥିଲା ଏହିଭଳି। ୧୪ ବର୍ଷ ବନବାସ ପରେ ଶ୍ରୀରାମ ଅଯୋଧ୍ୟାକୁ ଫେରିଥିଲେ। ଫେରିବା ସମୟରେ ସେ ଅଯୋଧ୍ୟା ପ୍ରବେଶ ଦ୍ୱାର ନିକଟରେ ହିଞ୍ଜଡ଼ାମାନଙ୍କୁ ଦେଖିଲେ। ଭିତରକୁ ନ ଯାଇ କାହିଁକି ବାହାରେ ଠିଆ ହୋଇଛ ବୋଲି ସେମାନଙ୍କୁ ପଚାରିଲେ। ସେମାନେ କହିଲେ–ତୁମର ମନେଥିବ, ଅଯୋଧ୍ୟାବାସୀ ତୁମ ପଛେ ପଛେ ଜଙ୍ଗଲକୁ ଯିବାକୁ ଚାହିଁଥିଲେ । ହେଲେ ତୁମେ ସେମାନଙ୍କୁ ଘରକୁ ଫେରିଯିବା ଲାଗି କହିଲ। ପ୍ରଥମେ ପୁରୁଷ ଓ ପରେ ମହିଳାମାନଙ୍କୁ ଫେରିଯିବା ପାଇଁ କହିଥିଲ। କିନ୍ତୁ ଆମେ ଯେଉଁମାନେ ନା ପୁରୁଷ ନା ମହିଳାରେ ଗଣା, କ'ଣ କରିବୁ ସେ ସମ୍ପର୍କରେ ଆମକୁ କିଛି କହିଲ ନାହିଁ। ସେଥିପାଇଁ ଆମେମାନେ ଆଉ ଫେରିଲୁ ନାହିଁ। ସେଠାରେ ସେମିତି ତୁମ ଫେରିବା ବାଟକୁ ଚାହିଁ ରହିଲୁ। ତେବେ ଆମକୁ କୁହ ଆମେ କ'ଣ କରିବୁ। ଏହା ଶୁଣିବା ପରେ ସେମାନଙ୍କ ପ୍ରତି ଶ୍ରୀରାମ ଧ୍ୟାନ ଦେଇ ନ ଥିବା ଅନୁଭବ କରି ଅତ୍ୟନ୍ତ ଦୁଃଖିତ ହେଲେ। ଅଜାଣତରେ ସେ ହିଞ୍ଜଡାମାନଙ୍କୁ ଏକ ପ୍ରକାର ନିର୍ବାସନ ଦେଇଥିବା ହୃଦ୍‌ବୋଧ କଲେ। ରାମ ସେମାନଙ୍କୁ ଆଲିଙ୍ଗନ କଲେ, ଶ୍ରଦ୍ଧାରେ ପୋତିପକାଇଲେ। ସେମାନଙ୍କୁ ସବୁ ପାର୍ଥିବ ଓ ସ୍ୱର୍ଗୀୟ ସୁଖ ଦେବା ଲାଗି ପ୍ରତିଜ୍ଞା କରିଥିଲେ। ପରେ ସମସ୍ତ ହିଞ୍ଜଡ଼ାଙ୍କୁ ସାଙ୍ଗରେ ଧରି ଶ୍ରୀରାମ ଅଯୋଧ୍ୟା ମଧ୍ୟକୁ ପ୍ରବେଶ କରିଥିଲେ। ଏକୁଟିଆ ଛାଡ଼ି ଛାଲିଯିବାରେ ଥିବା ନିରାଶା ଏବଂ ସାଙ୍ଗରେ ମିଶାଇବାର ଆଶାକୁ ଏହି କାହାଣୀ ପ୍ରତିପାଦିତ କରେ। ହିଞ୍ଜଡ଼ାଙ୍କ ସମ୍ପର୍କିତ ଏହି କାହାଣୀ ମଧ୍ୟ ମାନବ ବିଜ୍ଞାନୀ ସେରେନା ନନ୍ଦାଙ୍କ ପୁସ୍ତକରେ ଦେଖିବାକୁ ମିଳେ। ଆମେ ଏହାକୁ ମାନ୍ୟତା ଚାହୁଁଥିବା ଉପେକ୍ଷିତ ସମୁଦାୟର ଏକ କାଳ୍ପନିକ କଥା ବୋଲି ଯୁକ୍ତି କରିପାରୁ। କିନ୍ତୁ ଏହି କାହାଣୀର ଉଦ୍ଦେଶ୍ୟ ମୂଳରେ ରହିଛି ସେମାନଙ୍କ ବୈଧ ପରିଚୟ ବା ମାନ୍ୟତା। ପ୍ରମାଣ ଥାଉ ବା ନ ଥାଉ ଏହି କାହାଣୀଗୁଡ଼ିକ ଏକ ସମୁଦାୟ ଏବଂ ସେମାନଙ୍କ ପ୍ରଥା, ପରମ୍ପରା ଓ ବିଶ୍ୱାସକୁ ସୁନିଶ୍ଚିତ କରେ।

ପ୍ରଭୁ ଶ୍ରୀରାମ ହିଞ୍ଜଡାମାନଙ୍କୁ ସାଙ୍ଗରେ ନେଇ ଅଯୋଧ୍ୟାରେ ସାମିଲ କରିଥିବାବେଳେ ସାଧାରଣତନ୍ତ୍ର କୁହାଯାଉଥିବା ଭାରତବର୍ଷ ତାହା କରୁଛି କି? ଏଠାରେ ହିଞ୍ଜଡାମାନେ ନିଜକୁ ତୃତୀୟଲିଙ୍ଗୀ ଭାବେ ଦେଖୁଥିବାବେଳେ ସେମାନଙ୍କ ପାସ୍‌ପୋର୍ଟ ତାହା କହୁଛି କି? ଆମେ କାହିଁକି ସେମାନଙ୍କୁ ଗୋଟିଏ ଲିଙ୍ଗ କିମ୍ବା ଅନ୍ୟଥିରେ ରହିବାକୁ ବାଧକରୁଛୁ? ଏବଂ ଏହା କରି ଆମେ କ'ଣ ହିଞ୍ଜଡାଙ୍କ ଯୌନ କାର୍ଯ୍ୟକଳାପକୁ ପ୍ରାକୃତିକ କିମ୍ବା ଅପ୍ରାକୃତିକ, ବୈଧ କିମ୍ବା ଅପରାଧ ବୋଲି ମାନି ନେବା କି? ଭାରତୀୟ ପିଙ୍ଗଳ କୋଡ୍ ଧାରା ୩୭୭କୁ ସୁପ୍ରିମ କୋର୍ଟ କାଏମ ରଖିବା କେବଳ ସମଲିଙ୍ଗୀ, ଉଭୟଲିଙ୍ଗୀ ଓ ଟ୍ରାନ୍ସସେକ୍ସୁଆଲ ସମ୍ବନ୍ଧିତ ନୁହେଁ, ବରଂ ଏହା ପୁରୁଷ କି ନାରୀ ଭାବେ ବିବେଚନା କରାଯାଉ ନ ଥିବା ବିଚିତ୍ର ଲୋକଙ୍କୁ ସୂଚିତ କରେ। ଏମାନେ ହେଉଛନ୍ତି ତଥାକଥିତ ଅଧିକାର ଥିବା ଏକ ଅଳ୍ପ ସଂଖ୍ୟକ ଗୋଷ୍ଠୀ।

'ଅପ୍ରାକୃତିକ' ଶବ୍ଦ ଏହି ନିନ୍ଦନୀୟ ଆଇନର ଏକ ଅଂଶ, ଯାହାକୁ ଇଂରେଜମାନେ ଭାରତକୁ ଆଣିଥିଲେ। ଆମେ ଏହାକୁ ସ୍ୱାଧୀନ ଭାରତର ଶବ୍ଦଭଣ୍ଡାରର ସାମିଲ କରିଦେଲେ। ଏହାର ଅର୍ଥ 'ସାଧାରଣ ନୁହେଁ' କିମ୍ବା 'ସାଂସ୍କୃତିକ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ' ସହ ସମାନ ବୋଲି ମନେ କରି ଏଭଳି କରିଦେଲୁ। କିନ୍ତୁ ଭାରତର ଋଷିମୁନୀମାନେ ଯାହା ଦେଖିଥିଲେ ତାହା ଅନ୍ୟ କେହି ଦେଖି ନ ଥିଲେ। ସେମାନେ ନାଚୁରାଲ (ପ୍ରକୃତି) ଏବଂ କଲଚରାଲ (ସଂସ୍କୃତି) ମଧ୍ୟରେ ସ୍ପଷ୍ଟ ପ୍ରଭେଦକୁ ଦେଖିପାରିଥିଲେ। ମତ୍ସ୍ୟ ନ୍ୟାୟ (ଲ' ଅଫ୍ ଫିଶ୍) ଦ୍ୱାରା ପ୍ରକୃତି ପରିଚାଳିତ। ଏହି ଆଇନ ଅନୁଯାୟୀ ବଡ଼ ମାଛ ଛୋଟ ମାଛକୁ ଖାଏ। ମତ୍ସ୍ୟ ନ୍ୟାୟ ଯାହା ଜଙ୍ଗଲ ଆଇନ ତାହା। ଜଙ୍ଗଲ ଆଇନ କହେ ଜୋର ଯାର ମୂଲକ ତା'ର କିମ୍ବା ଯୋଗ୍ୟତମ ଜିଇବାକୁ ଯୋଗ୍ୟ। ତେବେ ଜଙ୍ଗଲ ଆଇନ ରଦ୍ଦ ହେଲା ପରେ କଲଚର ବା ସଂସ୍କୃତି ଜନ୍ମଲାଭ କଲା। ସଂସ୍କୃତି ଆଇନ କାନୁନ ଓ ପରମ୍ପରା ଗଢେ। ଏହା ଅସହାୟଙ୍କୁ ସାହାଯ୍ୟ କରିବାକୁ ଚାହିଁଥାଏ। ଏହା କେବଳ ଶକ୍ତିଶାଳୀକୁ ନୁହେଁ ବରଂ ପୀଡ଼ିତଙ୍କୁ ଅଧିକାର ଦିଏ। ଏହା କେବଳ ଯୋଗ୍ୟ ନୁହେଁ ବରଂ ଅଯୋଗ୍ୟ ପାଇଁ ସୁଯୋଗ ସୃଷ୍ଟି କରେ। ଏହା କରିବା ହିଁ ଲୋକଙ୍କ ପାଇଁ ଧର୍ମ।



ମାନବ ଏକ ସ୍ୱତନ୍ତ୍ର ଜୀବ। ଆମେ ମନ ବା ମାନସ ଧାରଣ କରୁଥିବାରୁ ଆମକୁ ପୁରାଣରେ ମାନବ କୁହାଯାଏ। ମାନବ ମନ ବ୍ୟାପ୍ତ ହେବାର କ୍ଷମତା (ସଂସ୍କୃତରେ ବ୍ରହ୍ମ)ଧାରଣ କରିଥାଏ। ଏଣୁ ପ୍ରତ୍ୟେକ ମାନବ ଏକ ବ୍ରହ୍ମ, ଯିଏ ଏକ ବ୍ୟକ୍ତିଗତ ଆତ୍ମକୈନ୍ଦ୍ରିକ ମାନସିକ ବାସ୍ତବତା କିମ୍ବା ବ୍ରହ୍ମାଣ୍ଡରେ ବାସ କରେ। ଏହି ବ୍ରହ୍ମାଣ୍ଡ ଲୋକଙ୍କୁ ସାମିଲ କରିବପାରେ କିମ୍ବା ବାଦ୍ ଦେଇପାରେ। ସେହି ଅନୁଯାୟୀ ଏକ ବ୍ରହ୍ମ ଆଇନ ତିଆରି କରିପାରେ ଯାହା କେବଳ କେତେଜଣଙ୍କୁ ସୁଯୋଗ ଦେଇପାରେ, କିନ୍ତୁ ଅନ୍ୟମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିପାରେ ନାହିଁ। ବ୍ରହ୍ମର ବ୍ରହ୍ମାଣ୍ଡ ଥିବା ଭଳି ତାହାର ବି ସଂସ୍କୃତି ଅଛି। ଯେହେତୁ ଜ୍ଞାନକୁ ନେଇ ମାନସ (ମନ) ଯେମିତି ପରିବ୍ୟାପ୍ତଶୀଳ ଠିକ୍ ସେମିତି ବ୍ରହ୍ମାଣ୍ଡ ବ୍ୟାପ୍ତ ହୋଇପାରେ। ସେହିଭଳି ସଂସ୍କୃତି ମଧ୍ୟ ଅତ୍ୟଧିକ ସମାବେଶୀ ହୋଇପାରେ।

ଶିବ ପୁରାଣରେ ଉଲ୍ଲେଖ ଅଛି, ଦକ୍ଷର ମସ୍ତକ ଛେଦନ କରିଥିଲେ ମହାଦେବ। ଦକ୍ଷଙ୍କ ସଂସ୍କୃତି ଶିବଙ୍କଠାରୁ ଦୂରେଇ ଯାଇଥିଲା। ତାଙ୍କ ସ୍ୱାଭାବିକ ବ୍ୟବହାର ସହ ଶିବ ଏକମତ ନ ଥିଲେ। ଏଣୁ ଶିବ ଦକ୍ଷଙ୍କ ମସ୍ତକ ଛିନ୍ନ କରି ଛେଳି ମୁଣ୍ଡ ଲଗାଇ ତାଙ୍କ ମାନବତା କ୍ଷୟ ହୋଇଥିବା ସ୍ମରଣ କରାଇ ଦେଇଥିଲେ। ଶିବ ବି ଅର୍ଦ୍ଧନାରୀଶ୍ୱର ଭାବେ ଦୃଶ୍ୟମାନ ହୋଇଥାନ୍ତି। ମଥୁରାରେ ସେ ଗୋପେଶ୍ୱର ଭାବେ ପୂଜିତ। ସେ କୃଷ୍ଣଙ୍କ ସହ ନୃତ୍ୟ କରିବା ଲାଗି ଗୋପୀ ସାଜିଛନ୍ତି। ନାଥଦ୍ୱାରରେ କୃଷ୍ଣ ଶାଢି ପିନ୍ଧି ନାରୀ ବେଶରେ ବିରାଜିତ । ଏହି ସବୁ ମୂର୍ତ୍ତି ଓ ପରମ୍ପରାକୁ ଅଲିଙ୍ଗିକ ଭକ୍ତିର ରୂପାନ୍ତରଣ କିମ୍ବା ବିବିଧ ଲିଙ୍ଗର ପରୋକ୍ଷ ସ୍ୱୀକୃତି ଭାବେ ଦେଖାଯାଏ। ଏହା ହିଁ ଭକ୍ତଙ୍କ ଦର୍ଶନ ଓ ଏହା ଉପରେ ଗଭୀର ନିରୀକ୍ଷଣ ନିର୍ଭର କରେ । ଆମ ମନ କେତେ ବ୍ୟାପ୍ତ ବା ପ୍ରଶସ୍ତ ତାହା ଉପରେ ହିଁ ଦର୍ଶନ ନିର୍ଭର କରେ।

ମନ ଯେତେବେଳେ ବ୍ୟାପ୍ତ ହୁଏ, ସେତେବେଳେ ଆମେ ବ୍ରାହ୍ମଣ (ସସୀମ ମନ କିମ୍ବା ଅନ୍ୱେଷୀ ମନ)ରୁ ବ୍ରହ୍ମ (ଅସୀମ ମନ କିମ୍ବା ମୋକ୍ଷ ମନ) ଆଡ଼କୁ ଯାଉ। ସେତେବେଳେ ଆମେ ସୃଷ୍ଟି କରିଥିବା ସମାଜ କମ୍ ଅସ୍ୱୀକାର କରିବା ନିର୍ଣ୍ଣୟ ନେବା ସହ ଅଧିକ ସ୍ନେହପୂର୍ଣ୍ଣ ଓ ଅଧିକ ଅନୁକୂଳ ହୋଇଯାଏ। ଏହା ହିଁ ହେଉଛି ଉପନିଷଦ ବିଚାରଧାରାର ସାରତତ୍ତ୍ୱ। ତେବେ ଆମେ ଆଧୁନିକ ଭାରତୀୟମାନେ ଆମ ମନକୁ ବ୍ୟାପ୍ତ କରିବା ଲାଗି ପ୍ରସ୍ତୁତ କି? ରାମ ଯେଭଳି ହିଞ୍ଜଡାମାନଙ୍କୁ ସାଦରେ ଗ୍ରହଣ କରିନେଇଥିଲେ ଆମେ ସେଭଳି କରିପାରିବା କି? ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି ମନେକରାଯାଉଥିବା ଏମାନଙ୍କୁ ଆମ ଅଯୋଧ୍ୟାରେ ପ୍ରବେଶ କରାଇପାରିବା କି? ଏହା ହେଲେ ଅସଲି ରାମରାଜ୍ୟ ପ୍ରତିଷ୍ଠା ହୋଇପାରିବ। ଏହା ଉଦାରତାର କଥା ନହେଁ, ବରଂ ଏହା ହିଁ ମାନବତାର ବିଷୟ।

–devduttofficial@gmail.com

## ଏଇ ଭାରତରେ

ବର୍ଜ୍ୟରୁ ବହୁ ସମୟରେ ଏମିତି ଜିନିଷ ତିଆରି ହେଉଛି ଯାହା ସମ୍ପର୍କରେ ଆପଣ କେବେ ବି ଚିନ୍ତା କରିପାରି ନ ଥିବେ। ଏଇ ଯେମିତି ମୁମ୍ବାଇର ଏଣ୍ଟ୍ରିପ୍ରିନ୍ୟୁଓର ଅନିଶ ମାଲପାନି ଚିପ୍ ପ୍ୟାଟେକୁ ରିସାଇକେଲ କରି ସେଥିରୁ ସନ୍‌ଗ୍ଲାସ ତିଆରି କରୁଛନ୍ତି। ଏଭଳି ସନ୍‌ଗ୍ଲାସ ତିଆରି କରିବାରେ ସେ ହେଉଛନ୍ତି ବିଶ୍ୱର ସର୍ବପ୍ରଥମ ବ୍ୟକ୍ତି। ଏହି ସନ୍‌ଗ୍ଲାସ ତିଆରି ହେଉଛି ଅନିଶ 'ଅକ୍ଷୟ' ସୋସିଆଲ ଏଣ୍ଟରପ୍ରାଇଜ୍ ଦ୍ୱାରା। ସବୁଠୁ ବଡ଼ କଥା ହେଉଛି ଏଥିରୁ ଯାହା ରୋଜଗାର କରିବେ ତାହାର ୧୦ ପ୍ରତିଶତ ବର୍ଜ୍ୟ ଗୋଟାଳିଙ୍କ ପିଲାଙ୍କ ପଢ଼ା ପାଇଁ ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ପ୍ରଥମତଃ ବର୍ଜ୍ୟର ଉପଯୋଗ କରିବା ସହ ଗରିବ ପିଲାଙ୍କୁ ତାଙ୍କ ରୋଜଗାରରେ ମାଗଣା ଶିକ୍ଷା ଦେବା ଲାଗି ଲକ୍ଷ୍ୟ ରଖିଥିବା ଅନିଶ ତାଙ୍କ ପାଇଲଟ ପ୍ରୋଜେକ୍ଟ ସମ୍ପର୍କରେ ଟୁଇଟରରେ ଘୋଷଣା କରିବାର ମାତ୍ର ୪ ଦିନ ମଧ୍ୟରେ ସେ ୫୦୦ ଅର୍ଡର ପାଇସାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୬ ମାର୍ଚ୍ଚ ୧୯୯୮

- ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କ ଦ୍ୱାରା ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଭାଜପା ନେତା ଅଟଳ ବିହାରୀ ବାଜପେୟୀ ନିଯୁକ୍ତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶାସନ ବିଧାୟକ ପରିଷଦର ସଦସ୍ୟା, ସର୍ବୋଦୟ ନେତ୍ରୀ ତଥା ସଂସ୍କାରକ ମାଳତୀ ଚୌଧୁରୀଙ୍କ ୯୪ ବର୍ଷ ବୟସରେ ପରଲୋକ।
- କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲୁସି)ର ଅଧ୍ୟକ୍ଷ ଭାବେ ସୋନିଆ ଗାନ୍ଧୀ ନିଯୁକ୍ତ।
- ତୁର୍କୀର ସାମରିକ ବାହିନୀ ପୂର୍ବାଞ୍ଚଳ ଏବଂ ଦକ୍ଷିଣ ପୂର୍ବାଞ୍ଚଳ ତୁର୍କୀରେ ଏକ ବଡ଼ ଧରଣର ଅଭିଯାନ ଚଳାଇ ବେଆଇନ ଘୋଷିତ କୁର୍ଦ୍ଦିଶ ୱାର୍କର୍ସ ପାର୍ଟିର ୩୮ ଜଣ ସଦସ୍ୟଙ୍କୁ ହତ୍ୟା କରିଛନ୍ତି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | 2 | 9 | | | 1 | |
| | 4 | | | 8 | | 2 | | |
| 3 | | | | | | | | |
| | | | 6 | 2 | | | | |
| | 5 | | | | | | 7 | |
| 8 | | | | | | 4 | | 9 |
| | | 7 | 4 | | | 1 | | |
| | | 6 | 1 | | 2 | 8 | | |
| | | 5 | | | 6 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 9 | 6 | 3 | 7 | 8 | 1 | 4 |
| 1 | 6 | 7 | 4 | 8 | 2 | 9 | 3 | 5 |
| 8 | 4 | 3 | 9 | 1 | 5 | 7 | 2 | 6 |
| 9 | 2 | 8 | 3 | 5 | 6 | 4 | 7 | 1 |
| 7 | 1 | 4 | 8 | 2 | 9 | 5 | 6 | 3 |
| 5 | 3 | 6 | 7 | 4 | 1 | 2 | 9 | 8 |
| 4 | 9 | 2 | 1 | 6 | 8 | 3 | 5 | 7 |
| 3 | 7 | 1 | 5 | 9 | 4 | 6 | 8 | 2 |
| 6 | 8 | 5 | 2 | 7 | 3 | 1 | 4 | 9 |

ଗତକାଲିର ଉତ୍ତର

# ମୁଣ୍ଡପିଛା ଆୟରେ ଭାରତ କେଉଁଠି



ଡ. ସନ୍ତୋଷ କୁମାର ମହାପାତ୍ର

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରଚାର କରାଯାଉଛି ଗତ ୮ ବର୍ଷରେ ମୁଣ୍ଡପିଛା ଆୟ ଦୁଇଗୁଣା ବୃଦ୍ଧି ପାଇଛି। କିନ୍ତୁ ସରକାର କହୁନାହାନ୍ତି ଯେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଘଟିଛି କି ନାହିଁ ? ମୁଣ୍ଡପିଛା ଜିଡିପି ଦୃଷ୍ଟିରୁ ବିଶ୍ୱରେ ଭାରତର ସ୍ଥାନ କେଉଁଠି? ଉପା ସରକାରଙ୍କ ଶେଷ ୮ ବର୍ଷରେ ଏହା ଆହୁରି ଅଧିକ ହାରରେ ବୃଦ୍ଧି ପାଇଥିଲା ବୋଲି ମଧ୍ୟ କୁହାଯାଉ ନାହିଁ। ନାମାଙ୍କନ ମୂଲ୍ୟରେ ଏମିତି ସବୁ ଦେଶ ଓ ରାଜ୍ୟରେ ମଧ୍ୟ ବୃଦ୍ଧି ପାଉଛି। ୨୦୧୪–୧୫ରେ ଭାରତର ମୁଣ୍ଡପିଛା ଜାତୀୟ ଆୟ (ବର୍ତ୍ତମାନର ମୂଲ୍ୟରେ)୮୬, ୬୪୭ ଟଙ୍କା ଥିଲା। ଏହା ୨୦୨୨–୨୩ରେ ୧, ୭୨, ୦୦୦ ଟଙ୍କା ହୋଇଛି। ଅର୍ଥାତ ବର୍ତ୍ତମାନର ଭାଜପା ସରକାର ଅମଳରେ ୯୮.୫ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ମୁଣ୍ଡପିଛା ଜାତୀୟ ଆୟ ୨୦୦୬–୦୭ରେ ୩୩, ୭୧୭ ଟଙ୍କା ଥିଲାବେଳେ ୨୦୧୪–୧୫ରେ ୮୬, ୬୪୭ ଟଙ୍କା ଥିଲା। ଅର୍ଥାତ ଉପା ସରକାରଙ୍କ ଶେଷ ୮ ବର୍ଷରେ ଏହା ୧୫୭ ପ୍ରତିଶତ ବୃଦ୍ଧି ପାଇଛି। ଏସବୁ ବୃଦ୍ଧି ଅଧିକ ହେବାର କାରଣ ହେଲା ଏହା ନାମାଙ୍କନ ବା କରେଣ୍ଟ ପ୍ରାଇସ୍‌ରେ ଆକଳନ ହୋଇଛି। ଯାହା ମୁଦ୍ରାସ୍ଫୀତିକୁ ବିଚାରକୁ ନିଏନାହିଁ।

ଉଲ୍ଲେଖଯୋଗ୍ୟ ଯେ ମୁଦ୍ରାସ୍ଫୀତି ଯୋଗୁ ବାସ୍ତବ ମୂଲ୍ୟ ହ୍ରାସ ପାଇଥାଏ, କ୍ରୟ ଶକ୍ତି ହ୍ରାସ ପାଇଥାଏ। ଉଦାହରଣ ସ୍ୱରୂପ ୧୦୦୦ ଟଙ୍କାରେ ଆଜି ଯେତିକି ଜିନିଷ ଜଣେ କିଣିପାରିବ, ସେତିକି ଜିନିଷ ଜଣେ ବର୍ଷେ ପରେ କିଣିବାକୁ ହେଲେ ୧୦୦୦ ଟଙ୍କାରୁ ଅଧିକ ଅର୍ଥ ଆବଶ୍ୟକ ପଡ଼ିବ। ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ବା କନ୍‌ଷ୍ଟାଣ୍ଟ ପ୍ରାଇସ୍‌ରେ (୨୦୧୧–୧୨) ବିଚାର କଲେ ଏହା ୨୦୧୪–୧୫ରେ ୭୨,୮୦୫ ଟଙ୍କା ଥିଲାବେଳେ ୨୦୨୨–୨୩ରେ ୯୮,୧୧୮ ଟଙ୍କାକୁ ବୃଦ୍ଧି ପାଇଥିଲା। ଅର୍ଥାତ୍ ଉପା ସରକାରଙ୍କ ଶେଷ ୮ ବର୍ଷରେ ଏହା ୪୨ପ୍ରତିଶତ ବୃଦ୍ଧି ପାଇଲା ବେଳେ, ବର୍ତ୍ତମାନର ଭାଜପା ସରକାରଙ୍କ ୮ ବର୍ଷରେ ମାତ୍ର ୩୫ପ୍ରତିଶତ ବୃଦ୍ଧି ପାଇଛି। ପୁନଶ୍ଚ ଦେଶର ମୋଟ ଜାତୀୟ ଆୟକୁ ମୋଟ ଜନସଂଖ୍ୟାରେ ବିଭାଜନ କଲେ ମୁଣ୍ଡପିଛା ଆୟ ଜଣାପଡିଥାଏ। ଯଦି କିଛି ନିର୍ଦ୍ଦିଷ୍ଟ ଧନୀ ଲୋକଙ୍କ ଆୟ ଅହେତୁକ ବୃଦ୍ଧି ପାଏ, ତେବେ ମୁଣ୍ଡପିଛା ଆୟ ମଧ୍ୟ ଆପେ ଆପେ ବୃଦ୍ଧି ପାଇବ। ଯେପରି ଭାରତରେ ଧନୀ ୧ ପ୍ରତିଶତ ଲୋକଙ୍କ ହାତରେ ମୋଟ ଜାତୀୟ ସମ୍ପଦର ୪୦ପ୍ରତିଶତରୁ ଊର୍ଦ୍ଧ୍ୱ ରହିଛି। ଏଣୁ ମୁଣ୍ଡପିଛା ଆୟ ବୃଦ୍ଧି ଅର୍ଥ ସବୁ ଲୋକଙ୍କ ଜୀବନ ମାନରେ ଉନ୍ନତି ଘଟିଛି ବୋଲି ଭାବିବା ଭୁଲ୍। ଅତ୍ୟନ୍ତ କ୍ରୁର ସତ୍ୟ ହେଉଛି ମୁଣ୍ଡପିଛା ଆୟ ଦୃଷ୍ଟିରୁ ଭାରତ ବିଶ୍ୱରେ ୧୪୨ ସ୍ଥାନରେ, ଅର୍ଥାତ ୧୪୧ଟି ଦେଶ ତଳେ ରହିଛି। ଏପରିକି ବାଂଲାଦେଶଠାରୁ ପଛରେ। ସେହିପରି ମୁଣ୍ଡପିଛା ଆୟ (କ୍ରୟ ଶକ୍ତି ସମତା) ଦୃଷ୍ଟିରୁ ଭାରତ ବିଶ୍ୱରେ ୧୨୮ ସ୍ଥାନରେ, ଅର୍ଥାତ୍ ୧୨୭ଟି ଦେଶ ତଳେ ରହିଛି।

ନିକଟରେ ପ୍ରକାଶିତ ବିଶ୍ୱ ଜନସଂଖ୍ୟା ରିଭ୍ୟୁ ତଥ୍ୟ ଅନୁଯାୟୀ ମାର୍ଚ୍ଚ ୩ ରେ ଭାରତର ଜନସଂଖ୍ୟା ଚାଇନାକୁ ଅତିକ୍ରମ କରି ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି। ଚାଇନାର ଜନସଂଖ୍ୟା ୧୪୨ କୋଟି ୫୦ ଲକ୍ଷ ହେଲାବେଳେ, ଭାରତର ଜନସଂଖ୍ୟା ୧୪୨ କୋଟି ୮୦ ଲକ୍ଷରେ ପହଞ୍ଚିଛି। ଯେତେବେଳେ ଅଧିକ ଲୋକ କିଣାବିକା କରିବେ, ବ୍ୟୟ କରିବେ, ସ୍ୱାଭାବିକ ଭାବେ ଜିଡିପି ବୃଦ୍ଧି ପାଇବ। ଏଣୁ ଭାରତର ପ୍ରଚୁର ପ୍ରାକୃତିକ ସମ୍ବଳ, ଜନସଂଖ୍ୟାକୁ ବିଚାରକୁ ନେଲେ ଭାରତ ବିଶ୍ୱରେ ସର୍ବ ବୃହତ୍ ଅର୍ଥନୀତି ହେବା କଥା। ଅତିକମ୍‌ରେ କ୍ରୟଶକ୍ତି ସମତା ଦୃଷ୍ଟିରୁ ସର୍ବ ବୃହତ୍ ଅର୍ଥନୀତି ହେବାକଥା। ଦେଶ ଦେଶ ମଧ୍ୟରେ ଜିଡିପି ତୁଳନା କରିବା ପାଇଁ କ୍ରୟଶକ୍ତି ସମତା ଠିକ୍ ମାନଦଣ୍ଡ। ୨୦୦୫ରେ ଭାରତ କ୍ରୟଶକ୍ତି ସମତା ଦୃଷ୍ଟିରୁ ବିଶ୍ୱରେ ୧୦ମ ବୃହତ୍ ଅର୍ଥନୀତି ଥିଲାବେଳେ ୨୦୧୧ରେ ଏହା ୭ଟି ଦେଶକୁ ପଛରେ ପକାଇ ତୃତୀୟ ବୃହତ୍ ଅର୍ଥନୀତି ହୋଇଥିଲା। କିନ୍ତୁ ବର୍ତ୍ତମାନ ସେହି ତୃତୀୟ ସ୍ଥାନରେ ରହିଛି। ଚାଇନା ଆମେରିକାକୁ ପଛରେ ପକାଇ ୧ ନମ୍ବର ସ୍ଥାନ ଅକ୍ତିଆର କରିଛି। କିନ୍ତୁ ନାମାଙ୍କନ ମୂଲ୍ୟରେ ଭାରତ ୨୦୦୫ରେ ୧୨ତମ ବୃହତ୍ ଅର୍ଥନୀତି ଥିଲା। ୨୦୧୪ ବେଳକୁ ଏହା ୧୦ମ ବୃହତ୍ ଅର୍ଥନୀତିର ମାନ୍ୟତା ହାସଲ କରିଥିଲା। ବର୍ତ୍ତମାନ ୫ମ ବୃହତ୍ ଅର୍ଥନୀତିର ମାନ୍ୟତା ହାସଲ କରିଛି। ଏହାର ମୂଳ କାରଣ ନୁହେଁ ଲୋକଙ୍କ ପ୍ରଗତି, ଉନ୍ନତି। ଅଧିକ ଲୋକ ଅଧିକ କ୍ରୟ ବିକ୍ରୟ, ଉପଭୋଗ କରିବା ଯୋଗୁ ହୋଇଛି। ୧୯୮୦ ଦଶକରେ ଚାଇନା ଅର୍ଥନୀତି ଆକାର ଭାରତ ସହିତ ସମାନ ଥିଲା। କିନ୍ତୁ ବର୍ତ୍ତମାନ ଚାଇନା ଅର୍ଥନୀତିର ଆକାର ଭାରତ ଅର୍ଥନୀତିର ପ୍ରାୟ ୫.୫ ଗୁଣ।



ଶାସକ ଶ୍ରେଣୀ ତରଫରୁ କୁହାଯାଉଛି ଅମୃତ କାଳ ଯୋଗୁ ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବ ଏବଂ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପ୍ରଥମ ପ୍ରଶ୍ନ ହେଉଛି କେତେଜଣ ସେତେଦିନ ପର୍ଯ୍ୟନ୍ତ ବଞ୍ଚିଥିବେ। ଭବିଷ୍ୟତରେ ସମସ୍ତେ ମୃତ। ୨୦୧୪ ପରଠାରୁ ଭାରତର ଜିଡିପି ବାର୍ଷିକ ହାରାହାରି ୫.୩୭ ପ୍ରତିଶତ ବୃଦ୍ଧି ପାଇଛି। ଯଦି ଟଙ୍କା ବା ଭାରତୀୟ ମୁଦ୍ରା ଆକାରରେ ବାସ୍ତବ ଜିଡିପି ବୃଦ୍ଧି କଥା ବିଚାର କରାଯାଏ ତେବେ ଅଟଳ ବିହାରୀ ବାଜପେୟୀ (୧୯୯୮–୯୯ରୁ ୨୦୦୩–୦୪)ର ଛଅ ବର୍ଷ ମଧ୍ୟରେ ହାରାହାରି ଅଭିବୃଦ୍ଧି ହାର ୫.୮୯ ପ୍ରତିଶତ ହୋଇଥିଲା ବେଳେ ମନମୋହନ ସିଂଙ୍କ ଶାସନ (୨୦୦୪–୦୫ରୁ ୨୦୧୩–୧୪)୧୦ ବର୍ଷର ମଧ୍ୟରେ ହାରାହାରି ଅଭିବୃଦ୍ଧି ହାର ୬.୮୧ପ୍ରତିଶତ ଥିଲା। ସେହି ଅନୁସାରେ ଆମେ ୨୦୪୭ରେ କେଉଁଠାରେ ଥିବୁ? ଏହି ଅଭିବୃଦ୍ଧି ହାର ବଜାୟ ରଖିଲେ ସେତେବେଳକୁ ମୁଣ୍ଡପିଛା ଆୟ ୮୮୦୦ ଡଲାର ହୋଇଥିବ। ଯାହା ଆଜି ଚାଇନାର ବର୍ତ୍ତମାନ ମୁଣ୍ଡପିଛା ଆୟ ତୁଳନାରେ ୪୦୦୦ ଡଲାର କମ୍ ଏବଂ ଜାପାନର ବର୍ତ୍ତମାନର ମୁଣ୍ଡପିଛା ଆୟର ଏକ–ଚତୁର୍ଥାଂଶରୁ କମ୍ ଏବଂ ଆମେରିକାର ବର୍ତ୍ତମାନର ମୁଣ୍ଡପିଛା ଜିଡିପିର ନଅ ଭାଗରୁ ଏକ ଭାଗ।

ଯଦି ଆମେ ନିଜକୁ ବିକଶିତ ବୋଲି କହିବୁ, ତେବେ ବିକାଶର ସଂଜ୍ଞା ପରିବର୍ତ୍ତନ କରିବାକୁ ପଡ଼ିବ? ଠିକ୍ ଯେମିତି ବର୍ତ୍ତମାନ ମିଥ୍ୟା ବିକାଶର ବିଭିନ୍ନ ସ୍ଲୋଗାନ ଦିଆଯାଉଛି। ଏକ ସରକାର ବା ରାଷ୍ଟ୍ରପାଇଁ କେବଳ ଆର୍ଥିକ ଅଭିବୃଦ୍ଧି ବା ବିଭିନ୍ନ ସାମୂହିକ ସୂଚକାଙ୍କ ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ବ୍ୟକ୍ତିଗତ ଲୋକଙ୍କ ଆର୍ଥିକ ସ୍ଥିତି, ଜୀବନ ଧାରଣର ମାନରେ ଉନ୍ନତି ବହୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ସର୍ବୋପରି ଜୀବନ ଓ ଜୀବିକାର ସୁରକ୍ଷା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ଏକଥା ପ୍ରତି ସରକାରଙ୍କ ଟିକେ ଚିନ୍ତା ନାହିଁ। ପୁନଶ୍ଚ ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଅତ୍ୟନ୍ତ ନିମ୍ନରେ ରହିଛି। ସରକାର ଭୁଲିବା ଅନୁଚିତ ଯେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ସମ୍ପଦ ବଢ଼ିଲେ ଦେଶର ଜିଡିପି ମଧ୍ୟ ବୃଦ୍ଧି ପାଇବ, ଯାହା ଆମ ଦେଶରେ ଘଟୁଛି। ଅଧିକ ଜିଡିପି ବୃଦ୍ଧି ଅର୍ଥ ଅଧିକ ପ୍ରାକୃତିକ, ଖଣିଜ ସମ୍ପଦର ବିନିଯୋଗ, ଯାହା ଅସରନ୍ତି ନୁହେଁ ଏବଂ ଦିନେ ନା ଦିନେ ସରିଯିବ। ତା'ପରେ ଭବିଷ୍ୟତ ବଂଶଧର ଆମକୁ କ୍ଷମା ଦେବେ ତ? ଏଥିପାଇଁ ସବୁଜ ଜିଡିପି ଓ ସବୁଜ ଜୀବନ ଶୈଳୀ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

ମୋ:୯୪୩୭୨୦୮୭୬୨

# ଉପକୂଳରେ ନୂଆ ସଙ୍କଟ



ବିପିନ ବିହାରୀ ରାଉତ

ନଦୀ ନାଳ ଦ୍ୱାରା ସମୁଦ୍ରକୁ ବିଭିନ୍ନ ପ୍ରକାର ପଥର, ଗୋଡ଼ି, ପଙ୍କ ପ୍ରବାହିତ ହୋଇ ଆସେ। ସମୁଦ୍ରକୁ ପାଣି ଯାଉଥିବା ବେଳେ ଏ ସବୁ କଠିନ ପଦାର୍ଥ ସମୁଦ୍ର ଢେଉରେ ଭାସି ଆସି କୂଳରେ ସମାନ ଭାବେ ଜମା ହୁଏ। ଏହି କଠିନ ପ୍ରାକୃତିକ ବର୍ଜ୍ୟ ଉପକୂଳରେ ଏକ ପ୍ରାକୃତିକ ସୁରକ୍ଷା ପାଚେରି ତିଆରି କରିଥାଏ। କିନ୍ତୁ କିଛିବର୍ଷ ହେଲା ସମୁଦ୍ର କୂଳରେ ନିର୍ମାଣ ଓ ନଦୀର ଉପରମୁଣ୍ଡରେ ଜଳକୁ ଅବରୋଧ କରିବା ଦ୍ୱାରା ଏ ବ୍ୟବସ୍ଥା ପ୍ରଭାବିତ ହୋଇଛି। ନଦୀ ନାଳରେ ଠିକ୍ ସମୟରେ ପାଣି ଆସୁନାହିଁ, ଫଳରେ ପ୍ରାକୃତିକ କଠିନ ବର୍ଜ୍ୟ ମଧ୍ୟ ଆବଶ୍ୟକ ପରିମାଣରେ ଆସୁନାହିଁ। ଏହାଛଡ଼ା ସମୁଦ୍ର କୂଳରେ ବିଭିନ୍ନ ନିର୍ମାଣ କାମ ପାଇଁ କଠିନ ବର୍ଜ୍ୟ ସମତୁଲ ଭାବେ ସମୁଦ୍ର କୂଳରେ ଜମା ହୋଇପାରୁ ନ ଥିବାରୁ କେଉଁଠି ଅତ୍ୟଧିକ ଜମା ହୋଇ ରହୁଛି ତ ଆଉ କେଉଁଠି ଢେଉ କୂଳ ଖାଉଛି, ଯାହା ଉପକୂଳ ସୁରକ୍ଷା ପାଇଁ ସଙ୍କଟ ସୃଷ୍ଟି କରୁଛି। ନେଦରଲାଣ୍ଡର ପରିବେଶ ବିଜ୍ଞାନ ସମ୍ପର୍କିତ ପ୍ରତିଷ୍ଠିତ ସାଇନ୍ସ ଅଫ ଦି ଟୋଟାଲ ଏନଭାଇରନମେଣ୍ଟ ପତ୍ରିକାରେ ଏହା ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଅବକ୍ଷୟର ହଟ୍‌ସ୍ପଟ୍ ଚିହ୍ନଟ ହୋଇଛି। ବଡ଼ କଥା ହେଉଛି ଯେ ଏହି ପ୍ରକ୍ରିୟା ମଧ୍ୟରେ ନଦୀଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ଯାହାର ପ୍ରଭାବ ସ୍ୱରୂପ କିଛି ମାସ ପୂର୍ବେ ଋଷିକୁଲ୍ୟା ନଦୀରେ ଏକ ନୂଆ ମୁହାଣ ସୃଷ୍ଟି ହୋଇ ସାରିଛି। ଗବେଷଣାରେ କୁହାଯାଇଛି ଯେ ମହାନଦୀ ଉପରମୁଣ୍ଡ ସହିତ ରାଜ୍ୟର ବିଭିନ୍ନ ନଦୀ ଉପରମୁଣ୍ଡରେ ଡ୍ୟାମ୍ ଓ ଅନ୍ୟ କାର୍ଯ୍ୟ ପାଇଁ ସମୁଦ୍ରକୁ ପାଣି ଆସିବା କମ୍ ହୋଇଯାଉଛି। ଏହାଦ୍ୱାରା ଗତ ୨୦–୩୦ ବର୍ଷ ମଧ୍ୟରେ ସମୁଦ୍ରକୁ ପାଣି ଓ ସେଡିମେଣ୍ଟ ଆସିବା ମଧ୍ୟ କମ୍ ହୋଇଯାଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସମୁଦ୍ର ଉପକୂଳ ଅବକ୍ଷୟ ହେବାରେ ଲାଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ରିସର୍ଚ୍ଚରେ ସାମିଲ ଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ଜିଓଗ୍ରାଫି ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ଏଥିରେ ମୁଖ୍ୟତଃ ବନ୍ଦର ଅଞ୍ଚଳଗୁଡ଼ିକ ଅଧିକ ପ୍ରଭାବିତ ହେଉଛି। ରାଜ୍ୟରେ ଥିବା ୩ଟି ବନ୍ଦର ମଧ୍ୟରୁ ବର୍ତ୍ତମାନ ପାରାଦୀପ ଓ ଗୋପାଳପୁର ବନ୍ଦରରେ ଏହାର ପ୍ରଭାବ ଦେଖାଯାଇଛି। ସେ କହିଛନ୍ତି, ବନ୍ଦର ନିର୍ମାଣ ପାଇଁ ପ୍ରଥମେ ସମୁଦ୍ର ଢେଉର ପ୍ରତିକାର ପାଇଁ ଏକ ଲମ୍ବା କଂକ୍ରିଟ ଭି (ଷ୍ଟ୍ରକ୍ଚର) ନିର୍ମାଣ କରାଯାଉଛି। ଏହି ଲମ୍ବା ଭି ସମୁଦ୍ର ଢେଉକୁ ପ୍ରତିରୋଧ କରୁଛି। ଏହି ଲମ୍ବା ଭି ଯୋଗୁ ଯେଉଁ ସେଡିମେଣ୍ଟଗୁଡ଼ିକ ସମାନ ଭାବେ ବାଣ୍ଟି ହୋଇଯିବା କଥା ଏହି ଷ୍ଟ୍ରକ୍ଚର ଯୋଗୁ ସେହି ସ୍ଥାନରେ ଏହା ଉପକୂଳକୁ ଆସିପାରୁନାହିଁ। ତେବେ ଯେଉଁ ସ୍ଥାନରେ ଏହି ବାଧା ସୃଷ୍ଟି ହେଉଛି, ଏହାର ଦକ୍ଷିଣ ଦିଗରେ ଏହି ସମସ୍ତ ସେଡିମେଣ୍ଟ ଗଦା ହେଉଛି। ମାତ୍ର ଏହାର ଉତ୍ତର ଦିଗରେ ବ୍ୟାପକ ଭାବେ ସମୁଦ୍ର ଅବକ୍ଷୟ ହେବାରେ ଲାଗିଛି ବୋଲି ଜଣାପଡ଼ିଛି। ଯାହାର ଉଦାହରଣ ସ୍ୱରୂପ ପାରାଦୀପର ଉତ୍ତର ଅର୍ଥାତ୍ ସାତଭାୟାରେ ସମୁଦ୍ର କୂଳ ଲଙ୍ଘିବା ସହିତ ଏଠାରେ ଅବକ୍ଷୟ ହୋଇଚାଲିଛି। ସମାନ ଭାବେ ଗୋପାଳପୁର ବନ୍ଦରର ଦକ୍ଷିଣ ଅର୍ଥାତ୍ ଟୁରିଷ୍ଟ ବିଚ୍ ନିକଟସ୍ଥ ଅଞ୍ଚଳରେ ସେଡିମେଣ୍ଟ ଗଦା ହୋଇ ଚାଲିଥିବାବେଳେ ବନ୍ଦରର ଉତ୍ତର ଭାଗ ଅର୍ଥାତ୍ ପୋଡମପେଟାରେ କୂଳ ଅବକ୍ଷୟ ହେଉଛି। ଏହି ଅବକ୍ଷୟ ଫଳରେ ଯେଉଁ ସେଡିମେଣ୍ଟସବୁ ସମୁଦ୍ରକୁ ଆସୁଛି ତାହା ବର୍ତ୍ତମାନ ଋଷିକୁଲ୍ୟା ମୁହାଣ ନିକଟରେ ଗଦା ହେଉଛି। ଯାହାଫଳରେ ଏହି ମୁହାଣରୁ ସମୁଦ୍ରକୁ ଠିକ୍ ଭାବେ ପାଣି ଆସି ନ ପାରି ଋଷିକୁଲ୍ୟାରେ ଆଉ ଏକ ମୁହାଣ ଖୋଲିଛି ଓ ସେଠାରୁ ସମୁଦ୍ରକୁ ପାଣି ପ୍ରବେଶ କରୁଛି।

ତେଣୁ ରାଜ୍ୟର ଯେକୌଣସି ସ୍ଥାନର ବନ୍ଦର କିମ୍ବା ଅନ୍ୟ କୌଣସି ଭିତ୍ତିଭୂମି ବିକାଶ ପାଇଁ ଚିନ୍ତା କରାଗଲେ ସରକାର ଆଖପାଖ ଗାଁ ଓ ଅନ୍ୟ ଦିଗ ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ଦୁଇଟି ବନ୍ଦର ପାଇଁ ସମସ୍ୟା ସୃଷ୍ଟି ହୋଇ ସାରିଥିବା ବେଳେ ଧାମରାରେ ଏହି ସମସ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ଦେଖାଯାଇ ନାହିଁ। ଧାମରା ବନ୍ଦର ପାଇଁ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପ ବରଦାନ ସାବ୍ୟସ୍ତ ହୋଇଛି। ପ୍ରାକୃତିକ ଉପାୟରେ ସମୁଦ୍ର ଲହଡି ଦ୍ୱୀପରେ ମାଡ଼ ହେଉଥିବାରୁ ବନ୍ଦର ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉ ନ ଥିବା ଏହି ରିପୋର୍ଟରେ କୁହାଯାଇଛି। ଅନ୍ୟପଟେ ଯେଉଁ ସ୍ଥାନଗୁଡ଼ିକରେ ଅବକ୍ଷୟ ହେଉଛି, ସେଠାରେ ବାରମ୍ବାର ବାଲି ଫିଲିଂ ହେବାର ଆବଶ୍ୟକତା ରହିଛି। ଆମେ ସମସ୍ତେ ସଚେତନ ହୋଇ ପରିବେଶକୁ ଭଲ ପାଇବା ଅତ୍ୟନ୍ତ ଜରୁରୀ।

**ଶ୍ରୀବିହାର କଲୋନୀ, କଟକ**
**ମୋ–୯୪୩୭୬୬୬୪୫୩**

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲାକୁକୁର ପ୍ରତି ସାବଧାନ

ମହାଶୟ,

ଘରର ସୁରକ୍ଷା ପାଇଁ କୁକୁର ପାଳନ କରାଯାଏ। ମାତ୍ର କୁକୁର ପାଳିବା ନାମରେ ମଝିରାସ୍ତାରେ ମଳତ୍ୟାଗ କରାଇବା କେଉଁ ସଭ୍ୟ ମଣିଷର ସଦାଚାର। ଖାଲି ରେଜିଷ୍ଟ୍ରେଶନ ଓ ଟିକାକରଣ ନୁହେଁ, କୁକୁର ପାଳନ କ୍ଷେତ୍ରରେ ଗୃହମାଲିକଙ୍କ ସ୍ୱତନ୍ତ୍ର ନିୟମାବଳୀ ପର୍ଯ୍ୟାୟଭୁକ୍ତ କରାଯାଉ। କାହାର କୁକୁର ପାଳନ ଦ୍ୱାରା ସର୍ବସାଧାରଣ କ୍ଷତିଗ୍ରସ୍ତ ହୁଅନ୍ତୁ ନାହିଁ। ବୁଲା କୁକୁରଙ୍କ ଉତ୍ପାତ ସବୁ ସହରଠାରୁ ଅଧିକ ଭୁବନେଶ୍ୱରରେ। ଗୋଟିଏ ଲେନ୍ ଅତିକ୍ରମ କଲେ ୪୦ରୁ ୫୦ କୁକୁର ଅତିକ୍ରମ କରିବାକୁ ପଡ଼େ। ବୟସ୍କ ନାଗରିକ, ସ୍କୁଲ ପିଲା, ଅକର୍ମଣ୍ୟ ମଣିଷ, କାମ କରିବାକୁ ଯାଉଥିବା ଦିନମଜୁରିଆ ପ୍ରତିଦିନ କେଉଁଠି ନା କେଉଁଠି ବୁଲାକୁକୁର ଆକ୍ରମଣର ଶିକାର ହେଉଛନ୍ତି। ବୁଲା କୁକୁରଙ୍କୁ ନିୟନ୍ତ୍ରଣ କରିବା ବଡ଼ କଷ୍ଟସାଧ୍ୟ। ବିଏମ୍‌ସି ବୁଲା କୁକୁରଙ୍କ ଉତ୍ପାତରୁ ରାସ୍ତାକୁ ବିପଦମୁକ୍ତ କରୁ। ଖରାଦିନେ କୁକୁରମାନେ ରାସ୍ତାରେ ଉତ୍ପାତ ସୃଷ୍ଟି କରିବେ। ହାଇଦ୍ରାବାଦ ଓ ଦିଲ୍ଲୀରେଘଟିଥିବା କୁକୁର ଆକ୍ରମଣ ଦୁର୍ଘଟଣା ପରି ଓଡ଼ିଶାର ଛୋଟପିଲା ବି ମୃତ୍ୟୁମୁଖକୁ ଠେଲି ହୋଇଯିବେ। ବେଳ ହୁଁ ବିଏମ୍‌ସି ସାବଧାନ ହେଉ।

**–ବ୍ରଜକିଶୋର ଦାଶ, ସତ୍ୟନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଯୁଗ ଯୁଗ ଧରି କବି ଗଦା ଗଦା
ଲେଖିଲେ କବିତା ପୀରତି ଘେନି
କାବ୍ୟର ରୂପ ବିଷୟ ବିଚାର
କେବଳ ରମଣୀ ପୁରୁଷ ବେନି।

–(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫.୦୩.୨୦୨୩

| ୪,୦୭,୦୩୪ ଟଙ୍କା | |
|---|---|
| ସୁନା | ୧.୭୦୦ ଗ୍ରାମ |
| ରୁପା | ୧୦.୫୦୦ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୩ଟା।
- ୧୯ତମ ରାଜ୍ୟସ୍ତରୀୟ ପଞ୍ଚମବେଦ ନାଟକ ମହୋତ୍ସବ ଓ ପଞ୍ଚମବେଦ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

## ସଂକ୍ଷେପରେ

### କାଠଯୋଡ଼ିରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ ଅଫିସ,୧୫।୩:** ଲାଲବାଗ ଥାନା ଅନ୍ତର୍ଗତ ଗଣେଶଘାଟ ନିକଟ କାଠଯୋଡ଼ି ନଦୀବାଲିରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଶଗଡ଼ିଆସାହିର ଅନିଲ କୁମାର ବେହେରା(୩୪)। ଏନେଇ ଅନିଲଙ୍କ ମାଆ କୁମୁଦିନୀ ବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅନିଲ ଘରୁ ଆସି ଆଉ ଫେରି ନ ଥିଲେ। ସେ କାଠଯୋଡ଼ି ନଦୀ ବାଲିରେ ପଡ଼ିଥିବା ତାଙ୍କ ପରିବାର ଲୋକେ ଖବର ପାଇଥିଲେ। ଅପରାହ୍ନ ପ୍ରାୟ ସାଢେ ୫ଟାରେ ପହଞ୍ଚି ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିବା ଜଣାପଡିଛି।

# ଶ୍ରୀମନ୍ଦିର ବ୍ୟାରିକେଡ୍‌ରେ ଠେଲାପେଲା

**ପୁରୀ ଅଫିସ, ୧୫।୩**

ଶ୍ରୀମନ୍ଦିରରେ ବୁଧବାର ପ୍ରବଳ ଭିଡ଼ ଯୋଗୁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଠେଲାପେଲାରେ ଜଣେ ମହିଳା ତଳେ ପଡ଼ିଯାଇ ଆହତ ହୋଇଥିବାବେଳେ କେତେଜଣ ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ପଶ୍ଚିମଦ୍ୱାର ନିକଟ ବ୍ୟାରିକେଡ୍ ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ଏକକାଳୀନ ପ୍ରବେଶ କରିବା ପାଇଁ ଚେଷ୍ଟା କରୁଥିବାବେଳେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ବିଶେଷ ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, କୋଭିଡ୍ ପରଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ଦେଇ ଭକ୍ତ ପ୍ରବେଶ କରୁଥିବାବେଳେ ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ବୁଧବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ପୂର୍ବ ଓ ପଶ୍ଚିମ ଦ୍ୱାର ସମ୍ମୁଖରେ ପ୍ରବଳ ଗହଳି ହୋଇଥିଲା। ସକାଳେ ମଙ୍ଗଳ ଆଳତି ସମୟରେ ଭିଡ଼ ଥିବାବେଳେ ଭକ୍ତମାନେ ଏକସଙ୍ଗେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏହି ସମୟରେ ଜଣେ ମହିଳା ଭକ୍ତ ତଳେ ପଡ଼ିଯିବାରୁ ଆହତ ହୋଇଥିଲେ। ତେବେ ସେଠାରେ ଉପସ୍ଥିତ ଅନ୍ୟ ଭକ୍ତ ଏବଂ ଜେଟିପି ସଙ୍ଗେସଙ୍ଗେ ତାଙ୍କୁ ତଳୁ ଉଠାଇଥିଲେ। ସେହିପରି ଭିଡ଼ରେ ଚାପିହୋଇ କେତେଜଣ ଭକ୍ତ ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ତେବେ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡ଼ିଛି। ଭିଡ଼ ନିୟନ୍ତ୍ରଣ କ୍ଷେତ୍ରରେ ପ୍ରଶାସନ ଓ ପୋଲିସ ବିଫଳ ହେଉଥିବା ଅନେକ ଭକ୍ତ କହିଛନ୍ତି। ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଏସ୍‌ପି କନୱର ବିଶାଲ ସିଂ ଖଣ୍ଡନ କରିବା ସହ ଗୁଜବରେ ବିଶ୍ୱାସ ନ କରିବାକୁ କହିଛନ୍ତି। ଏସ୍‌ପି କହିଛନ୍ତି, ବୁଧବାର ଶ୍ରୀମନ୍ଦିରରେ ଠେଲାପେଲା ବା ଦଳାଚକଟା ସ୍ଥିତି ହୋଇନାହିଁ। ଅଣନିଃଶ୍ୱାସୀ କିମ୍ବା ଠେଲାପେଲା ପାଇଁ ନୁହେଁ, ବରଂ ମହିଳା ଜଣଙ୍କ ତାଙ୍କର କିଛି ଅସୁବିଧା ପାଇଁ ତଳେ ପଡ଼ିଯାଇଥିଲେ। କେତେଜଣ ଭକ୍ତ ଓ ପୋଲିସ ସହାୟତାରେ ସେ ତଳୁ ଉଠିଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ତେବେ ବ୍ୟାରିକେଡ୍ ମଧ୍ୟରେ ଅତ୍ୟଧିକ ଭକ୍ତ ରହିଥିବାରୁ ଗହଳି ହୋଇଥିଲା। ତେଣୁ ଏପରି ସମସ୍ୟା ଦେଖାଦେଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଭକ୍ତଙ୍କ ସୁବିଧା ଓ ସୁରକ୍ଷା ପାଇଁ ପୋଲିସ ୨୪ ଘଣ୍ଟିଆ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସମସ୍ତ ପ୍ରକାର ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସ ସଜାଗ ଓ ପ୍ରସ୍ତୁତ ରହିଛି। ଉକ୍ତ ଘଟଣା ପ୍ରାୟ ଭୋର ସମୟରେ ଘଟିଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମୟରେ ଦ୍ୱାର ବନ୍ଦ କରାଯାଇଥାଏ ଓ ଆଳତି ସରିବା ପରେ ଦ୍ୱାର ଖୋଲା ଯାଇଥାଏ। ପରେ ଭକ୍ତମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି। ପର୍ଯ୍ୟାୟ କ୍ରମେ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ଛଡ଼ାଯାଇଥାଏ। ବୁଧବାର ମଙ୍ଗଳ ଆଳତି ପାଇଁ ଦ୍ୱାର ବନ୍ଦ ଥିବାବେଳେ ଭକ୍ତମାନେ ବ୍ୟାରିକେଡ ମଧ୍ୟରେ ଠିଆ ହୋଇରହିଥିଲେ। ତେଣୁ ବ୍ୟାରିକେଡ୍‌ରେ ଭିଡ ଅଧିକ ରହିଥିଲା। ସେହି ସମୟରେ ଏପରି ଘଟଣା ଘଟିଛି। ତେବେ ଭକ୍ତଙ୍କ ସୁବିଧା ପାଇଁ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏପରିକି ଭକ୍ତଙ୍କ ନିମନ୍ତେ ମେଡିକାଲ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୋଲିସ ଆବଶ୍ୟକ ପଦକ୍ଷେପ ନେବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।



ତଳେ ପଡ଼ିଥିବା ମହିଳା ଭକ୍ତଙ୍କୁ ଉଦ୍ଧାର କରାଯାଉଛି।

### ତଳେ ପଡ଼ି ମହିଳା ଭକ୍ତ ଆହତ




ଓସ୍କାର ବିଜେତା ବଲିଉଡ୍ ଚଳଚ୍ଚିତ୍ର 'ଆର୍‌ଆର୍‌ଆର୍'ର ଗୀତ 'ନାଟୁନାଟୁ'ରେ ନୃତ୍ୟ ପ୍ରଦର୍ଶନ କରିଥିବା ଅଭିନେତା ରାମଚରଣ ଓ ଜୁନିୟର ଏନ୍‌ଟିଆର୍‌ଙ୍କୁ ଶୁଭେଚ୍ଛା ଜଣାଇ ପୁରୀର ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନ।

## ସୈନ୍ୟ ବାହିନୀ ପ୍ରବେଶିକା ପରୀକ୍ଷା

### ୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଅନଲାଇନ୍ ପଞ୍ଜୀକରଣ

**ଭୁବନେଶ୍ୱର,୧୫।୩(ବ୍ୟୁରୋ)**

୨୦୨୩ ବର୍ଷ ପାଇଁ ସେନା ବାହିନୀରେ ନିଯୁକ୍ତି ନିମନ୍ତେ ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଏଥିପାଇଁ ଫେବ୍ରୁଆରୀ ୧୫ରୁ ଜାରି ରହିଥିବା ଅନଲାଇନ୍ ପଞ୍ଜୀକରଣ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏନେଇ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟ(ଏଆର୍‌ଓ) ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହି ପରୀକ୍ଷା ସଂପର୍କିତ ତଥ୍ୟ www.joinindianarmy.nic.in ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି।

# ୭୦% ସିଟ୍ ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ

### ଏମ୍‌ଏଲ୍‌ୟୁ ସିଣ୍ଡିକେଟ୍ କମିଟି ବୈଠକରେ ନିଷ୍ପତ୍ତି

**କଟକ ଅଫିସ, ୧୫।୩**

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍‌ଏଲ୍‌ୟୁ)ରେ ଅଧ୍ୟୟନ ନିମନ୍ତେ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ପାଇଁ ୭୦% ସିଟ୍ ସଂରକ୍ଷଣ ବ୍ୟବସ୍ଥା କରାଯିବ। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୨୪ଟି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ସୁବିଧା ମିଳିବ। ବାହାର ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ଅବଶିଷ୍ଟ ୩୦% ସିଟ୍ ବ୍ୟବସ୍ଥା କରାଯିବ। ସୁରକ୍ଷା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ ପରିସରରେ ସିସିଟିଭି ବ୍ୟବସ୍ଥା କରାଯିବ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଯାତାୟତ ପାଇଁ କ୍ୟାମ୍ପସରେ ସ୍ୱତନ୍ତ୍ର ର୍ୟାମ୍ପ୍‌ର ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ଅର୍ଥ ମଞ୍ଜୁର ନିମନ୍ତେ ଉଚ୍ଚଶିକ୍ଷା ବିଭାଗକୁ କର୍ତ୍ତୃପକ୍ଷ ଚିଠି ଲେଖିବେ ବୋଲି ବୁଧବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସିଣ୍ଡିକେଟ୍ ବୈଠକରେ ଆଲୋଚନା ହୋଇଛି। କୁଳପତି ପ୍ରଫେସର କମଲଜିତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶ୍ୱବିଦ୍ୟାଳୟର ଉନ୍ନତୀକରଣ ସମ୍ପର୍କରେ ଅନେକ ଯୋଜନା ପ୍ରସ୍ତୁତ କରାଯାଇଛି। ଯୋବ୍ରା କ୍ୟାମ୍ପସରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ନୂତନ ଛାତ୍ରୀ ନିବାସ ନିର୍ମାଣ କରାଯିବ। ଏଥିରେ ଛାତ୍ରୀମାନଙ୍କ ନିମନ୍ତେ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ରହିବ। ପୁରୁଣା କ୍ୟାମ୍ପସ୍‌ରେ ୱାଇଫାଇ ଜୋନ୍ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ସମସ୍ତ ନବନିର୍ମିତ କୋଠାରେ ୱାଇଫାଇ ଲାଗିବ ବୋଲି ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ କୁଳସଚିବ ନିରୁପମା ସ୍ୱାଇଁ, ସିଣ୍ଡିକେଟ ସଭ୍ୟ ଜୟଦେବ ପତି, କାର୍ତ୍ତିକ ଚନ୍ଦ୍ର ଜେନା, ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଏ.ଏସ୍.କେ. ଆଜାଦ୍‌ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଷଡ଼ଯନ୍ତ୍ରକାରୀଙ୍କୁ ସାମ୍ନାକୁ ଅଣାଯାଉ: ଅଞ୍ଜନା

### ବିବନଙ୍କ ବିରୋଧରେ ଶୁଣାଣି ବିଳମ୍ବ କରାଯାଉଥିବା ଅଭିଯୋଗ

**ଭୁବନେଶ୍ୱର,୧୫।୩(ବ୍ୟୁରୋ)**

ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲା ପୁଣି ଥରେ ଚର୍ଚ୍ଚାକୁ ଆସିଛି। ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ଗିରଫ କରାଯିବାର ୨ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ତାଙ୍କ ବିରୋଧରେ ଚାର୍ଜଫ୍ରେମ ହେଉ ନ ଥିବାରୁ ଅଞ୍ଜନା ବୁଧବାର ଅସନ୍ତୋଷ ପ୍ରକାଶ କରିଛନ୍ତି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ପରଦା ପଛରେ ରହି ବିବନଙ୍କୁ ରକ୍ଷା କରିବା ସହ ଶୁଣାଣିକୁ ବିଳମ୍ବିତ କରୁଥିବା ସେ ଅଭିଯୋଗ କରିଛନ୍ତି। ଅଞ୍ଜନା ଗଣମାଧ୍ୟମକୁ କହିଛନ୍ତି, ବିବନଙ୍କୁ ୨୨ ବର୍ଷ ଧରି ଲୁଚେଇ ରଖିଥିବା ଲୋକମାନଙ୍କର ଏଥିରେ ହାତ ରହୁଛି। ସେମାନଙ୍କ ପ୍ରଭାବରେ ଶୁଣାଣି ବିଳମ୍ବିତ ହେଉଛି। ଷଡ଼ଯନ୍ତ୍ରକାରୀଙ୍କୁ ସାମ୍ନାକୁ ଆଣିବା ପାଇଁ ମୁଁ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଥିଲେ ମଧ୍ୟ ତାହା ପହଞ୍ଚି ପାରି ନ ଥିଲା। ସେହି ବ୍ୟକ୍ତିଙ୍କୁ ସିବିଆଇ ସାମ୍ନାକୁ ଆଣୁ ବୋଲି ଅଞ୍ଜନା ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୧୯୯୯ ଜାନୁୟାରୀ ୯ ରାତିରେ ବାରଙ୍ଗ ନିକଟରେ ଅଞ୍ଜନାଙ୍କୁ କାର ଭିତରେ ଗଣବଳାତ୍କାର କରାଯାଇଥିଲା। କଟକ ମହିଳା ଥାନା ପୋଲିସ ଏହି ମାମଲାରେ ସହ ଅଭିଯୁକ୍ତ ପ୍ରଦୀପ ସାହୁଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଦାୟିତ୍ୱ ନେଇ ଅନ୍ୟତମ ଅଭିଯୁକ୍ତ ଧୀରେନ୍ଦ୍ର ମହାନ୍ତିଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହି ମାମଲାର ତଦନ୍ତ ଭାରନେଇଥିଲା। ତେବେ ୧୯୯୯ ଏପ୍ରିଲ ୪ରେ ସିବିଆଇ ପକ୍ଷରୁ ଚାର୍ଜଶିଟ୍ ଦାଖଲ ହୋଇଥିଲା। ୨୦୦୨ ଏପ୍ରିଲ ୨୯ରେ ଖୋର୍ଦ୍ଧା ଜିଲା ଦୌରା ଜଜ୍ ଅଭିଯୁକ୍ତ ମହେନ୍ଦ୍ର ଓ ଧୀରେନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଜା ଶୁଣାଇଥିଲେ। ହେଲେ ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ପୋଲିସକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ। ଏହା ଭିତରେ ଜେଲରେ ଅଭିଯୁକ୍ତ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଦୀର୍ଘ ୨୨ ବର୍ଷ ପରେ ଅର୍ଥାତ୍ ୨୦୨୧ ଫେବୃୟାରୀ ୨୧ରେ କମିଶନରେଟ ପୋଲିସର ଏକ ଟିମ୍ ମହାରାଷ୍ଟ୍ର ଆମ୍ବିଭ୍ୟାଲିରେ ରହୁଥିବା ମୁଖ୍ୟ ଅଭିଯୁକ୍ତ ବିବନଙ୍କୁ ଗିରଫ କରିଥିଲା। ବିବନ ବର୍ତ୍ତମାନ ଝାରପଡ଼ା ଜେଲରେ ବିଚାରଧିନ କଏଦୀ ଭାବେ ଦିନ କାଟୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୋପୀନାଥ



@ ଦେବେନ୍ଦ୍ର



@ ମାନସୀ



@ ପୁପୁନ୍



@ ମୁକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ବୁଧବାର ରାଜ୍ୟସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୧୯ତମ ରାଜ୍ୟସ୍ତରୀୟ ପଞ୍ଚମବେଦ ନାଟକ ମହୋତ୍ସବର ବୁଧବାର ସନ୍ଧ୍ୟାରେ ପରିବେଷିତ ନାଟକ 'ପୁନଶ୍ଚ ଅବୋଲକରା'ର ଏକ ଦୃଶ୍ୟ।





ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗାଡ଼ି ଚଳାଚଳ ନ ହେବାରୁ ଯାତ୍ରୀମାନେ ଅଟକି ରହିଛନ୍ତି।

# ରାଜଧାନୀରେ ଗଡ଼ିଲାନି ବସ୍

## ହଇରାଣ ହେଲେ ଯାତ୍ରୀ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ୧୦ଦଫା ଦାବି ନେଇ ବୁଧବାରଠାରୁ ଆରମ୍ଭ ହୋଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ସାରା ରାଜ୍ୟରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ବିଶେଷକରି ବସ୍‌ଗୁଡ଼ିକ ଚାଲୁ ନ ଥିବାରୁ ଯାତ୍ରୀମାନେ ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଫସି ରହିବା ସହ ହଇରାଣର ସମ୍ମୁଖୀନ ହୋଇଥିଲେ। ଜରୁରୀ କାମରେ ଘରୁ ବାହାରିଥିବା ଲୋକମାନେ କୌଣସି ଉପାୟ ନ ପାଇ ନାହିଁ ନ ଥିବା ସମସ୍ୟାରେ ପଡ଼ିଥିଲେ। ରାଜଧାନୀ ଭୁବନେଶ୍ୱରର ଚଳଚଞ୍ଚଳ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଶହ ଶହ ବସ୍ ଛିଡ଼ା ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲା ତଥା ଅନ୍ୟ ରାଜ୍ୟକୁ ଯିବା ପାଇଁ ଶତାଧିକ ଯାତ୍ରୀ ଷ୍ଟାଣ୍ଡରେ ସକାଳୁ ପହଞ୍ଚିଥିଲେ ମଧ୍ୟ ବସ୍ ଚାଲିବ କି ନାହିଁ କେହି ସ୍ପଷ୍ଟ କରିପାରି ନ ଥିଲେ। ତେଣୁ ଯାତ୍ରୀମାନେ ଷ୍ଟାଣ୍ଡରେ ବହୁ ଘଣ୍ଟା ଅପେକ୍ଷା କରି ହନ୍ତସନ୍ତ ହୋଇଥିଲେ। କେହି କେହି ବସ୍‌ରେ ୨ରୁ ୩ ଘଣ୍ଟା ବସି ରହିଥିଲେ ମଧ୍ୟ ଡ୍ରାଇଭର ନ ଥିବାରୁ ବସ୍ ଗଡ଼ି ନ ଥିଲା। ଦୀର୍ଘସମୟ ଅପେକ୍ଷା କରି ଅନେକ ଯାତ୍ରୀ ବିଶ୍ରାମାଗାରରେ ଶୋଇ ପଡ଼ିଥିଲେ। ଆଉ କିଛି ସରକାରୀ ଗାଡ଼ିରେ ଯାଇଥିଲେ ମଧ୍ୟ ଗନ୍ତବ୍ୟସ୍ଥଳରେ ପହଞ୍ଚି ନ ପାରି ହଟହଟା ହୋଇଥିଲେ।



### ଭୟରେ ୧୮ ନଂ. ରୁଟ୍‌ରେ ଚାଲିଲାନି ମୋ ବସ୍, କର୍ମଚାରୀଙ୍କ ଖଟି ଜମିଲା

ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବରମୁଣ୍ଡା ସର୍ଭିସ ରୋଡ୍ ଓ ଖେଳ ପଡ଼ିଆରେ ୬ରୁ ଅଧିକ ମୋ ବସ୍ ଅଟକି ରହିଥିଲା। ଉକ୍ତ ବସ୍‌ଗୁଡ଼ିକ ୧୮ ନଂ. ରୁଟ୍‌ରେ କଟକ-ଜଗତପୁର ଯିବାର ଥିଲା। ହେଲେ ବସ୍‌ଗୁଡ଼ିକୁ ପାର୍କିଂ କରି ଡ୍ରାଇଭରମାନେ ରାସ୍ତା କଡ଼ରେ ବସି ଖଟି କରିଥିଲେ। ଆମ ପ୍ରତିନିଧି ଡ୍ରାଇଭରମାନଙ୍କୁ ପଚାରିବାରୁ ସେମାନେ କହିଥିଲେ, ଜଗତପୁରରେ ଆନ୍ଦୋଳନକାରୀମାନେ ପୋଲିସ ଉପସ୍ଥିତିରେ ଆମକୁ ଧମକ ଦେଲେ। ଏଠାକୁ ଆଉ ନ ଆସିବାକୁ ଚେତାବନୀ ଦେଇଥିଲେ। ତେଣୁ ଭୟରେ ଆମେ କେହି ଉକ୍ତ ରୁଟ୍‌ରେ ଯାଉନାହୁଁ। ଗାଡ଼ିର କ୍ଷତି ହେଲେ ଆମକୁ ଭରଣା କରିବାକୁ ପଡ଼ିବ। ଯଦି ଆନ୍ଦୋଳନକାରୀମାନେ ଆମର କିଛି କରିବେ ସେନେଇ କିଏ ବୁଝିବ। ଏନେଇ ଅଫିସକୁ ଆମେ ଅବଗତ କରିଛୁ ବୋଲି ସେମାନେ କହିଥିଲେ।

### ଯାତ୍ରୀଙ୍କ ମୁହଁରୁ...



"ସ୍ୱାସ୍ଥ୍ୟଗତ ଜରୁରୀ କାମ ଥିବାରୁ ମୟୂରଭଞ୍ଜରୁ ମଙ୍ଗଳବାର ପୁଅ ସହ କ୍ୟାପିଟାଲ ହସ୍ପିଟାଲ ଆସିଥିଲି। ବୁଧବାର ଆମେ ଘରକୁ ଯିବାପାଇଁ ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ବରମୁଣ୍ଡା ଷ୍ଟାଣ୍ଡ୍‌ରେ ପହଞ୍ଚିଥିଲୁ। ଦୀର୍ଘସମୟ ପର୍ଯ୍ୟନ୍ତ ଏଠାରେ ଆମେ ଅପେକ୍ଷା କରିଛୁ। ବସ୍ ଚାଲିବ ନାହିଁ କୁହାଯିବାରୁ ଅଧିକ ସମସ୍ୟାରେ ପଡ଼ିଛୁ।

–ରାଜେନ୍ଦ୍ର ମହନ୍ତ, ମୟୂରଭଞ୍ଜ, ଯଶୀପୁର



"ମଙ୍ଗଳବାର ଜରୁରୀ କାମ ପାଇଁ ପଶ୍ଚିମବଙ୍ଗ ନଦିଆ ଜିଲାରୁ ଆମେ ୪ଜଣ ଭୁବନେଶ୍ୱର ଆସିଥିଲୁ। ବୁଧବାର ସକାଳୁ ଘରକୁ ଯିବା ପାଇଁ ଏଠାରେ ଫସି ରହିଛୁ। କେତେବେଳେ ବସ୍ ଚାଲିବ ଜଣାନାହିଁ। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ବସ୍ ଚଳାଚଳ କରିବ ନାହିଁ ବୋଲି ଆମେ ଅବଗତ ନ ଥିଲୁ। ତେଣୁ ଟ୍ରେନ ଯୋଗେ ଘରକୁ ଯିବା ପାଇଁ ଚିନ୍ତା କରିଛୁ।

–ମନନ ସେକ୍, କୋଲକାତା



"ସ୍ୱାମୀଙ୍କ ସହ ଜରୁରୀ କାମରେ ଭୁବନେଶ୍ୱର ଆସିଥଲି। ବୁଧବାର ସକାଳେ ଘରକୁ ଯିବା ପାଇଁ ଯୋଜନା ଥିଲା। ହେଲେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବସ୍ ଚାଲୁ ନ ଥିବାରୁ ଫସି ରହିଛୁ। ସକାଳ ପ୍ରାୟ ୮ଟାରୁ ଏଠାରେ ଅପେକ୍ଷା କରିଛୁ। ବସ୍ ନ ମିଳିଲେ ରାଜଧାନୀରେ ବାଧ୍ୟ ହୋଇ ରହିବାକୁ ପଡ଼ିବ।

–ତୁଳସୀ ନାୟକ, କନ୍ଧମାଳ



"ଅଫିସ କାମରେ ଭୁବନେଶ୍ୱର ଆସିଥିଲି। ଡ୍ରାଇଭର ଆନ୍ଦୋଳନ ନେଇ ଅବଗତ ଥିଲେ ମଧ୍ୟ ବସ୍ ଚାଲିବ ବୋଲି ଜାଣିଥିଲି। ହେଲେ ବସ୍ ଚଳାଚଳ କରୁ ନ ଥିବାରୁ ଘରକୁ ଯାଇପାରୁନାହିଁ। ସକାଳ ପ୍ରାୟ ୧୦ଟାରୁ ଏଠାରେ ବସ୍‌କୁ ଅପେକ୍ଷା କରି ବସି ରହିଛି। ବିଳମ୍ବରେ ଯାଉଥିବା ଏକ ସରକାରୀ ବସ୍ ଯିବା ପାଇଁ ପାଇଁ ଚିନ୍ତା କରିଛି।

–ବସନ୍ତ କୁମାର ନାୟକ, ଜଗନ୍ନାଥପ୍ରସାଦ, ଗଞ୍ଜାମ

## ରେଳ ଷ୍ଟେଶନ ମୁହାଁ ଯାତ୍ରୀ



ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଧାରଣାରେ ଥିବା ବିଭିନ୍ନ ସଂଘ ଓ ସଙ୍ଗଠନର ସଦସ୍ୟମାନେ ବିଶେଷକରି ଅଧିକ ହଇରାଣ ହୋଇଥିଲେ। ବସ୍‌କୁ ଦୀର୍ଘସମୟ ଅପେକ୍ଷା କରିବା ପରେ ଶେଷରେ ନିରାଶ ହୋଇ ଟ୍ରେନ୍ ହିଁ ଏକମାତ୍ର ଭରସା ଭାବି ବହୁଯାତ୍ରୀ ଷ୍ଟେଶନ ମୁହାଁ ହୋଇଥିଲେ। ତେଣୁ ଷ୍ଟେଶନରେ କିଛି ଯାତ୍ରୀଙ୍କୁ ନିଜ ଗନ୍ତବ୍ୟ ସ୍ଥଳକୁ ଯିବାକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିଥିଲା।





## ଅନ୍ୟ ଡ୍ରାଇଭରଙ୍କୁ ଫୁଲମାଳ ପିନ୍ଧାଇ ସାମିଲ କଲେ

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ୧୬ ନଂ. ଜାତୀୟ ରାଜପଥରେ ସକାଳୁ ଆନ୍ଦୋଳକାରୀ ଡ୍ରାଇଭରମାନେ ଧାରଣାରେ ବସି ରହିଥିଲେ। ସେମାନେ ବିଶେଷକରି ବାଣିଜ୍ୟିକ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କୁ ଅଟକାଇ ଆନ୍ଦୋଳନରେ ଯୋଡ଼ି ହେବାକୁ ଅଭିନବ ଢଙ୍ଗରେ ବୁଝାଇବା ସହ ଚର୍ଚ୍ଚା କରିଥିଲେ। ଫଳରେ ଟ୍ରକଠୁ ଆରମ୍ଭ କରି ବିଭିନ୍ନ ଗାଡ଼ି ଅଟକି ରହିଥିଲା। ଆନ୍ଦୋଳକାରୀମାନେ ଜଣେ କାର୍‌କୁ ଅଟକାଇବା ସହ ଡ୍ରାଇଭରଙ୍କୁ ଘେରିଯାଇ ଫୁଲମାଳ ପିନ୍ଧାଇଥିଲେ। ସେହିପରି ଆଉଜଣେ ଯାତ୍ରୀବାହୀ ଅଟୋକୁ ଅଟକାଇ ଡ୍ରାଇଭରଙ୍କୁ ମାଳ ପିନ୍ଧାଇ ତାଙ୍କୁ ମୁଣ୍ଡିଆ ମାରି ଆନ୍ଦୋଳନରେ ଯୋଡ଼ି ହେବାକୁ ବୁଝାଇଥିଲେ। କେତେଜଣ ମଧ୍ୟ ଗାଡି ଛାଡ଼ି ଆନ୍ଦୋଳନରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ଉତ୍ତରୀୟ ଦେଇ ଅନ୍ୟ ଡ୍ରାଇଭରଙ୍କୁ ସମର୍ଥନ ମାଗିଲେ



### ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ବାଲିପାଟଣା,୧୫।୩(ଡି.ଏନ୍.ଏ.)

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୧୦ଦଫା ଦାବିନେଇ ଆହ୍ୱାନ ଦିଆଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ବାଲିପାଟଣା ବ୍ଲକ ଡ୍ରାଇଭର ସଂଘ ସମର୍ଥନ ଜଣାଇଛି। ବୁଧବାର ସରଦେଇପୁର୍- ନିମାପଡ଼ା ରାସ୍ତାର ବାଲିପାଟଣା ଛକ ନିକଟରେ ଡ୍ରାଇଭର ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରାଯାଇଥିଲା। ସେହି ରାସ୍ତାଦେଇ ଆସୁଥିବା ଭାରିଯାନଗୁଡ଼ିକୁ ଅଟକାଇ ଡ୍ରାଇଭରମାନଙ୍କୁ ପାଛୋଟି ଆଣୁଥିଲେ। ସେମାନଙ୍କୁ ଉତ୍ତରୀୟ, ମୁଣ୍ଡରେ ସିନ୍ଦୂର ଓ ପୁଷ୍ପ ମାଲ୍ୟ ଦେଇ ସମର୍ଥନ ମାଗିଥିଲେ। ଏପରି ଶାନ୍ତିଶୃଙ୍ଖଳା ମଧ୍ୟରେ ପ୍ରତିବାଦ କରିଥିଲେ। ମାତ୍ର ସନ୍ଧ୍ୟାରେ ଯାତ୍ରୀବାହୀ ବସ, ଅଟୋ ଓ ଅନ୍ୟାନ୍ୟ ଯାନଗୁଡ଼ିକୁ ଛାଡ଼ିବା ସହ ହୋହଲ୍ଲା କରିଥିଲେ। ପ୍ରତିବାଦ ସଭାକୁ ବାଲିପାଟଣା ସଂଘର ସଭାପତି ମୁନା ମଲ୍ଲିକ, ଉପ ସଭାପତି ବୃନ୍ଦାବନ ଜେନା, ସମ୍ପାଦକ ସରୋଜ ପାଗଡ, ସହ ସମ୍ପାଦକ ଦୁଷ୍ମନ୍ତ ବାରିକ, ଉପଦେଷ୍ଟା ରାଜକିଶୋର ସାହୁ, ରମେଶ ସାହୁ ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

## ଆଜି ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋ ସଂଘର ଆନ୍ଦୋଳନ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଗୁରୁବାର ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘ ପକ୍ଷରୁ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ବୋଲି ଡ଼ାକରା ଦିଆଯାଇଛି। ତେଣୁ ଅନଲାଇନ୍ ଅଟୋ ସହ କିଛି କାର୍ ମଧ୍ୟ ଚଳାଚଳ ବନ୍ଦ ରହିବ। ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ହେଉଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ବୁଧବାର ସେମାନଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗ ଆଣି ସଂଘ ପକ୍ଷରୁ ଏହି ପ୍ରତିବାଦ କରାଯିବ ବୋଲି କୁହାଯାଇଛି। ହେବାକୁ ଥିବା ଏହି ଆନ୍ଦୋଳନରେ ପ୍ରାୟ ୧୦ ହଜାର ଅଟୋ ଏବଂ କାର୍ ଚାଳକ ଯୋଡ଼ି ହେବେ। ଲୋୟର ପିଏମ୍‌ଜି ଏବଂ ଜନପଥରେ ସଂଘ ପକ୍ଷରୁ ରାସ୍ତାରେ ଅଟୋ ରଖାଯାଇ ଧାରଣା ଦିଆଯିବ ବୋଲି ସୂଚନା ମିଳିଛି। ଡ୍ରାଇଭରଙ୍କ ଆନ୍ଦୋଳନ ବେଳେ ବିଭିନ୍ନ ସ୍ଥାନରେ

**ଡ୍ରାଇଭରଙ୍କ ଆନ୍ଦୋଳନରେ ଅପମାନିତ କରାଯାଇଥିବା ଅଭିଯୋଗ**

କାର୍ ଓ ଅଟୋ ଆଦି ବାଣିଜ୍ୟକ ଗାଡ଼ିକୁ ଅଟକାଯାଇ ଏହାର ଚାଳକମାନଙ୍କୁ ଫୁଲମାଳ ପିନ୍ଧାଯିବା ସହ ହାତରେ ସିଲଟ୍ ଧରାଯାଇଥିଲା। ଏପରିକି ମୁଣ୍ଡିଆ ମାରି ଆନ୍ଦୋଳନରେ ଯୋଡ଼ି ହେବାକୁ ବୁଝାଯାଇଥିଲା। ଏଥିଯୋଗୁ ନାଗରିକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ତେବେ କେଉଁ କାରଣରୁ ସେମାନଙ୍କୁ ଅପମାନିତ କରାଗଲା ସେନେଇ ପରିବହନ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ସଂଘ ଚେୟାରମ୍ୟାନ ଦୀନବନ୍ଧୁ ନାୟକ ସୂଚନା ଦେଇଛନ୍ତି। ତେବେ ଏଭଳିସ୍ଥିତିରେ ବୁଧବାରଠାରୁ ଗୁରୁବାର ରାଜଧାନୀରେ ଜୀବନଯାତ୍ରା ଅଧିକ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି।



ଜାତୀୟ ରାଜପଥର ତମାଣ୍ଡୋଠାରେ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଅଟକି ରହିଥିବା ଟ୍ରକ୍ ନିକଟରେ ପୋଲିସ ପହରା।

## ସଂକ୍ଷେପରେ

### ଅଗ୍ରିମ ଟଙ୍କା ନେଇ ବେପାରୀ ଚମ୍ପଟ

**ଯାଁଳା,୧୫।୩(ଡି.ଏନ୍.ଏ.):** ଇନ୍ଫୋଭ୍ୟାଲି ଥାନା ଅଧୀନ ଗଙ୍ଗପଡା ଛକରେ ଜଣେ ଚିକେନ ଦୋକାନୀ ୨ଜଣ ଗ୍ରାହକଙ୍କଠାରୁ ଅଗ୍ରିମ ଟଙ୍କା ନେଇ ଚମ୍ପଟ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଥାଉ କି, ଉକ୍ତ ଥାନା ଅନ୍ତର୍ଗତ ଗଙ୍ଗପଡା ପଞ୍ଚାୟତର ପରିଆ ସାହୁ ଏବଂ ଭରତ ଡାଙ୍ଗୁଆଙ୍କର ବିବାହ ଭୋଜି କାର୍ଯ୍ୟକ୍ରମ ଥିଲା। ଏଥିପାଇଁ ସେମାନେ ଗଙ୍ଗପଡ଼ା ଛକରେ ଥିବା ଜଣେ ଚିକେନ ଦୋକାନୀ ସହ କଥା ହୋଇଥିଲେ। ଏହାପରେ ଅଗ୍ରୀମ ଆକାରରେ ପରିଆଙ୍କଠାରୁ ୧୦ହଜାର ଏବଂ ଭରତଙ୍କଠାରୁ ୧୭ହଜାର ଟଙ୍କା ଦୋକାନୀ ଜଣକ ନେଇଥିଲେ। ହେଲେ ଉଭୟଙ୍କର ଭୋଜି ଦିନନ ସକାଳୁ ଦୋକାନକୁ ଆସିବା ବେଳେ ଚିକେନ ବେପାରୀଙ୍କ ଦୋକାନ ବନ୍ଦ ଥିବା ଦେଖିଥିଲେ। ଆଖପାଖରେ ପଚରାଉଚରା ବେଳେ ଯେହେତୁ ବେପାରୀ ଜଣଙ୍କ ବାହାରୁ ଆସି ସେଠାରେ ଦୋକାନ କରିଥିଲେ। ତେଣୁ ସ୍ଥାନୀୟ ଲୋକେ ତାଙ୍କର ନାମ ରାଜା ବ୍ୟତୀତ ଆଉ କୌଣସି ଠିକଣା ଜାଣି ନ ଥିଲେ। ଶେଷରେ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ନନ୍ଦନକାନନ ଛକରୁ ୮୪ଗ୍ରାମ ବ୍ରାଉନସୁଗାର ଜବତ

**ବାରଙ୍ଗ,୧୫।୩(ଡି.ଏନ୍.ଏ.):** ଭୁବନେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବୁଧବାର ନନ୍ଦନକାନନ ଛକରେ ଚଢ଼ାଉ କରି ଏକ ଭେରାଇଟି ଦୋକାନରୁ ୮୪ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିବା ସହ ଦୋକାନ ମାଲିକଙ୍କୁ ଗିରଫ କରିଛନ୍ତି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମର ପ୍ରଦୀପ କୁମାର ରାଉତ। ପ୍ରଦୀପ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ବିଶେଷସୂତ୍ରରୁ ଖବରପାଇ ଅବକାରୀ ବିଭାଗର କର୍ମଚାରୀମାନେ ଦୋକାନରେ ଚଢାଉ କରିଥିଲେ। ଚଢଉ ସମୟରେ ଦୋକାନରେ ଆଗରେ ଥୁଆହୋଇଥିବା ପ୍ରଦୀପଙ୍କ ନଂ. ଓଆର ୦୨-ଏୱାଇ ୦୧୫୮ ବିଶିଷ୍ଟ ସ୍କୁଟିରୁ ୮୫ଗ୍ରାମ ଓଜନର ବ୍ରାଉନସୁଗାର ମିଳିଥିଲା।

### କମ୍ୟୁନିଷ୍ଟ ନେତା ସୁଧାକର ପାଇକରାୟଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୧୫।୩:** ବର୍ଷୀୟାନ ସିପିଆଇ(ଏମ୍) ନେତା ସୁଧାକର ପାଇକରାୟଙ୍କର ୮୪ବର୍ଷ ବୟସରେ ବୁଧବାର ଖୋର୍ଦ୍ଧା ନବୀନାବାଗସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜୀବନବ୍ୟାପୀ ଖଟିଖିଆ, ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ ଜାରି ରଖିଥିଲେ। ତାଙ୍କ ବିୟୋଗରେ ଖୋର୍ଦ୍ଧା ଜିଲା କମ୍ୟୁନିଷ୍ଟ ଦଳ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। କମ୍ୟୁନିଷ୍ଟ ନେତା ଅନନ୍ତ ମଙ୍ଗରାଜ ଓ ଶୈଳେଶ ବଳିଆରସିଂ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ।

### ଗୀତିକାର ତପନ ପଟ୍ଟନାୟକଙ୍କ ପରଲୋକ



**ଗମ୍ଭାରୀମୁଣ୍ଡା, ୧୫।୩ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀର ବାଲୁଗାଁ ସାନ୍ତରାପୁର ଗ୍ରାମର ବିଶିଷ୍ଟ ଗୀତିକାର ତପନ କୁମାର ପଟ୍ଟନାୟକଙ୍କର ପରଲୋକ ହୋଇଛି। ମଙ୍ଗଳବାର ଶାରୀରିକ ଅସୁସ୍ଥତା କାରଣରୁ ତାଙ୍କ ଭୁବନେଶ୍ୱରର ଏକ ହସ୍ପିଟାଲକୁ ନିଆଯାଇ ଚିକିତ୍ସା ଚାଲିଥିବା ବେଳେ ସେଠାରେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବାଣପୁର ଚିଲିକା ମାଟିର ପାଇକ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପରେ ସେ ଥିଲେ ପରବର୍ତ୍ତୀ ପିଢ଼ି। ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟକାର ତଥା ସଙ୍ଗୀତଜ୍ଞ ସର୍ଗତ ପଦ୍ମଚରଣ ପଟ୍ଟନାୟକଙ୍କର ସେ ଥିଲେ ଜ୍ୟେଷ୍ଠ ପୁତ୍ର। ସେ ଅନେକ କବିତାଠାରୁ ଆରମ୍ଭ କରି ଭଜନ ରଚନା କରିଛନ୍ତି। ତାଙ୍କର 'ମୁଁ ଆସିଛି ଦେଖି ମୋ କଳା ଦନକୁ' ଭଜନ ଓଡ଼ିଶାର ପୂରପଲ୍ଲୀରେ ବେଶ୍ ଚର୍ଚ୍ଚିତ ଥିଲା। ସେ ବେତାରରୁ ପ୍ରସାରିତ ଗୀତର ଗୀତିକାର, 'ଝରା ଶିଶିର'ର ଉପନ୍ୟାସ କାର, 'ଟିକିଫୁଲ' ର ମୂଳ ର ଶିଶୁ ସାହିତ୍ୟିକ, ଓଡ଼ିଆ ସାରସ୍ୱତ ଜଗତର ଅନନ୍ୟ ପ୍ରତିଭା ଭାବରେ ବେଶ୍ ପରିଚିତ ଥିଲେ। ତାଙ୍କୁ ଶ୍ରଦ୍ଧାରେ ଛୋଟରୁ ବଡ ଯାଏଁ ସମସ୍ତେ ଡାକନ୍ତି ତପନଭାଇ। ତାଙ୍କ ବିୟୋଗରେ ଚିଲିକା ସାହିତ୍ୟ ସମାଜ, ଚିଲିକା ସଙ୍ଗୀତ ନାଟକ ଏକାଡେମୀ, ଜାଗୃତିକା, ଚିଲିକା ସଙ୍ଗୀତ ସାହିତ୍ୟ ପରିଷଦ ଆଜି ସ୍ତବ୍ଧ ହୋଇଯାଇଛି। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାଲୁଗାଁ, ବାଣପୁର, ନାଚୁଣୀ, ଗମ୍ଭାରୀମୁଣ୍ଡା ଆଦି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସବୁଠି ଚକଅଖ ବନ୍ଦ, ଯାତ୍ରୀ ହନ୍ତସନ୍ତ

**ବୋଲଗଡ,୧୫।୩(ଡି.ଏନ୍.ଏ.)**

ଓଡ଼ିଶା ରାଜ୍ୟ ଡ୍ରାଇଭର ମହାମଞ୍ଚ ଆହ୍ୱାନ କ୍ରମେ ୧୦ ଦଫା ଦାବି ହାସଲ ପାଇଁ ବୋଲଗଡ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ସ୍ଥାନୀୟ ତହସିଲ ଛକରେ ଷ୍ଟିୟରିଂ ଛାଡ ଆନ୍ଦୋଳନ ବୁଧବାର ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାର ଡ୍ରାଇଭରମାନଙ୍କ ନ୍ୟାର୍ଯ୍ୟ ଦାବିଗୁଡିକ ବିଚାରକୁ ନେଇ ଯଥାଶୀଘ୍ର ପୂରଣ ନ କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ଯାଏଁ ଏହି ଅଖବନ୍ଦ ଚକ ବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ବୋଲଗଡ ଡ୍ରାଇଭର ସଂଘ ସଭାପତି ସୁକାନ୍ତ ବେହେରା ଚେତାବନୀ ଦେଇଛନ୍ତି। ତାଙ୍କ ନେତୃତ୍ୱରେ ବୋଲଗଡ ବ୍ଲକ ୧୯ଟି ପଞ୍ଚାୟତ ଅଞ୍ଚଳର ୮୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଆନ୍ଦୋଳନରେ ଅଂଶଗ୍ରହଣ କରିଛନ୍ତି। ଯାତ୍ରୀବାହୀ ଗାଡ଼ି, ଘରୋଇ ବସ୍, ଟ୍ରକ୍ ବନ୍ଦ ରହିଥିବାରୁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଡ୍ରାଇଭର ସଂଘର ପ୍ରମୁଖ ଦାବି ମଧ୍ୟରେ ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୫୫ବର୍ଷ ପରେ ପେନସନ, ଡ୍ରାଇଭରଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ, ଗାଡ଼ିଗୁଡ଼ିକ ଲାଗି ପାର୍କିଂ ଏବଂ ଡ୍ରାଇଭରଙ୍କ ପାଇଁ ପାର୍କିଂ ସ୍ଥଳରେ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା, ଦୁର୍ଘଟଣାରେ ପ୍ରାଣ ହରାଉଥିବ ଡ୍ରାଇଭରଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ବୀମାରାଶି ଏବଂ ଡ୍ରାଇଭରଙ୍କ ପିଲାଙ୍କ ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ସଂଘ ଉପସଭାପତି ପ୍ରତାପ ତାରେଣିଆ, ସମ୍ପାଦକ ଏସ.କେ. କାଦଲଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ଜିପି ଆଡମିନମାନେ ଉପସ୍ଥିତ ଥିଲେ। ବୋଲଗଡ ଥାନାଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ଫୋର୍ସ ଆନ୍ଦୋଳନସ୍ଥଳରେ ଜଗି ରହିଛନ୍ତି। ଅନ୍ୟପଟେ ସ୍ଥାନୀୟ ବିରୋଧୀ ଦଳର କେତେକ ନେତୃବୃନ୍ଦ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ତେବେ କେବଳ ସରକାରୀ ବସ୍ ଓ ଅନ୍ୟାନ୍ୟ ଜରୁରୀ ସେବା ଯାନ ଯାତାୟାତ କରୁଥିଲା।

**ଜଟଣୀରେ ଡ୍ରାଇଭରଙ୍କ ସହ ଆଲୋଚନା କଲେ ବିଧାୟକ**



**ନିରାକାରପୁର:** ଡ୍ରାଇଭର ଏକତା ମହାମଞ୍ଚ ଓ ଅଲ ଓଡିଶା ପରିବହନ ଚାଳକ ସଂଘ ମିଳିତ ଆନୁକୂଲ୍ୟରେ ନିରାକାରପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ କଡ ସୁନେଇ ରୁପେଇ ଦେବୀଙ୍କ ମନ୍ଦିର ସାମ୍ନାରେ ଚାଳକଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ସକାଳ ୬ଟାରୁ ଟାଙ୍ଗୀ ବ୍ଲକ ୨୬ ପଞ୍ଚାୟତର ଶତାଧିକ ଚାଳକ ଡ୍ରେସ୍ କୋର୍ଡ ପିନ୍ଧି ଧାରଣାରେ ବସିଥିଲେ। ଗାଡ଼ି ବନ୍ଦ ଯୋଗୁ ଅନେକ ଲୋକ ରାସ୍ତାରେ ପିଲାଙ୍କୁ ଧରି ଚାଲିକି ଯାଉଥିବା ଦେଖିବାକୁ ମିଳିଛି। ଟାଙ୍ଗୀ ବ୍ଲକ୍ ଡ୍ରାଇଭର ଏକତା ମହାମଞ୍ଚ ସଭାପତି କୌଶର ଖାଁ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପରିମାଣି, ଅଲ୍ ଓଡ଼ିଶା ପରିବହନ ଚାଳକ ସଂଘ ସଭାପତି ଦୀପକ କୁମାର ମଲ୍ଲିକଙ୍କ ପ୍ରମୁଖ ସାମିଲ ଥିଲେ।

**ବାଲୁଗାଁ:** ବାଣପୁର ବ୍ଲକ୍ ଡ୍ରାଇଭର ସଂଘ ପକ୍ଷରୁ ଜାତୀୟ ରାଜପଥର ଅଲାଇଡିହ ଛକ ଓଭରବ୍ରିଜ୍‌ରେ ଧାରଣା ଦିଆଯିବା ସହ ସଂଘର ସଦସ୍ୟମାନେ ରାଜପଥରେ ଚଳାଚଳ କରୁଥିବା ବିଭିନ୍ନ ଟ୍ରାନ୍ସପୋର୍ଟ ଗାଡ଼ିକୁ ଅଟକାଇ ଥିଲେ। ତେବେ ମହାସଂଘର ନିଷ୍ପତ୍ତିକ୍ରମେ ଜରୁରୀ ସେବାରେ ନିୟୋଜିତ ସ୍କୁଲ ବସ୍, ଯାତ୍ରୀବାହୀ ବସ୍, ଆମ୍ବୁଲାନ୍ସ ଆଦି ଗାଡ଼ିକୁ ଛାଡ଼ିଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଏବଂ ବାଣପୁର ଥାନା ପକ୍ଷରୁ ବ୍ୟାପକ ପୋଲିସ୍ ମୁତୟନ ରହିଥିଲେ।

**ଜଟଣୀ:** ଜଟଣୀ ବ୍ଲକ ଡ୍ରାଇଭର ମହାସଂଘ ସଭାପତି ଅନିଲ ହାତୀଙ୍କ ନେତୃତ୍ୱରେ ଜଟଣୀ ବ୍ଲକ ଏବଂ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଶତାଧିକ ଡ୍ରାଇଭର ଏକତ୍ରିତ ହୋଇଥିଲେ। ହରିଭାଇନା ଛକରେ ବିଭିନ୍ନ ସ୍ଲୋଗାନ ଲିଖିତ ବ୍ୟାନର ଧରି ଧାରଣା ଦେଇଥିଲେ। ଧାରଣାରେ ସଂଘ ଉପସଭାପତି ସୁଶାନ୍ତ ପଟ୍ଟନାୟକ, ନନ୍ଦକିଶୋର ରାଉତରାୟ, ସମ୍ପାଦକ ମୁନା ବେହେରା, ପ୍ରତାପ ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆନ୍ଦୋଳନରତ ଡ୍ରାଇଭରଙ୍କ ସହିତ ବିଧାୟକ ସୁରେଶ କୁମାର ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାକୁ ନେଇ ଆଲୋଚନା କରିଥିଲେ।

**ଟାଙ୍ଗୀ (ଖୋର୍ଦ୍ଧା):** ଟାଙ୍ଗୀ ବ୍ଲକ ଡ୍ରାଇଭର ସଂଘ ବଡପୋଖରିଆ ନିକଟସ୍ଥ ସୁନେଇ ରୁପେଇରେ ଜାତୀୟ ରାଜପଥ ଉପରେ ଆନ୍ଦୋଳନ କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ସାମିଲ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ।

### ଉତ୍ତରୀୟ ଦେଇ ଅନ୍ୟ ଡ୍ରାଇଭରଙ୍କୁ ସମର୍ଥନ ମାଗିଲେ

**ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ**

**ବାଲିପାଟଣା,୧୫।୩(ଡି.ଏନ୍.ଏ.)**

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୧୦ଦଫା ଦାବି ନେଇ ଆହ୍ୱାନ ଦିଆଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନକୁ ବାଲିପାଟଣା ବ୍ଲକ ଡ୍ରାଇଭର ସଂଘ ସମର୍ଥନ ଜଣାଇଛି। ବୁଧବାର ସରଦେଇପୁର୍- ନିମାପଡ଼ା ରାସ୍ତାର ବାଲିପାଟଣା ଛକ ନିକଟରେ ଡ୍ରାଇଭର ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରାଯାଇଥିଲା। ସେହି ରାସ୍ତାଦେଇ ଆସୁଥିବା ଭାରିଯାନଗୁଡ଼ିକୁ ଅଟକାଇ ଡ୍ରାଇଭରମାନଙ୍କୁ ପାଛୋଟି ଆଣୁଥିଲେ। ସେମାନଙ୍କୁ ଉତ୍ତରୀୟ, ମୁଣ୍ଡରେ ସିନ୍ଦୂର ଓ ପୁଷ୍ପ ମାଲ୍ୟ ଦେଇ ସମର୍ଥନ ମାଗିଥିଲେ। ଏପରି ଶାନ୍ତିଶୃଙ୍ଖଳା ମଧ୍ୟରେ ପ୍ରତିବାଦ କରିଥିଲେ। ମାତ୍ର ସନ୍ଧ୍ୟାରେ ଯାତ୍ରୀବାହୀ ବସ, ଅଟୋ ଓ ଅନ୍ୟାନ୍ୟ ଯାନଗୁଡ଼ିକୁ ଛାଡ଼ିବା ସହ ହୋହଲ୍ଲା କରିଥିଲେ। ପ୍ରତିବାଦ ସଭାକୁ ବାଲିପାଟଣା ସଂଘର ସଭାପତି ମୁନା ମଲ୍ଲିକ, ଉପ ସଭାପତି ବୃନ୍ଦାବନ ଜେନା, ସମ୍ପାଦକ ସରୋଜ ପାଗଡ, ସହ ସମ୍ପାଦକ ଦୁଷ୍ମନ୍ତ ବାରିକ, ଉପଦେଷ୍ଟା ରାଜକିଶୋର ସାହୁ, ରମେଶ ସାହୁ ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

# ୨ ରାଜପଥ ଅବରୋଧ କଲେ ଡ୍ରାଇଭର



୧୦ ଦଫା ଦାବି ନେଇ ଜାତୀୟ ରାଜପଥରେ ଖୋର୍ଦ୍ଧା ଡ୍ରାଇଭର ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି।

**ଖୋର୍ଦ୍ଧା ଅଫିସ,୧୫।୩**

୧୦ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନରେ ଖୋର୍ଦ୍ଧା ଜିଲା ସଂଘ ସାମିଲ ହୋଇଛି। ବୁଧବାର ଡ୍ରାଇଭରମାନେ ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ଜରୁରିକାଳୀନ ସେବା, ଘରୋଇ ଗାଡ଼ିକୁ ବାଦ୍ ଦେଇ ମାଲବାହୀ ଟ୍ରକ ଓ ଅନ୍ୟ ଗାଡ଼ି ଅଟକାଇଥିଲେ। ସକାଳ ସାଢେ ୬ଟାରେ ଖୋର୍ଦ୍ଧା ବ୍ଲକ ଓ ପୌରାଞ୍ଚଳ ଡ୍ରାଇଭର ସଂଘ ୧୬ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟରେ ରାଜପଥ ଅବରୋଧ କରିଥିଲା। ଫଳରେ ଏକ କିମି ବ୍ୟାପୀ ମାଲବାହୀ ଟ୍ରକ, ତୈଳ କମ୍ପାନୀ ଗାଡ଼ି ପ୍ରଭୃତି ଅଟକି ରହିଥିଲା। ସେହିପରି ଉକ୍ତ ରାଜପଥର ନିରାକାରପୁର, ଟାଙ୍ଗୀ, ବାଲୁଗାଁ ସମେତ ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ଛକ, ବେଗୁନିଆ ଓ ବୋଲଗଡ ସ୍ଥାନରେ ସ୍ଥାନୀୟ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାଜପଥରେ ଘରୋଇ ବସ୍, ମାଲବାହୀ ଗାଡ଼ିକୁ ଅଟକାଇବାକୁ କେନ୍ଦ୍ର କରି କିଛି ସମୟ ଡ୍ରାଇଭର ସଂଘ କର୍ମକର୍ତ୍ତା ଏବଂ ସମ୍ପୃକ୍ତ ଗାଡ଼ି ଡ୍ରାଇଭର ମୁହାଁମୁହିଁ ହୋଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସଦର ଏସ୍‌ଡିପିଓ ଦିଲୀପ ଦାସ, ଆଦର୍ଶ ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଥାନାଧିକାରୀ କେ.ସି. ସ୍ୱାଇଁ, ଫାଣ୍ଡି ଅଧିକାରୀ ଅଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚକାଜାମ୍ ଆନ୍ଦୋଳନ ଯୋଗୁ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଓ ପୁରୁଣା ବସଷ୍ଟାଣ୍ଡରୁ ବିଭିନ୍ନ ସ୍ଥାନକୁ ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିଲା। କେବଳ ଖୋର୍ଦ୍ଧାରୁ ଭୁବନେଶ୍ୱରକୁ ଯାତାୟାତ କରୁଥିବା ମୋ ବସ୍ ଚଳାଚଳ କରୁଥିଲା। ଜରୁରୀ କାମରେ ବସ୍ ଚଳାଚଳକୁ ବାଦ ଦେଲେ ଅନ୍ୟ ସବୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

ସଂଘର ଜିଲା ସଭାପତି ରାଜେଶ ଦାସ କହିଛନ୍ତି, ପୂର୍ବରୁ ଡ୍ରାଇଭରମାନଙ୍କ ବିଭିନ୍ନ ଦାବି ନେଇ ବହୁବାର ଆନ୍ଦୋଳନ କରାଯାଇଛି। ତେବେ ପ୍ରତିଥର କେବଳ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଛି, କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସେହିପରି ଜିଲା ସମ୍ପାଦକ ବାବୁଲା ତ୍ରିପାଠୀ କହିଛନ୍ତି, ଡ୍ରାଇଭରଙ୍କୁ କୋଭିଡ୍ ଯୋଦ୍ଧା ମାନ୍ୟତା, ସୁରକ୍ଷା, ୫୫ ବର୍ଷ ବୟସ ପରେ ମାସିକ ୫ ହଜାର ଟଙ୍କା ପେନସନ, ଆବାସ ଯୋଜନାରେ ଗୃହ, ଗାଡ଼ି ପାର୍କିଂ ପାଇଁ ସ୍ଥାନ, ଦୁର୍ଘଟଣାଜନିତ କ୍ଷତିପୂରଣ, ଗାଡ଼ି ଚଳାଚଳ ନିର୍ଦ୍ଧାରିତ ସମୟସୀମା, ରାସ୍ତାରେ କାଗଜପତ୍ର ଯାଞ୍ଚ ଆଳରେ ଡ୍ରାଇଭରଙ୍କୁ ହଇରାଣ କରା ନ ଯିବା, ଲାଇସେନ୍ସ ପାଇଁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ୧୫ ହଜାର ଟଙ୍କା କମ୍ କରାଯିବାକୁ ଦାବି କରାଯାଇଛି। ସରକାର ଏଥିପ୍ରତି କର୍ଣ୍ଣପାତ ନ କଲେ ଆନ୍ଦୋଳନ ଜାରି ରହିବ ବୋଲି ତ୍ରିପାଠୀ କହିଛନ୍ତି।

### ମେଳଣ ସହ ପ୍ରଥମଥର ସର୍ବଭାରତୀୟ ହସ୍ତତନ୍ତ ମେଳା

**ବାଳକାଟୀ,୧୫।୩(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଳକାଟୀରେ ୧୨ତାରିଖ ମଧ୍ୟ ରାତିରୁ ପଞ୍ଚଦୋଳ ମେଳଣ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମଥର ପାଇଁ କଲେଜ ପଡିଆରେ ପଞ୍ଚାୟତ ଆନୁକୂଲ୍ୟରେ ସର୍ବଭାରତୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ଏଥିସହ ସନ୍ଧ୍ୟା ହେଲେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଜମୁଛି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଓଡ଼ିଶାର ନାମୀ ଦାମୀ କଳାକାର ଯୋଗଦେଇ ନିଜ କଳା ମାଧ୍ୟମରେ ଦର୍ଶକଙ୍କୁ ଆକର୍ଷିତ କରୁଛନ୍ତି। ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡିଭାଇନ ଗ୍ରୁପ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠ ଶିଳ୍ପୀ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ରୋଜାଲିନ ସ୍ୱାଇଁ, ପ୍ରଭାତ କୁମାର, ଆଶିଷ ରଞ୍ଜନ, ସନତ କୁମାରଙ୍କ ସୁଲଳିତ ସଙ୍ଗୀତ ଶ୍ରୋତାଙ୍କୁ ବିମୋହିତ କରିଥିଲା। ଦର୍ଶକ ମନୋଭାରୀ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି ସର୍ବଭାରତୀୟ ହସ୍ତତନ୍ତ ମେଳା ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ରାଜ୍ୟରୁ ୫୦ଷ୍ଟଲ ଏହି ମେଳାରେ ପସରା ପକାଇଥିବାବେଳେ ଦୈନିକ ଶହ ଶହ ସଂଖ୍ୟାରେ ଲୋକ ମେଳାରେ ଭିଡ଼ ଜମାଇ ଖାଦ୍ୟ ପେୟର ମଜା ନେଉଛନ୍ତି। ପ୍ରଥମଥର ଏହି କାର୍ଯ୍ୟକ୍ରମ ହୋଇଥିବାରୁ ଅଞ୍ଚଳରେ ବେଶ୍ ଆଦୃତ୍ତି ଲାଭ କରିଛି। ଆସନ୍ତାବର୍ଷ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି ସରପଞ୍ଚ ରିନା ବେହେରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ଥାନୀୟ ଲୋକଙ୍କ ସମର୍ଥନ ରହିଥିବାରୁ ସରପଞ୍ଚ ବେହେରା କୃତଜ୍ଞତା ଜଣାଇଛନ୍ତି।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ




ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

**ଜଟଣୀ,୧୫।୩(ଡି.ଏନ୍.ଏ.)**

ଦୀର୍ଘଦିନ ହେଲା ଜଟଣୀ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଜବରଦଖଲ ହୋଇଆସୁଥିଲା। ଏପରି କି ଡ୍ରେନ ଉପରେ ଘର କରି ବାସସ୍ଥାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଚଳାଇଛନ୍ତି। ତେବେ ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ପରେ ଜିଲା ଓ ପୌର ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଜଟଣୀ ପୌର ପ୍ରଶାସନ ପକ୍ଷରୁ ହରିଭାଇନା ଛକଠାରୁ ମ୍ୟୁନିସିପାଲିଟି ଛକ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ ଏବଂ ହରିଭାଇନା ଛକରୁ ବିଡିଏ ବସ୍‌ଷ୍ଟାଣ୍ଡ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଅନଧିକୃତ ଜବରଦଖଲ ତଥା ମୁଖ୍ୟ ନାଳ ଉପରେ ଜବରଦଖଲ, ବେଆଇନ ହୋର୍ଡିଂ ସ୍ଥାପନକୁ ବୁଧବାର ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ଦ୍ୱାରା ନିୟୋଜିତ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ପୋଲିସ ଫୋର୍ସ, ପୌର କର୍ମଚାରୀଙ୍କ ଉପସ୍ଥିତିରେ ଉଚ୍ଛେଦ କରାଇଥିଲା। ସହରର ସୌନ୍ଦର୍ଯ୍ୟକରଣ ଏବଂ ଟ୍ରାଫିକ ସମସ୍ୟାକୁ ସୁଧାରିବା ପାଇଁ ଏହି ପ୍ରୟାସ ଆରମ୍ଭ କରାଯାଇଛି। ଆଗକୁ ସହରର ବିଭିନ୍ନ ସ୍ଥାନରେ ସରକାରୀ ରାସ୍ତା ଓ ଜମି ଜବରଦଖଲ ମୁକ୍ତ କରାଯିବ। ଅନ୍ୟପଟେ ଭିଜନ ୨୦-୩୦ ଅନୁଯାୟୀ ସହରର ମୁଖ୍ୟ ରାସ୍ତା ତଥା ହରିଭାଇନା ଛକ ଠାରୁ ସିତାରାମ ଛକ ପର୍ଯ୍ୟନ୍ତ ୧୦୦ଫୁଟ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଶିକ୍ଷକଙ୍କ ଦିନକର ଦରମା ବନ୍ଦ କଲେ ବିଇଓ

**କାର୍ଯ୍ୟରେ ଅବହେଳାକୁ ଖଣ୍ଡନ କଲେ ଶିକ୍ଷକ**

**ଖୋର୍ଦ୍ଧା ଅଫିସ,୧୫।୩**

କାର୍ଯ୍ୟରେ ଅବହେଳା ନେଇ କଦଳୀବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରସନ୍ନ ମହାପାତ୍ରଙ୍କ ଦିନକର ଦରମାକୁ ଖୋର୍ଦ୍ଧା ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ ବନ୍ଦ କରିଛନ୍ତି। ତେବେ ବୁଧବାର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୬୨୨/୨୩ ତାରିଖ ୧୪.୩.୨୩ର ନୋଟିସ ପାଇବା ପରେ ମହାପାତ୍ର ଏହାକୁ ଖଣ୍ଡନ କରିଛନ୍ତି।

ସୂଚନା ଅନୁସାରେ, କଦଳୀବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏଠାରେ ପଢୁଛନ୍ତି। ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ପ୍ରଧାନ ଶିକ୍ଷକମାନଙ୍କ ପ୍ରାରମ୍ଭ ତାଲିମ ଶିବିର ଚାଲିଛି। ଏଣୁ ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତିରେ ସହକାରୀ ଶିକ୍ଷକ ମହାପାତ୍ର ପାଠ ପଢ଼ାଉଛନ୍ତି। ମହାପାତ୍ର ମଙ୍ଗଳବାର ସ୍କୁଲ ସମୟରେ କୌଣସି କାମରେ ଦଳେଇପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ଏହି ସମୟରେ ବିଇଓ ରାଉତ ଦଳେଇପୁଟ ସ୍କୁଲ ପରିଦର୍ଶନରେ ଆସିଥିଲେ। ବିଇଓଙ୍କ ହାବୁଡ଼ରେ ପଡିଥିଲେ ମହାପାତ୍ର। ସ୍କୁଲ ସମୟରେ ପିଲାଙ୍କୁ ବିଦ୍ୟାଳୟରେ ଛାଡ଼ି ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନାନୁମତିରେ କାହିଁକି ବାହାରକୁ ଆସିଛନ୍ତି ଓ ଏଠି କ'ଣ କାମ ରହିଛି ବୋଲି ପଚାରିଥିଲେ। ଏଭଳି ଘଟଣାର ପୁନରାବୃତ୍ତି ନ କରିବା ଲାଗି ତାଗିଦ୍ କରିଥିଲେ। ଏଥିସହ ମହାପାତ୍ରଙ୍କ ଦାୟିତ୍ୱହୀନତା ଯୋଗୁ ତାଙ୍କର ଏକ ଦିନର ଦରମା ବନ୍ଦ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ମହାପାତ୍ର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ସ୍ପଷ୍ଟୀକରଣ ଦେଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଭୋଟର କାର୍ଡରେ ଆଧାର ଲିଙ୍କ କାର୍ଯ୍ୟକ୍ରମ ଚାଲିଛି। ସେ ବିଏଲ୍‌ଓ ସୁପରଭାଇଜର ଦାୟିତ୍ୱ ରହିଛନ୍ତି। ସେ ପଲ୍ଲାହାଟ ଓ କୁରାଡମଲ୍ଲ ପଞ୍ଚାୟତର ଦାୟିତ୍ୱରେ ରହିଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ଉପଜିଲାପାଳଙ୍କ ମେସେଜ ଆସିବା ପରେ ସେ ସମ୍ପୃକ୍ତ ଅଞ୍ଚଳର ବିଏଲଓଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ବି ତାହା ସମ୍ଭବ ହୋଇ ନ ଥିଲା। ତେଣୁ ଆବଶ୍ୟକତା ଦୃଷ୍ଟିରୁ ଅପରାହ୍ନ ୧ଟା ୪୫ରେ ଖେଳଛୁଟିବେଳେ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କୁ ଦାୟିତ୍ୱ ଦେଇ ଦଳେଇପୁଟକୁ ଯାଇଥିଲେ। ମାତ୍ର ୧୫ ମିନିଟ୍ ସମୟ ଅତିବାହିତ କରି ଆଧାର କାର୍ଡ ଲିଙ୍କ ସମ୍ପର୍କିତ ଆଲୋଚନା ପରେ ସେଠାରୁ ସ୍କୁଲକୁ ଚାଲି ଆସିଥିଲେ। ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସେ ସ୍କୁଲରେ ଉପସ୍ଥିତ ରହିଥିବା ଏବଂ କେବେ ବି ନିଜ ଦାୟିତ୍ୱରେ ଅବହେଳା କରି ନ ଥିବା ଦର୍ଶାଇଛନ୍ତି। ଏନେଇ ସେ ଖୋର୍ଦ୍ଧା ଉପଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଦୁର୍ବିଷହ ହୋଇପଡୁଛି ଯନ୍ତ୍ରଣାସିକ୍ତ ଜୀବନ

**ସରକାରୀ ସହାୟତାରୁ ବଞ୍ଚିତ ଦମ୍ପତି**

- ଦୁର୍ଘଟଣାରେ ନରେଶଙ୍କ ଦୁଇ ଗୋଡ଼ ଅଚଳ
- କର୍କଟ ରୋଗରେ ସ୍ତ୍ରୀ ସୁମିତ୍ରା ପୀଡ଼ିତ
- ୨ ପିଲାଙ୍କ ଭବିଷ୍ୟତ ଅନ୍ଧକାର

**ଖୋର୍ଦ୍ଧା ଅଫିସ,୧୫।୩**

ଦିନେ ତାଙ୍କ ପରିବାରରେ ହସଖୁସି ଥିଲା। ଝିଅ ଓ ପୁଅଙ୍କୁ ପାଠ ପଢାଇ ସେ ବଡ଼ ମଣିଷ କରିବେ ବୋଲି ସ୍ୱପ୍ନ ଦେଖିଥିଲେ। ହେଲେ ଆଜି ସବୁ ସ୍ୱପ୍ନ ଏକପ୍ରକାର ଉଜୁଡ଼ିଯାଇଛି। ଯନ୍ତ୍ରଣାସିକ୍ତ ଜୀବନ ତାଙ୍କ ପାଇଁ ଦୁର୍ବିଷହ ହୋଇପଡୁଛି। ସ୍ୱାଭିମାନକୁ ନେଇ ବାଟ ଚାଲୁଥିବା ବ୍ୟକ୍ତିଟି ଆଜି ଦିବ୍ୟାଙ୍ଗ ପାଲଟିଯାଇଥିବାରୁ ଅନ୍ୟ ଉପରେ ନିର୍ଭରଶୀଳ। ଏହି ବ୍ୟକ୍ତି ଜଣଙ୍କ ହେଉଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ କୋରପଡ଼ା ଗ୍ରାମର ନରେଶ ପାଲଟାସିଂ। ଭଲ ଡ୍ରାଇଭର ହେବାକୁ ମନସ୍ଥ କରିଥିଲେ ସେ। ତେବେ ଏକ ସଡ଼କ ଦୁର୍ଘଟଣାରେ ନରେଶଙ୍କ ଦୁଇ ଗୋଡ଼ ଅଚଳ ହୋଇଗଲା। ହାତରେ ଗାଡ଼ିର ଷ୍ଟିୟରିଂ ପରିବର୍ତ୍ତେ ସବୁ ଦିନ ପାଇଁ ଦୁଇଟି ଆଶାବାଡ଼ି ତାଙ୍କର ସାହାରା ପାଲଟିଗଲା। ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ତାଙ୍କ ନେଇ ପରିବାର। ଏହି ପରିବାର ପାଇଁ ସେ ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟା କରୁଛନ୍ତି। ଭାଙ୍ଗି ନ ପଡ଼ି ନିଜସ୍ୱ ଉଦ୍ୟମରେ ଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। ତେବେ ଏତିକିରେ ସରିଯାଇନି ନରେଶଙ୍କ ଯନ୍ତ୍ରଣା। ସ୍ତ୍ରୀ ସୁମିତ୍ରା କର୍କଟ ରୋଗରେ ପୀଡ଼ିତ। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଏଯାବତ ତାଙ୍କୁ ଆବାସ ଯୋଜନାରେ ଘର ମିଳି ନ ଥିବାବେଳେ ସରକାରୀ ସୁବିଧାରୁ ମଧ୍ୟ ବଞ୍ଚିତ। କେବଳ ଭଗବାନଙ୍କୁ ଭରସିଥିବାବେଳେ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି।



ପରିବାର ସହ ନରେଶ ପାଲଟାସିଂ।

ନରେଶଙ୍କ କହିବା ମୁତାବକ, ୨୦୦୫ରେ ଗାଡ଼ି ଶିଖି ଭଲ ଡ୍ରାଇଭର ହେବା ଲକ୍ଷ୍ୟ ନେଇ ସେ ଘର ଛାଡ଼ି ପାରାଦୀପ ଚାଲିଯାଇଥିଲେ। ଏହାର କିଛି ଦିନ ପରେ କୁଜଙ୍ଗ ବଜାରରେ ଚାଲି ଚାଲି ରାସ୍ତା ପାର ହେଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚେତା ଫେରିବା ବେଳକୁ ସେ ନିଜକୁ କଟକ ଏସସିବି ମେଡିକାଲରେ ପାଇଥିଲେ। ସେତେବେଳକୁ ତାଙ୍କ ଗୋଡ଼ ଓ ମେରୁଦଣ୍ଡରେ ଗଭୀର ଆଘାତ ଯୋଗୁ ସେ ଏକ ପ୍ରକାର ପଙ୍ଗୁ ପାଲଟି ଯାଇଥିଲେ। ପରିବାର ଲୋକେ ଜମିବାଡି ବିକ୍ରି କରି ତାଙ୍କ ଚିକିତ୍ସା କଲେ। ଦୀର୍ଘ ୪ ମାସର ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ ବି ନିଜ ଗୋଡ଼ରେ ଠିଆ ହେବାକୁ ସକ୍ଷମ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ଆଶାବାଡ଼ି ଧରି ସେ ଧିରେ ଚାଲିବାକୁ ଆରମ୍ଭ କରିଥିଲେ। ଅନ୍ୟ ଉପରେ ବୋଝ ହେବା ଅପେକ୍ଷା ସେ ଘର ଆଗରେ ପରିବା ଦୋକାନ ଖୋଲିଲେ। ନରେଶଙ୍କ ୧୦ ବର୍ଷର ପୁଅ ୫ମ ଶ୍ରେଣୀ ଓ ୭ବର୍ଷର ଝିଅ ଦ୍ୱିତୀୟ ଶ୍ରେଣୀରେ ପଢୁଛି। ଦୁଇପିଲାଙ୍କୁ ପାଠ ପଢାଇ ଭଲ ମଣିଷ କରିବା ତାଙ୍କର ଇଚ୍ଛା। ସେହିପରି ସ୍ତ୍ରୀ ସୁମିତ୍ରାଙ୍କ ଦେହ ଦିନକୁ ଦିନ ଖରାପ ଆଡକୁ ଗତି କରିଥିଲା। ହଠାତ୍ ଦିନେ ଅଧିକ ଅସୁସ୍ଥତା କାରଣରୁ ମେଡିକାଲରେ ଚିକିତ୍ସା କରିବାରୁ ସେ କର୍କଟ ରୋଗରେ ପୀଡ଼ିତ ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ପାଦ ତଳୁ ମାଟି ଖସିଯାଇଥିଲା। ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କୁ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସା କରାଉଛନ୍ତି। ଏହି ଦମ୍ପତି ଦୁଃଖ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ପିଲା ଦ୍ୱୟଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି। ସରକାରୀ ସହାୟତା ପାଇଁ ବାରମ୍ବାର ଦୌଡ଼ି ନିରାଶ ହେବା ପରେ ସେ ଏବେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ତାଙ୍କୁ ସହଯୋଗର ହାତ ବଢାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। କେହି ନରେଶଙ୍କୁ ସହାୟତା କରିବାକୁ ଚାହୁଁଥିଲେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ବୋଲଗଡ ଶାଖା, ସଞ୍ଚୟ ଖାତା ନଂ-୧୦୫୭୦୧୦୦୦୦୦୫୧୩୩/ ଆଇଏଫ୍‌ଏସ୍‌ସି ନଂ- ଆଇଓବିଏ ୦୦୦୧୦୫୭କୁ ସହାୟତା ରାଶି ପଠାଇ ପାରିବେ। ତାଙ୍କୁ ସହାୟତା ଯୋଗାଇଦେବାକୁ ସେ ଜନସାଧାରଣଙ୍କୁ କୋହଭରା କଣ୍ଠରେ ଆକୁଳ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ୧୭୫ କେଜି ଗଞ୍ଜେଇ ଜବତ, ୫ ଗିରଫ

କଟକ ଅଫିସ,୧୫।୩: ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବୁଧବାର ଦୁଇଟି ସ୍ଥାନରେ ଚଢ଼ାଉ କରି ୧୭୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରାଯିବା ସହ ଦୁଇଟି କାର୍ ଜବତ ହୋଇଛି। ଗଞ୍ଜେଇ ଚାଲାଣ ହେଉଥିବା ନେଇ ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ନିକଟରେ ଖବର ପହଞ୍ଚିଥିଲା। ପରେ ସ୍କ୍ୱାଡ୍ ପକ୍ଷରୁ କଟକ ଜିଲା ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ଛକ ନିକଟରେ ଏକ କାରକୁ ଯାଞ୍ଚ କରାଯିବାରୁ ୫୦ କେଜି ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳର ଆଲୋକ ଦିଗଲ୍, ପ୍ରମୋଦ ଦିଗଲ ଓ ଲିଙ୍ଗରାଜ ଦିଗଲ୍‌ଙ୍କୁ ଗିରଫ କରାଯାଇଛି। ସେହିପରି କଟକ ଜିଲା ଟାଙ୍ଗୀ ଛକ ନିକଟରେ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ଏକ କାର୍‌କୁ ଯାଞ୍ଚ କରାଯିବାରୁ ସେଥିରୁ ୧୨୫ କେଜି ଗଞ୍ଜଇ ମିଳିଥିଲା। ଏହି କାରବାରରେ ସମ୍ପୃକ୍ତ ହରିୟାଣାର ମହମ୍ମଦ ଇକ୍ରାମ୍ ଓ ରାଜସ୍ଥାନର ସାରୁନ ଖାନ୍‌ଙ୍କୁ ଗିରଫ କରାଯାଇଛି।

### ଜବରଦଖଲକାରୀଙ୍କୁ ନୋଟିସ

ଚୌଦ୍ୱାର,୧୫।୩(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ଅଧୀନ ନୂଆସାହିରେ ଥିବା ସରକାରୀ ଜମିକୁ ଅନେକ ଲୋକ ଜବର ଦଖଲ କରିବା ସହ ଘର କରି ରହୁଛନ୍ତି। ପୌର ପ୍ରଶାସନ ତରଫରୁ ବୁଧବାର ୧୬ ଜଣ ଜବରଦଖଲକାରୀଙ୍କୁ ନୋଟିସ୍ ଜାରି କରାଯାଇ ଆସନ୍ତା ୭ ଦିନ ମଧ୍ୟରେ ଘର ଖାଲି କରିବାକୁ କୁହାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ଜବର ଦଖଲକାରୀଙ୍କୁ ନୋଟିସ୍ ଜାରି କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

### ଓଇଆ, ସିଟିସି ପକ୍ଷରୁ ଆଲୋଚନାଚକ୍ର

କଟକ ଅଫିସ,୧୫।୩: ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ (ଓଇଆ) ଓ ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ୍ ଟ୍ରେନିଂ ସେଣ୍ଟର(ସିଟିସି)ର ମିଳିତ ଆନୁକୂଲ୍ୟରେ ଖପୁରିଆ ଶିଳ୍ପାଞ୍ଚଳସ୍ଥିତ ଓଇଆ କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଅଛି। ଇନୋଭେଟିଭ ଟେକ୍ନୋଲୋଜିସ ଆଣ୍ଡ୍ ଇନୋଭେସନ ମ୍ୟାନେଜମେଣ୍ଟ ଫର୍ ଏମ୍‌ଏସ୍‌ଏମ୍‌ଇ ଶୀର୍ଷକରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ସିଟିସି କ୍ୱାଲିଟି କନସଲଟାନ୍ସର ମୁଖ୍ୟ ଡ. ଏସ୍. କେ. କର ଯୋଗଦେଇ ଏମ୍‌ଏସ୍‌ଏମ୍‌ଇ ପାଇଁ ପ୍ରଯୁକ୍ତି ବିଦ୍ୟା ଓ ପରିଚାଳନାର ନବୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ଅତିଥି ଭାବେ ଓଏସ୍‌ଆଇସିର ମାର୍କେଟିଂ ମ୍ୟାନେଜର ଶାନ୍ତନୁ କୁମାର ତ୍ରିପାଠୀ, ଜିଲା ଶିଳ୍ପକେନ୍ଦ୍ରର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରତାପ କୁମାର ସେଠୀ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ସଂଘର ଉପସଭାପତି ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସାଧାରଣ ସମ୍ପାଦକ ବିଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



କଟକ ଜଗତପୁରଠାରେ ବୁଧବାର ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରୁଛନ୍ତି।



ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଶୂନ୍‌ଶାନ।

# ଘରୋଇ ବସ୍ ଚଳାଚଳ ବାଧାପ୍ରାପ୍ତ, ଯାତ୍ରୀ ହଟହଟା

କଟକ ଅଫିସ/ ନରସିଂହପୁର/ ବଡ଼ମ୍ବା/ ମଙ୍ଗୁଳି ଜଗତପୁର/ଖୁଣ୍ଟୁଣୀ/ ଚୌଦ୍ୱାର/ ସାଲେପୁର,୧୫।୩ (ସ୍ୱ.ପ୍ର./ ଡି.ଏନ.ଏ./)

**ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ**

- ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଫାଙ୍କା
- ପୋଲିସ ସହଯୋଗ କଲାନାହିଁ: ପ୍ରିୟବ୍ରତ
- ସମସ୍ତ ସହଯୋଗ ଦିଆଯାଇଛି: ଡିସିପି

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିଯୋଗୁ ଗାଡ଼ି ଚଳାଚଳ ବହୁଳ ଭାବେ ବାଧାପ୍ରାପ୍ତ ହୋଇଛି। କେବଳ ଅତ୍ୟାବଶ୍ୟକ ସେବାକୁ ଛାଡ଼ି ରାସ୍ତାରେ ବ୍ୟବସାୟିକ ଯାନ ଚଳାଚଳକୁ ବିରୋଧ କରିଛି ସଂଘ। ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ସକାଳ ସମୟରେ କିଛି ବସ୍ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାତ୍ରାରମ୍ଭ କରିଥିବାବେଳେ ବିଭିନ୍ନ ସ୍ଥାନରେ ଡ୍ରାଇଭରମାନେ ସେଗୁଡ଼ିକ ଅଟକାଇଥିଲେ। ଫଳରେ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ନ ପାରି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଘରୋଇ ବସ୍‌ଗୁଡ଼ିକ ନ ଆସିବା ହେତୁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଦିନତମାମ ଫାଙ୍କା ରହିଥିଲା। ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଅପେକ୍ଷା କରି ନିରାଶ ହୋଇଥିଲେ। ଚୌଦ୍ୱାର, ମଙ୍ଗୁଳି, ଜଗତପୁର, ଗୋପାଳପୁର, ଫକୀରପଡ଼ା, ଗଡ଼ମା ଆଦି ସ୍ଥାନରେ ଡ୍ରାଇଭରମାନେ ଧାରଣାରେ ବସି ରହିଥିଲେ। ରାସ୍ତାରେ ଯାତାୟାତ କରୁଥିବା ଗାଡ଼ି ଚାଳକମାନଙ୍କୁ ସେମାନଙ୍କ ସହ ସାମିଲ ହୋଇ ଦାବି ହାସଲ କରିବାକୁ କହୁଥିବା ଦେଖାଯାଇଥିଲା। ହେଲେ ସରକାରଙ୍କ ପରିବହନ ବିଭାଗର ଯାତ୍ରୀବାହୀ ବସ୍, ମୋ ବସ୍ ଆଦି ସ୍ୱାଭାବିକ ଭାବେ ଚଳାଚଳ କରୁଥିଲା। ଏହାଦ୍ୱାରା ଯାତ୍ରୀମାନେ କେତେକାଂଶରେ ଆଶ୍ୱସ୍ତି ଲାଭ କରିଥିଲେ। ପୋଲିସ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ମୁତୟନ ରହି ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ସିଆଇଟିୟୁ ପକ୍ଷରୁ ସମର୍ଥନ କରାଯାଇଛି। ଜିଲା ସଭାପତି ରବିନାରାୟଣ ମଲ୍ଲିକ, ଉପସଭାପତି ବଦ୍ରିନାରାୟଣ ଦାଶ,



ଆଠଗଡ଼ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଖୁଣ୍ଟୁଣୀ ଥାନା ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଷ୍ଟିୟରିଂ ଛାଡ ଆନ୍ଦୋଳନ।

ସମ୍ପାଦକ ଅଭୟ ସ୍ୱାଇଁ ଓ କଟକ ମୋଟର କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଶିଶିର ଲେଙ୍କା ସମର୍ଥନ ଜଣାଇ ଧାରଣାକାରୀଙ୍କ ସହ ସାମିଲ ହୋଇଛନ୍ତି।

ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ ବସ, ଟ୍ରକ, ଟ୍ୟାକ୍ସି ଆଦି ପରିବହନ ବହୁ ଭାବେ ପ୍ରଭାବିତ ହୋଇଛି। ଏହି ଆନ୍ଦୋଳନରୁ ନିଜକୁ ଦୂରେଇ ରଖିଥିବା ରାଜ୍ୟ ଘରୋଇ ବସ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଧର୍ମଘଟରେ ସାମିଲ ହୋଇଥିବା ଆନ୍ଦୋଳନକାରୀ ମଧ୍ୟରୁ ଅଧିକାଂଶ ଅଣଡ୍ରାଇଭର ବୋଲି ଅଭିଯୋଗ କରିଛନ୍ତି। କଟକ ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ କହିଛନ୍ତି, ଘରୋଇ ବସ୍ ମାଲିକ ସଂଘ ବସ୍ ଚଳାଇବା ନିମନ୍ତେ ପୂର୍ବରୁ ପତ୍ର ଲେଖି ପୋଲିସ ପ୍ରଶାସନର ସହଯୋଗ ଲୋଡ଼ିଥିଲା। ହେଲେ ପୋଲିସ ପକ୍ଷରୁ ସେପରି ସହଯୋଗ ମିଳିଲା ନାହିଁ, ଯେଉଁଥିପାଇଁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ଘରୋଇ ବସ୍ ଯାତ୍ରୀ ନେଇ ବାହାରିବା ବେଳକୁ ବିଭିନ୍ନ ସ୍ଥାନରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା। ଯାତ୍ରୀମାନେ ହଇରାଣ ହେବାରୁ ଆଉ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରୁ ବସ୍ ବାହାର କଲୁନାହିଁ। ସେହିପରି କଟକ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ନିରଞ୍ଜନ ସାହୁ କହିଛନ୍ତି, ବେସରକାରୀ ବସ୍ ଚଳାଚଳ ବନ୍ଦ କରିବା ପାଇଁ ଏହା ସରକାରଙ୍କର ଏକ ଷଡ଼ଯନ୍ତ୍ର। ତାହା ହୋଇ ନ ଥିଲେ ପୋଲିସ ଉପସ୍ଥିତିରେ ଚାଲୁଥିବା ସରକାରୀ ବସ୍‌କୁ ଆନ୍ଦୋଳନକାରୀ ଅଟକାଉ ନ ଥିବାବେଳେ ଘରୋଇ ବସ୍‌କୁ ଅଟକାଉ ନ ଥାନ୍ତେ। ଏନେଇ ବୁଧବାର ସନ୍ଧ୍ୟାରେ ଏକ ବୈଠକ ହୋଇଛି। ଗୁରୁବାର ପରିସ୍ଥିତିକୁ ଅନୁଧ୍ୟାନ କରାଯିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଡିସିପି ପିନାକ ମିଶ୍ର କହିଛନ୍ତି, ଆନ୍ଦୋଳନବେଳେ ବିଶୃଙ୍ଖଳା, ଅଘଟଣକୁ ଏଡ଼ାଇବା ପାଇଁ ପୋଲିସ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଛି। ଘରୋଇ ଯାତ୍ରୀବାହୀ ବସ୍ ବିନା ବାଧାରେ ରାସ୍ତାରେ ଯିବା ନିମନ୍ତେ ପୋଲିସ କର୍ମଚାରୀମାନେ ମୁତୟନ ହୋଇଥିଲେ। କୌଣସିଠାରେ ଅଘଟଣ ଘଟିନାହିଁ। ବସ୍, ଟ୍ରକ ଭଳି ଯାନ ଅନାୟାସରେ ଯାତାୟାତ କରୁଛି। କଟକ ସହରାଞ୍ଚଳ ପୋଲିସର ବରିଷ୍ଠ ଅଧିକାରୀମାନଙ୍କ ସହ ୨୦ ପ୍ଲାଟୁନ୍ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି ବୋଲି ଡିସିପି କହିଛନ୍ତି।

ଓଡ଼ିଶା ଡ୍ରାଇଭର ମହାସଂଘର ଡାକରାରେ ହୋଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ନରସିଂହପୁର ବ୍ଲକ ଡ୍ରାଇଭର ସଂଘ ସାମିଲ ହୋଇ ବୁଧବାର ରାସ୍ତାରୋକୋ କରିଥିଲା। ୧୦ ଦଫା ଦାବି ପୂରଣ ପାଇଁ ଦାବି କରାଯାଇଛି। ସମସ୍ତ ଡ୍ରାଇଭର ସକାଳୁ ନରସିଂହପୁରର ପ୍ରବେଶ ପଥ ପଞ୍ଚାମୁଖୀ ଛକଠାରେ ରାସ୍ତାରୋକୋ କରିବା ସହ ମର୍ଦ୍ଦମେଖ ଚମ୍ପେଶ୍ୱରଠାରେ ଡ୍ରାଇଭର ସମୂହ ଆନ୍ଦୋଳନ ଜାରି ରଖିଛନ୍ତି। ଡ୍ରାଇଭର ମାନଙ୍କ ଆନ୍ଦୋଳନ ଯୋଗୁ ସମସ୍ତ ସରକାରୀ ଓ ବେସରକାରୀ ଯାତ୍ରୀବାହୀ ବସ୍ ସମେତ ମାଲବାହୀ ଗାଡ଼ି ଚଳାଚଳ ହୋଇ ପାରି ନ ଥିଲା। ବଡମ୍ବା-ନରସିଂହପୁର ଭାଜପା ନେତା ବିଜୟ କୁମାର ଦଲବେହେରା ଆନ୍ଦୋଳନରତ ଡ୍ରାଇଭରମାନଙ୍କୁ ନୈତିକ ସମର୍ଥନ ଜଣାଇଥିଲେ।

ବଡ଼ମ୍ବା ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ବୁଧବାର ଶାନ୍ତିପୂର୍ଣ୍ଣ ଷ୍ଟିୟରିଂ ଛାଡି ରାସ୍ତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବ୍ଲକ ଅନ୍ତର୍ଗତ ସୁନାପାଳସ୍ଥିତ କୋଲେଶ୍ୱର ମନ୍ଦିର ନିକଟରେ ଅନୁଷ୍ଠିତ ଧାରଣାରେ ପ୍ରାୟ ୪ ହଜାର ଡ୍ରାଇଭର ଯୋଗଦେଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବ୍ଲକ ଡ୍ରାଇଭର ସଂଘର ସଭାପତି ଅଜିତ କୁମାର ବାରିକ ଓ ଅନ୍ୟ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଏହା ପରିଚାଳିତ ହୋଇଥିବା ବେଳେ ଅନ୍ୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ବିଭିନ୍ନ ଦାବି ନେଇ ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ହନୁମାନ ଛକ ନିକଟରେ ଓଡ଼ିଶା ଡ୍ରାଇଭର ଏକତା ମଞ୍ଚର ଟାଙ୍ଗୀ ଶାଖା ପକ୍ଷରୁ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ଟାଙ୍ଗୀ ଡ୍ରାଇଭର ସଂଘ ସଭାପତି ରଞ୍ଜିତ କୁମାର ମଲ୍ଲଙ୍କ ନେତୃତ୍ୱରେ ଉପସଭାପତି ସଞ୍ଜୟ ପ୍ରଧାନ, ସମ୍ପାଦକ ନିହାର ରଞ୍ଜନ ପାଇଲ, ସହସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଜଗବନ୍ଧୁ ବେହେରା, ସନାତନ ନାଥ, ଖଗନ ମହନ୍ତଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିପରି ଜଗତପୁର ଗୋଲେଇ ଛକରେ ଜଗତପୁର ଡ୍ରାଇଭର ସଂଘ ସଭାପତି ବିକ୍ରମ ବେହେରାଙ୍କ ନେତୃତ୍ୱରେ ଉପସଭାପତି ପ୍ରକାଶ ଚନ୍ଦ୍ର ଲେଙ୍କା, ପ୍ରଶାନ୍ତ ଶେଖର ମଲ୍ଲିକ, ମନୋଜ କୁମାର ସାମଲ, ଆଦିତ୍ୟ ପ୍ରସାଦ ପ୍ରଧାନ, ଗୋଲଖ ଚନ୍ଦ୍ର ମଲ୍ଲିକ, ଉମାକାନ୍ତ ଖୁଣ୍ଟିଆଙ୍କ ସମେତ ଶତାଧିକ ଡ୍ରାଇଭର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଛନ୍ତି।

ସେହିପରି ଆଠଗଡ଼ ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଖୁଣ୍ଟୁଣୀ ଥାନା ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଷ୍ଟିୟରିଂ ଛାଡ ଆନ୍ଦୋଳନ ଜାରି ରହିଛି। ଶାଖା ସଭାପତି ଶ୍ରୀମନ୍ତ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ରମାକାନ୍ତ ସେଠୀ ଓ ରବୀନ୍ଦ୍ର ନାଥ ସାହୁଙ୍କ ନେତୃତ୍ୱରେ ବହୁସଂଖ୍ୟକ ଡ୍ରାଇଭର ସକାଳ ୮ଟାରୁ ଧାରଣାରେ ବସିଥିଲେ। ଖୁଣ୍ଟୁଣୀ ପୋଲିସ ପକ୍ଷରୁ ରାଜପଥରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଦୋକାନ ଖୋଲିଥିଲେ ମଧ୍ୟ କାରବାର ମାନ୍ଦା ଥିଲା। ରିପୋର୍ଟ ଲେଖା ହେବାବେଳକୁ ଆନ୍ଦୋଳନ ଜାରି ରହିଛି।

ଚୌଦ୍ୱାରରେ ଷ୍ଟିୟରିଂ ଛାଡ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଜାରି ରହିଛି। ଚୌଦ୍ୱାର ଅଞ୍ଚଳ ଡ୍ରାଇଭରମାନେ ୫୫ ନଂ. ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୂମାବତୀ ଛକ ପର୍ଯ୍ୟନ୍ତ ବିଭିନ୍ନ ଛକରେ ପ୍ଲାକାର୍ଡ ଧରି ପିକେଟିଂ କରିଥିଲେ। ବିଭିନ୍ନ ଛକରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ସଙ୍ଗଠନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅପ୍ରିତିକର ପରିସ୍ଥିତିର ସୃଷ୍ଟି ହେବା ଆଶଂକାରେ ଚୌଦ୍ୱାର ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଫୋର୍ସ ମୁତୟନ କରାଯାଇଥିଲା।

ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ବୁଧବାର ସାଲେପୁର ଶାଖା ପକ୍ଷରୁ ଷ୍ଟୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ଏକତ୍ରିତ ହୋଇ ଖରାଖିଆରେ ୧୦ ଦଫା ଦାବି ନେଇ ଆନ୍ଦୋଳନ କରିଥିଲେ। ଏହି ରାସ୍ତା ଦେଇ ଯେଉଁ ଡ୍ରାଇଭରମାନେ ଗାଡ଼ି ଚଳାଇ ଯାଉଥିଲେ ସେମାନଙ୍କୁ ଆନ୍ଦୋଳନରତ ଡ୍ରାଇଭରମାନେ ବୁଝେଇ ଶୁଝେଇ ଫୁଲହାର ଦେଇ ଗାଡ଼ି ନ ଚଳାଇବାକୁ ନିବେଦନ କରିଥିଲେ। ଯେପର୍ଯ୍ୟନ୍ତ ସରକାର ସେମାନଙ୍କ ଦାବି ପ୍ରତି ଦୃଷ୍ଟି ନ ଦେଇଛନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡ୍ରାଇଭରମାନେ ଚେତାବନୀ ଦେଇଛନ୍ତି। ଏପରିକି ଆନ୍ଦୋଳନରତ ଡ୍ରାଇଭରମାନେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

# ‘ଖାଉଟି ସ୍ୱାର୍ଥ ସୁରକ୍ଷା ନେଇ ସଚେତନତା ଲୋଡ଼ା’




ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ,୧୫।୩

**ବିଶ୍ୱ ଖାଉଟି ଅଧିକାର ଦିବସ**

କଞ୍ଜୁମର ବାର୍ ଆସୋସିଏଶନ୍ ପକ୍ଷରୁ ସତୀଚୌରାସ୍ଥିତ ରାଜ୍ୟ ଖାଉଟି ଆୟୋଗ ପରିସରରେ ବିଶ୍ୱ ଖାଉଟି ଅଧିକାର ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆୟୋଗର ସଭାପତି ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ଯୋଗଦେଇ ଖାଉଟି ସ୍ୱାର୍ଥ ସୁରକ୍ଷା ପାଇଁ ସଚେତନତା ଲୋଡ଼ା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଉଟି ବ୍ୟାପାର ଉପଦେଷ୍ଟା ପ୍ରଫେସର ବିଜନ ମିଶ୍ର, ରାଜ୍ୟ ଖାଉଟି ଆୟୋଗର ସଦସ୍ୟ ସୁଧୀରାଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଆୟୋଗର ପୂର୍ବତନ ସଦସ୍ୟା ସ୍ମରିତା ମହାନ୍ତି, ଖାଉଟି ବ୍ୟାପାର କର୍ମୀ ବ୍ରଜେନ୍ଦୁ ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଞ୍ଜୁମର ବାର୍ ଆସୋସିଏଶନ୍ ସଭାପତି ଗିରିଜା ପ୍ରସାଦ ଦତ୍ତ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା କରୁଣାକର ଜେନା ସ୍ୱାଗତ ଭାଷଣ, ଉପସଭାପତି ଶୀଳଭଦ୍ର ଶାସ୍ତ୍ରୀ ମଞ୍ଚାସୀନ ଓ ସମ୍ପାଦକ ଜ୍ୟୋତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ସିଡିଏସ୍ଥିତ ଦି ଲ’ କଲେଜ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍ସର୍ଗ ଆନୁକୂଲ୍ୟରେ ବୁଧବାର ବିଶ୍ୱଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଉତ୍ସର୍ଗର ସଭାପତି ପ୍ରିୟରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ କଲେଜ ଅଧ୍ୟକ୍ଷ ସାମନ୍ତ କୁମାର ରାୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ସ୍ଥାନୀୟ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବୈଧ ଓ ମାପ ଓଜନ ବିଭାଗ ନୀରିକ୍ଷକ ଅନୁସ୍ୱୟା ସାହୁ, ଯୋଗାଣ ନୀରିକ୍ଷକ କେଦାର ନାଥ ପ୍ରଧାନ, ଆଇନଜୀବୀ ଚିତ୍ତରଞ୍ଜନ ପ୍ରଧାନ, ଇଂ. କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

## ଡ୍ରିମ୍‌ସ ମ୍ୟାନେଜ୍‌ମେଣ୍ଟ ୱିଙ୍ଗ କ୍ରୀଡା ଉତ୍ସବ ଉଦ୍‌ଘାଟିତ

# ‘ଶାରୀରିକ ସୁସ୍ଥତା ପାଇଁ ଖେଳ ଆବଶ୍ୟକ’

କଟକ ଅଫିସ, ୧୫।୩

ଡ୍ରିମ୍‌ସ ମ୍ୟାନେଜମେଣ୍ଟ ୱିଙ୍ଗ ବାର୍ଷିକ କ୍ରୀଡା ଉତ୍ସବ ‘ତେଜସ୍-୨୦୨୩’ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆୟୋଜିତ ଏହି ଦୁଇଦିନିଆ କ୍ରୀଡା ଉତ୍ସବରେ ଏମ୍‌ବିଏ, ବିବିଏ ଓ ବିସିଏର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଖେଳକୁଦ ନିତାନ୍ତ ଆବଶ୍ୟକ। ଏ ଦିଗରେ ନିୟମିତ ଅଭ୍ୟାସ ଜାରି ରଖିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ଡ. ସୁଶାନ୍ତ କୁମାର ଦାସ, ଡ. କଲ୍ୟାଣ କୁମାର ସାହୁ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର ଓ ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ ସ୍ୱାଗତ ଭାଷଣ ଓ ପ୍ରାଧ୍ୟାପକ କେ.ଆର୍. ସିଂହ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପିକା ଡ. ପ୍ରଣିତା ସାହୁ, ପ୍ରାଧ୍ୟାପକ ସୁଦୀପ କୁମାର ଭାରତୀ, ସବ୍ୟସାଚୀ ବାରିକ, ଶିବ ଚରଣ ବାରିକ, ଶ୍ୱେତପଦ୍ମା ଦାସ, ଜୟଶ୍ରୀ ଦାସ, ବିକଶିତା ମହାନ୍ତି, ଚନ୍ଦନ ବାରିକ, ଦୁର୍ଗାପ୍ରସାଦ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ନେତାଜୀ ବସ୍ ଟର୍ମିନାଲରେ ବ୍ୟବସାୟୀଙ୍କୁ ଥଇଥାନ କରାଯାଉ

କଟକ ଅଫିସ, ୧୫।୩

ନେତାଜୀ ବସ୍ ଟର୍ମିନାଲରେ ୧୪୭ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଓ ଏସ୍‌ଆର୍‌ଟିସି ବ୍ୟବସାୟୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ବ୍ୟବସାୟୀଙ୍କ ପକ୍ଷରୁ ଜିଲାପାଳଙ୍କୁ ବୁଧବାର ପ୍ରଦାନ କରାଯାଇଛି। ବ୍ୟବସାୟୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ବାଦାମବାଡ଼ି ସରକାରୀ ବସ୍‌ଷ୍ଟାଣ୍ଡରେ ଦୀର୍ଘ ୪୫ ବର୍ଷ ଧରି ଭଡ଼ା ସୂତ୍ରରେ ପରିବହନ ନିଗମର ଦୋକାନ ଘର ନେଇ ବ୍ୟବସାୟ କରିଆସୁଛୁ। ବ୍ୟବସାୟୀମାନେ ଉକ୍ତ ଦୋକାନ ଉପରେ ନିର୍ଭରଶୀଳ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି। ପରିବହନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ଉଦ୍ଦେଶ୍ୟରେ ଖାନ୍‌ନଗରଠାରେ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ହେଉଛି। ନେତାଜୀ ବସ୍ ଟର୍ମିନାଲକୁ ବସ୍‌ଷ୍ଟାଣ୍ଡ ଉଠିଗଲେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଜୀବିକା ହରାଇବେ। ଏଣୁ ପୁରୁଣା ବସ୍‌ଷ୍ଟାଣ୍ଡରେ ଦୋକାନ କରିଥିବା ୧୪୭ ବ୍ୟବସାୟୀଙ୍କୁ ନେତାଜୀ ବସ୍ ଟର୍ମିନାଲରେ ଅବସ୍ଥାପିତ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବ୍ୟବସାୟୀଙ୍କ ପକ୍ଷରୁ ନିଧି ରାଉତ, ମହମ୍ମଦ ସକିଲ, ଅଜୟ ମହାପାତ୍ର ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଓଏସ୍‌ଆର୍‌ଟିସି ବ୍ୟବସାୟୀ ମହାସଂଘର ସଦସ୍ୟମାନେ।

**ଜିଲାପାଳଙ୍କୁ ଦାବିପତ୍ର**

## ସଂକ୍ଷେପରେ

### ମହୁଚାଷ ସମ୍ବନ୍ଧୀୟ ଦକ୍ଷତା ବିକାଶ ଶିବିର

**କାକଟପୁର,୧୫।୩(ଡି.ଏନ୍.ଏ.):** କାକଟପୁର କୃଷି ବିଭାଗ ସଭାଗୃହରେ ମହୁଚାଷ ସମ୍ବନ୍ଧୀୟ ତାଲିମ, ଦକ୍ଷତା ଓ କ୍ଷେତ୍ର ପ୍ରଦର୍ଶନ ସମ୍ପର୍କିତ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆତ୍ମା କମିଟି ଅଧକ୍ଷ ଅଭୟ ସେଠୀ ଅଧକ୍ଷତା କରିଥିଲେ। ଶିବିରରେ ସହକାରୀ କୃଷି ଅଧିକାରୀ ଅଙ୍କିତ ବେହେରା, ବ୍ଲକ ବୈଷୟିକ ପରିଚାଳକ ପୁଣ୍ୟବ୍ରତ ରତ୍ନମଣି ମହାପାତ୍ର, ସହ ବୈଷୟିକ ପରିଚାଳକ ମନମୋହନ ପରିଡ଼ା, ଭାବଗ୍ରାହୀ ଭୂୟାଁ, ମୀରାଲତା ଜେନା, କୃଷି ଅଧିଦର୍ଶକ ମାୟାଧର ସ୍ୱାଇଁଙ୍କ ସମେତ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଓ ଚାଷୀ ଉପସ୍ଥିତ ରହି ମହୁଚାଷ ସମ୍ପର୍କିତ ଜ୍ଞାନ ଆହରଣ କରିଥିଲେ।

### ଏଟିଏମ୍ ଭାଙ୍ଗି ବ୍ୟାଟେରି ଚୋରି



**ପିପିଲି,୧୫।୩(ଡି.ଏନ୍.ଏ.):** ପିପିଲି ଥାନା ଅନ୍ତର୍ଗତ ବାଜପୋଇ ଛକଠାରେ ଥିବା ଏସ୍‌ବିଆଇ ଏଟିଏମ୍‌ର ପଛ ପଟ ଘରର କବାଟକୁ ତାଡି ୮ଟି ବ୍ୟାଟେରି ଚୋରି କରିନେଇଥିବା ପିପିଲି ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏଟିଏମ୍‌ରେ ଲାଗିଥିବା ସିସି କ୍ୟାମେରା ମଙ୍ଗଳବାର ରାତିରେ ଭଙ୍ଗା ଯାଇଥିବା ଓ ବ୍ୟାଟେରି ରୁମ୍‌ର କବାଟ ତଡା ଯାଇଥିବା ବୁଧବାର ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଭୁବନେଶ୍ୱରର ସିଏମ୍ଏସ୍ ଇନ୍‌ଫୋ ସିଷ୍ଟମ୍ସ ପ୍ରାଇଭେଟ୍ ଲିଃ ପକ୍ଷରୁ ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଶ୍ରୀଜଗନ୍ନାଥ ମନ୍ଦିର ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

**ପୁରୀ ଅଫିସ, ୧୫।୩:** ଶ୍ରୀଜଗନ୍ନାଥ ମନ୍ଦିର ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଶ୍ରୀଗୁଣ୍ଡିଚା ମନ୍ଦିରସ୍ଥିତ ଭକ୍ତ ନିବାସ ପରିସରସ୍ଥ ହରିଶଙ୍କର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କ୍ଷେତ୍ରମୋହନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କ୍ଷେତ୍ରମୋହନ ଦାସ, ଉପସଭାପତି ଭାବେ ଈଶ୍ୱର ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଭାବରେ ଯୁଗଳ କିଶୋର ବେହେରା, ଯୁଗ୍ମ ସମ୍ପାଦକ ଭାବେ ଭାସ୍କର ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ଭାବେ ଅନିଲ କୁମାର ପାତ୍ର, କୋଷାଧକ୍ଷ ଭାବେ ପରେଶ କୁମାରଙ୍କୁ ଚୟନ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ରାମଚନ୍ଦ୍ର ଦାଶ, ଶରତ ଦାଶ, ରବି ନାରାୟଣ ପୂଜାପଣ୍ଡା, ନବ କିଶୋର ସେନାପତି, ପ୍ରଦୀପ୍ତ କୁମାର ମିଶ୍ରଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ଭାବେ ବିପିନ ଗୋଛିକାର, ଗଣେଶ ମହାନ୍ତି, କୀର୍ତ୍ତନ ଚରଣ ପଣ୍ଡା, ଉମାକାନ୍ତ ମହାପାତ୍ର, ଅନିରୁଦ୍ଧ ବାରିକ ଏବଂ ପ୍ରଫୁଲ୍ଲ କୁମାର ନାୟକଙ୍କୁ ଚୟନ କରାଯାଇଛି। କାର୍ଯ୍ୟରେ ସଂଘକୁ ବିପିନ ଗୋଛିକାର, ସୁଦିପ୍ତ କୁମାର ଚାଟାର୍ଜୀ ଏବଂ ଭାସ୍କର ମିଶ୍ର ସହଯୋଗ କରିବେ। ଚୟନ ହୋଇଥିବା ନୂତନ କାର୍ଯ୍ୟକର୍ତ୍ତା ଆସନ୍ତା ଦୁଇବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ।

### ପୂର୍ବତନ ସରପଞ୍ଚଙ୍କ ଶୋକସଭା

**କାକଟପୁର,୧୫।୩(ଡି.ଏନ୍.ଏ.):** କାକଟପୁର ବ୍ଲକ ଅନ୍ତର୍ଗତ ଅବିଭକ୍ତ ଓଥକାର ପୂର୍ବତନ ସରପଞ୍ଚ ତଥା ପୁରୀ ଜିଲା କଂଗ୍ରେସ କମିଟି ଉପସଭାପତି ସ୍ୱର୍ଗତ ଧନେଶ୍ୱର ପାଢୀଙ୍କ ମଙ୍ଗଳବାର ଦେହାନ୍ତ ହୋଇଥିଲା। ଏନେଇ ସୁହାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶୋକସଭା ବୁଧବାର ଅନୁଷ୍ଠିତ ହୋଇଛି। ସୁହାଣପୁର ସରପଞ୍ଚ ଦୁଷ୍ମନ୍ତ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦେଇ, ନାଏବ ସରପଞ୍ଚ ଆବସାନ ବିବି, ସମସ୍ତ ୱାର୍ଡର ସଭ୍ୟାସଭ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ସ୍ୱର୍ଗତ ପାଢୀଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସେହିପରି କାକଟପୁର ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ନାୟକ, ଦୁର୍ଗାଚରଣ ନାୟକ, ବାଙ୍ଗୁରୀ ଗାଁ ଗ୍ରା.ପ.ର ପୂର୍ବତନ ସରପଞ୍ଚ ମାଧବାନନ୍ଦ ସାହୁ, ସୁହାଣପୁର ପଞ୍ଚାୟତର ନୋମିନି ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସଭାରେ ଯୋଗଦେଇଥିଲେ।

# ‘ହକ୍ ନ ମିଳିବା ଯାଏ ରାସ୍ତାରେ ବସିବୁ’



ବଳଙ୍ଗାଠାରେ ଡ୍ରାଇଭରମାନେ ରାସ୍ତା ଅବରୋଧ କରିଛନ୍ତି।



ପୁରୀଠାରେ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିଛନ୍ତି।

**ପୁରୀ ଅଫିସ/ଅସ୍ତରଙ୍ଗ/ନିମାପଡ଼ା/ସାକ୍ଷୀଗୋପାଳ/ଗୋପ/ବଳଙ୍ଗା/ପିପିଲି/ଡେଲାଙ୍ଗ, ୧୫।୩ (ସ୍ୱ.ପ୍ର./ଡି.ଏନ୍.ଏ.)**

୧୦ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନ କ୍ରମେ ବୁଧବାରଠାରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛି ପୁରୀ ଜିଲା ଡ୍ରାଇଭର ସଂଘ। ଆନ୍ଦୋଳନର ପ୍ରଭାବ ପୁରୀ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ବସ୍ ସମେତ ବିଭିନ୍ନ ଗାଡ଼ିମୋଟର ଚଳାଚଳ ବନ୍ଦ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୁରୀ ସହରର ବିଭିନ୍ନ ପ୍ରମୁଖ ଛକରେ ଡ୍ରାଇଭରମାନେ ଧାରଣା ଦେଇଥିଲେ। ପୁରୀ–ଭୁବନେଶ୍ୱର ରାସ୍ତାର ହରେକୃଷ୍ଣପୁର ଛକ, ପୁରୀ–କୋଣାର୍କ ରାସ୍ତାର ଭୁଦାନ ଛକ ଏବଂ ପୁରୀ–ବ୍ରହ୍ମଗିରି ରାସ୍ତାର ମଙ୍ଗଳଘାଟ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇ ଯାନବାହନ ଅଟକାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆମକୁ ହକ୍ ନ ମିଳିଲେ, ଆମେ ଆମ ପିଲାଛୁଆଙ୍କୁ ଧରି ରାସ୍ତାରେ ବସିବୁ ବୋଲି ଆନ୍ଦୋଳନକାରୀ କହିଛନ୍ତି। ଅସ୍ତରଙ୍ଗ କୁହୁଡି ଛକ ନିକଟ ଅସ୍ତରଙ୍ଗ– ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ଶତାଧିକ ଡ୍ରାଇଭର ଆନ୍ଦୋଳନ କରିଥିଲେ। ସଭାପତି କୃପାସିନ୍ଧୁ ବସ୍ତିଆ ଏଥିରେ ନେତୃତ୍ୱ ନେଇଥିଲେ। ଉପସଭାପତି ବସନ୍ତ ମଲ୍ଲିକ, ମାନସ ମୁଦୁଲି, ମନୋଜ ବିଶ୍ୱାଳ, ଦୀପୁ ବିଶ୍ୱାଳ କବାଡ଼ିଆ ସମେତ ୧୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ବିଭିନ୍ନ ସ୍ଲୋଗାନ ଦେଇଥିଲେ। ନିମାପଡ଼ାର ୨୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଦୋଳବେଦି ଛକଠାରେ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡ୍ରାଇଭର ମହାସଂଘର ଏହି ଆନ୍ଦୋଳନ ପାଇଁ ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଆଦି ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ରହିଥିବାରୁ ହଜାର ହଜାର ଯାତ୍ରୀ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ନିମାପଡ଼ା ଡ୍ରାଇଭର

### ଡ୍ରାଇଭରଙ୍କ ଆନ୍ଦୋଳନ

ମହାସଂଘ ସଭାପତି ମାନସରଞ୍ଜନ ବାରିକ, ଉପସଭାପତି ଶୁକଦେବ ବେହେରା, ସମ୍ପାଦକ ରାଜକିଶୋର ବାରିକ, ଉପଦେଷ୍ଟା ପ୍ରଶାନ୍ତ ଜେନା, ଅନିଲ ମହାନ୍ତି ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ସେହିପରି ସାକ୍ଷୀଗୋପାଳର ସତ୍ୟବାଦୀ ଶାଖାର ଶତାଧିକ ଡ୍ରାଇଭର ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନକାରୀ ନାନା ସ୍ଲୋଗାନ ଦେଇ ପୁରୀ– ଭୁବନେଶ୍ୱର ଜାତୀୟ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁରୀ ଅତିରିକ୍ତ ଏସ୍‌ପି, ପିପିଲି ଏସ୍‌ଡିପିଓ, ସତ୍ୟବାଦୀ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀ ସଂଘ ସଭାପତି ମନୋଜ ପଣ୍ଡା, ସମ୍ପାଦକ ବିରଞ୍ଚିନାରାୟଣ ରାଉତ, ପବିତ୍ର ସାହୁଙ୍କ ସମେତ ଅନେକ ଡ୍ରାଇଭର ସାମିଲ ହୋଇଥିଲେ।

ଗୋପ ବଜାର, କୁଶୁପୁରୁ ଛକ ସହିତ ବ୍ଲକ ଛକ ନିକଟରେ ମଧ୍ୟ ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଶତାଧିକ ଡ୍ରାଇଭର ଗୋପ– କୋଣାର୍କ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ଏହି ରୁଟ୍‌ରେ ଚାଲୁଥିବା ମୋ ବସ୍‌କୁ ମଧ୍ୟ କେତେକ ସ୍ଥାନରେ ଛଡା ଯାଇ ନ ଥିଲା। ବଳଙ୍ଗା ଡ୍ରାଇଭର ସଂଘ ସଭାପତି ପ୍ରଶାନ୍ତ ସାହୁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପ୍ରଶାନ୍ତ ପଣ୍ଡା, ବାସୁଦେବ ସାହୁ, ପ୍ରଫୁଲ୍ଲ ସାହୁ, କୈଳାସ ପ୍ରଧାନ, ନରୋତ୍ତମ ଦାଶ ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଯୋଗଦେଇଥିଲେ। ବଳଙ୍ଗା– ସାତଶଙ୍ଖ ରାସ୍ତାର ବଳଙ୍ଗା ବସଷ୍ଟାଣ୍ଡ ନିକଟରେ ଡ୍ରାଇଭରମାନେ ସାମିଲ ହୋଇ ନାରାବାଜି ଦେଇଥିଲେ।

ପୁରୀ ଜିଲା ଡ୍ରାଇଭର ମହାସଂଘ ସଭାପତି ଲକ୍ଷ୍ମୀଧର ବେହେରାଙ୍କ ନେତୃତ୍ୱରେ ପିପିଲି ଟୋଲଗେଟ୍‌ଠାରେ ୫୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଷ୍ଟିୟରିଂ ଛାଡ଼ ଓ ଅଖଚକ ବନ୍ଦ ଆନ୍ଦୋଳନ କରିଥିଲେ। ଜଣାଇଥିଲା। ସରକାରୀ ଗାଡ଼ି, ଆମ୍ବୁଲାନ୍ସ, ଅତ୍ୟାବଶ୍ୟକ ଘରୋଇ ଗାଡ଼ି, ରୋଗୀ ନେଉଥିବା ଗାଡ଼ିକୁ ବାଦ୍ ଦେଇ ଅନ୍ୟ ଗାଡ଼ି ଅଟକାଇଥିଲେ। ଧର୍ମଘଟକୁ ଅସମର୍ଥ କରି ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କୁ ଫୁଲ, ଧୂପ ଓ ନମସ୍କାର କରି ବିରୋଧ କରିଛନ୍ତି। ଡ୍ରାଇଭରଙ୍କ ଦାବି ପୂରଣ ନ ହେବା ଯାଏ ସେମାନେ ରାଜରାସ୍ତାରେ ଧର୍ମଘଟ ଜାରି ରଖିବେ ବୋଲି ପୁରୀ ଜିଲା ସଂଘ ସଭାପତି ବେହେରା ଓ ସହସମ୍ପାଦକ ପୁଳିନ ପାଟଶାଣୀ କହିଛନ୍ତି।

ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚର ଡେଲାଙ୍ଗ ଶାଖା ପକ୍ଷରୁ ସଂଘ ସଭାପତି ଦୀପକ ବେହେରାଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଡେଲାଙ୍ଗ– ପଟ୍ଟନାୟିକିଆ ରାସ୍ତାର ରେଞ୍ଚ ଛକ ନିକଟରେ ଅଖଚକ ବନ୍ଦ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକି ରହିଥିଲା। ଅନ୍ୟଙ୍କ ମଧ୍ୟରେ ସଂଘ ଉପସଭାପତି ମନୋଜ ମାର୍ଥା, ସମ୍ପାଦକ କୁମର ପ୍ରଧାନ, ସହସମ୍ପାଦକ ଚକ୍ରଧର ପ୍ରଧାନ, କୋଷାଧକ୍ଷ ଦିଲିପ ବେହେରା, ଉପଦେଷ୍ଟା ମଣ୍ଡଳୀ ମିହିର ପ୍ରଧାନ ପ୍ରମୁଖ ବ୍ଲକର ଶତାଧିକ ଚାଳକ ଧାରଣାରେ ବସିଥିଲେ।

### ଭାରତରେ ୧୬ ନିୟୁତ ଗ୍ଲୁକୋମା ରୋଗୀ

**ଭୁବନେଶ୍ୱର, ୧୫।୩ (ବ୍ୟୁରୋ)**

ବିଶ୍ୱରେ ପ୍ରାୟ ୭୮ ନିୟୁତ ଗ୍ଲୁକୋମା (କଳାମୋତିଆ) ରୋଗୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୬ ନିୟୁତ କେବଳ ଭାରତରେ ବାସ କରୁଛନ୍ତି। ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗକୁ ଆସୁଥିବା ପ୍ରତି ଶହେ ରୋଗୀଙ୍କ ମଧ୍ୟରୁ ୪ରୁ ୫ଜଣ ଗ୍ଲୁକୋମାରେ ଚିହ୍ନଟ ହେଉଥିବା ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଡା. ବିଶ୍ୱାସ କହିଛନ୍ତି, ଅଧିକାଂଶ ଲୋକ ଶେଷ ଅବସ୍ଥାରେ ହିଁ ଏହି ରୋଗରେ ପୀଡିତ ଥିବା ଚିହ୍ନଟ ହେଉଛନ୍ତି। ଫଳରେ ଚିକିତ୍ସା ସମ୍ଭବ ହୋଇପାରୁ ନାହିଁ। ଆରମ୍ଭରୁ ଏହି ରୋଗ ଚିହ୍ନଟ ହେଲେ ଏଥିରୁ ରକ୍ଷା ମିଳିପାରିବ ବୋଲି କହିଛନ୍ତି। ଏଥିସହ ରୋଗୀଙ୍କ ସହିତ ଆଲୋଚନା କରି ରୋଗରୁ କିପରି ରକ୍ଷା ପାଇହେବ ସେ ନେଇ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ମାର୍ଚ୍ଚର ଦ୍ୱିତୀୟ ସପ୍ତାହକୁ ବିଶ୍ୱ ଗ୍ଲୁକୋମା ସପ୍ତାହ ଭାବରେ ପାଳନ କରାଯାଇ ଥାଏ। ଏହାଦ୍ୱାରା ଏହି ବିପଦପୂର୍ଣ୍ଣ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇ ଥାଏ। ଚଳିତ ବର୍ଷ ଏହି ସପ୍ତାହ ପାଳନର ବିଷୟ ରହିଛି ‘ବିଶ୍ୱ ଉଜ୍ଜ୍ୱଳ, ଦୃଷ୍ଟି ରକ୍ଷା କର’। ଆୟୋଜିତ କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡିନ୍ ଡା. ପ୍ରଶାନ୍ତ ରାଘବ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡା. ସୁଚେତା ପରିଜା, ଡା. ଭାଗବତ ନାୟକ, ଡା. ସନ୍ଦିପ କୁମାର ସାହୁ ପ୍ରମୁଖ ଏହି ରୋଗର କାରଣ, ଚିହ୍ନଟ ଓ ନିରାକରଣ ସମ୍ପର୍କରେ ବିବରଣୀ ରଖିଥିଲେ।



ନିମାପଡ଼ାର ଦୋଳବେଦି ଛକଠାରେ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଡ୍ରାଇଭରମାନେ ଧାରଣା ଦେଇଛନ୍ତି।

## ‘ଯାନବାହନ ନିୟନ୍ତ୍ରଣରେ ପୋଲିସ ବିଫଳ’

**ପୁରୀ ଅଫିସ, ୧୫।୩**

### ଅଭିଯୋଗ ଆଣି ଜିଲାପାଳଙ୍କୁ ଚିଠି ଲେଖିଲେ ପ୍ରଭାତି

ଲଗାତର ସଡ଼କ ଦୁର୍ଘଟଣା ଓ ଦ୍ରୁତଗତିରେ ଚଳାଚଳ କରୁଥିବା ଯାନବାହନକୁ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଥିବା ଅଭିଯୋଗ ଆଣି ଭାଜପା ରାଜ୍ୟ ଉପସଭାପତି ପ୍ରଭାତି ପରିଡ଼ା ମଙ୍ଗଳବାର ପୁରୀ ଜିଲାପାଳଙ୍କୁ ଏକ ଚିଠି ଲେଖିଛନ୍ତି। ପ୍ରଭାତି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଗତ ୧୫ ଦିନରେ ଭାରିଯାନ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହେଲେଣି। ଏହା ନିମାପଡ଼ାବାସୀଙ୍କ ଚିନ୍ତା ବଢ଼ାଇଛି। କେବେ ଘର ଦୁଆର ମୁହଁରେ ଠିଆ ହୋଇଥିବା ବ୍ୟକ୍ତି ତ ଆଉ କେବେ ବଜାରକୁ ଯାଇଥିବା ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାର ଦୃଶ୍ୟ ଓ ଖବର ଉଦ୍‌ବେଗଜନକ। ଯାତ୍ରୀବାହୀ ବସ୍ ଓ ଦ୍ରୁତବେଗରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକର ଗତି ନିୟନ୍ତ୍ରଣ କରାଯାଉନାହିଁ। ଫଳରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ବାଲି ବୋହୁଥିବା ଭାରିଯାନଗୁଡ଼ିକ ଲୋକଙ୍କୁ ଦଳିଦେଉଥିବାବେଳେ ପ୍ରଶାସନ ଚୁପ୍‌ଚାପ୍ କେସ ଫାଇଲ୍ କରି ବସି ରହିବା ଆମକୁ ହତଚକିତ ଓ ଆଶ୍ଚର୍ଯ୍ୟ କରୁଛି। ପ୍ରଶାସନ ପକ୍ଷରୁ ଗାଡ଼ିମୋଟର ଗତିକୁ ନିୟନ୍ତ୍ରଣ କରାଯାଉ। ଭାରିଯାନ ଗାଡ଼ିକୁ ଜନଗହଳି ଅଞ୍ଚଳରେ ପ୍ରବେଶ ଉପରେ କଟକଣା ଜାରି ହେଉ। ବେଆଇନ ବାଲିବୁହା ଭରିଯାନକୁ ତହସିଲଦାର ଓ ପୋଲିସ ମିଶି ନିୟନ୍ତ୍ରଣ କରନ୍ତୁ। ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ହେଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ପ୍ରଭାତି କହିଛନ୍ତି।

## ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାରର ଅଭିଯୋଗ

**ବଳଙ୍ଗା,୧୫।୩ (ଡି.ଏନ୍.ଏ.)**

ବଳଙ୍ଗା ଥାନା ନିକଟ ସରସ୍ୱତୀପୁର ଗ୍ରାମର ଜଣେ ମହିଳାଙ୍କ ମୃତଦେହ ସାକ୍ଷୀଗୋପାଳ ଡାକ୍ତରଖାନାରୁ ପୋଲିସ ଜବତ କରିଛି। ସେ ହେଲେ ଗ୍ରାମର ଭଜମନ ବେହେରାଙ୍କ ସ୍ତ୍ରୀ ବବିତା ବେହେରା (୫୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଡାକ୍ତରଖାନାକୁ ପଠାଇଥିବାବେଳେ ଏହାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ବବିତା ୩ ବର୍ଷ ହେବ ମାନସିକ ରୋଗରେ ଆକ୍ରାନ୍ତ ଥିଲେ। ବୁଧବାର ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସ୍ୱାମୀ ଚିକିତ୍ସା ନିମନ୍ତେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଯୌତୁକ ଦାବିରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ମହିଳାଙ୍କ ଭାଇ ଅଜୟ ସାହାଣୀ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ହୃଦ୍‌ଘାତରୁ ମୃତ୍ୟୁ ହୋଇଥିବା ମହିଳାଙ୍କ ଶାଶୁଘର ଲୋକେ କହିଛନ୍ତି।

## ଅଳଙ୍କାର ଚୋରି ପରେ ବୃଦ୍ଧାଙ୍କୁ ବଳାତ୍କାର: ଯୁବକ ଗିରଫ

**ଗୋପ,୧୫।୩ (ଡି.ଏନ୍.ଏ.)**

ଗୋପ ଥାନା ଅନ୍ତର୍ଗତ ଶୋରଭା ପାଇକସାହି ଗ୍ରାମର ଜଣଙ୍କ ଘରେ ପଶି ସୁନା ଅଳଙ୍କାର ଚୋରି କରିବା ପରେ ଉପସ୍ଥିତ ବୃଦ୍ଧାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ପିଣ୍ଟୁ ଲେଙ୍କା (୩୦)। ଏନେଇ ଗୋପ ଥାନାରେ ଏକ ମାମଲା (ନଂ. ୧୩୩/୨୩) ରୁଜୁ ହୋଇଛି। ଗିରଫ ପରେ ଅଭିଯୁକ୍ତ ଓ ବୃଦ୍ଧାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କ ପାଖରୁ ଚୋରି ହୋଇଥିବା ସୁନା ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ପିଣ୍ଟୁ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କ ଘରେ ପଶି ଟ୍ରଙ୍କ, ଆଲମାରି ଭାଙ୍ଗି ସୁନା, ରୁପା ଅଳଙ୍କାର ସହ ନଗଦ ୩୦ ହଜାର ଟଙ୍କା ନେଇଥିଲେ। ଶେଷରେ ବୃଦ୍ଧାଙ୍କ କାନରେ ଥିବା ସୁନା କାନଫୁଲ



ଗିରଫ ଅଭିଯୁକ୍ତ ପିଣ୍ଟୁ ଲେଙ୍କା।

ନେବାବେଳେ ତାଙ୍କର ନିଦ ଭାଙ୍ଗିଥିଲା। ହେଲେ ଯୁବକ ଜୋର ଜବରଦସ୍ତି ତାଙ୍କ କାନଫୁଲ ନେବା ସହ ତାଙ୍କୁ ବଳାତ୍କାର କରିଥିଲେ। ପରେ ସେ ସେଠାରୁ ଚମ୍ପଟ ମାରିଥିଲେ। ବୃଦ୍ଧା ପଡ଼ିଶା ଲୋକଙ୍କୁ ଡାକି ଏ ଘଟଣା ସମ୍ପର୍କରେ କହିବା ସହ ବୁଧବାର ସକାଳେ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ତେବେ ମହିଳାଙ୍କ ସ୍ୱାମୀ ମରିଯାଇଥିବାବେଳେ ତାଙ୍କର ୨ଟି ପୁଅ ଅଛନ୍ତି। ହେଲେ ଦୁହେଁ ବାହାରେ ରହୁଥିବାବେଳେ ବୃଦ୍ଧା ଜଣଙ୍କ ଏଠାରେ ଏକୁଟିଆ ରହୁଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା



ଜଳିଯାଉଥିବା ଘରକୁ ଅଗ୍ନିଶମ ବାହିନୀ ପକ୍ଷରୁ ଲିଭାଯାଉଛି।

**ଡେଲାଙ୍ଗ,୧୫।୩(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତର ମୂଳାପଦା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ବାରିକ ଓ ମାନି ବାରିକଙ୍କ ପରିବାର ଲୋକେ ଘର ତାଲା ପକାଇ ହରିରାଜପୁର ମେଳଣ ଦେଖିବାକୁ ଯାଇଥିବା ସମୟରେ ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଡେଲାଙ୍ଗ ଦମକଳ ବାହିନୀର ହାବିଲଦାର ଜୟୀରାମ ସାହୁଙ୍କ ନେତୃତ୍ୱରେ ଡେଲାଙ୍ଗ ଓ କଣାସର ୨ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ଏହି ଅଗ୍ନିକାଣ୍ଡରେ ଉଭୟ ପରିବାରର ଧାନ, ମୁଗ, ବିରି, ଲୁଗାପଟା, ଘରକରଣା ଆସବାବପତ୍ର, ଜରୁରୀ କାଗଜପତ୍ର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ତେବେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ଅନୁମାନ କରିଛି।

## ଶୁଟିଂବଲ୍ ଚାମ୍ପିୟନଶିପ ଉଦ୍‌ଘାଟିତ

**ପୁରୀ ଅଫିସ, ୧୫।୩**

ଝାଡେଶ୍ୱରୀ କ୍ଲବ ପରିସରରେ ବୁଧବାରଠାରୁ ୩ଦିନିଆ ଶୁଟିଂବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଜାତୀୟ ଶୁଟିଂବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶା ଶୁଟିଂବଲ୍ ଆସୋସିଏଶନ୍‌କୁ ଜୋନ ୩ର ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଅନୁମତି ମିଳିଥିଲା। ଓଡ଼ିଶା ଶୁଟିଂ ବଲ୍ ଆସୋସିଏଶନ ପକ୍ଷରୁ ପୁରୀରେ ଏହାର ଆୟୋଜନ କରାଯାଇଛି। ଚାମ୍ପିୟନଶିପ୍ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶୁଟିଂ ବଲ ଏକ ଲୋକ ପ୍ରିୟ ଖେଳ। ଏକ ଭାରତ, ଶ୍ରେଷ୍ଠ ଭାରତ ଆଧାରରେ ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟର ପ୍ରତିଯୋଗୀ ଭାଗ ନେଇଛନ୍ତି। ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଏହି କ୍ରୀଡ଼ାକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି ସାହୁ କହିବା ସହ ପ୍ରତିଯୋଗୀ ଓ ଆୟୋଜକଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଜାତୀୟ ଶୁଟିଂବଲ ଫେଡେରେଶନର ସମ୍ପାଦକ ରାଜୀବ ତୋମାର ଶୁଟିଂବଲ ଚାମ୍ପିୟନଶିପକୁ ଓଡ଼ିଶାରେ ଆୟୋଜନର ସୁଯୋଗ ମିଳିଥିବାରୁ ଅଭିନନ୍ଦନ ଜଣାଇବା ସହ ଏହି କ୍ରୀଡ଼ାର



ଅତିଥିମାନେ ଶୁଟିଂବଲ୍ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରୁଛନ୍ତି।

ଲୋକପ୍ରିୟତା ବଢିବାରେ ଲାଗିଛି ବୋଲି କହିଥିଲେ। ଓଡ଼ିଶା ଶୁଟିଂବଲ ଆସୋସିଏସନର ସଭାପତି ଶୁଭାଶିଷ ଖୁଣ୍ଟିଆ ସମସ୍ତଙ୍କୁ ସ୍ୱାଗତ କରିବା ସହ

### ଭାଗ ନେଇଛନ୍ତି ୮ ରାଜ୍ୟର ପ୍ରତିଯୋଗୀ

ଭବିଷ୍ୟତରେ ଶୁଟିଂବଲ୍ ଜାତୀୟସ୍ତରୀୟ ପ୍ରତିଯୋଗିତା ପୁରୀରେ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଝାଡେଶ୍ୱରୀ କ୍ଲବ ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ପାର୍ଥ ସାରଥୀ ମହାପାତ୍ର ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ପୁରୀ ଝାଡ଼େଶ୍ୱରୀ କ୍ଲବ୍ ପରିସରରେ ଅନୁଷ୍ଠିତ ଜାତୀୟ ଶୁଟିଂବଲ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ବିଭିନ୍ନ ରାଜ୍ୟର ଖେଳାଳି।

**କନଷ୍ଟେବଲଙ୍କୁ ମାଡ଼ ଘଟଣା, ୩ ଧରାପଡିଲେ**

ଭୁବନେଶ୍ୱର,(ବ୍ୟୁରୋ): ଗତ ୧୨ ତାରିଖ ସନ୍ଧ୍ୟାରେ ଏସ୍ପ୍ଲାନେଡ ଛକରେ ଚେକିଂ କରୁଥିବାବେଳେ କନ୍‌ଷ୍ଟେବଲ ଦିଲୀପ କୁମାରଙ୍କୁ ମାଡ ମାରି ନାକ ଫଟାଇବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଜଣେ ନାବାଳକଙ୍କ ସମେତ ୩ ଆକ୍ରମଣକାରୀଙ୍କୁ ଧରିବାରେ ସଫଳ ହୋଇଛି। ବମିଖାଲରେ ରହୁଥିବା ଗଞ୍ଜାମର ଗୌରବ ଦିଗାଲ ଓ ଖୋର୍ଦ୍ଧା ବାଣପୁର ଅଞ୍ଚଳର ଉମାକାନ୍ତ ନାୟକଙ୍କୁ ଗିରଫ କରାଯାଇଥିବାବେଳେ ନାବାଳକ ଜଣଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି।

## ସଂକ୍ଷେପରେ

### ଶ୍ରୀନିକୁଞ୍ଜ ବିହାରୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ବାଲିଅନ୍ତା,୧୫।୩(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ବାଲିଅନ୍ତା ବଜାରସ୍ଥିତ ଆରାଧ ଦେବତା ଶ୍ରୀ ନିକୁଞ୍ଜ ବିହାରୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ୪ ତାଲାକୁ ଗ୍ୟାସ କଟର ସାହାଯ୍ୟରେ କାଟି ଗର୍ଭଗୃହରେ ପୂଜା ପାଉଥିବା ପ୍ରଭୁ ଶ୍ରୀକୃଷ୍ଣଙ୍କ ୨ଟି ରୁପାବଂଶୀ, ୪ଟି ରୁପା ବାଜୁ ବାହୁଟି ଓ ଶ୍ରୀରାଧାଙ୍କ ବ୍ରେସଲେଟ୍, ୨ଟି ସୁନା ଖଡୁ ଚୋରି କରିନେଇଛନ୍ତି। ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ମୁଖ୍ୟ ପୂଜକ ଶ୍ରୀଧର ଦାସ କହିଛନ୍ତି। ସୂଚନା ମୁତାବକ, ବୁଧବାର ଭୋର ସାଢେ ୫ଟା ସମୟରେ ପୂଜକ ମନ୍ଦିରକୁ ଆସି ପହଞ୍ଚିବା ବେଳକୁ ମୁଖ୍ୟ ଗେଟ୍ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଏନେଇ ସେ ଟ୍ରଷ୍ଟବୋର୍ଡ କର୍ମକର୍ତ୍ତାଙ୍କୁ ଅବଗତ କରିଥିଲେ। ଖବରପାଇ ବାଲିଅନ୍ତା ଅଧିକାରୀ ଯୁବରାଜ ସ୍ୱାଇଁ ଓ ଟ୍ରଷ୍ଟବୋର୍ଡ ସଭ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ମନ୍ଦିର ଗର୍ଭଗୃହରୁ ବିଗ୍ରହଙ୍କ ଅଳଙ୍କାର ଚୋରି ହୋଇଥିବା ଦେଖିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏଥିସହ ଦାନବାକ୍ସର ତାଲା ଭଙ୍ଗାଯାଇ ସମସ୍ତ ଟଙ୍କା ଚୋରି ହୋଇଥିବା ଜଣାପଡିଛି। ଟ୍ରଷ୍ଟ ବୋର୍ଡର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ଏଥିସହ ଟ୍ରଷ୍ଟବୋର୍ଡ ପକ୍ଷରୁ ମନ୍ଦିର ପରିସରରେ ୬ଟି ସିସିଟିଭି ଲଗାଯାଇଛି।

### ରୀତିଗୀତି ଆସର, ପୁସ୍ତକ ଉନ୍ମୋଚନ

ଭୁବନେଶ୍ୱର,୧୫।୩(ବ୍ୟୁରୋ)- ବ୍ୟଙ୍ଗବାଣୀ ହାସ୍ୟବ୍ୟଙ୍ଗ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ରୀତିଗୀତି ଆସର ଅନୁଷ୍ଠିତ ହୋଇଯାଇଛି। ସୂଚନା ଭବନରେ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାବ୍ୟ ସମ୍ବାଦଙ୍କ ଦ୍ୱାରା ବିଷ୍ଣୁ ବନ୍ଦନା ଗାନ କରାଯାଇଥିଲା। ଓଡ଼ିଆ ପ୍ରାଚୀନ ଓ ରୀତି ସାହିତ୍ୟର ଗବେଷକ ଡ. ବ୍ରଜବନ୍ଧୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ରୀତି ସାହିତ୍ୟର ଚମତ୍କାର ବର୍ଣ୍ଣନା ଏବଂ ରଚନା ଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକମ୍ରରେ କବି ପ୍ରଭାକରଙ୍କ ରଚିତ 'ରୀତିଗୀତି ଭାରତୀ' ଏବଂ ଗାୟକ ବିଦଗ୍ଧ ନିଶିକାନ୍ତ ପଣ୍ଡାଙ୍କ ଦ୍ୱାରା ସଂକଳିତ 'ଅନନ୍ତ ଗୋପାଳ ପଦ୍ୟାବଳି' ପୁସ୍ତକ ଉନ୍ମୋଚିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବିଶ୍ୱନାଥ ଶତପଥୀ ଯୋଗଦେଇ ଉଭୟ ପୁସ୍ତକର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) କଲେଜର ପୂର୍ବତନ ଅଧକ୍ଷ ଚିନ୍ତାମଣି ଭାରତୀ ଯୋଗଦେଇ ସଂସ୍କୃତ ସାହିତ୍ୟ ଓ ଓଡ଼ିଆ ରୀତି ସାହିତ୍ୟର ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶୀ ସଙ୍ଗୀତଗୁରୁ ନିମାକାନ୍ତ ରାଉତରାୟଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣ ବେଶ୍ ମନୋରଞ୍ଜନଧର୍ମୀ ହୋଇପାରିଥିଲା। ବ୍ୟଙ୍ଗବାଣୀର ସମ୍ପାଦକ ଡ.ରମାକାନ୍ତ ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ଗୀତିକାର ବିପିନ୍ ମହାନ୍ତି ଓ ବ୍ୟଙ୍ଗ କବି ପ୍ରିୟବ୍ରତ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା ସହ ଧନ୍ୟବାଦ ଦେଇଥିଲେ।

### ବେକରେ କଟୁରୀ ଲଗାଇ ମାଡ ମାରି ଟଙ୍କା ଛଡାଇ ନେଲେ

ଭୁବନେଶ୍ୱର,୧୫।୩(ବ୍ୟୁରୋ) : ରାସ୍ତାରେ ଜଣେ ଯୁବକଙ୍କ ବେକରେ କଟୁରୀ ଲଗାଇ ମାଡ଼ ମାରିବା ସହ ପକେଟରୁ ସାଢେ ୬ ହଜାର ଟଙ୍କା ଛଡାଇ ନେବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ବାଲିଅନ୍ତା ଅଞ୍ଚଳର ମୁନା ବେହେରା। ତାଙ୍କଠାରୁ ୩ ହଜାର ଟଙ୍କା ଜବତ କରାଯାଇଛି। ତେବେ ଏଥିରେ ସମ୍ପୃକ୍ତ ତାଙ୍କ ସହଯୋଗୀ ଫେରାର ଥିବାବେଳେ ଆଉ ୩ହଜାର ଟଙ୍କା ସେ ନେଇଥିବା ଜଣାପଡିଛି। ଆକ୍ରମଣ ଓ ଲୁଟ୍‌ର ଶିକାର ହୋଇଥିବା ସାନୁ ପାତ୍ର ଗତ ୧୩ ତାରିଖରେ ମଞ୍ଚେଶ୍ୱର ଅଞ୍ଚଳରେ ଥିବା ରୟାଲ କଲେଜରୁ ଘରକୁ ଫେରୁଥିବା ସମୟରେ ତ୍ରିନାଥ ମନ୍ଦିର ନିକଟରେ ଅଭିଯୁକ୍ତ ମୁନା ସହଯୋଗୀଙ୍କ ସହ ଏପରି ଘଟଣା ଘଟାଇଥିଲେ।

### ୮୪ଗ୍ରାମ ବ୍ରାଉନସୁଗାର ଜବତ

ବାରଙ୍ଗ,୧୫।୩(ଡି.ଏନ୍.ଏ.): ଭୁବନେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବୁଧବାର ନନ୍ଦନକାନନ ଛକରେ ଚଢ଼ାଉ କରି ଏକ ଭେରାଇଟି ଦୋକାନରୁ ୮୪ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିବା ସହ ଦୋକାନ ମାଲିକଙ୍କୁ ଗିରଫ କରିଛନ୍ତି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମର ପ୍ରଦୀପ କୁମାର ରାଉତ।

# ପ୍ଲାଟିନମ୍ ଜୁବିଲି ପାଳନ କରିବ ରାଜଧାନୀ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)



■ ୩ଦିନ ଧରି ଚାଲିବ ପ୍ରତିଷ୍ଠା ଉତ୍ସବ
■ ୧୩ଜଣଙ୍କୁ 'ରାଜଧାନୀ ଗୌରବ ସମ୍ମାନ'

ଏପ୍ରିଲ ୧୩ରୁ ୧୫ ତାରିଖ ୩ଦିନ ଧରି ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଉତ୍ସବ। ଚଳିତବର୍ଷ ରାଜଧାନୀ ପ୍ରତିଷ୍ଠାର ୭୫ବର୍ଷ ପୂର୍ତ୍ତି ହେଉଥିବାରୁ ଏହାକୁ ପ୍ଲାଟିନମ୍ ଜୁବିଲି ଉତ୍ସବ ଭାବେ ବର୍ଣ୍ଣାଢ୍ୟ ଢଙ୍ଗରେ ପାଳନ କରାଯିବ। ଏନେଇ ବୁଧବାର କ୍ୟାପିଟାଲ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ପ୍ରତିଷ୍ଠା ଉତ୍ସବରେ ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୭୫ ପ୍ଲାଟୁନ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବେ। ପ୍ରତି ଦଳରେ ୩୨ ଜଣ ଛାତ୍ରୀଛାତ୍ର କଲେଜ ଓ ସ୍କୁଲ ୟୁନିଫର୍ମ ସହ ଯୋଗଦେବେ। ସେହିପରି ଶିଳାନ୍ୟାସ ଫଳକ ଓ ଉତ୍ସବ ସ୍ଥଳର ସାଜସଜ୍ଜା, ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୋଷ୍ଠୀଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୩ଜଣ ବ୍ୟକ୍ତି ବିଶେଷଙ୍କୁ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯିବ। ସେହିପରି ବିଭିନ୍ନ ସରକାରୀ ଉଦ୍ୟୋଗ, ବେସରକାରୀ ଅନୁଷ୍ଠାନ ଏବଂ ରାଜଧାନୀରେ ଥିବା ବିଭିନ୍ନ ସ୍କୁଲ ଓ କଲେଜ କୋଠାକୁ ଆଲୋକମାଳାରେ ସଜ୍ଜିତ କରାଯିବ। ଏଥିସହ ଉତ୍ସବରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପ୍ରାୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଅନୁଷ୍ଠିତ କରାଯିବା ନେଇ ବିଭିନ୍ନ ଉପ-କମିଟି ଗଠନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠା ଦିବସ ଉତ୍ସବ ପାଳନ ପାଇଁ ବିଏମ୍‌ସି ସ୍ତରରେ ବୈଠକ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ତଥା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର, ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପ ଜିଲାପାଳ ଦେବବ୍ରତ ସାହୁ, ଭୁବନେଶ୍ୱର ବିଡିଓ ସମ୍ପଦ କୁମାର ଦଳାଇ, ଏନ୍‌ସିସି ଗ୍ରୁପ୍ କମାଣ୍ଡାଣ୍ଟ, ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ୍.କେ.ମିଶ୍ର, ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମେଳଣ ସହ ପ୍ରଥମଥର ସର୍ବଭାରତୀୟ ହସ୍ତତନ୍ତ ମେଳା

ବାଲକାଟୀ,୧୫।୩(ଡି.ଏନ୍.ଏ.)

**ମନ ମୋହୁଛି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ**

ରାଜଧାନୀ ଉପକଣ୍ଠ ବାଲକାଟୀରେ ୧୨ତାରିଖ ମଧ୍ୟ ରାତିରୁ ପଞ୍ଚଦୋଳ ମେଳଣ ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମଥର ପାଇଁ କଲେଜ ପଡିଆରେ ପଞ୍ଚାୟତ ଆନୁକୂଲ୍ୟରେ ସର୍ବଭାରତୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ଏଥିସହ ସନ୍ଧ୍ୟା ହେଲେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଜମୁଛି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଓଡ଼ିଶାର ନାମୀ ଦାମୀ କଳାକାର ଯୋଗଦେଇ ନିଜ କଳା ମାଧ୍ୟମରେ ଦର୍ଶକଙ୍କୁ ଆକର୍ଷିତ କରୁଛନ୍ତି। ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡିଭାଇନ ଗ୍ରୁପ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠ ଶିଳ୍ପୀ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ରୋଜାଲିନ ସ୍ୱାଇଁ, ପ୍ରଭାତ କୁମାର, ଆଶିଷ ରଞ୍ଜନ, ସନତ କୁମାରଙ୍କ ସୁଲଳିତ ସଙ୍ଗୀତ ଶ୍ରୋତାଙ୍କୁ ବିମୋହିତ କରିଥିଲା। ଦର୍ଶକ ମନୋଭାରୀ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି ସର୍ବଭାରତୀୟ ହସ୍ତତନ୍ତ ମେଳା ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ରାଜ୍ୟରୁ ୫୦ଷ୍ଟଲ ଏହି ମେଳାରେ ପସରା ପକାଇଥିବାବେଳ ଦୈନିକ ଶହ ଶହ ସଂଖ୍ୟାରେ ଲୋକ ମେଳାରେ ଭିଡ଼ ଜମାଇ ଖାଦ୍ୟ ପେୟର ମଜା ନେଉଛନ୍ତି। ପ୍ରଥମଥର ଏହି କାର୍ଯ୍ୟକ୍ରମ ହୋଇଥିବାରୁ ଅଞ୍ଚଳରେ ବେଶ୍ ଆଦୃତି ଲାଭ କରିଛି। ଆସନ୍ତାବର୍ଷ କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି ସରପଞ୍ଚ ରିନା ବେହେରା ସୂଚନା ଦେଇଛନ୍ତି।



ବିଏମସି ପକ୍ଷରୁ ବୁଧବାର ଉତ୍କଳ ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ 'ସମ୍ପୂର୍ଣ୍ଣା-୨୦୨୩'ରେ ମେୟର ଓ ଅନ୍ୟମାନେ।

## ଶାଳୀଙ୍କୁ ଅସଦାଚରଣ କରି ଭିଣୋଇ ଗିରଫ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଶାଳୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଭିଣୋଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଆକାଶ ପରିଡା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ ଅଭିଯୁକ୍ତ ଜଣକ ପୀଡିତାଙ୍କ ଭିଣୋଇ ଅଟନ୍ତି। ଘଟଣା ଦିନ ସନ୍ଧ୍ୟାରେ ସେ ଘର କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ଅଭିଯୁକ୍ତ ଜଣକ ହଠାତ୍ ଆସି କୌଣସି କାରଣକୁ ନେଇ ଅଶ୍ରାବ୍ୟ ଭାଷାରେ ତାଙ୍କୁ ଗାଳି କରିବା ସହିତ ହଠାତ ଏକ ଲୁହା ଛଡ ଧରି ଆସି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ପୀଡ଼ିତା ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ପୀଡିତା ଚିତ୍କାର କରିବାରୁ ତାଙ୍କ ଶ୍ୱଶୁର ଏବଂ ଅନ୍ୟ ଜଣେ ଭିଣୋଇ ଘଟଣାସ୍ଥଳକୁ ଆସି ତାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ। ପରେ ଏହି ଘଟଣା ସମ୍ପର୍କରେ ପୀଡିତାଙ୍କ ସ୍ୱାମୀ ଅଭିଯୁକ୍ତଙ୍କୁ ପଚାରିବାରୁ ସେ ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହିତ ମାଡ ମାରିଥିଲେ। ଏହାସହ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ଭିଣୋଇଙ୍କୁ ଗିରଫ କରିଥିଲା।

## ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର



ଭୁବନେଶ୍ୱର,୧୫।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ସମ୍ ହସ୍ପିଟାଲର ସହଯୋଗୀ ପ୍ରତିଷ୍ଠାନ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଡେଣ୍ଟାଲ ସାଇନ୍ସ (ଆଇଡିଏସ୍) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ ନଂ. ୩୮କର୍ପୋରେଟରଙ୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ବୁଧବାର ଏକ ମାଗଣା ଦନ୍ତ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏପରିକି ୱାର୍ଲ୍ଡ ଓରାଲ ଡେ ଅବସରରେ ଆଇଏସ୍‌ଡି ପକ୍ଷରୁ ୩୮କର୍ପୋରେଟରଙ୍କ କାର୍ଯ୍ୟାଳୟ ପରିସରରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ପରିବେଶବିତ୍ ଡ. ଦିଲୀପ ଶ୍ରୀଚନ୍ଦନ, କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା ଏବଂ ସାମାଜିକ କର୍ମୀ ସମରେନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଶେଷ କରି ଉକ୍ତ ଶିବିର ଜରିଆରେ ସ୍ଥାନୀୟ ୩୭, ୩୮ ଏବଂ ୩୯ ନଂ. ୱାର୍ଡର ବାସିନ୍ଦାମାନେ ସେମାନଙ୍କର ଆବଶ୍ୟକ ଚିକିତ୍ସା ଓ ପରାମର୍ଶ ଆଇଏସ୍‌ଡିର ଚିକିତ୍ସକଙ୍କଠାରୁ ଗ୍ରହଣ କରିଥିଲେ। ଅପରପକ୍ଷରେ ଆଇଏସ୍‌ଡିର ଡା. ସ୍ୱାତି ପଟ୍ଟନାୟକ,ଡା, ଦେବାଶିଷ ରାଉତ, ଡା. ତୁଷାର ଭୋଇ,ଡା. ମୃଣାଳିନୀ ପାଢ଼ୀ, ଡା. ରାଜୀବ ପରିଡ଼ା, ଡା, ଜାଗୃତି, ଡା. ନିକିତା ଏବଂ ଡା. ପ୍ରତୀକ୍ଷା ଓ ଅନ୍ୟ ସହଯୋଗୀମାନେ ଉକ୍ତ ଶିବିର ଜରିଆରେ ୨୦୦ରୁ ଅଧିକ ଲୋକଙ୍କ ଚିକିତ୍ସା ଓ ପରାମର୍ଶ ସହ ଦନ୍ତର ସୁରକ୍ଷା ପାଇଁ ଆବଶ୍ୟକ ସଚେତନତା କରାଇଥିଲେ। ଉଲ୍ଲେଖଯୋଗ୍ୟ, ୱାର୍ଡ ନଂ. ୩୮କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଉକ୍ତ ଶିବିର ପରିଚାଳିତ ହେଉଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ଚିକିତ୍ସା ସହ ସ୍ୱତନ୍ତ୍ର ଦନ୍ତ ଚିକିତ୍ସା ଉତ୍ପାଦ ଓ ବ୍ରଶ୍ ପେଷ୍ଟ ବଣ୍ଟନ କରିଥିଲେ।

## ମହିଳାମାନେ ଉଦାହରଣ ଯୋଗ୍ୟ ପରିବର୍ତ୍ତନ ଆଣିଛନ୍ତି

ଭୁବନେଶ୍ୱର, ୧୫।୩ (ବ୍ୟୁରୋ)

**ବିଏମ୍‌ସି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ**

ବିଏମସି ପକ୍ଷରୁ ବୁଧବାର ଉତ୍କଳ ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ 'ସମ୍ପୂର୍ଣ୍ଣା-୨୦୨୩' ପାଳିତ ହୋଇଯାଇଛି। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇ, ମହିଳାମାନେ ସାମାଜିକ ସ୍ଥିତିରେ ଉଦାହରଣ ଯୋଗ୍ୟ ପରିବର୍ତ୍ତନ ଆଣିବା ସହ ପାରଦର୍ଶୀ ହୋଇ ପାରିଛନ୍ତି ବୋଲି କହିଥିଲେ। କମିଶନର ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇ, ସରକାରଙ୍କ ସ୍ପଷ୍ଟ ମହିଳା ସଶକ୍ତୀକରଣ ରଣନୀତି ପାଇଁ ମହିଳାମାନେ ସବୁଥିରେ ଆଗୁଆ ହୋଇପାରିଛନ୍ତି। ଏଭଳି ଯୋଗଦାନ ଭୁବନେଶ୍ୱରର ପ୍ରଗତିକୁ ଆଗେଇ ନେବ ବୋଲ ମତ ଦେଇଥିଲେ। ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ଆମ ରାଜ୍ୟ ଏବଂ ସରକାର ମହିଳାଙ୍କ ବିକାଶକୁ ଆଉପାଦେ ଆଗକୁ ନେଇଛନ୍ତି। ଭୁବନେଶ୍ୱରରେ ୫୨୭୮ ସ୍ୱୟଂ ସହାୟକ ଗୋଷ୍ଠୀ ଓ ୨୪୨ଟି ମହାସଂଘ ରହିଛି। ଏମାନଙ୍କ ସହଯୋଗରେ ସହରର ପରିମଳ, ଆହାର କେନ୍ଦ୍ର ଏବଂ ପାନୀୟ ଜଳ କାର୍ଯ୍ୟ ପରିଚାଳନା କରାଯାଉଛି। ସେହିପରି ପାର୍କିଂ, ହୋଲ୍ଡିଂ ଟିକସ ଆଦାୟ, ମୁକ୍ତା କାର୍ଯ୍ୟକ୍ରମରେ ମଧ୍ୟ ସେମାନଙ୍କର ଅବଦାନ ରହିଛି ବୋଲି ମେୟର କହିଥିଲେ। ଏହି ଅବସରରେ ମହିଳା ଟ୍ରାଫିକ୍ ପୋଲିସ, ମହିଳା ସଫେଇ କର୍ମୀ, ସ୍ଲମ୍ ବିକାଶ ସଦସ୍ୟା, ମହିଳା ଗଣମାଧ୍ୟମ ପ୍ରତିନିଧି, ମହିଳା ସ୍ୱଚ୍ଛକର୍ମୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଉତ୍କଳ ପ୍ରସଙ୍ଗ ସମ୍ପାଦିକା କସ୍ତୁରୀ ମହାପାତ୍ର, ମହିଳା ଏବଂ ଶିଶୁ ବିକାଶ ଉପଦେଷ୍ଟା ସୁମିତ୍ରା ଜେନା, ମିଶନ ଶକ୍ତି ଉପଦେଷ୍ଟା ଡ. ଗୀତାଞ୍ଜଳି ବସ୍ତିଆ, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କମିଶନର ମଞ୍ଜୁଲତା କହଁର ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯାତ୍ରୀଙ୍କଠାରୁ ଜରିମାନାକୁ ନେଇ ଉତ୍ତେଜନା

ଭୁବନେଶ୍ୱର,୧୫।୩(ବ୍ୟୁରୋ)

**ମୋ ବସ୍ କଣ୍ଡକ୍ଟରଙ୍କ ଅବହେଳା ଅଭିଯୋଗ**

ମୋ ବସ୍‌ରେ ପ୍ରବଳ ଭିଡ଼ ହେଉଥିବାରୁ ଯାତ୍ରୀମାନେ ଅସୁରକ୍ଷିତ ହୋଇପଡିବା ସହ ଯାତ୍ରା କଷ୍ଟଦାୟକ ହେବାରେ ଲାଗିଛି। ଏପରିସ୍ଥିତିରେ କଣ୍ଡକ୍ଟର ଓ ଅନ୍ୟ କର୍ମଚାରୀଙ୍କ ଦାଦାଗିରି ବଢ଼ିଚାଲିଥିବାରୁ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ବୁଧବାର ଭିଡ଼ ସହ ଡ୍ରାଇଭରଙ୍କ ଅବହେଳା ଯୋଗୁ ଦୁଇଜଣ ଯାତ୍ରୀ ଟିକେଟ କାଟି ପାରି ନ ଥିଲେ। ହେଲେ ସେମାନଙ୍କଠାରୁ ଜବରଦସ୍ତ ୧୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ମାଷ୍ଟରକ୍ୟାଣ୍ଟିନସ୍ଥିତ ସିଟି ବସ୍‌ଷ୍ଟାଣ୍ଡରେ ବସ୍ କର୍ମଚାରୀ ଓ ଯାତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ସ୍ଥିତି ଶାନ୍ତ ପଡିଥିଲା। ସୂଚନାନୁସାରେ, ଶିକ୍ଷକ ସଚ୍ଚିକାନ୍ତ ତାଡ଼ ଏମ୍‌ସରୁ ଜଣେ ମହିଳା ସହଯୋଗୀଙ୍କ ସହ ୩୯ ନମ୍ବର ରୁଟ୍ ମୋ ବସ(ଓଡି୩୩ ୟୁ୭୩୪୩) ଯୋଗେ ଭୁବନେଶ୍ୱର ରେଲୱେ ଷ୍ଟେଶନକୁ ଆସିଥିଲେ। ହେଲେ ଗାଡିରେ ଅତ୍ୟଧିକ ଭିଡ଼ ଯୋଗୁ ଟିକେଟ କାଟି ପାରି ନ ଥିଲେ। ଏପରିକି କଣ୍ଡେକ୍ଟର(ଗାଇଡ) ତାଙ୍କ ପାଖକୁ ଆସି ନ ଥିଲେ କି ସେ ଟିକେଟ କାଟିବାକୁ ସୁଯୋଗ ପାଇ ନ ଥିଲେ। ତାଙ୍କ ଭଳି ଅନ୍ୟଜଣେ ଯାତ୍ରୀ ମଧ୍ୟ ହାତରେ ଟଙ୍କା ଧରି ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ସେମାନେ ମାଷ୍ଟରକ୍ୟାଣ୍ଟିନ ଷ୍ଟାଣ୍ଡରେ ଓହ୍ଲାଇବା ସମୟରେ ବସ୍ ଭଡ଼ା ବାବଦ ଟଙ୍କା ବଢ଼ାଇଥିଲେ। ହେଲେ ମୋ ବସ ଗାଇଡ୍ ଜରିମାନା କାଟିଥିଲେ। ଏହାକୁ ବିରୋଧ କରିବାରୁ ଟିକେଟ ନିରୀକ୍ଷକ ଓ ସେଠାରେ ଥିବା ମୋ ବସ୍ କର୍ମଚାରୀ ଉଭୟ ଯାତ୍ରୀଙ୍କୁ ଘେରିଯାଇ ଜରିମାନା ଆଦାୟ କରିବା ସହ ନାଲିଆଖି ଦେଖାଇଥିଲେ। ଏମିତିକି ଥାନାରେ ଏଫ୍‌ଆଇଆର୍ ଧମକ ଦେଇଥିଲେ। ତେବେ ଏହାକୁ ବସ୍‌ରେ ଥିବା ଅନ୍ୟଯାତ୍ରୀମାନେ ନିନ୍ଦା କରିବା ସହ କର୍ମଚାରୀଙ୍କ ଭୁଲ ରହିଥିବା କହିଛନ୍ତି।

## ନିର୍ମଳ ହେବ କେଦାରଗୌରୀ ପୋଖରୀ ଜଳ

ପୁରୁଣା ଭୁବନେଶ୍ୱର,୧୫।୩(ଡି.ଏନ୍.ଏ.)

ଭୁବନେଶ୍ୱର ଏକାମ୍ର କ୍ଷେତ୍ରର କେଦାରଗୌରୀ ମନ୍ଦିର ପୋଖରୀ ଜଳ ନିର୍ମଳ କରିବା ପାଇଁ ବୁଧବାର ଦୟା ନଦୀ ତଟରୁ ପାଇପ ଯୋଗେ ବିନ୍ଦୁ ସାଗର ଦେଇ କେଦାର କୁଣ୍ଡରେ ସଂଯୋଗ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଆଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଦୀର୍ଘ ୬ କିଲୋମିଟର ପାଇପ ଲାଇନ ବିଛାଯାଇଛି। ଏଥିସହ ଭୁଆସୁଣୀଠାରେ ୨ ମିଲିୟନ ଲିଟର ଜଳ ବିଶୋଧନାଗାର ନିର୍ମାଣ କରାଯାଇ ବିନ୍ଦୁ ସାଗର ଓ କେଦାର ଗୌରୀକୁ ୱାଟ୍‌କୋ ପକ୍ଷରୁ ୨୪ ଘଣ୍ଟା ଜଳ ଛଡ଼ାଯାଉଛି।



କେଦାରଗୌରୀ କୁଣ୍ଡରେ ପାଇପ ଯୋଗେ ଜଳ ଛଡା ଯାଉଛି।

କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ୱାଟ୍‌କୋର ସାଧାରଣ ପରିଚାଳକ ଗୁରୁଚରଣ ଦାସ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକର, ଶିବପ୍ରସାଦ ବେହେରା, ଦାଶରଥି ଗରାବଡୁ ଏବଂ ମନ୍ଦିରର ସମସ୍ତ ସେବାୟତ ଉପସ୍ଥିତ ଥିଲେ।

## 'ଖାଉଟି ସ୍ୱାର୍ଥ ସୁରକ୍ଷା ନେଇ ସଚେତନତା ଲୋଡ଼ା'



କଟକ ଅଫିସ,୧୫।୩

**ବିଶ୍ୱ ଖାଉଟି ଅଧିକାର ଦିବସ**

କଞ୍ଜୁମର ବାର୍ ଆସୋସିଏଶନ୍ ପକ୍ଷରୁ ସତୀଚୌରାସ୍ଥିତ ରାଜ୍ୟ ଖାଉଟି ଆୟୋଗ ପରିସରରେ ବିଶ୍ୱ ଖାଉଟି ଅଧିକାର ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆୟୋଗର ସଭାପତି ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀ ଯୋଗଦେଇ ଖାଉଟି ସ୍ୱାର୍ଥ ସୁରକ୍ଷା ପାଇଁ ସଚେତନତା ଲୋଡ଼ା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଉଟି ବ୍ୟାପାର ଉପଦେଷ୍ଟା ପ୍ରଫେସର ବିଜନ ମିଶ୍ର, ରାଜ୍ୟ ଖାଉଟି ଆୟୋଗର ସଦସ୍ୟ ସୁଧୀରାଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଆୟୋଗର ପୂର୍ବତନ ସଦସ୍ୟା ସ୍ମରିତା ମହାନ୍ତି, ଖାଉଟି ବ୍ୟାପାର କର୍ମୀ ବ୍ରଜେନ୍ଦୁ ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଞ୍ଜୁମର ବାର୍ ଆସୋସିଏଶନ୍ ସଭାପତି ଗିରିଜା ପ୍ରସାଦ ଦତ୍ତ ଅଧକ୍ଷତା କରିଥିଲେ। ଉପଦେଷ୍ଟା କରୁଣାକର ଜେନା ସ୍ୱାଗତ ଭାଷଣ, ଉପସଭାପତି ଶିଳଭଦ୍ର ଶାସ୍ତ୍ରୀ ମଞ୍ଚାସୀନ ଓ ସମ୍ପାଦକ ଜ୍ୟୋତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଭାରତରେ ୧୬ ନିୟୁତ ଗ୍ଲୁକୋମା ରୋଗୀ

ଭୁବନେଶ୍ୱର, ୧୫।୩ (ବ୍ୟୁରୋ)

**ଆରମ୍ଭରୁ ରୋଗ ଚିହ୍ନଟ ହେଲେ ଚିକିତ୍ସା ସମ୍ଭବ**

ବିଶ୍ୱରେ ପ୍ରାୟ ୭୮ ନିୟୁତ ଗ୍ଲୁକୋମା (କଳାମୋତିଆ) ରୋଗୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୬ ନିୟୁତ କେବଳ ଭାରତରେ ବାସ କରୁଛନ୍ତି। ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗକୁ ଆସୁଥିବା ପ୍ରତି ଶହେ ରୋଗୀଙ୍କ ମଧ୍ୟରୁ ୪ରୁ ୫ଜଣ ଗ୍ଲୁକୋମାରେ ଚିହ୍ନଟ ହେଉଥିବା ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଡା. ବିଶ୍ୱାସ କହିଛନ୍ତି, ଅଧିକାଂଶ ଲୋକ ଶେଷ ଅବସ୍ଥାରେ ହିଁ ଏହି ରୋଗରେ ପୀଡିତ ଥିବା ଚିହ୍ନଟ ହେଉଛନ୍ତି। ଫଳରେ ଚିକିତ୍ସା ସମ୍ଭବ ହୋଇପାରୁ ନାହିଁ। ଆରମ୍ଭରୁ ଏହି ରୋଗ ଚିହ୍ନଟ ହେଲେ ଏଥିରୁ ରକ୍ଷା ମିଳିପାରିବ ବୋଲି କହିଛନ୍ତି।




ଏମ୍ସରେ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

ଏଥିସହ ରୋଗୀଙ୍କ ସହିତ ଆଲୋଚନା କରି ରୋଗରୁ କିପରି ରକ୍ଷା ପାଇହେବ ସେ ନେଇ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ମାର୍ଚ୍ଚର ଦ୍ୱିତୀୟ ସପ୍ତାହକୁ ବିଶ୍ୱ ଗ୍ଲୁକୋମା ସପ୍ତାହ ଭାବରେ ପାଳନ କରାଯାଇ ଥାଏ। ଏହାଦ୍ୱାରା ଏହି ବିପଦପୂର୍ଣ୍ଣ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇ ଥାଏ। ଚଳିତ ବର୍ଷ ଏହି ସପ୍ତାହ ପାଳନର ବିଷୟ ରହିଛି 'ବିଶ୍ୱ ଉଜ୍ଜ୍ୱଳ, ଦୃଷ୍ଟି ରକ୍ଷା କର'। ଆୟୋଜିତ କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡିନ୍ ଡା. ପ୍ରଶାନ୍ତ ରାଘବ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡା. ସୁଚେତା ପରିଜା, ଡା. ଭାଗବତ ନାୟକ, ଡା. ସନ୍ଦିପ କୁମାର ସାହୁ ପ୍ରମୁଖ ଏହି ରୋଗର କାରଣ, ଚିହ୍ନଟ ଓ ନିରାକରଣ ସମ୍ପର୍କରେ ବିବରଣୀ ରଖିଥିଲେ। ସେହିପରି ଏମ୍ସ ଭୁବନେଶ୍ୱରରେ ଉଭୟ ଶିଶୁ ଓ ବୟସ୍କଙ୍କ ପାଇଁ ଲେଜର ଅସ୍ତ୍ରୋପଚାର ସୁବିଧା ଉପଲବ୍ଧ ଥିବା ପ୍ରକାଶ କରିଥିଲେ। ଡା. ବିଶ୍ୱାସ ରୋଗୀମାନଙ୍କୁ ଔଷଧ କିଟ୍ ବାଣ୍ଟିଥିବାବେଳେ ବରିଷ୍ଠ ପ୍ରାଧ୍ୟାପକ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡା. ବିଜ୍ଞା ପଣ୍ଡା, ଡା. ବୃତେନ୍ଦୁ ମହାରଣା, ଡା. ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବରେ ଲୋକେ ଭୟଭୀତ

## ଭାଙ୍ଗିଲା ଗଛ, ଘରୁ ମୁଗ, ବିରି, ଧାନ ଖାଇଗଲା

ବଡ଼ମ୍ବା, ୧୫।୩(ଡି.ଏନ୍.ଏ.)

କଟକ ଜିଲା ବଡ଼ମ୍ବାଗଡ଼ ଦଳିତ ସାହି, କାଛିତଳସାହି ମଧ୍ୟକୁ ପୁଣି ଏକ ଦନ୍ତା ହାତୀ ମଙ୍ଗଳବାର ରାତିରେ ପଶି ଆସି ଆତଙ୍କ ଖେଳାଇଛି। ଫଳରେ ଲୋକମାନେ ଘରେ ରହିବା ସହ ଭୟଭୀତ ହୋଇ ପଡ଼ିଛନ୍ତି। ହାତୀକୁ ଘଉଡ଼ାଇବା ପାଇଁ ସାହି ଲୋକେ ଘଣ୍ଟ, ଥାଳି ବାଡ଼େଇଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ବନ ବିଭାଗ ଘଉଡାଇବା ପରେ ହାତୀଟି ଗାଁ ଛାଡ଼ି ପଳାଇ ଥିଲା। ହାତୀ ବାଡ଼ି ବଗିଚାରେ ପଶି କଦଳୀ, ଆମ୍ବ ଗଛ ଇତ୍ୟାଦି ନଷ୍ଟ କରିଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି। ଗତ ୪ ଦିନ ତଳେ ଏକ ଦନ୍ତା ହାତୀ ମଧ୍ୟ ରାତ୍ରରେ ଗୋପାଳପୁର ଗାଁରେ, ସୋମବାର ରାତିରେ ଖଳିମାଟି ଗାଁରେ ପଶି କେତେଜଣଙ୍କ ଘର ଦ୍ୱାର ଭାଙ୍ଗିବା ସହ ମୁଗ, ବିରି, ଧାନ ଓ ରନ୍ଧା ଭାତକୁ ମଧ୍ୟ ଖାଇ ନଷ୍ଟ କରିଥିଲା। ସେହିପରି ମଙ୍ଗଳବାର ରାତ୍ରରେ ଏକ ଦନ୍ତା ହାତୀ ବଡ଼ମ୍ବା ଦଳିତ ସାହିରେ ପଶି ଆତଙ୍କ ସୃଷ୍ଟି କରିବା ସହିତ ପରେ ପରେ ସୁନାପାଳ ଗ୍ରାମ ଅଧୀନ ବଡ଼ବାରେଣା, ଗୁଣ୍ଡଦ୍ୱାର ଓ ଆସେଲୀପୁର ଇତ୍ୟାଦି ଗ୍ରାମରେ ପଶି ଥିଲା। ସେଠାରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିବା ସହ ବିଭିନ୍ନ ଗଛକୁ ଭାଙ୍ଗି ଦେଇଥିଲା। ଦୀର୍ଘ ୩ ଦିନ ଧରି ସେହି ଗୋଟିଏ ହାତୀ ଏସବୁ ଗାଁଗୁଡିକରେ ପଶି ନଷ୍ଟ କରୁଥିବା କେହି କେହି କହୁ ଥିବା ବେଳେ ଅନ୍ୟ କେହି ପ୍ରାୟ ୪ ରୁ ୫ ଟି ହାତୀ ଜଙ୍ଗଲ ଛାଡି ଗାଁ ମୁହାଁ ହୋଇଥିବା ଆଲୋଚନା କରୁଛନ୍ତି। ବଡ଼ମ୍ବା ଅଞ୍ଚଳରେ ଉପଦ୍ରବ କରୁଥିବା ଉକ୍ତ ଦନ୍ତା ହାତୀକୁ ଘଉଡ଼ାଇବା ଓ ହାତୀ ଦ୍ୱାରା କ୍ଷୟକ୍ଷତି ହୋଇଥିବା ସମ୍ପୃକ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ବନ ବିଭାଗ ନିକଟରେ ଦାବି କରାଯାଇଛି।


ବଡ଼ମ୍ବା ଦଳିତ ସାହିରେ ପଶିଥିବା ହାତୀକୁ ଲୋକେ ଘଉଡାଉଛନ୍ତି।

## ବ୍ୟାପକ ପରିବା ଫସଲ ନଷ୍ଟ

ଖୁଣ୍ଟୁଣୀ, ୧୫।୩(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ରାଧାକିଶୋରପୁର ଗ୍ରାମରେ ଦୁଇଦିନ ହେଲା ହାତୀ ଉପଦ୍ରବ ଜାରି ରହିଛି। କପିଳାସ ଜଙ୍ଗଲରୁ ଆସିଥିବା ହାତୀ ଦୁଇଟି ଉକ୍ତ ଗ୍ରାମରେ ପଶି ପରିବା ଫସଲ ନଷ୍ଟ କରିଛନ୍ତି। ଗ୍ରାମର ଅମରେନ୍ଦ୍ର ନାୟକ, ଜୟନ୍ତ ପ୍ରଧାନଙ୍କର ୧ ଏକରରୁ ଊର୍ଦ୍ଧ୍ୱ ଜମିରେ ଲଗାଯାଇଥିବା ବାଇଗଣ, ମକା, କଖାରୁ ଓ ଭେଣ୍ଡି ଖାଇବା ସହ ଫସଲ ନଷ୍ଟ କରିଥିବା ଜଣାପଡିଛି। ଏ ନେଇ ସେମାନେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କୁ ଜଣାଇବା ସହ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଚାଷୀ ସଞ୍ଜିତ୍ ରାଉଳ କହିଛନ୍ତି, ଚାଷୀମାନେ ଫସଲ କରି ପରିବାର ପ୍ରତିପୋଷଣ କରିଥାନ୍ତି। ପରିବା ଫସଲକୁ ରକ୍ଷା କରିବା ପାଇଁ ସେମାନେ ବିଲ ମଝିରେ କୁଡ଼ିଆ କରି ରାତିରେ ଶୋଇଥାନ୍ତି। ହେଲେ ଗତ ସପ୍ତାହରେ ଏହି ହାତୀ ଦ୍ୱୟ ଗୋବରା, ସାଉରିଆ ଗ୍ରାମରେ ପଶି ଲୋକଙ୍କ ଘର ଭାଙ୍ଗି ଦେବା ସହ ଧାନ ଖାଇ ନଷ୍ଟ କରିଥିଲା। ଏହି ଭୟରେ ଆଉ ଚାଷୀମାନେ ବିଲରେ ଶୋଇ ଫସଲ ଜଗିବାକୁ ନିରାପଦ ମଣୁ ନାହାନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି, ଚାଷୀମାନଙ୍କଠାରୁ ଦରଖାସ୍ତ ପାଇ ତଦନ୍ତ କରିବୁ। ପରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ।

## ଶାଳୀଙ୍କୁ ଅସଦାଚରଣ କରି ଭିଣୋଇ ଗିରଫ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଶାଳୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଭିଣୋଇଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଆକାଶ ପରିଡା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ ଅଭିଯୁକ୍ତ ଜଣକ ପୀଡିତାଙ୍କ ଭିଣୋଇ ଅଟନ୍ତି। ଘଟଣା ଦିନ ସନ୍ଧ୍ୟାରେ ସେ ଘର କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ହଠାତ ଏକ ଲୁହା ଛଡ଼ ଧରି ଆସି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ପୀଡିତା ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ପୀଡିତା ଚିତ୍କାର କରିବାରୁ ତାଙ୍କ ଶ୍ୱଶୁର ଏବଂ ଅନ୍ୟ ଜଣେ ଭିଣୋଇ ଘଟଣାସ୍ଥଳକୁ ଆସି ତାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ। ପରେ ଏହି ଘଟଣା ସମ୍ପର୍କରେ ପୀଡିତାଙ୍କ ସ୍ୱାମୀ ଅଭିଯୁକ୍ତଙ୍କୁ ପଚାରିବାରୁ ସେ ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହାସହ ପରିବାର ସଦସ୍ୟଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ।

## ସଂକ୍ଷେପରେ

### କବି ମୌଲାନା ଆୟ୍ୟବ କାସ୍ମିଙ୍କ ପରଲୋକ



ସାଲେପୁର, ୧୫।୩(ଡି.ଏନ୍.ଏ.): ସାଲେପୁର ହାଇସ୍କୁଲର ଅବସରପ୍ରାପ୍ତ ଉର୍ଦ୍ଦୁ ଶିକ୍ଷକ ତଥା କବି ମୌଲାନା ଆୟ୍ୟବ କାସ୍ମିଙ୍କ ପରଲୋକ ହୋଇଯାଇଛି। ଶାରୀରିକ ଅସୁସ୍ଥତା ଯୋଗୁ କିଛିଦିନ ଧରି ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କ ବିୟୋଗ ଖବରପାଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାରିଗୋଳସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୁସଲିମ ଧର୍ମୀୟ ପ୍ରଥା ଅନୁସାରେ ତାଙ୍କୁ କବର ଦିଆଯାଇଥିଲା। ସାଲେପୁର ହାଇସ୍କୁଲରେ ସେ ଦୀର୍ଘ ୧୭ ବର୍ଷ ଧରି ଶିକ୍ଷକତା କରିଥିଲେ। ଅବସର ପରେ ୪ଟି ପୁସ୍ତକ ରଚନା କରିବା ସହ ଅଞ୍ଚଳର ଗରିବ ଉର୍ଦ୍ଦୁ ଛାତ୍ରୀଛାତ୍ରଙ୍କୁ ସହଯୋଗ କରୁଥିଲେ।

### ନନ୍ଦନକାନନ ଛକରୁ ୮୪ଗ୍ରାମ ବ୍ରାଉନସୁଗାର ଜବତ

ବାରଙ୍ଗ, ୧୫।୩(ଡି.ଏନ୍.ଏ.): ଭୁବନେଶ୍ୱର ଅବକାରୀ ବିଭାଗ ପକ୍ଷରୁ ବୁଧବାର ନନ୍ଦନକାନନ ଛକରେ ଚଢ଼ାଉ କରି ଏକ ଭେରାଇଟି ଦୋକାନରୁ ୮୪ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିବା ସହ ଦୋକାନ ମାଲିକଙ୍କୁ ଗିରଫ କରିଛନ୍ତି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମର ପ୍ରଦୀପ କୁମାର ରାଉତ। ପ୍ରଦୀପ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ବିଶେଷସୂତ୍ରରୁ ଖବରପାଇ ଅବକାରୀ ବିଭାଗର କର୍ମଚାରୀମାନେ ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ଉ ସମୟରେ ଦୋକାନରେ ଆଗରେ ଥୁଆହୋଇଥିବା ପ୍ରଦୀପଙ୍କ ନଂ. ଓଆର ୦୨-ଏୱାଇ ୦୧୫୮ ବିଶିଷ୍ଟ ସ୍କୁଟିରୁ ୮୪ଗ୍ରାମ ଓଜନର ବ୍ରାଉନସୁଗାର ମିଳିଥିଲା।

### ଦ୍ୱିତୀୟ ରେଳ ଡାକସେବା କେନ୍ଦ୍ର ସ୍ଥାପନ ଦାବି

କଟକ ଅଫିସ, ୧୫।୩: କମ୍ପ୍ୟୁଟର, ଇ-ମେଲ୍ ଯୁଗରେ ମଧ ଡାକର ଚାହିଦା ରହିଛି। ପ୍ରତିଦିନ ବହୁ ଲୋକେ ଡାକ ଉପରେ ନିର୍ଭର କରିଥାନ୍ତି। ସହରରେ ଏକମାତ୍ର ରେଳ ଡାକ ସେବା କେନ୍ଦ୍ର ରହିଛି। ଏହା ଉପରେ ପୂରା ସହରବାସୀ ନିର୍ଭର କରୁଛନ୍ତି। ଫଳରେ ଡାକ ଦେବା ପାଇଁ ଜନସାଧାରଣଙ୍କୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏପରି ସ୍ଥଳେ ସହରରେ ଦ୍ୱିତୀୟ ରେଳ ଡାକସେବା କେନ୍ଦ୍ର ପ୍ରତିଷ୍ଠା ଲାଗି ଦାବି ହେଉଛି। କଟକ ସହରରେ ୧୨ଲକ୍ଷରୁ ଅଧିକ ଲୋକ ବସବାସ କରୁଛନ୍ତି। କଟକ ରେଳ ଡାକସେବା କେନ୍ଦ୍ର ଅଧୀନରେ ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ପ୍ରତିଦିନ ଏହି କେନ୍ଦ୍ରକୁ ବହୁ ଲୋକେ ଚିଠି, ନୋଟିସ୍, ପାର୍ସଲ ଦେବା ପାଇଁ ଆସିଥାନ୍ତି। ଫଳରେ ଖଣ୍ଡିଏ ଚିଠି ପୋଷ୍ଟ କରିବାକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସହରରେ ଆଉ ଏକ ରେଳ ଡାକ ସେବା କେନ୍ଦ୍ର ଖୋଲିବାକୁ ଦାବି ହୋଇଛି। ଏ ନେଇ ସାମାଜିକ କର୍ମୀ ରାମଚନ୍ଦ୍ର ମହାନ୍ତି ବୁଧବାର ଡାକ ବିଭାଗର ମୁଖ୍ୟ ପରିଚାଳକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ସାରଳା ଭବନରେ ମହିଳା ସମାବେଶ


ମହିଳା ସମାବେଶରେ ବିଏମ୍‌ସି କମିଶନର ସୁଲୋଚନା ଦାସ ଉଦ୍‌ବୋଧନ ଦେଉଛନ୍ତି।

କଟକ ଅଫିସ, ୧୫।୩:

ବିଜୁ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ସାରଳା ଭବନରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ମହିଳା ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ମୀରା ପରିଡ଼ା, କଟକ ମହାନଗର ନିଗମ ମେୟର ସୁବାସ ସିଂ, ବିଜେଡି ନଗର ସଭାପତି ମଧୁସୂଦନ ସାହୁ, କଟକ ଜିଲା ପରିଷଦର ଉପାଧ୍ୟକ୍ଷା ସୁଭଦ୍ରା ଦାସ, କଟକ ମହାନଗର ପର୍ଯ୍ୟବେକ୍ଷକ ସାଈଶ୍ରୀ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ଅନିତା ବେହେରା ସଭାପତିତ୍ୱ କରିଥିବାବେଳେ ପୂର୍ଣ୍ଣିମା ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମାତୃଶକ୍ତି ମାରୁୱାଡି କମିଟି ସଭାପତି ସମ୍ପୌତି ମୋଡା, ଆଇନଜୀବୀ ଭାରତୀ ଦାସ, ବିଜୁ ମହିଳା ଜନତା ଦଳ ରାଜ୍ୟ କମିଟି ସଦସ୍ୟା ସୁନିତା ଶେଖର, ଅଂଶୁ ତ୍ରିପାଠୀ, ସୂର୍ଯ୍ୟମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବାରବାଟୀ-କଟକ ବିଜୁ ମହିଳା କମିଟିର ସଭାନେତ୍ରୀ ଜରିନ ମୁସ୍ତାକ ଧନ୍ୟବାଦ ଦେଇଥିଲେ।

## ଶ୍ରୀନିକୁଞ୍ଜ ବିହାରୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ବାଲିଅନ୍ତା, ୧୫।୩(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ବଜାରସ୍ଥିତ ଆରାଧ୍ୟ ଦେବତା ଶ୍ରୀନିକୁଞ୍ଜ ବିହାରୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ୪ ତାଲାକୁ ଗ୍ୟାସ କଟର ସାହାଯ୍ୟରେ କାଟି ଗର୍ଭଗୃହରେ ପୂଜା ପାଉଥିବା ପ୍ରଭୁ ଶ୍ରୀକୃଷ୍ଣଙ୍କ ୨ଟି ରୁପାବଂଶୀ, ୪ଟି ରୁପା ବାଜୁ ବାହୁଟି ଓ ଶ୍ରୀରାଧାଙ୍କ ବ୍ରେସଲେଟ୍, ୨ଟି ସୁନା ଖଡୁ ଚୋରି କରି ନେଇଛନ୍ତି। ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ମୁଖ୍ୟ ପୂଜକ ଶ୍ରୀଧର ଦାଶ କହିଛନ୍ତି। ସୂଚନା ମୁତାବକ, ବୁଧବାର ଭୋର ସାଢେ ୫ଟାରେ ପୂଜକ ମନ୍ଦିରକୁ ଆସି ପହଞ୍ଚିବା ବେଳକୁ ମୁଖ୍ୟ ଗେଟ୍ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଏ ନେଇ ସେ ଟ୍ରଷ୍ଟବୋର୍ଡ କର୍ମକର୍ତ୍ତାଙ୍କୁ ଅବଗତ କରିଥିଲେ। ଖବରପାଇ ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଓ ଟ୍ରଷ୍ଟବୋର୍ଡ ସଭ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ମନ୍ଦିର ଗର୍ଭଗୃହରୁ ବିଗ୍ରହଙ୍କ ଅଳଙ୍କାର ଚୋରି ହୋଇଥିବା ଦେଖିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏଥିସହ ଦାନବାକ୍ସର ତାଲା ଭଙ୍ଗାଯାଇ ସମସ୍ତ ଟଙ୍କା ଚୋରି ହୋଇଛି। ଟ୍ରଷ୍ଟ ବୋର୍ଡର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଚଣ୍ଡୀଛକରେ ଅଗ୍ନିକାଣ୍ଡ

କଟକ ଅଫିସ, ୧୫।୩:

କଟକ ଚଣ୍ଡୀଛକରେ ଥିବା ୨ ମହଲା ବିଶିଷ୍ଟ କୋଠାଘରେ ବୁଧବାର ରାତି ପ୍ରାୟ ୯ଟାରେ ଅଗ୍ନିକାଣ୍ଡ ଘଟିଛି। କୋଠାର ପ୍ରଥମ ମହଲାରେ ଲାଗିଥିବା ଏକ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରର କମ୍ପ୍ରେସର ଫାଟି ଥିବାବେଳେ ପୋଷାକ, ପ୍ଲାଏ ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ନିକଟସ୍ଥ ଏକ ଔଷଧ ଦୋକାନରେ କାମ କରୁଥିବା ଲୋକେ ଉକ୍ତ ଘରେ ଭଡ଼ାରେ ରହୁଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜିବ କୁମାର ବେହେରା ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡ ସ୍ଥଳ ନିକଟରେ ଏକ ବ୍ୟାଙ୍କ ଓ ଏକ ଘରୋଇ ଛାତ୍ରୀନିବାସ ରହିଛି। ଅଗ୍ନିକାଣ୍ଡ ସମ୍ପର୍କରେ ଜାଣିବା ପରେ ନିଆଁ ଛାତ୍ରୀ ନିବାସକୁ ବ୍ୟାପିବା ଭୟରେ ଅନ୍ତେବାସୀମାନେ ବାହାରକୁ ପଳାଇ ଆସିଥିଲେ।


ଅଗ୍ନିଶମ କର୍ମଚାରୀମାନେ ବିଲ୍ଡିଂରେ ଲାଗିଥିବା ନିଆଁକୁ ପାଣି ପକାଇ ଆୟତ କରୁଛନ୍ତି।

## ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସାଲେପୁର, ୧୫।୩(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ 'ଆନନ୍ଦ ଯୁକ୍ତ ରସାୟନ ବିଜ୍ଞାନ' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ର ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ଆଇଆଇଟି ଖଡ଼ଗପୁରର ପ୍ରଫେସର ତାରା ଶଙ୍କର ପାଲ ଯୋଗଦେଇ ରସାୟନ ବିଜ୍ଞାନ କିପରି ଆନନ୍ଦ ଯୁକ୍ତ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଅଧ୍ୟକ୍ଷା ଡ. ମିଶ୍ର ସ୍ୱାଗତ ଭାଷଣ ସହ ଆଲୋଚନାଚକ୍ର ବିଷୟରେ କହିଥିଲେ। ପ୍ରଶାସନିକ ଅଧିକାରୀ ଡ. ପ୍ରସନ୍ନ କୁମାର ମହାପାତ୍ର ଅତିଥି ପରିଚୟ ଦେଇଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପ୍ରଦ୍ୟୁମ୍ନ ଚୌଧୁରୀ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଡ. ଶ୍ରୀୟାସୁକୁଲ ବଳ କାର୍ଯ୍ୟକୁ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ବୈଷ୍ଣବ ଚରଣ ପୃଷ୍ଟି, ରିନା ସ୍ୱାଇଁ, ଡ. ବିଚିତ୍ରାନନ୍ଦ ଦାଶ, ଜୟବର୍ଦ୍ଧନ ଜେନା, କ୍ଷଣପ୍ରଭା ମହାନ୍ତି, ଆଲୋକ ମହାନ୍ତି, ସୀତାଂଶୁ ମିଶ୍ର, ମଙ୍ଗରାଜ ପଣ୍ଡା, ଆଞ୍ଜୁମ ହାସନ, ରମେଶ ସେଠୀ, ସଞ୍ଜୟ ନାୟକଙ୍କ ସହ ଅଧ୍ୟାପିକାଅଧ୍ୟାପକ ଓ ବିଭାଗୀୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଭାଗ୍ୟଶ୍ରୀ ପାଣି ଧନ୍ୟବାଦ ଦେଇଥିଲେ।

## ଆକ୍ରମଣ ଘଟଣାରେ ୨ ଗିରଫ

ବାଲିଅନ୍ତା, ୧୫।୩(ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅଧୀନ ରୟତପଡ଼ା ଗ୍ରାମର ଗୋପାଳକୃଷ୍ଣ ଭଞ୍ଜଙ୍କ ସ୍ତ୍ରୀଙ୍କୁ ୨ ବାହାର ଲୋକ କୌଣସି କାରଣରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ସ୍ୱାମୀ ଗୋପାଳକୃଷ୍ଣ ଏଥିରେ ପ୍ରତିବାଦ କରିବାରୁ ଉକ୍ତ ୨ ଜଣ ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ବାଲିଅନ୍ତା ପୋଲିସ ସେମାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଧୀନ ରୟତଗଡ଼ା ଅଞ୍ଚଳର ଭାବଗ୍ରାହୀ ଓଝା(୪୪) ଓ ଅନିଲ ଓଝା(୨୩)। ଏନେଇ ରୟତପଡ଼ାର ସ୍ୱାମୀ ଗୋପାଳକୃଷ୍ଣ ଭଞ୍ଜଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୧୦୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଆଜି ସ୍ମାର୍ଟ ସିଟି ଅନ୍‌ଲାଇନ୍ ଅଟୋ ସଂଘର ଆନ୍ଦୋଳନ

### ଡ୍ରାଇଭରଙ୍କ ଆନ୍ଦୋଳନରେ ଅପମାନିତ କରାଯାଇଥିବା ଅଭିଯୋଗ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଗୁରୁବାର ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘ ପକ୍ଷରୁ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ବୋଲି ଡ଼ାକରା ଦିଆଯାଇଛି। ତେଣୁ ଅନଲାଇନ୍ ଅଟୋ ସହ କିଛି କାର ମଧ୍ୟ ଚଳାଚଳ ବନ୍ଦ ରହିବ। ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ହେଉଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନରେ ବୁଧବାର ସେମାନଙ୍କୁ ଅପମାନିତ କରାଯାଇଥିବା ଅଭିଯୋଗ ଆଣି ସଂଘ ପକ୍ଷରୁ ଏହି ପ୍ରତିବାଦ କରାଯିବ ବୋଲି କୁହାଯାଇଛି। ହେବାକୁ ଥିବା ଏହି ଆନ୍ଦୋଳନରେ ପ୍ରାୟ ୧୦ ହଜାର ଅଟୋ ଏବଂ କାର୍ ଚାଳକ ଯୋଡ଼ି ହେବେ। ଲୋୟର ପିଏମ୍‌ଜି ଏବଂ ଜନପଥରେ ସଂଘ ପକ୍ଷରୁ ରାସ୍ତାରେ ଅଟୋ ରଖାଯାଇ ଧାରଣା ଦିଆଯିବ ବୋଲି ସୂଚନା ମିଳିଛି। ଡ୍ରାଇଭରଙ୍କ ଆନ୍ଦୋଳନ ବେଳେ ବିଭିନ୍ନ ସ୍ଥାନରେ କାର୍ ଓ ଅଟୋ ଆଦି ବାଣିଜ୍ୟିକ ଗାଡ଼ିକୁ ଅଟକାଯାଇ ଏହାର ଚାଳକମାନଙ୍କୁ ଫୁଲମାଳ ପିନ୍ଧାଯିବା ସହ ହାତରେ ସିଲଟ୍ ଧରାଯାଇଥିଲା। ଏପରିକି ମୁଣ୍ଡିଆ ମାରି ଆନ୍ଦୋଳନରେ ଯୋଡ଼ି ହେବାକୁ ବୁଝାଯାଇଥିଲା। ଏଥିଯୋଗୁ ନାଗରିକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ତେବେ କେଉଁ କାରଣରୁ ସେମାନଙ୍କୁ ଅପମାନିତ କରାଗଲା ସେନେଇ ପରିବହନ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ସଂଘ ଚେୟାରମ୍ୟାନ ଦୀନବନ୍ଧୁ ନାୟକ ସୂଚନା ଦେଇଛନ୍ତି। ତେବେ ଏଭଳିସ୍ଥିତିରେ ବୁଧବାରଠାରୁ ଗୁରୁବାର ରାଜଧାନୀରେ ଜୀବନଯାତ୍ରା ଅଧିକ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି।

## ପ୍ଲାଟିନମ୍ ଜୁବିଲି ପାଳନ କରିବ ରାଜଧାନୀ

- ୩ଦିନ ଧରି ଚାଲିବ ପ୍ରତିଷ୍ଠା ଉତ୍ସବ
- ୧୩ଜଣଙ୍କୁ 'ରାଜଧାନୀ ଗୌରବ ସମ୍ମାନ'

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଏପ୍ରିଲ ୧୩ରୁ ୧୫ ତାରିଖ ୩ଦିନ ଧରି ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଉତ୍ସବ। ଚଳିତବର୍ଷ ରାଜଧାନୀ ପ୍ରତିଷ୍ଠାର ୭୫ବର୍ଷ ପୂର୍ତ୍ତି ହେଉଥିବାରୁ ଏହାକୁ ପ୍ଲାଟିନମ୍ ଜୁବିଲି ଉତ୍ସବ ଭାବେ ବର୍ଣ୍ଣାଢ୍ୟ ଢଙ୍ଗରେ ପାଳନ କରାଯିବ। ଏନେଇ ବୁଧବାର କ୍ୟାପିଟାଲ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ପ୍ରତିଷ୍ଠା ଉତ୍ସବରେ ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୭୫ ପ୍ଲାଟୁନ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବେ। ପ୍ରତି ଦଳରେ ୩୨ ଜଣ ଛାତ୍ରୀଛାତ୍ର କଲେଜ ଓ ସ୍କୁଲ ୟୁନିଫର୍ମ ସହ ଯୋଗଦେବେ। ସେହିପରି ଶିଳାନ୍ୟାସ ଫଳକ ଓ ଉତ୍ସବ ସ୍ଥଳର ସାଜସଜ୍ଜା, ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୋଷ୍ଠୀଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୩ଜଣ ବ୍ୟକ୍ତି ବିଶେଷଙ୍କୁ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯିବ। ସେହିପରି ବିଭିନ୍ନ ସରକାରୀ ଉଦ୍ୟୋଗ, ବେସରକାରୀ ଅନୁଷ୍ଠାନ ଏବଂ ରାଜଧାନୀରେ ଥିବା ବିଭିନ୍ନ ସ୍କୁଲ ଓ କଲେଜ କୋଠାକୁ ଆଲୋକମାଳାରେ ସଜ୍ଜିତ କରାଯିବ। ଏଥିସହ ଉତ୍ସବରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପ୍ରାୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଅନୁଷ୍ଠିତ କରାଯିବା ନେଇ ବିଭିନ୍ନ ଉପ-କମିଟି ଗଠନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠା ଦିବସ ଉତ୍ସବ ପାଳନ ପାଇଁ ବିଏମ୍‌ସି ସ୍ତରରେ ବୈଠକ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ତଥା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର, ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଉପ ଜିଲାପାଳ ଦେବବ୍ରତ ସାହୁ, ଭୁବନେଶ୍ୱର ବିଡିଓ ସମ୍ପଦ କୁମାର ଦଳାଇ, ଏନ୍‌ସିସି ଗ୍ରୁପ୍ କମାଣ୍ଡାଣ୍ଟ, ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ୍.କେ.ମିଶ୍ର, ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତରେ ୧୬ ନିୟୁତ ଗ୍ଲୁକୋମା ରୋଗୀ

### ଆରମ୍ଭରୁ ରୋଗ ଚିହ୍ନଟ ହେଲେ ଚିକିତ୍ସା ସମ୍ଭବ

ଭୁବନେଶ୍ୱର, ୧୫।୩ (ବ୍ୟୁରୋ)

ବିଶ୍ୱରେ ପ୍ରାୟ ୭୮ ନିୟୁତ ଗ୍ଲୁକୋମା (କଳାମୋତିଆ) ରୋଗୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୬ ନିୟୁତ କେବଳ ଭାରତରେ ବାସ କରୁଛନ୍ତି। ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗକୁ ଆସୁଥିବା ପ୍ରତି ଶହେ ରୋଗୀଙ୍କ ମଧ୍ୟରୁ ୪ରୁ ୫ଜଣ ଗ୍ଲୁକୋମାରେ ଚିହ୍ନଟ ହେଉଥିବା ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଡା. ବିଶ୍ୱାସ କହିଛନ୍ତି, ଅଧିକାଂଶ ଲୋକ ଶେଷ ଅବସ୍ଥାରେ ହିଁ ଏହି ରୋଗରେ ପୀଡିତ ଥିବା ଚିହ୍ନଟ ହେଉଛନ୍ତି। ଫଳରେ ଚିକିତ୍ସା ସମ୍ଭବ ହୋଇପାରୁ ନାହିଁ। ଆରମ୍ଭରୁ ଏହି ରୋଗ ଚିହ୍ନଟ ହେଲେ ଏଥିରୁ ରକ୍ଷା ମିଳିପାରିବ ବୋଲି କହିଛନ୍ତି। ଏଥିସହ ରୋଗୀଙ୍କ ସହିତ ଆଲୋଚନା କରି ରୋଗରୁ କିପରି ରକ୍ଷା ପାଇହେବ ସେ ନେଇ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ମାର୍ଚ୍ଚର ଦ୍ୱିତୀୟ ସପ୍ତାହକୁ ବିଶ୍ୱ ଗ୍ଲୁକୋମା ସପ୍ତାହ ଭାବରେ ପାଳନ କରାଯାଇ ଥାଏ। ଏହାଦ୍ୱାରା ଏହି ବିପଦପୂର୍ଣ୍ଣ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇ ଥାଏ। ଚଳିତ ବର୍ଷ ଏହି ସପ୍ତାହ ପାଳନର ବିଷୟ ରହିଛି 'ବିଶ୍ୱ ଉଜ୍ଜ୍ୱଳ, ଦୃଷ୍ଟି ରକ୍ଷା କର'। ଆୟୋଜିତ କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡିନ୍ ଡା. ପ୍ରଶାନ୍ତ ରାଘବ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡା. ସୁଚେତା ପରିଜା, ଡା. ଭାଗବତ ନାୟକ, ଡା. ସନ୍ଦିପ କୁମାର ସାହୁ ପ୍ରମୁଖ ଏହି ରୋଗର କାରଣ, ଚିହ୍ନଟ ଓ ନିରାକରଣ ସମ୍ପର୍କରେ ବିବରଣୀ ରଖିଥିଲେ। ସେହିପରି ଏମ୍ସ ଭୁବନେଶ୍ୱରରେ ଉଭୟ ଶିଶୁ ଓ ବୟସ୍କଙ୍କ ପାଇଁ ଲେଜର ଅସ୍ତ୍ରୋପଚାର ସୁବିଧା ଉପଲବ୍ଧ ଥିବା ପ୍ରକାଶ କରିଥିଲେ। ଡା. ବିଶ୍ୱାସ ରୋଗୀମାନଙ୍କୁ ଔଷଧ କିଟ୍ ବାଣ୍ଟିଥିବାବେଳେ ବରିଷ୍ଠ ପ୍ରାଧ୍ୟାପକ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡା. ବିଜ୍ଞା ପଣ୍ଡା, ଡା. ବୃତେନ୍ଦୁ ମହାରଣା, ଡା. ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗରେ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଅତିଥି ଓ ଡାକ୍ତର।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

**ଡେଲାଙ୍ଗ,୧୫।୩(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତର ମୂଳାପଦା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ବାରିକ ଓ ମାନି ବାରିକଙ୍କ ପରିବାର ଲୋକେ ଘର ତାଲା ପକାଇ ହରିରାଜପୁର ମେଳଣ ଦେଖିବାକୁ ଯାଇଥିବା ସମୟରେ ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଡେଲାଙ୍ଗ ଦମକଳ ବାହିନୀର ହାବିଲଦାର ଜୟୀରାମ ସାହୁଙ୍କ ନେତୃତ୍ୱରେ ଡେଲାଙ୍ଗ ଓ କଣାସର ୨ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ଏହି ଅଗ୍ନିକାଣ୍ଡରେ ଉଭୟ ପରିବାରର ଧାନ, ମୁଗ, ବିରି, ଲୁଗାପଟା, ଘରକରଣା ଆସବାବପତ୍ର, ଜରୁରୀ କାଗଜପତ୍ର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ତେବେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ଅନୁମାନ କରିଛି।

### ଏଟିଏମ୍ ଭାଙ୍ଗି ବ୍ୟାଟେରି ଚୋରି

ପିପିଲି,୧୫।୩(ଡି.ଏନ୍.ଏ.)- ପିପିଲି ଥାନା ଅନ୍ତର୍ଗତ ବାଜପୋଇ ଛକଠାରେ ଥିବା ଏସ୍‌ବିଆଇ ଏଟିଏମ୍‌ର ପଛ ପଟ ଘରର କବାଟକୁ ତାଡି ୮ଟି ବ୍ୟାଟେରି ଚୋରି କରିନେଇଥିବା ପିପିଲି ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏଟିଏମ୍‌ରେ ଲାଗିଥିବା ସିସି କ୍ୟାମେରା ମଙ୍ଗଳବାର ରାତିରେ ଭଙ୍ଗା ଯାଇଥିବା ଓ ବ୍ୟାଟେରି ରୁମ୍‌ର କବାଟ ତଡା ଯାଇଥିବା ବୁଧବାର ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଭୁବନେଶ୍ୱରର ସିଏମ୍‌ଏସ୍ ଇନ୍‌ଫୋ ସିଷ୍ଟମ୍ସ ପ୍ରାଇଭେଟ୍ ଲିଃ ପକ୍ଷରୁ ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଆକ୍ରମଣ ଘଟଣାରେ ୨ ଗିରଫ

ବାଲିଅନ୍ତା,୧୫।୩(ଡି.ଏନ୍.ଏ.)- ବାଲିଅନ୍ତା ଥାନା ଅଧୀନ ରୟତପଡ଼ା ଗ୍ରାମର ଗୋପାଳକୃଷ୍ଣ ଭଞ୍ଜଙ୍କ ସ୍ତ୍ରୀଙ୍କୁ ୨ ବାହାର ଲୋକ କୌଣସି କାରଣରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ସ୍ୱାମୀ ଗୋପାଳକୃଷ୍ଣ ଏଥିରେ ପ୍ରତିବାଦ କରିବାରୁ ଉକ୍ତ ୨ ଜଣ ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ବାଲିଅନ୍ତା ପୋଲିସ ସେମାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଧୀନ ରୟତଗଡ଼ା ଅଞ୍ଚଳର ଭାବଗ୍ରାହୀ ଓଝା(୪୪) ଓ ଅନିଲ ଓଝା(୨୩)। ଏନେଇ ରୟତପଡ଼ାର ସ୍ୱାମୀ ଗୋପାଳକୃଷ୍ଣ ଭଞ୍ଜଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୧୦୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମୃଦଙ୍ଗ, ଝାଞ୍ଜ ବାଦ୍ୟରେ କମ୍ପିଲା ମେଳଣ ପଡ଼ିଆ

ଡେଲାଙ୍ଗ,୧୫।୩(ଡି.ଏନ୍.ଏ.): ଡେଲାଙ୍ଗ ଅନ୍ତର୍ଗତ ହରିରାଜପୁର ମେଳଣର ବୁଧବାର ୪ର୍ଥ ସନ୍ଧ୍ୟାରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମେଳଣ ପଡିଆ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ସହ ଖୋର୍ଦ୍ଧା, ପୁରୀ, ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ୫୫୦ଟି ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ମୃଦଙ୍ଗ, ରାଣୀହାଟି, ଝାଞ୍ଜ ବାଦ୍ୟ ସହିତ ହରେ ରାମ ହରେ କୃଷ୍ଣ ଡାକରେ କମ୍ପିଥିଲା। ସଂକୀର୍ତ୍ତନ ମଣ୍ଡଳୀରେ ୫ ହଜାରରୁ ଉର୍ଦ୍ଧ୍ୱ ସଦସ୍ୟ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ହରିହାଟ ଶୋଭାଯାତ୍ରା କରି ମେଳଣ ପଡିଆରେ ଖୁଣ୍ଟି ହୋଇଥିବା ଠାକୁରଙ୍କ ନିକଟରେ ପହଞ୍ଚିଥିଲେ। ମେଳଣ କମିଟି ପକ୍ଷରୁ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ସମସ୍ତ ଖୁଣ୍ଟିଲାଗି ଠାକୁରଙ୍କ ଆଳତି ପାଇଁ କୁନି ଶିଶୁଙ୍କୁ ରାଧାକୃଷ୍ଣ, ଶିବପାର୍ବତୀ, ମହାବୀର ବିଭିନ୍ନ ବେଶରେ କମିଟି ପକ୍ଷରୁ ସଜାଯାଇ ସନ୍ଧ୍ୟା ଆଳତି କରାଯାଇଥିଲା। ଆଳତି ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଅପରପକ୍ଷେ ଗୁରୁବାର ଦିଅଁ ମେଳଣ ହେବାକୁ ଥିବା ବେଳେ ଫଗୁ ଦୋକାନ ଖୋଲିଛି। ଆଜି ଗୋଧୂଳି ଲଗ୍ନରେ ହରିହର ଭେଟ- ଗୁରୁବାର ଗୋଧୂଳି ଲଗ୍ନରେ ହରିହାର ଭେଟ ଅନୁଷ୍ଠିତ ହେବ। ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ, ଅରାଗଡର ଶ୍ରୀକୁନ୍ତେଶ୍ୱର ଦେବ, କୁସୁମାଟି ଶ୍ରୀଗତେଶ୍ୱର ଦେବ, କନ୍ତିଆର ଶ୍ରୀବାଲୁଙ୍କେଶ୍ୱର ଦେବ, ଭଁସରର ଶ୍ରୀନୀଳକଣ୍ଠେଶ୍ୱର ଦେବ, ହରିରାଜପୁର ବାଳମକୁନ୍ଦ ଦେବଙ୍କ ମଧ୍ୟରେ ହରିହର ଭେଟ ହେବ। ଏହି ଦିଅଁ ମେଳଣରେ ସାମିଲ ହେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ମାନସିକଧାରୀ ଏଠାକୁ ଆସି ଠାକୁରଙ୍କୁ ଫଗୁ ସମର୍ପଣ କରିଥାନ୍ତି। ଅନେକ ମଧ୍ୟ ଉପବାସ କରିଥାନ୍ତି ଦିଅଁ ମେଳଣ ପରେ ପାଦୁକ ପାଇ ଉପବାସ ଶେଷ କରିଥାନ୍ତି।

# ମେଲାଣି ନେଲେ ଠାକୁର

## ସରିଲା ଗୁରୁଜଙ୍ଗ ପଞ୍ଚଦୋଳ ମେଳଣ

**ଖୋର୍ଦ୍ଧା ଅଫିସ,୧୫।୩**

ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମ୍ୟ ପଞ୍ଚଦୋଳ କମିଟି ଆନୁକୂଲ୍ୟରେ ୩ଦିନ ବ୍ୟାପୀ ଗୁରୁଜଙ୍ଗ ମେଳଣ ପଡ଼ିଆରେ ଚାଲିଥିବା ପଞ୍ଚଦୋଳ ମେଳଣ ବୁଧବାର ଶେଷ ହୋଇଛି। ଆମନ୍ତ୍ରିକ ଠାକୁରମାନେ ବିଦାୟ ନେଇଛନ୍ତି। ଗତ ଦୁଇବର୍ଷର କୋଭିଡ୍ କଟକଣା ପରେ ଚଳିତବର୍ଷ ଲକ୍ଷାଧିକ ଭକ୍ତଙ୍କ ଗହଣରେ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭଜନ ସମାରୋହ, ନାମ ସଂକୀର୍ତ୍ତନ ଏବଂ ଯାତ୍ରାର ଭରପୁର ମଜା ଉଠାଇଥିଲେ ଶ୍ରଦ୍ଧାଳୁ। ବୁଧବାର ରାତିରେ ହରିହର ଭେଟ ହୋଇଥିଲା। ଥାନପତି ଶ୍ରୀଧବଳେଶ୍ୱରଙ୍କ ବିମାନକୁ ସୁସଜ୍ଜିତ କରାଯାଇଥିବାବେଳେ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଥିଲା ମେଳଣ ପଡ଼ିଆ। ହରିହର ଭେଟ ସମୟରେ ଏକାକାର ହୋଇଥିଲେ ଭକ୍ତ ଓ ଭଗବାନ। ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ। ବିଦାୟୀ ଉତ୍ସବରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ବିଦାୟ ସମୟରେ ପ୍ରତ୍ୟେକ ଠାକୁରଙ୍କୁ ହାଣ୍ଡିଭୋଗ ଅର୍ପଣ କରାଯାଇଛି। ହାଣ୍ଡିଭୋଗର ୮୦ପ୍ରତିଶତ ଉଖୁଡ଼ା, ଫେଣି, ଶାକର, ଖଜା, ଲଡ୍ଡୁ, ବୁନ୍ଦିଆ ଜିଲାପି ସମେତ ବିଭିନ୍ନ ପ୍ରକାର ଫଳ ଗଜାବୁଟ,ମୁଗ ନଡ଼ିଆ ପାତି, କଦଳୀ ପ୍ରଭୃତି ରହିଛି।

ଏହି ମେଳଣରେ ଗୁରୁଜଙ୍ଗ, ଖୋର୍ଦ୍ଧା ସହର ସମେତ ୨୦ଟି ଗ୍ରାମର ୨୧ ଦୋଳ ଠାକୁର ଏଠାରେ ବିଜେ କରନ୍ତି। ପତିତପାବନ-ରାଧାଗୋବିନ୍ଦ-ତ୍ରିନାଥ ଦେବ- ବିଶ୍ୱନାଥଦେବ ଗୁରୁଜଙ୍ଗ, ବାଲୁଙ୍କେଶ୍ୱର ଦେବ ଅରାଙ୍ଗ, ସ୍ୱପ୍ନେଶ୍ୱର କୁଣ୍ଡିଲୋ, ବୃନ୍ଦାବନଚନ୍ଦ୍ର ଦେବ ନୂଆଗାଁ, ବରାଡ଼ ବାଲୁଙ୍କେଶ୍ୱର- ଗୋପାଳଜୀଉ- ଚଉରା ବାଲୁଙ୍କେଶ୍ୱର- ରାଧାବଲ୍ଲଭ- ଲକ୍ଷ୍ମୀନାରାୟଣ, ରାମନାଥ ଦେବ ଖୋର୍ଦ୍ଧା, ବାଲୁଙ୍କେଶ୍ୱର ଅରାଙ୍ଗ, ସ୍ୱପ୍ନେଶ୍ୱର କୁଣ୍ଡିଲୋ, ବୃନ୍ଦାବନଦେବ ନୂଆଗାଁ, ଲୋକନାଥ କୁମାରବସ୍ତ, ରାଧାକୃଷ୍ଣ ନିଆଳ, ଚନ୍ଦ୍ରଶେଖର ମାଜଣା, ରାମଚନ୍ଦ୍ରଦେବ- ମଦନମୋହନ ମହୁଲ, କପିଳେଶ୍ୱର ଅଙ୍ଗାରପଡା ଏବଂ କେଦାରଶ୍ୱର ପୁଟନିଆଳ ଗ୍ରାମ୍ୟ ଠାକୁର ବିଜେ କରିଥିଲେ। କମିଟି ମୁଖ୍ୟ ଉପଦେଷ୍ଟା ବିଧାନଚନ୍ଦ୍ର ମହାନ୍ତି କହିଛନ୍ତି, ପ୍ରାୟ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ପଞ୍ଚଦୋଳ ଆୟୋଜିତ ହୋଇଆସୁଛି। ଏଠାରେ ୩ଦିନ ବ୍ୟାପୀ ମେଳଣ ଅନୁଷ୍ଠିତ ହୋଇଥାଏ। ସେହିପରି କମିଟି ସମ୍ପାଦକ ଜିତେନ୍ଦ୍ର ସାହୁ କହିଛନ୍ତି, ଚଳିତ ବର୍ଷ ଶୃଙ୍ଖଳିତ ଭାବେ ମେଳଣ ସମାପନ ହୋଇଛି। ଆତସବାଜି, ଶୋଭାଯାତ୍ରା ଆୟୋଜନ ଉପରେ କଟକଣା ଜାରି କରାଯାଇଥିଲା। କମିଟି ସଭାପତି ସଞ୍ଜୟ କୁମାର ସିଂ, ଦୁଃଶାସନ ବେହେରା, ପ୍ରଫୁଲ୍ଲ ବଳିଆରସିଂ, ଜିପୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଦାଶ, କୈଳାସ ପ୍ରଧାନ, କମିଟିର ଗଣମାଧ୍ୟମ ଆବାହକ ସୂର୍ଯ୍ୟ ନାରାୟଣ ମହାନ୍ତି, ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏବଂ ପ୍ରଭାତ ବଳିଆରସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଗୁରୁଜଙ୍ଗ ପଞ୍ଚଦୋଳ ମେଳଣ ଶୋଭାଯାତ୍ରାରେ ସାମିଲ ଦୋଳବିମାନ।

# ସମ୍ପର୍କ ସୃଷ୍ଟି କରୁଛି ଖବରକାଗଜ

## ୨୮ବର୍ଷ ଧରି ବିତରଣ କରୁଛନ୍ତି ଗଣେଶ

**ଖୋର୍ଦ୍ଧା ଅଫିସ,୧୫।୩**

ଖୋର୍ଦ୍ଧା ଗୁରୁଜଙ୍ଗର ଗଣେଶ ପାଟଶାଣୀ। ବୟସ ୬୫ ଟପିଲାଣି। ତେବେ ଏ ବୟସରେ ବି ସେ ବେଶ ଚଳଚଞ୍ଚଳ। ଦୀର୍ଘ ୨୮ବର୍ଷ ଧରି ଖୋର୍ଦ୍ଧା ସହରରେ ଖବରକାଗଜ ବିତରଣ କରୁଛନ୍ତି। ସକାଳ ପାଇଲେ ପେପର ପଏଣ୍ଟରେ ପହଞ୍ଚି ସମସ୍ତଙ୍କଠାରୁ ଖବରକାଗଜ ସଂଗ୍ରହ କରି ବାଣ୍ଟିବା ପାଇଁ ଚାଲି ଯାଇଥାନ୍ତି। କରୋନା ଭଳି ମହାମାରୀ ସମୟରେ ଲୋକେ ଘରକୁ ବାହାରକୁ ଆସିବାକୁ ଭୟ କରୁଥିବା ବେଳେ ସେ କିନ୍ତୁ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇବା ପାଇଁ ସେ ସାଇକେଲରେ ଭୋରରୁ ଚାଲି ଆସୁଥିଲେ। ସକାଳ ପାଇଲେ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇବାର ନିଶା ଖୋର୍ଦ୍ଧାରେ ତାଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବୟସ ହୋଇଯାଇଥିଲେ ମଧ୍ୟ ତାଙ୍କ କାର୍ଯ୍ୟ ଜାରି ରଖିଥିବାରୁ ସମସ୍ତେ ପ୍ରଶଂସା କରୁଛନ୍ତି।

ସକାଳ ୬ଟାଠାରୁ ତାଙ୍କ ଯାତ୍ରା ଆରମ୍ଭ ହୋଇ ୯ଟା ସୁଦ୍ଧା ଘରକୁ ଫେରିଥାନ୍ତି। ବୟସାଧିକ କାରଣରୁ ଏବେ ତାଙ୍କ ସାନ ପୁଅ ତାଙ୍କୁ ଏହି କାମରେ ସହଯୋଗ କରୁଛନ୍ତି। ବାପାଙ୍କ ଅନୁପସ୍ଥିତିରେ ସେ ଖବରକାଗଜ ବାଣ୍ଟିଥାନ୍ତି। ଗଣେଶ କୁହନ୍ତି ଖବରକାଗଜ ବିତରଣ ଦିନଠାରୁ ଲୋକଙ୍କ ସହ ସମ୍ପର୍କ ଯୋଡି ହୋଇଯାଇଛି। ପ୍ରତିଦିନ ପିଲାଠାରୁ ବୟସ୍କ ସମସ୍ତଙ୍କ ସହ ଦେଖା ହୋଇ ଖବରକାଗଜ ଦେବା ସମୟରେ ଦୁଇ ପଦ କଥା ହୋଇ କାମ ଚାଲିଥାଏ। ଏହାରି ମଧ୍ୟରେ ଅନେକ ପରିବର୍ତ୍ତନ ଆସିଲାଣି। ପୂର୍ବରୁ ଲୋକେ ଖବରକାଗଜକୁ ଚାହିଁ ରହୁଥିଲେ। ବିଳମ୍ବ ହେଲେ କେତେବେଳେ ଆସିବ ବୋଲି ଫୋନ ଯୋଗେ ପଚାରୁଥିଲେ। କରୋନା ମହାମାରୀ ପରଠାରୁ ଖବରକାଗଜ ଚାହିଦା କିଛିଟା କମିଥିଲା। ଏବେ ସାମାନ୍ୟ ସୁଧାର ଆସିଥିବା ବେଳେ ଲୋକେ ଖବରକାଗଜ ପାଇଁ ଅପେକ୍ଷା କରିରହୁଛନ୍ତି। ସୂଚନାଯୋଗ୍ୟ, ଯୁବବୟସ୍ଥାରେ ଗଣେଶ କୋଲକତା ଚାଲିଯାଇଥିଲେ। ସେଠାରେ ଝୋଟ କଳରେ କାମ କରୁଥିଲେ। ପରେ ତାହା ବନ୍ଦ ହୋଇଯିବାରୁ ଖୋର୍ଦ୍ଧାକୁ ଚାଲି ଆସିଥିଲେ। କିଛିଦିନ ଖୋର୍ଦ୍ଧା ସ୍ପିନିଙ୍ଗ ମିଲରେ କାମ କରିଥିଲେ। ପରେ ନୟାଗଡରୁ ଆସି ଖବରକାଗଜ ବିତରଣ କରୁଥିବା ବିତରକ ବୈକୁଣ୍ଠଙ୍କ ସହ ସାକ୍ଷାତ ହୋଇ ପରବର୍ତ୍ତୀ ମୁହୂର୍ତ୍ତରେ ଗଣେଶ ମଧ୍ୟ ଖବରକାଗଜ ବାଣ୍ଟିବା କାର୍ଯ୍ୟ କରିଥିଲେ। ଧୀରେ ଧୀରେ ଏହି କାର୍ଯ୍ୟକୁ ନିଜର ପେସା ଭାବେ ଗ୍ରହଣ କରିନେଇଥିଲି। ଏହି ପେସା ଜୀବନର ଏକ ଅଙ୍ଗ ପାଲଟି ଯାଇଛି ବୋଲି ଗଣେଶ କୁହନ୍ତି।



# ଆଙ୍ଗୁଲା ସପ୍ତଦୋଳରେ ୨୧ ଦୋଳ ଠାକୁରଙ୍କ ମେଳଣ


ମେଳଣ ପଡ଼ିଆରେ ବିରାଜମାନ ଥିବା ଠାକୁରଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼।

**ବାଲୁଗାଁ,୧୫।୩(ଡି.ଏନ୍.ଏ.)**

ଚିଲିକା ବ୍ଲକ ଅଧୀନ ଆଙ୍ଗୁଲାଚଟୀସ୍ଥିତ ସୋମନାଥ ଦେବ ସପ୍ତଦୋଳ ପଡ଼ିଆରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଦୁଇଦିନ ବ୍ୟାପି ସପ୍ତଦୋଳ ମେଳଣ ଉତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଆଙ୍ଗୁଲା ନିକଟସ୍ଥ ଆଖପାଖ ଅଞ୍ଚଳର ୨୦ଖଣ୍ଡ ଗ୍ରାମରୁ ୨୧ଟି ଦୋଳବିମାନରେ ଠାକୁର ପାଟପଟୁଆର ଓ ବିଭିନ୍ନ ଶୋଭାଯାତ୍ରା ସହ ପଡ଼ିଆକୁ ଆଗମନ କରିଥିଲେ। ସ୍ଥାନାଧିପତି ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଦେବ ଦୋଳଠାକୁରମାନଙ୍କୁ ପାଛୋଟି ନେଇ ଆସ୍ଥାନ ଗ୍ରହଣ କରିଥିଲେ। ବୁଧବାର ଦିନତମାମ ଠାକୁରଙ୍କ ପୂଜାର୍ଚ୍ଚନା ଓ ଭୋଗଲାଗି ହେବା ସହ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ପରେ ଅପରାହ୍ନରେ ଅନୁଷ୍ଠିତ ମେଳଣ ଉତ୍ସବରେ ମଠପୁର, ଘିଅଖଲା ଗ୍ରାମର ଶ୍ରୀଶ୍ରୀ କଳିଯୁଗେଶ୍ୱର ଦେବ, ରଘୁନାଥପୁରର ଗୁପ୍ତେଶ୍ୱର ଦେବ, ଖଣ୍ଡୁଆଳକୋଟ ଜଳେଶ୍ୱର ଦେବ, ରାହାଣବେଲି ଗ୍ରାମର ସୋମନାଥ ଦେବ ଓ ଗିରିଧାରୀ ଦେବ, ସାମନ୍ତସିଂହାର ଗ୍ରାମର ବୃନ୍ଦାବନ ଦେବ, ପାଇକକୁଶଡ଼ିହ ଗ୍ରାମର ରାଧାକୃଷ୍ଣ ଦେବ ଓ ଲକ୍ଷ୍ମୀନାରାୟଣ ଦେବ ପ୍ରଭୃତି ଠାକୁରଙ୍କ ମେଳଣ ଉତ୍ସବ ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିଥିଲା। ହରିବୋଲ, ହୁଳହୁଳି, ଘଣ୍ଟକାହାଳି ସହ ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ ମେଳଣସ୍ଥଳ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟାରେ ମେଳଣ ସମାପ୍ତ ପରେ ଠାକୁରମାନେ ନିଜ ନିଜର ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ସେବା ଯୋଗାଇଦିଆଯାଇଥିବା ବେଳେ ଡିଏଭି ଗୁରୁକୁଳ ବିଦ୍ୟାଳୟ, ବାଲୁଗାଁ ତରଫରୁ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। ତେବେ ଚଳିତବର୍ଷ ଆତସବାଜି ପ୍ରଦର୍ଶନ ଉପରେ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିବାରୁ କେବଳ ପାଟପଟୁଆର ଓ ଶୋଭାଯାତ୍ରାରେ ଠାକୁରଙ୍କ ଆଗମନ ହୋଇଥିଲା। ପ୍ରାଣଦେଇପୁର ଗ୍ରାମ୍ୟ କମିଟି ତରଫରୁ ଏହି ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରାଯାଇଥିଲା। ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ୍ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଶ୍ରୀନିକୁଞ୍ଜ ବିହାରୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ବାଲିଅନ୍ତା,୧୫।୩(ଡି.ଏନ୍.ଏ.)**

ବାଲିଅନ୍ତା ବଜାରସ୍ଥିତ ଆରାଧ୍ୟ ଦେବତା ଶ୍ରୀ ନିକୁଞ୍ଜ ବିହାରୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିରର ୪ ତାଲାକୁ ଗ୍ୟାସ କଟର ସାହାଯ୍ୟରେ କାଟି ଗର୍ଭଗୃହରେ ପୂଜା ପାଉଥିବା ପ୍ରଭୁ ଶ୍ରୀକୃଷ୍ଣଙ୍କ ୨ଟି ରୁପାବଂଶୀ, ୪ଟି ରୁପା ବାଜୁ ବାହୁଟି ଓ ଶ୍ରୀରାଧାଙ୍କ ବ୍ରେସଲେଟ୍, ୨ଟି ସୁନା ଖଡୁ ଚୋରି କରିନେଇଛନ୍ତି। ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ମୁଖ୍ୟ ପୂଜକ ଶ୍ରୀଧର ଦାସ କହିଛନ୍ତି। ସୂଚନା ମୁତାବକ, ବୁଧବାର ଭୋର ସାଢେ ୫ଟା ସମୟରେ ପୂଜକ ମନ୍ଦିରକୁ ଆସି ପହଞ୍ଚିବା ବେଳକୁ ମୁଖ୍ୟ ଗେଟ୍ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଏନେଇ ସେ ଟ୍ରଷ୍ଟବୋର୍ଡ କର୍ମକର୍ତ୍ତାଙ୍କୁ ଅବଗତ କରିଥିଲେ। ବାଲିଅନ୍ତା ଅଧିକାରୀ ଯୁବରାଜ ସ୍ୱାଇଁ ଓ ଟ୍ରଷ୍ଟବୋର୍ଡ ସଭ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ମନ୍ଦିର ଗର୍ଭଗୃହରୁ ବିଗ୍ରହଙ୍କ ଅଳଙ୍କାର ଚୋରି ହୋଇଥିବା ଦେଖିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏଥିସହ ଦାନବାକ୍ସର ଟଙ୍କା ଚୋରି ହୋଇଥିବା ଜଣାପଡିଛି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ଟ୍ରଷ୍ଟବୋର୍ଡ ପକ୍ଷରୁ ମନ୍ଦିରରେ ୬ଟି ସିସିଟିଭି ଲଗାଯାଇଛି।

# ନିର୍ମଳ ହେବ କେଦାରଗୌରୀ ପୋଖରୀ ଜଳ



**ପୁରୁଣା ଭୁବନେଶ୍ୱର,୧୫।୩(ଡି.ଏନ୍.ଏ.)**

ଭୁବନେଶ୍ୱର ଏକାମ୍ର କ୍ଷେତ୍ରର କେଦାରଗୌରୀ ମନ୍ଦିର ପୋଖରୀ ଜଳ ନିର୍ମଳ କରିବା ପାଇଁ ବୁଧବାର ଦୟା ନଦୀ ତଟରୁ ପାଇପ ଯୋଗେ ବିନ୍ଦୁ ସାଗର ଦେଇ କେଦାର କୁଣ୍ଡରେ ସଂଯୋଗ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଆଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଦୀର୍ଘ ୬ କିଲୋମିଟର ପାଇପ ଲାଇନ ବିଛାଯାଇଛି। ଏଥିସହ ଭୁଆସୁଣୀଠାରେ ୨ ମିଲିୟନ ଲିଟର ଜଳ ବିଶୋଧନାଗାର ନିର୍ମାଣ କରାଯାଇ ବିନ୍ଦୁ ସାଗର ଓ କେଦାର ଗୌରୀକୁ ୱାଟ୍‌କୋ ପକ୍ଷରୁ ୨୪ ଘଣ୍ଟା ଜଳ ଛଡ଼ାଯାଉଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ୱାଟ୍‌କୋର ସାଧାରଣ ପରିଚାଳକ ଗୁରୁଚରଣ ଦାସ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକର, ଶିବପ୍ରସାଦ ବେହେରା, ଦାଶରଥି ଗରାବଡୁ ଏବଂ ମନ୍ଦିରର ସମସ୍ତ ସେବାୟତ ଉପସ୍ଥିତ ଥିଲେ।

# ୨୦ରେ ବିଧାନସଭା ଘେରାଉ ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଯୋଗଦେଇଥିବା ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟ ଓ ଚାଷୀ।

**ବୋଲଗଡ,୧୫।୩(ଡି.ଏନ୍.ଏ.)**

ଧାନମଣ୍ଡିଗୁଡ଼ିକରେ ମିଲରଙ୍କ କଟନି-ଛଟନି ଏବଂ ଟାଟାପାୱାର କମ୍ପାନୀର ସାଧାରଣ ଜନତା ଓ ଚାଷୀଙ୍କୁ ଶୋଷଣ ନୀତି ବିରୋଧରେ ଏବଂ ଚାଷୀଙ୍କୁ ପେନସନ ପ୍ରଦାନ ଦାବିରେ ଆସନ୍ତା ୨୦ ତାରିଖରେ ବିଧାନସଭା ଘେରାଉ କରିବ ରାଜ୍ୟ ନବନିର୍ମାଣ କୃଷକ ସଂଗଠନ। ଏଥିରେ ସାମିଲ ହେବା ପାଇଁ ବୋଲଗଡ ବ୍ଲକ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ପୂର୍ବପ୍ରସ୍ତୁତି ବୈଠକ ବୁଧବାର ସ୍ଥାନୀୟ ନନ୍ଦିଘୋଷ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ଯୁବଛାତ୍ର ସଂଯୋଜକ ମନୋହର ଅଲ୍ଲୀ ଓ ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହ ପ୍ରମୁଖ ଯୋଗଦେଇ କୃଷକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ନବନିର୍ମାଣ କୃଷକ ସଂଗଠନ ଅହରହ ଉଦ୍ୟମ କରୁଥିବା ବେଳେ ଏଥିରେ ଚାଷୀଭାଇମାନଙ୍କ ସହଯୋଗ କରିବାକୁ କହିଥିଲେ। ୨୦ତାରିଖରେ ବିଧାନ ସଭା ଘେରାଉ ପାଇଁ ସ୍ଥାନୀୟ ଅଞ୍ଚଳରୁ ଅଧିକରୁ ଅଧିକ ଚାଷୀଙ୍କୁ ନିଜର ନ୍ୟାର୍ଯ୍ୟଦାବୀ ହାସଲ ନିମନ୍ତେ ଭୁବନେଶ୍ୱର ଆସିବା ପାଇଁ ବ୍ଲକ ସହ ସଂଯୋଜକ ସୋମନାଥ ମହାପାତ୍ର, ସୁଶାନ୍ତ ବେହେରା ଓ କାହ୍ନୁଚରଣ ବେହାରା ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସଂଗଠନର ସଦସ୍ୟ ସନାତନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଦିଲୀପ କୁମାର ଜତି, ଅରକ୍ଷିତ ସେଠୀ, ସୁବାନ ଖାଁ, ଆଦିତ୍ୟ ପଣ୍ଡା, ମହମ୍ମଦ ଖାଁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ।

# ଭାରତରେ ୧୬ ନିୟୁତ ଗ୍ଲୁକୋମା ରୋଗୀ

## ଆରମ୍ଭରୁ ରୋଗ ଚିହ୍ନଟ ହେଲେ ଚିକିତ୍ସା ସମ୍ଭବ

**ଭୁବନେଶ୍ୱର, ୧୫।୩ (ବ୍ୟୁରୋ)**

ବିଶ୍ୱରେ ପ୍ରାୟ ୭୮ ନିୟୁତ ଗ୍ଲୁକୋମା (କଳାମୋତିଆ) ରୋଗୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୬ ନିୟୁତ କେବଳ ଭାରତରେ ବାସ କରୁଛନ୍ତି। ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗକୁ ଆସୁଥିବା ପ୍ରତି ଶହେ ରୋଗୀଙ୍କ ମଧ୍ୟରୁ ୪ରୁ ୫ଜଣ ଗ୍ଲୁକୋମାରେ ଚିହ୍ନଟ ହେଉଥିବା ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ବିଭାଗ ପକ୍ଷରୁ ଆୟୋଜିତ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଡା. ବିଶ୍ୱାସ କହିଛନ୍ତି, ଅଧିକାଂଶ ଲୋକ ଶେଷ ଅବସ୍ଥାରେ ହିଁ ଏହି ରୋଗରେ ପୀଡିତ ଥିବା ଚିହ୍ନଟ ହେଉଛନ୍ତି। ଫଳରେ ଚିକିତ୍ସା ସମ୍ଭବ ହୋଇପାରୁ ନାହିଁ। ଆରମ୍ଭରୁ ଏହି ରୋଗ ଚିହ୍ନଟ ହେଲେ ଏଥିରୁ ରକ୍ଷା ମିଳିପାରିବ ବୋଲି କହିଛନ୍ତି। ଏଥିସହ ରୋଗୀଙ୍କ ସହିତ ଆଲୋଚନା କରି ରୋଗରୁ କିପରି ରକ୍ଷା ପାଇହେବ ସେ ନେଇ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ମାର୍ଚ୍ଚର ଦ୍ୱିତୀୟ ସପ୍ତାହକୁ ବିଶ୍ୱ ଗ୍ଲୁକୋମା ସପ୍ତାହ ଭାବରେ ପାଳନ କରାଯାଇ ଥାଏ। ଏହାଦ୍ୱାରା ଏହି ବିପଦପୂର୍ଣ୍ଣ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇ ଥାଏ। ଚଳିତ ବର୍ଷ ଏହି ସପ୍ତାହ ପାଳନର ବିଷୟ ରହିଛି 'ବିଶ୍ୱ ଉଜ୍ଜ୍ୱଳ, ଦୃଷ୍ଟି ରକ୍ଷା କର'। ଆୟୋଜିତ କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡିନ୍ ଡା. ପ୍ରଶାନ୍ତ ରାଘବ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡା. ସୁଚେତା ପରିଜା, ଡା. ଭାଗବତ ନାୟକ, ଡା. ସନ୍ଦିପ କୁମାର ସାହୁ ପ୍ରମୁଖ ଏହି ରୋଗର କାରଣ, ଚିହ୍ନଟ ଓ ନିରାକରଣ ସମ୍ପର୍କରେ ବିବରଣୀ ରଖିଥିଲେ। ସେହିପରି ଏମ୍ସ ଭୁବନେଶ୍ୱରରେ ଉଭୟ ଶିଶୁ ଓ ବୟସ୍କଙ୍କ ପାଇଁ ଲେଜର ଅସ୍ତ୍ରୋପଚାର ସୁବିଧା ଉପଲବ୍ଧ ଥିବା ପ୍ରକାଶ କରିଥିଲେ। ଡା. ବିଶ୍ୱାସ ରୋଗୀମାନଙ୍କୁ ଔଷଧ କିଟ୍ ବାଣ୍ଟିଥିବାବେଳେ ବରିଷ୍ଠ ପ୍ରାଧ୍ୟାପକ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡା. ବିଞ୍ଝା ପଣ୍ଡା, ଡା. ବୃତେନ୍ଦୁ ମହାରଣା, ଡା. ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍ସ ଭୁବନେଶ୍ୱର ଚକ୍ଷୁ ବିଭାଗରେ ଗ୍ଲୁକୋମା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଡାକ୍ତର।

## ସଂକ୍ଷେପରେ

### ଡେପୁଟେଶନରେ ଶିକ୍ଷକ ଆସି ବିଦ୍ୟାଳୟ ଖୋଲିଲେ

**ବ୍ରହ୍ମଗିରି,୧୫।୩(ଡି.ଏନ୍.ଏ.):** ପ୍ରାଥମିକ ଶିକ୍ଷକମାନେ ବୁଧବାର ମାସ ଲିଭ ଓ ଧାରଣାରେ ଥିବାରୁ ବ୍ରହ୍ମଗିରି ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ଡେପୁଟେଶନରେ ଅନ୍ୟ ଶିକ୍ଷକମାନେ ଆସି ବିଦ୍ୟାଳୟ ଖୋଲି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଥିଲେ। ଫଳରେ ସବୁ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବାରେ ଅସୁବିଧା ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଶିକ୍ଷକମାନେ ସେମାନଙ୍କର ଦାବିନେଇ ବୁଧବାର ମାସ ଲିଭ୍ ନେଇଥିଲେ। ଏ ନେଇ ବ୍ରହ୍ମଗିରି ବ୍ଲକରେ ପ୍ରାୟ ୬୫ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ଅଧିକାଂଶ ଶିକ୍ଷକ ଶୂନ୍ୟ ହୋଇଥିଲା। ଫଳରେ ଉକ୍ତ ବିଦ୍ୟାଳୟରେ ତାଲା ଝୁଲିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମଗିରି ଶିକ୍ଷାଧିକାରୀ ଅନ୍ୟ ବିଦ୍ୟାଳୟରୁ ଶିକ୍ଷକମାନଙ୍କୁ ଡେପୁଟେଶନରେ ଆଣି ବିଦ୍ୟାଳୟ ଖୋଲିଥିଲେ। ଫଳରେ ୫ରୁ ୭ ଶ୍ରେଣୀ ଥିବା ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇ ଜଗିରହିଥିଲେ।

### ୩୧ରୁ ବୀର କଳିଙ୍ଗ ପୁତ୍ର ଅଲ୍ ଓଡ଼ିଶା ବଡି ବିଲ୍ଡିଂ ଚାମ୍ପିୟନଶିପ୍
#### ଯୋଗଦେବେ ୨୦୦ ପ୍ରତିଯୋଗୀ

**ପୁରୀ ଅଫିସ, ୧୫।୩:** ଚଳିତ ମାସ ୩୧ ଏବଂ ଆସନ୍ତା ଏପ୍ରିଲ ୧ ତାରିଖରେ ପୁରୀରେ ଏକ ବଡି ବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏ ନେଇ ବୁଧବାର ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ୍ ତରଫରୁ ଚକ୍ରତୀର୍ଥ ରୋଡସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ ସଂଘର ସଭାପତି ସତ୍ୟନାରାୟଣ ମହାନ୍ତି, ଉପ-ସଭାପତି ଅନିଲ ଗୋଛିକାର, ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, କୋଷାଧକ୍ଷ ପଙ୍କଜ ଲୋଚନ ପ୍ରତିହାରୀ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇ କହିଥିଲେ, ମାର୍ଚ୍ଚ ୩୧ ଏବଂ ଅପ୍ରେଲ ତାରିଖରେ ବୀର କଳିଙ୍ଗ ପୁତ୍ର ଅଲ୍ ଓଡ଼ିଶା ବଡି ବିଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଚାମ୍ପିୟନଶିପ୍‌କୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମ ଅନୁସାରେ ରଖାଯାଇଛି। ଏଥିରେ ଓଡ଼ିଶାର ସମସ୍ତ ଜିଲାରୁ ପ୍ରାୟ ୨୦୦ ପ୍ରତିଯୋଗୀ ଏବଂ ୫୦ ଜଣ ଅଫିସିଆଲ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତା ହୋଟେଲ ଭିକ୍ଟୋରିଆ କ୍ଲବ୍ ହୋଟେଲ ସମ୍ମୁଖରେ ଆୟୋଜନ କରାଯିବ । ଏହି ପ୍ରତିଯୋଗିତା ପ୍ରଥମ ଥର ପାଇଁ ପୁରୀରେ ଆୟୋଜନ କରାଯାଉଛି। ଏହି କ୍ରାର୍ଯ୍ୟକ୍ରମରେ ଯୋଗ ଦେଉଥିବା ପ୍ରତିଯୋଗୀମାନଙ୍କର ରହିବା ଓ ଖାଦ୍ୟପେୟର ବ୍ୟବସ୍ଥା ସଂଘ ତରଫରୁ କରାଯାଇଛି । ତେଣୁ ପ୍ରତିଯୋଗିତାକୁ ଦେଖିବା ପାଇଁ ଜନସାଧାରଣ ବହୁମାତ୍ରାରେ ଯୋଗ ଦେବାକୁ ସଂଘ ତରଫରୁ ନିବେଦନ କରାଯାଇଛି । ପ୍ରତିଯୋଗିତା ଆୟୋଜନ କରିବାରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ସହଯୋଗ କରୁଛନ୍ତି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟ ମାନଙ୍କ ମଧରେ ସଂଘର ସଭ୍ୟ ଅଶୋକ ମହାପାତ୍ର, ଲକ୍ଷ୍ମୀନାରାୟଣ ପ୍ରତିହାରୀ, ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ସତର୍କ ରୁହନ୍ତୁ, ସଚେତନ ହୁଅନ୍ତୁ ଉପଭୋକ୍ତା'

**ବିଶ୍ୱ ଉପଭୋକ୍ତା ଅଧିକାର ଦିବସ**

**ପୁରୀ ଅଫିସ, ୧୫।୩**



କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଅନ୍ୟ ଅତିଥି।

ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଉପଭୋକ୍ତା। ତେଣୁ ପ୍ରତ୍ୟେକ ଉପଭୋକ୍ତା ନିଜ ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଉଚିତ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ବୁଧବାର ବିଶ୍ୱ ଉପଭୋକ୍ତା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମାପ ଓ ଓଜନ ବିଭାଗ ଆନୁକୂଲ୍ୟରେ ତଥା ସାମାଜିକ ଅନୁଷ୍ଠାନ ନିହିଡ଼ା ସହଯୋଗରେ ସର୍କିଟ ହାଉସରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସାହୁ ଅଧ୍ୟକ୍ଷତା କରି କହିଥିଲେ, ସଚେତନତା ହିଁ ସତର୍କତା ଓ ସୁରକ୍ଷା। ତେଣୁ ଖାଉଟିମାନେ କୌଣସି ଦ୍ରବ୍ୟ କ୍ରୟ କରିବାବେଳେ ତାହାର ଗୁଣବତ୍ତା, ଦାମ୍, ଅବଧି, ଓଜନ ଇତ୍ୟାଦି ଠିକ ଭାବେ ଅନୁଧ୍ୟାନ କରିବା ଉଚିତ। ଯୋଗାଣ ବିଭାଗ, ମାପ ଓ ଓଜନ ବିଭାଗ ନିୟମିତ ଦ୍ରବ୍ୟର ମାନ ଏବଂ ଓଜନ ସମ୍ପର୍କରେ ଧରପଗଡ଼ କରିବା ସହ ଖାଉଟିଙ୍କୁ ସଚେତନ କରାଇବାକୁ ସାହୁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ସମୟରେ ଠକାମି କରୁଥିବା ଲୋକଙ୍କ ସଂଖ୍ୟା ଓ କୌଶଳ ବୃଦ୍ଧି ପାଉଛି। ତେଣୁ ଆମେ ସତର୍କ ରହିବା ସହ ଆଇନ ସହାୟତା ନେଇ ଉପଭୋକ୍ତା ସୁରକ୍ଷାକୁ ସୁରକ୍ଷିତ ରଖିବାକୁ ଅତିରିକ୍ତ ଜିଲାପାଳ ମତ ଦେଇଥିଲେ। ବରିଷ୍ଠ ଆଇନଜୀବୀ ବିଜୟାନନ୍ଦ ମିଶ୍ର ଯୋଗଦେଇ ଉପଭୋକ୍ତା ସୁରକ୍ଷା ଆଇନ, ସହାୟତା ବ୍ୟବସ୍ଥା ଓ ଖାଉଟିଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ମାପ ଓ ଓଜନ ବିଭାଗର ଉପନିୟନ୍ତ୍ରକ ପ୍ରଗତି ନାୟକ ଯୋଗଦେଇ ଉପଭୋକ୍ତାମାନେ ସଚେତନ ହେବା ସହ ନିଜ ଅଧିକାରର ସୁରକ୍ଷା ପାଇଁ ଆଗଭର ହେବାକୁ ପରାମର୍ଶ ଦେଇଥିଲେ। କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଏବଂ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ବ୍ଲକ ଓ ପଞ୍ଚାୟତ ସ୍ତରରେ ଏଭଳି ସଚେତନତା କର୍ମଶାଳା ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଉପଭୋକ୍ତା ଦିବସର ବିଷୟ 'ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ ବା କ୍ଲିନ ଏନର୍ଜି ଟ୍ରାନ୍‌ଜିସନ ସମ୍ପର୍କରେ ନିହିଡ଼ା ସମ୍ପାଦକ ଭକ୍ତବିହାରୀ ମିଶ୍ର ଆଲୋକପାତ କରିଥିଲେ। ସିଡିପିଓ ସଂଯୁକ୍ତା କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ୍ ତରଫରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

### ଇଷ୍ଟକୋଷ୍ଟ ରେଲ୍‌ୱେ କଣ୍ଟ୍ରାକ୍ଟ ଶ୍ରମିକ ୟୁନିୟନର ଧାରଣା ସ୍ଥଗିତ

**ପୁରୀ ଅଫିସ,୧୫।୩**

ବିଭିନ୍ନ ଦାବି ନେଇ ଇଷ୍ଟକୋଷ୍ଟ ରେଲ୍‌ୱେ କଣ୍ଟ୍ରାକ୍ଟ ଶ୍ରମିକ ୟୁନିୟନ ପକ୍ଷରୁ ଚାଲିଥିବା ଧାରଣା ବୁଧବାର ପ୍ରତ୍ୟାହୃତ ହୋଇଛି। ଜିଆର୍‌ପି ଅଧିକାରୀଙ୍କ ନେତୃତ୍ୱରେ ମଙ୍ଗଳବାର ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ସମୟରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ ରହିଥିବା ସଭାପତି ଆଡ୍‌ଭୋକେଟ୍ ଶ୍ରୀକାନ୍ତ ପରିଜା ସୂଚନା ଦେଇଛନ୍ତି।

# ଉଦ୍ଧାର ହରିଣ ବନ ବିଭାଗକୁ ହସ୍ତାନ୍ତର ପରେ ମୃତ୍ୟୁ

**ବ୍ରହ୍ମଗିରି, ୧୫।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ରେଞ୍ଜ ଅନ୍ତର୍ଗତ କପିଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ବିଲକାଙ୍କୁଡ଼ା ଗ୍ରାମ ନିକଟରୁ ବୁଧବାର ଏକ ଆହତ ହରିଣକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ପରେ ବନ ବିଭାଗକୁ ହସ୍ତାନର କରିବା ବେଳେ ହରିଣଟିର ମୃତ୍ୟୁ ହୋଇଯାଇଥିଲା। ତେବେ ବନ ବିଭାଗର ଅପାରଗତା ଯୋଗୁ ଏହି ହରିଣଟିର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବିଲକାଙ୍କୁଡା ଗ୍ରାମ ନିକଟକୁ ଏକ ହରିଣ ପଶିଆସିଥିବା ସମୟରେ ଏକ ବୁଲା କୁକୁର ଏହାକୁ ଆକ୍ରମଣ କରିଥିଲେ। କୁକୁର କବଳରୁ ହରିଣକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ଖବରପାଇ ବନ ବିଭାଗର କର୍ମଚାରୀମାନେ ଆସିବା ପରେ ତାଙ୍କୁ ହରିଣକୁ ହସ୍ତାନ୍ତର କରିଥିଲେ। କିନ୍ତୁ କିଛି ସମୟ ପରେ ହରିଣଟିର ମୃତ୍ୟୁ ହୋଇଯିବାରୁ ବନ ବିଭାଗ ତାକୁ ପୋତି ଦେଇଛି। ତେବେ ହରିଣଟିକୁ ଉଦ୍ଧାର କରିଥିବା ସମୟରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଗ୍ରାମବାସୀ କହିଛନ୍ତି। କିନ୍ତୁ ବନ ବିଭାଗକୁ ପଚାରିବାରୁ ହରିଣଟି ଆହତ ଅବସ୍ଥାରେ ଥିବାବେଳେ ଚିକିତ୍ସା ପାଇଁ ନେବାବେଳେ ମୃତ୍ୟୁ ହୋଇଥିବା କହିଛି। ଖାଦ୍ୟ ଓ ଜଳ ଅଭାବରୁ ଜନବସତି ମଧ୍ୟକୁ ହରିଣ ବାରମ୍ବାର ଜନବସତି ଅଞ୍ଚଳକୁ ପଶୁଥିବା ଦେଖିବାକୁ ମିଳୁଛି। ଅପରପକ୍ଷେ ଜଙ୍ଗଲରେ ହରିଣ ମାରି ବଣଭୋଜି ହେଉଥିବା ବେଳେ ଏହାର ଟେର୍ ପାଉନି ବ୍ରହ୍ମଗିରି ବନ ବିଭାଗ। ବୁଧବାର ଜୀବିତ ହରିଣ ପରେ ମୃତ୍ୟୁ ଘଟଣାକୁ ନେଇ ବନ ବିଭାଗ ଉପରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ପାଞ୍ଚ ଦିନରେ ଅଧା ଷ୍ଟଲରେ ତାଲା



**କୋଣାର୍କ ହସ୍ତଶିଳ୍ପ ପ୍ରଦର୍ଶନୀ**

**କୋଣାର୍କ,୧୫।୩(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାନୀୟ ହସ୍ତଶିଳ୍ପ ଜିନିଷକୁ ପ୍ରଚାର ଓ ପ୍ରସାର କରିବା ସହିତ ଶିଳ୍ପୀମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ। ଯାହାକି ହସ୍ତଶିଳ୍ପର ପ୍ରଚାର ପ୍ରସାର ହେବାସହ କାରୀଗରମାନଙ୍କ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିଥାଏ। ଏହିକ୍ରମରେ ଚଳିତ ମାସ ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ କୋଣାର୍କ ଅର୍ବାନହାଟ ପରିସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ଉତ୍କଳିକା ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହେଉଛି। ଏଠାରେ ଓଡ଼ିଶାର ବିଭିନ୍ନ ଜିଲାରୁ କାରିଗରମାନେ ଆସି ହସ୍ତଶିଳ୍ପ କାରୁକାର୍ଯ୍ୟ ବିକ୍ରି କରୁଛନ୍ତି। ହେଲେ ପ୍ରଦର୍ଶନୀ ଆରମ୍ଭକୁ ବୁଧବାର ୫ଦିନ ବିତିଯାଇଥିଲେ ମଧ୍ୟ ଗ୍ରାହକ ସେତେ ପରିମାଣର ଆସୁ ନ ଥିବାରୁ ଅଧିକାଂଶ ଷ୍ଟଲରେ ତାଲା ପଡ଼ିଯାଇଥିବା ଦେଖିବାକୁ ମିଳିଛି। ଗତ ୧୦ତାରିଖ ଦିନ ପ୍ରଦର୍ଶନୀ ଆରମ୍ଭ ହୋଇଥିବା ବେଳେ ପ୍ରଦର୍ଶନୀ ଷ୍ଟଲକୁ ବିଭାଗୀୟ ମନ୍ତ୍ରୀ ଆନୁଷ୍ଠାନିକ ଭାବେ ୧୩ତାରିଖ ଦିନ ଉଦ୍‌ଘାଟନ କରିଥିଲେ। ସରକାର ପକ୍ଷରୁ ପ୍ରଚାର ପ୍ରସାର ଠିକ୍ ଭାବେ ହୋଇପାରି ନ ଥିବାରୁ ଅଧିକାଂଶ ଲୋକ ପ୍ରଦର୍ଶନୀ ହୋଇଥିବା ନେଇ ଜାଣି ନାହାନ୍ତି। ଏପରିକି ତରବରିଆ ଭାବେ ଏହି ପ୍ରଦର୍ଶନୀ କରାଯାଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏପରି ହେଉଥିବା ଚର୍ଚ୍ଚା ହେଉଛି। ପ୍ରଚାର କରାଯାଉ ନ ଥିବା ଯୋଗୁ ନିର୍ମାଣ କରାଯାଇଥିବା ୫୦ଟି ଷ୍ଟଲ ମଧ୍ୟରୁ ଅର୍ଦ୍ଧାଧିକ ଷ୍ଟଲରେ ତାଲା ପଡ଼ିଥିବା ବେଳେ ଗ୍ରାହକ ନ ଥିବାରୁ ପ୍ରଦର୍ଶନୀସ୍ଥଳ ଫାଙ୍କା ରହୁଥିବା ଦେଖିବାକୁ ମିଳିଛି। କୋଣାର୍କରେ ହସ୍ତଶିଳ୍ପ ବିଭାଗର ଏଭଳି ଖାମଖିଆଲି ଓ ବେପରୁଆ ମନୋଭାବ ନୀତି ଯୋଗୁ ଯେଉଁ ଉଦ୍ଦେଶ୍ୟ ନେଇ ଏହା କରାଯାଇଛି, ତାହା ଫଳପ୍ରଦ ହେବା ଆଶଙ୍କା ପ୍ରକାଶ ପାଇଛି।

# ଦୁର୍ବିଷହ ହୋଇପଡୁଛି ଯନ୍ତ୍ରଣାସିକ୍ତ ଜୀବନ

**ଖୋର୍ଦ୍ଧା ଅଫିସ,୧୫।୩**



ଦିନେ ତାଙ୍କ ପରିବାରରେ ହସଖୁସି ଥିଲା। ଝିଅ ଓ ପୁଅଙ୍କୁ ପାଠ ପଢାଇ ସେ ବଡ଼ ମଣିଷ କରିବେ ବୋଲି ସ୍ୱପ୍ନ ଦେଖିଥିଲେ। ହେଲେ ଆଜି ସବୁ ସ୍ୱପ୍ନ ଏକପ୍ରକାର ଉଜୁଡ଼ିଯାଇଛି। ଯନ୍ତ୍ରଣାସିକ୍ତ ଜୀବନ ତାଙ୍କ ପାଇଁ ଦୁର୍ବିସହ ହୋଇପଡୁଛି। ସ୍ୱାଭିମାନକୁ ନେଇ ବାଟ ଚାଲୁଥିବା ବ୍ୟକ୍ତିଟି ଆଜି ଦିବ୍ୟାଙ୍ଗ ପାଲଟିଯାଇଥିବାରୁ ଅନ୍ୟ ଉପରେ ନିର୍ଭରଶୀଳ। ଏହି ବ୍ୟକ୍ତି ଜଣଙ୍କ ହେଉଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ କୋରପଡ଼ା ଗ୍ରାମର ନରେଶ ପାଲଟାସିଂ। ସ୍ତ୍ରୀ, ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ତାଙ୍କ ନେଇ ପରିବାର। ଏହି ପରିବାର ପାଇଁ ସେ ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟା କରୁଛନ୍ତି। ଭାଙ୍ଗି ନ ପଡ଼ି ନିଜସ୍ୱ ଉଦ୍ୟମରେ ଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। ତେବେ ଏତିକିରେ ସରିଯାଇନି ନରେଶଙ୍କ ଯନ୍ତ୍ରଣା। ସ୍ତ୍ରୀ ସୁମିତ୍ରା କର୍କଟ ରୋଗରେ ପୀଡ଼ିତ। ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଏଯାବତ ତାଙ୍କୁ ଆବାସ ଯୋଜନାରେ ଘର ମିଳି ନ ଥିବାବେଳେ ସରକାରୀ ସୁବିଧାରୁ ମଧ୍ୟ ବଞ୍ଚିତ। କେବଳ ଭଗବାନଙ୍କୁ ଭରସିଥିବାବେଳେ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି। ନରେଶଙ୍କ କହିବା ମୁତାବକ, ୨୦୦୫ରେ ଗାଡ଼ି ଶିଖି ଭଲ ଡ୍ରାଇଭର ହେବା ଲକ୍ଷ୍ୟ ନେଇ ସେ ଘର ଛାଡ଼ି ପାରାଦୀପ ଚାଲିଯାଇଥିଲେ। ଏହାର କିଛି ଦିନ ପରେ କୁଜଙ୍ଗ ବଜାରରେ ଚାଲି ଚଲି ରାସ୍ତା ପାର ହେଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ଗୋଡ଼ ଓ ମେରୁଦଣ୍ଡରେ ଗଭୀର ଆଘାତ ଯୋଗୁ ସେ ଏକ ପ୍ରକାର ପଙ୍ଗୁ ପାଲଟି ଯାଇଥିଲେ। ପରିବାର ଲୋକେ ଜମିବାଡି ବିକ୍ରି କରି ତାଙ୍କ ଚିକିତ୍ସା କଲେ। ସେହିପରି ସ୍ତ୍ରୀ ସୁମିତ୍ରାଙ୍କ ଦେହ ଦିନକୁ ଦିନ ଖରାପ ଆଡକୁ ଗତି କରିଥିଲା। ହଠାତ୍ ଦିନେ ଅଧିକ ଅସୁସ୍ଥତା କାରଣରୁ ମେଡିକାଲରେ ଚିକିତ୍ସା କରିବାରୁ ସେ କର୍କଟ ରୋଗରେ ପୀଡ଼ିତ ହୋଇଥିବା ଜାଣିବାକୁ ପାଇଥିଲେ। ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କୁ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରେ ଚିକିତ୍ସା କରାଉଛନ୍ତି। ନରେଶଙ୍କ ୧୦ ବର୍ଷର ପୁଅ ଓ ୭ବର୍ଷର ଝିଅଙ୍କ ଭବିଷ୍ୟତ ଏବେ ଅନ୍ଧାରରେ। କେହି ନରେଶଙ୍କୁ ସହାୟତା କରିବାକୁ ଚାହୁଁଥିଲେ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ବୋଲଗଡ ଶାଖା, ସଞ୍ଚୟ ଖାତା ନଂ-୧୦୫୭୦୧୦୦୦୦୦୫୧୩୩/ ଆଇଏଫ୍ଏସ୍‌ସି ନଂ- ଆଇଓବିଏ ୦୦୦୧୦୫୭କୁ ସହାୟତା ରାଶି ପଠାଇପାରିବେ। ତାଙ୍କୁ ସହାୟତା ଯୋଗାଇଦେବାକୁ ସେ ଜନସାଧାରଣଙ୍କୁ ଆକୁଳ ନିବେଦନ କରିଛନ୍ତି।

### ଚେକିଂ ବେଳେ କନଷ୍ଟେବଲଙ୍କୁ ମାଡ଼ ମାରି ନାବାଳକ ସମେତ ୩ ଧରାପଡ଼ିଲେ

**ଭୁବନେଶ୍ୱର,୧୫।୩(ବ୍ୟୁରୋ)**

ଟ୍ରାଫିକ ଡ୍ୟୁଟିରେ ଥିବାବେଳେ ଜଣେ କନଷ୍ଟେବଲଙ୍କୁ ମାଡ ମାରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ସଂପୃକ୍ତ ଜଣେ ନାବାଳକଙ୍କ ସମେତ ୩ ଆକ୍ରମଣକାରୀଙ୍କୁ ଧରିଛି। ସେମାନେ ହେଲେ ବମିଖାଲରେ ରହୁଥିବା ଗଞ୍ଜାମର ଗୌରବ ଦିଗାଲ,ଖୋର୍ଦ୍ଧା ବାଣପୁର ଅଞ୍ଚଳର ଉମାକାନ୍ତ ନାୟକ । ନାବାଳକ ଜଣଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା ।

# ଆକୃଷ୍ଟ କରୁଛି ଜନଜାତି କଳାବସ୍ତୁ ପ୍ରଦର୍ଶନୀ

**ଭୁବନେଶ୍ୱର,୧୫।୩(ବ୍ୟୁରୋ)**

ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ୩ଦିନ ଧରି ଚାଲିଥିବା ଜାତୀୟ ଜନଜାତି ନୃତ୍ୟ ମହୋତ୍ସବରେ ସାରା ଦେଶର ବିଭିନ୍ନ ଜନଜାତିର ଶିଳ୍ପୀମାନେ ନୃତ୍ୟକଳା ପ୍ରଦର୍ଶନ କରିଛନ୍ତି। ମହୋତ୍ସବର ତୃତୀୟ ତଥା ଅନ୍ତିମ ଦିବସରେ ମହାରାଷ୍ଟ୍ରରୁ ଆସିଥିବା ଗଣ୍ଡ ଜନଜାତିଙ୍କ ଢେମ୍‌ସା ନୃତ୍ୟ, ଅରୁଣାଚଳ ପ୍ରଦେଶର ଗାଲୋ ଜନଜାତିଙ୍କ ପୋପ୍‌ରି ନୃତ୍ୟ, ଗୁଜରାଟର ରାଥୱା ଜନଜାତିଙ୍କ ହୋଲି ଘେରିଆ ନୃତ୍ୟ ଦର୍ଶକଙ୍କ ମନକୁ ଛୁଇଁଥିଲା। ସେହିପରି ହିମାଚଳ ପ୍ରଦେଶର ପଙ୍ଗୱାଲ ଜନଜାତିଙ୍କ ଘୁରାଇ ନୃତ୍ୟ, ଓଡ଼ିଶାର ଓରାମ୍ ଜନଜାତିଙ୍କ କରମା ନୃତ୍ୟ ବେଶ୍ ଚିତ୍ତାକର୍ଷକ ହୋଇପାରିଥିଲା। ରାଜସ୍ଥାନର ସହରିଆ ଜନଜାତିଙ୍କ କଚ୍ଛିଘୋଡି ନୃତ୍ୟ, ଉତ୍ତରପ୍ରଦେଶ ଗଣ୍ଡ ଜନଜାତିଙ୍କ କରମା ନୃତ୍ୟକୁ ମଧ୍ୟ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ଛତିଶଗଡରୁ ଆସିଥିବା ଗଣ୍ଡ ଜନଜାତିର କଳାକାରମାନେ ଗେଡି ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିପରି ଜୋନସାରି ଜନଜାତିଙ୍କ ହାତୀ ନୃତ୍ୟ ବେଶ୍ ରୋମାଞ୍ଚକର ହୋଇଥିଲା। ତେବେ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

**ସରିଲା ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ**

ଗୁରୁବାରଠାରୁ ସମାନ ମଞ୍ଚରେ ରାଜ୍ୟର ଜନଜାତି କଳାକାରମାନେ ନୃତ୍ୟକଳା ପ୍ରଦର୍ଶନ କରିବେ।

ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀରେ ହାତରେ ତିଆରି ଅତି ସୁନ୍ଦର କଳାବସ୍ତୁ ବିକ୍ରୟ ହେଉଛି। ଏଠାରେ ଦେଖିବାକୁ ମିଳୁଛି ବିଭିନ୍ନ ପ୍ରକାର ପିଲାଙ୍କ ଖେଳଣା। ତିନୋଟି ଛୋଟ ବାଉଁଶ ଖଣ୍ଡରେ ତିଆରି ୨ ଇଞ୍ଚର ହୁଇସିଲ୍‌ର ଦାମ୍ ମାତ୍ର ୩୦ ଟଙ୍କା ରହିଛି, ଯାହାକୁ କିଣିବାକୁ ପିଲାମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ମହାରାଷ୍ଟ୍ର ଷ୍ଟଲରେ ବିଭିନ୍ନ ଖେଳଣା ଓ ବୈଠକ ଘର ସାଜସଜ୍ଜା ସାମଗ୍ରୀରେ ପରିପୂର୍ଣ୍ଣ ରହିଛି। ସେହିପରି ପରମ୍ପରା ଓ ପ୍ରଗତିର ଏକ ସୁନ୍ଦର ଝଲକ ରାଜସ୍ଥାନର ଦୁଇଟି ଚିତ୍ରକଳା ଷ୍ଟଲରେ ଦେଖିବାକୁ ମିଳୁଛି। ପାରମ୍ପରିକ ଚିତ୍ରକଳାର ଷ୍ଟଲ୍ ହୋଇଥିବାବେଳେ ଚିତ୍ରଶିଳ୍ପୀଙ୍କ ତୂଳୀରେ ଗ୍ରାମୀଣ ରାଜସ୍ଥାନର ନିଚ୍ଛକ ଚିତ୍ରର ସମ୍ଭାର ନେଇ ଖୋଲିଛି। ଅନ୍ୟାନ୍ୟ ରାଜ୍ୟର ଷ୍ଟଲଗୁଡ଼ିକରେ ମଧ୍ୟ ଅନୁରୂପ ଭାବେ ହସ୍ତକଳା ଦେଖିବାକୁ ମିଳୁଛି।

# ମୃଦଙ୍ଗ, ଝାଞ୍ଜ ବାଦ୍ୟରେ କମ୍ପିଲା ମେଳଣ ପଡ଼ିଆ


ଠାକୁରଙ୍କୁ ଭକ୍ତମାନେ ଫଗୁ ଅର୍ପଣ କରୁଛନ୍ତି।

**ଡେଲାଙ୍ଗ,୧୫।୩(ଡି.ଏନ୍.ଏ.)**

ଡେଲାଙ୍ଗ ଅନ୍ତର୍ଗତ ହରିରାଜପୁର ମେଳଣରେ ବୁଧବାର ୪ର୍ଥ ସନ୍ଧ୍ୟାରେ ଶ୍ରୀ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମେଳଣ ପଡିଆ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ସହ ଖୋର୍ଦ୍ଧା, ପୁରୀ, ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ୫୫୦ଟି ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ମୃଦଙ୍ଗ, ରାଣୀହାଟି, ଝାଞ୍ଜ ବାଦ୍ୟ ସହିତ ହରେ ରାମ ହରେ କୃଷ୍ଣ ଡାକରେ କମ୍ପିଥିଲା। ସଂକୀର୍ତ୍ତନ ମଣ୍ଡଳୀରେ ୫ ହଜାରରୁ ଉର୍ଦ୍ଧ୍ୱ ସଦସ୍ୟ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ

**ହରିରାଜପୁର ମେଳଣର ଚତୁର୍ଥ ସନ୍ଧ୍ୟା**

ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ହରିହାଟ ଶୋଭାଯାତ୍ରା କରି ମେଳଣ ପଡିଆରେ ଖୁଣ୍ଟି ହୋଇଥିବା ଠାକୁରଙ୍କ ନିକଟରେ ପହଞ୍ଚିଥିଲେ। ମେଳଣ କମିଟି ପକ୍ଷରୁ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ସମସ୍ତ ଖୁଣ୍ଟିଲାଗି ଠାକୁରଙ୍କ ଆଳତି ପାଇଁ କୁନି ଶିଶୁଙ୍କୁ ରାଧାକୃଷ୍ଣ, ଶିବପାର୍ବତୀ, ମହାବୀର ବିଭିନ୍ନ ବେଶରେ କମିଟି ପକ୍ଷରୁ ସଜାଯାଇ ସନ୍ଧ୍ୟା ଆଳତି କରାଯାଇଥିଲା। ଆଳତି ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଅପରପକ୍ଷେ ଗୁରୁବାର ଦିଅଁ ମେଳଣ ହେବାକୁ ଥିବା ବେଳେ ଫଗୁ ଦୋକାନ ଖୋଲିଛି।

**ଭିଡ଼ରେ ଲୁଟ୍‌ର ଶିକାର:** ପ୍ରତିଦିନ ଲକ୍ଷାଧିକ ଭକ୍ତ ଆସି ଠାକୁରଙ୍କ ଦର୍ଶନ କରିବା ସହିତ ବିଭିନ୍ନ ସାମଗ୍ରୀ କିଣି ନେଉଛନ୍ତି। ହେଲେ ଏହି ଭିଡ ଭିତରେ ୨ଜଣ ଲୁଟେରାଙ୍କ ଶିକାର ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜଣେ ମହିଳା ଓ ଜଣେ ୭ ବର୍ଷର ଶିଶୁ କନ୍ୟା ବେକରୁ ସୁନା ହାର ଓ ଚେନ ଲୁଟ ହୋଇଥିଲା। ପାଟି କରିବା ସତ୍ତ୍ୱେ ଲୁଟେରା ଫେରାର ହୋଇଯାଇଥିଲା। ଅନ୍ୟପଟେ ଲୁଟ ନେଇ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନଥିବା ମଧ୍ୟ ଜଣାପଡିଛି।

**ପାରମ୍ପରିକ ସାମଗ୍ରୀ ଦୋକାନରେ ଭିଡ:** ବାଉଁଶ,ବେତ ଓ ତାଳପତ୍ର ଆଦିରେ ତିଆରି ସାମଗ୍ରୀଗୁଡିକୁ କିଣିବା ପାଇଁ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଛି। ଦେଶୀ ହାତ ପଙ୍ଖା ଯାହାକୁ ଗାଁ ଗଣ୍ଡାରେ ବିଞ୍ଚଣାର ବୋଲି କୁହନ୍ତି, ତାହାର ମଧ୍ୟ ମେଳାରେ ଢେର ଚାହିଦା ରହିଥିଲା। ତାଳପତ୍ରରେ ତିଆରି ବିଞ୍ଚଣାର ଦାମ ୨୫ରୁ ୩୦ ଟଙ୍କା ଥିବା ବେଳେ ପଟିର ଦାମ ୨୦ ଟଙ୍କା ରହିଛି। ସେହିପରି ବାଉଁଶରେ ତିଆରି ଟୋକେଇ, ବେତା, ପାଚିଆ, କୁଲାର ପ୍ରଭୃତି ସାମଗ୍ରୀର ମଧ୍ୟ କିଣି ନେଇଥିଲେ।

**ଆଜି ଗୋଧୂଳି ଲଗ୍ନରେ ହରିହର ଭେଟ:** ଗୁରୁବାର ଗୋଧୂଳି ଲଗ୍ନରେ ହରିହାର ଭେଟ ଅନୁଷ୍ଠିତ ହେବ। ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ, ଅରାଗଡର ଶ୍ରୀକୁନ୍ତେଶ୍ୱର ଦେବ, କୁସୁମାଟି ଶ୍ରୀଗଡେଶ୍ୱର ଦେବ, କନ୍ତିଆର ଶ୍ରୀବାଲୁଙ୍କେଶ୍ୱର ଦେବ, ଭଁସରର ଶ୍ରୀନୀଳକଣ୍ଠେଶ୍ୱର ଦେବ, ହରିରାଜପୁର ବାଳମକୁନ୍ଦ ଦେବଙ୍କ ମଧ୍ୟରେ ହରିହର ଭେଟ ହେବ। ଏହି ମେଳଣରେ ସାମିଲ ହେବା ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ମାନସିକଧାରୀ ଏଠାକୁ ଆସି ଠାକୁରଙ୍କୁ ଫଗୁ ସମର୍ପଣ କରିଥାନ୍ତି। ଅନେକ ଉପବାସ ମଧ୍ୟ କରିଥାନ୍ତି ଦିଅଁ ମେଳଣ ପରେ ପାଦୁକ ପାଇ ଉପବାସ ଶେଷ କରିଥାନ୍ତି।


ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମୀୟ ଅଞ୍ଚଳ ପରିକ୍ରମା କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ମାର୍ଚ୍ଚ, ୨୦୨୩



# ରାସ୍ତାରେ ଡ୍ରାଇଭର

ପେନ୍‌ସନ୍, ବୀମା, ସାମାଜିକ ସୁରକ୍ଷା ଆଦି ୧୦ ଦଫା ଦାବି କରୁଥିବା ଡ୍ରାଇଭରମାନଙ୍କୁ ରାଜ୍ୟ ସରକାର କେବଳ ପ୍ରତିଶ୍ରୁତି ଦେଇଚାଲିଛନ୍ତି। କୌଣସି ଦାବି ପୂରଣ ହୋଇପାରୁନାହିଁ। ଏହା ବିରୋଧରେ ଗାଡ଼ି ଚାଳକମାନଙ୍କର ୬ଟି ସଂଘକୁ ନେଇ ଗଠିତ ଡ୍ରାଇଭର ଏକତା ମହାମଞ୍ଚ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ବୁଧବାରଠାରୁ ଆରମ୍ଭ କରିଛି। ରାଜ୍ୟର କୋଣ ଅନୁକୋଣରେ ଡ୍ରାଇଭରମାନେ ଗାଡ଼ି ଚାଳନାରୁ ନିବୃତ୍ତ ରହି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଯାତ୍ରୀବାହୀ ବସ୍, ଅଟୋ ସମେତ ମାଲ୍ ପରିହନ କରୁଥିବା ସମସ୍ତ ଗାଡ଼ି ଚଳାଚଳ ଏକପ୍ରକାର ଠପ୍ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଯାତ୍ରୀମାନେ ଅଟକିରହି ହନ୍ତସନ୍ତ ହୋଇଛନ୍ତି। ମାଲ୍ ପରିବହନ ମଧ ବହୁମାତ୍ରାରେ ପ୍ରଭାବିତ ହୋଇଛି। ସରକାର ଦାବି ପୂରଣ ନ କରିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଅଟକି ରହିଥିବା ଯାତ୍ରୀ।




ଭୁବନେଶ୍ୱର ତମାଣ୍ଡୋସ୍ଥିତ ଜାତୀୟ ରାଜପଥରେ ଗାଡ଼ି ଅଟକାଇ ଧାରଣାରେ ବସିଥିବା ଡ୍ରାଇଭରମାନେ।



ଭୁବନେଶ୍ୱର ବରମୁଣ୍ଡାରେ ଅଟକି ରହିଥିବା ବସ୍।




ଆନ୍ଦୋଳନ ଯୋଗୁ ଭୁବନେଶ୍ୱରରେ ଚଳାଚଳ କରୁ ନ ଥିବା ଅଟୋରିକ୍ସା।




କଟକ ବାଦାମବାଡ଼ି ଛକରେ ଗାଡ଼ିକୁ ଅପେକ୍ଷା କରିଥିବା ଯାତ୍ରୀମାନେ।



କେନ୍ଦୁଝର ଢେଙ୍କିକୋଟ



ରାୟଗଡ଼ା



କଟକ ଗୋପାଳପୁର ଛକ




ଅନ୍ୟ ଯାତ୍ରୀବାହୀ ଗାଡ଼ି ବନ୍ଦ ଥିବାରୁ କଟକ ବାଦାମବାଡ଼ି ଛକରେ ଲୋକେ ମୋ ବସ୍‌ରେ ଯିବା ପାଇଁ ଭିଡ଼ ଲଗାଇଛନ୍ତି।



ଅନୁଗୋଳ



ବ୍ରହ୍ମପୁର



ବରଗଡ଼

# ଜଙ୍ଗଲ ନିଆଁ ମନୁଷ୍ୟକୃତ: ମନ୍ତ୍ରୀ

## ୨୨,୭୮୬ ସ୍ଥାନରେ ଜଳୁଛି ଜଙ୍ଗଲ



ଭୁବନେଶ୍ୱର,୧୫।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜଙ୍ଗଲ ହୁ ହୁ ହୋଇ ଜଳୁଛି। ୨୦୨୩ ମାର୍ଚ୍ଚ ୧୩ ତାରିଖ ଯାଏ ୨୨,୭୮୬ ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି। ତେବେ ଏ ସମସ୍ତ ଜଙ୍ଗଲ ନିଆଁ ମନୁଷ୍ୟକୃତ। ବୁଧବାର ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଗତ ଅକ୍ଟୋବରଠାରୁ ରାଜ୍ୟରେ ବର୍ଷା ନାହିଁ। ତାପମାତ୍ରା ବୃଦ୍ଧି ଘଟିଛି। ୨୦୨୧ରେ ମଧ୍ୟ ମନୁଷ୍ୟକୃତ ଜଙ୍ଗଲ ନିଆଁ ଯୋଗୁ ୫୬,୬୦୬ ସ୍ଥାନରେ ଜଙ୍ଗଲ ନିଆଁ ଦେଖାଯାଇଥିଲା। ସେଥିରୁ ୧୪,୭୮୨ଟି ନିଆଁ ଜଙ୍ଗଲ ବାହାରେ ଦେଖାଯାଇଥିଲା। ବାହାରେ ଦେଖାଯାଉଥିବା ନିଆଁ ମକା ଚାଷ ଓ ଧାନ ଚାଷ ପରେ କ୍ଷେତ୍ରରେ ଜଳିବା ଯୋଗୁ ହୋଇଥାଏ। ଏହି ନିଆଁ କ୍ଷେତରୁ ଜଙ୍ଗଲକୁ ବ୍ୟାପିଥାଏ। ଜଙ୍ଗଲ ମଧ୍ୟରେ ଯେଉଁ ନିଆଁ ଦେଖାଦେଉଛି ତାହା ବନଜାତ ଦ୍ରବ୍ୟ ସଂଗ୍ରହ ଓ ପ୍ରାଣୀ ଶିକାର ପାଇଁ ହୋଇଥାଏ। ଜଙ୍ଗଲ ନିଆଁକୁ ଆୟତ୍ତ କରିବାକୁ ସମସ୍ତ ଜିଲାପାଳମାନଙ୍କୁ ଜିଲା ଆକ୍ସନ ପ୍ଲାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୩୦ ଜିଲାରେ ବନ ବିଭାଗ ଓ ଅନ୍ୟ ବିଭାଗଗୁଡ଼ିକୁ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଯୋଜନାଭିତ୍ତିକ କମିଟି ଗଠନ କରାଯାଇଛି। ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରି ଜଙ୍ଗଲ ନିଆଁ ଲିଭାଇବାକୁ ପଞ୍ଚାୟତିରାଜ ପ୍ରତିନିଧି, ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସାମିଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନଖଣ୍ଡ ସ୍ତରରେ ୩୯୯ ନିଆଁ ଲିଭାଳି ଦଳଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ଗାଡ଼ି ଫାୟାର ବ୍ଲୋୟର ଓ ସୁରକ୍ଷା ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ସୂଚନା ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ଉପଗ୍ରହ ଜରିଆରେ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଉଛି। ଲାଗିଥିବା ନିଆଁରୁ ୯୮ ପ୍ରତିଶତକୁ ଆୟତ୍ତ କରାଯାଇଛି। ତଳେ ନିଆଁ ଲାଗୁଥିବାରୁ ଅଗ୍ନିକାଣ୍ଡ ଯୋଗୁ ବୃକ୍ଷରାଜି କିମ୍ବା ଜୀବଜନ୍ତୁ ପ୍ରଭାବିତ ହୁଅନ୍ତି ନାହିଁ। ବନ ବିଭାଗ କର୍ମଚାରୀ ନିଆଁକୁ ଲିଭାଇବା ପାଇଁ ଦିନ ରାତି କାର୍ଯ୍ୟରେ ଲାଗିଛନ୍ତି। ସରକାର ଶୋଇନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇ ପାରୁନାହିଁ। ଏହାକୁ ନେଇ ବିଧାନସଭାରେ ବିରୋଧୀ ଦଳ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ନିଆଁ ଲିଭାଇବାରେ ବିଫଳ ହୋଇଛନ୍ତି। ଜୀବଜନ୍ତୁଙ୍କ ଜୀବନ ବିପନ୍ନ ହୋଇଛି। ଏହି ନିଆଁକୁ ଆୟତ୍ତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ଆଣି ବିରୋଧୀ ସରକାରଙ୍କୁ ଘେରିଛନ୍ତି।

**■ ନିଆଁ ଆୟତ୍ତ କରିବାରେ ସରକାର ଫେଲ୍: ବିରୋଧୀ**
**■ ମିଶନ ଶକ୍ତି ଗୋଷ୍ଠୀଙ୍କୁ ନିଆଁ ଲିଭାରେ ସାମିଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ବୁଧବାର ବିଧାନସଭାରେ 'ଲାଗିଛି ନିଆଁ ଜଙ୍ଗଲରେ, ସରକାର ଶୋଇଛନ୍ତି ମହାନିଦ୍ରାରେ' ଶୀର୍ଷକ ମୁଲତବୀ ଆଲୋଚନା ଆରମ୍ଭ କରି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାଜ୍ୟର ସବୁ ଜଙ୍ଗଲରେ ନିଆଁ ଲାଗିଛି। ଜଙ୍ଗଲ ଆଉ ରହିବ ନାହିଁ। ୪ ମାସ ହେବ ରାଜ୍ୟରେ ଜଙ୍ଗଲ ଜଳୁଛି। ସରକାର ନିଆଁକୁ ଆୟତ୍ତ କରିପାରୁ ନାହାନ୍ତି। ଭାରତର ଅନେକ ଜଙ୍ଗଲରେ ନିଆଁ ଲାଗିଛି। ହେଲେ ଓଡ଼ିଶାର ସର୍ବାଧିକ ସ୍ଥାନରେ ନିଆଁ ଜଳୁଛି। ରାଜ୍ୟର ବିଭିନ୍ନ ଜଙ୍ଗଲର ୬୫୬ଟି ଜାଗାରେ ବଡ ବନାଗ୍ନି ହୋଇଛି। ଶିକାରୀ ନିଆଁ ଲଗାଇ ଦେଉଛନ୍ତି। ସେମାନଙ୍କୁ ଧରିବାକୁ ସରକାର କ'ଣ ପଦକ୍ଷେପ ନେଇଛନ୍ତି। ଭାଜପା ସଭ୍ୟ ଗଣେଶ ରାମ ଖୁଣ୍ଟିଆ କହିଛନ୍ତି,ରାଜ୍ୟରେ ୫୨ ହଜାର ୪୭୨ ବର୍ଗକିଲୋମିଟର ଜଙ୍ଗଲ ରହିଛି। ଜଙ୍ଗଲରେ କିଏ ନିଆଁ ଲଗାଉଛି। ରାଜ୍ୟ ସରକାର ବହୁ ସ୍ଥାନରେ ସ୍କ୍ୱାଡ ଗଠନ କରିଛନ୍ତି। ସେମାନେ ଜାଣିପାରୁନାହାନ୍ତି। ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ଜଙ୍ଗଲ ନିଆଁକୁ ଆୟତ୍ତ କରିବାକୁ କୌଣସି ବ୍ୟବସ୍ଥା କରିନାହାନ୍ତି। ସମସ୍ତଙ୍କ ସହ ସମନ୍ୱୟ ନ ରହିଲେ ଏମିତି ଜଙ୍ଗଲ ଜଳୁଥିବ ବୋଲି ସେ କହିଛନ୍ତି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ କହିଛନ୍ତି, ନିଆଁ ଲାଗିଲେ ଜୀବଜନ୍ତୁଙ୍କର ଜୀବନ ବିପଦରେ ପଡୁଛି। ବନ୍ୟପ୍ରାଣୀ ପରିଚାଳନା ସଂସ୍ଥା କ'ଣ କରୁଛି। ଜଙ୍ଗଲ ନିଆଁ ଯୋଗୁ ହାତୀ ଡାଇନୋସର ଭଳି ସବୁଦିନ ପାଇଁ ଲୋପ ପାଇଯିବେ। ହାତୀଙ୍କୁ କେବଳ ଚିତ୍ରରେ ଦେଖିବାକୁ ମିଳିବ। ଗତ ୧୦ ବର୍ଷରେ ୭୮୪ ହାତୀଙ୍କର ମୃତ୍ୟୁ ହେଲାଣି। ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ଭଳି ହାତୀମାନଙ୍କୁ ମଧ୍ୟ ଷଡ଼ଯନ୍ତ୍ର କରି ମରାଯାଉଛି ବୋଲି ମହାଲିଙ୍ଗ କହିଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ରାଜ୍ୟରେ ଜଳୁଥିବା ଜଙ୍ଗଲ ନିଆଁକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମନ୍ତ୍ରୀ ଓ ନେତାମାନେ ହେଲିକପ୍ଟରରେ ବୁଲୁଛନ୍ତି। ଜଙ୍ଗଲରେ ହେଲିକପ୍ଟର ମାଧ୍ୟମରେ ପାଣି କାହିଁକି ପକାଯାଉ ନାହିଁ। ଶିମିଳିପାଳଠାରୁ ଆରମ୍ଭ କରି ଖୋର୍ଦ୍ଧା, ଗଞ୍ଜାମ, କୋରାପୁଟ ସବୁଠି ଜଙ୍ଗଲ ଜଳୁଛି। ଲୋକମାନେ ଜାଣିଶୁଣି ନିଆଁ ଲଗାଇ ଦେଉଛନ୍ତି। ମହିଳାମାନଙ୍କୁ ଖାଲି ଟଙ୍କା ଦେଇ ଏସ୍‌ଏଚ୍‌ଜି ଗଠନ କଲେ ହେବ ନାହିଁ। ସେମାନଙ୍କୁ ଜଙ୍ଗଲ ନିଆଁ ଲିଭାଇବାରେ ମଧ୍ୟ କାମରେ ଲଗାଯାଉ। ଭୁବନେଶ୍ୱରଠାରୁ ଆରମ୍ଭ କରି ଚାରିଆଡ଼େ ଗଛ କାଟି ଦେଉଛ। ଏହା ବଦଳରେ ଗଛ ଲଗାଯାଉନି। ଜଙ୍ଗଲ ଜଳିଗଲେ ଆଉ କେହି ବଞ୍ଚିବେ ନାହିଁ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ରାଜ୍ୟର ୨୨ଟି ଜିଲାର ୧୨୦୦ ଜଙ୍ଗଲରେ ନିଆଁ ଲାଗିଛି। ମନ୍ତ୍ରୀ ହେଲିକପ୍ଟରରେ ବୁଲୁଛନ୍ତି। ନିଆଁ ଲିଭାଇବାକୁ ପଇସା ନାହିଁ। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର କହିଲେ, ଜଙ୍ଗଲ ନିଆଁ ଲିଭାଇବାକୁ ସରକାର ଟାସ୍କଫୋର୍ସ ଗଠନ କରିଛନ୍ତି। ଭାରତର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। କୌଣସି ଜୀବଜନ୍ତୁ ଏଥିରେ କ୍ଷତିଗ୍ରସ୍ତ ହୁଅନ୍ତି ନାହିଁ। ଏହା ଏକ ପ୍ରକ୍ରିୟା। ପୋଡ଼ି ଯାଉଥିବା ଜଙ୍ଗଲ ସ୍ଥାନରେ ନୂତନ ବୃକ୍ଷ ଲତା ସୃଷ୍ଟି ହୁଅନ୍ତି। ରାଜ୍ୟରେ ଜଙ୍ଗଲ ପରିମାଣ ବଢୁଛି। ବିଜେଡି ସଭ୍ୟ ରାଜକିଶୋର ଦାସ ଓ ରମେଶ ଚନ୍ଦ୍ର ସାଏ ପ୍ରମୁଖ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ସହ ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଶେଷରେ ବାଚସ୍ପତି ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ।

# ୨ ସର୍ଦ୍ଦାର ଗିରଫ

ତେଲଙ୍ଗାନା ଇଟାଭାଟିରେ ଶ୍ରମିକଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ତେଲଙ୍ଗାନାରେ ବଲାଙ୍ଗୀର ଜିଲାର ଦାଦନ ଶ୍ରମିକ ମୃତ୍ୟୁ ଘଟଣାରେ ୨ ଜଣ ସର୍ଦ୍ଦାରଙ୍କ ନାମରେ ମକଦ୍ଦମା ରୁଜୁହେବା ସହ ସେମାନଙ୍କୁ ଗିରଫ କରାଯାଇଛି। ବୁଧବାର ବିଧାନସଭାରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏହି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଗୃହରେ ବିବୃତି ଦେଇ ମନ୍ତ୍ରୀ କହିଛନ୍ତି, ମୃତକଙ୍କ ପରିବାରକୁ ୩ ହଜାର ଟଙ୍କାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା, ଜିଲା ରେଡ୍‌କ୍ରସ ତରଫରୁ ୧୫ ହଜାର ଟଙ୍କାର ସହାୟତା ଦିଆଯାଇଛି। ଏହାଛଡ଼ା ପରିବାରଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ କରାଯିବା ସହ ବିଧବା ଭତ୍ତା ଓ ମୃତକଙ୍କ ପରିବାରଙ୍କୁ ଏନ୍‌ଏଫ୍‌ବିଏସ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ମୃତକଙ୍କ ପିଲାମାନଙ୍କୁ ବିଜୁ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେଲଙ୍ଗାନାରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ କଂଗ୍ରେସ ଦଳ ପକ୍ଷରୁ ମଙ୍ଗଳବାର ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏଥିସହ ଦଳ ପକ୍ଷରୁ ବାଚସ୍ପତିଙ୍କ ରୁଲିଂ ଦାବି କରାଯାଇଥିଲା। ବାଚସ୍ପତି ଏହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ବିବୃତି ଦେଇ ମନ୍ତ୍ରୀ କହିଛନ୍ତି, ବଲାଙ୍ଗୀର ଶ୍ରମ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ସହକାରୀ ଶ୍ରମ ଅଧିକାରୀଙ୍କୁ ଗତ ମାର୍ଚ୍ଚ ୧୦ ତାରିଖରେ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶ୍ରମ ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ବାଗଦୋର ଗ୍ରାମର ଶୁକଦେବ ପାରାଭୁଏ, ସ୍ତ୍ରୀ ଉଷା ପାରାଭୁଏ, ଝିଅ କୈକେଇ ପାରାଭୁଏ ଏବଂ ପୁଅ ପବିତ୍ର ପାରାଭୁଏ ୨୦୨୨ ଅକ୍ଟୋବରରେ ବେଆଇନ ଭାବେ ଦୁଇଜଣ ସର୍ଦ୍ଦାରଙ୍କ ମାଧ୍ୟମରେ ଅନ୍ୟ ଗ୍ରାମର ୧୨ ଜଣ ପ୍ରବାସୀ ଶ୍ରମିକଙ୍କ ସହ ତେଲଙ୍ଗାନା ରାଜ୍ୟକୁ ଇଟା ଗଢ଼ିବା ପାଇଁ ଯାଇଥିଲେ। ଶ୍ରମିକ ସର୍ଦ୍ଦାର ଘନ ସା ଏବଂ ବିଦ୍ୟାଧର ସାହୁଙ୍କଠାରୁ ପ୍ରତ୍ୟେକ ୩୫୦୦ ଟଙ୍କା ଅଗ୍ରିମ ନେଇଥିଲେ। ସମସ୍ତ ଶ୍ରମିକ ତେଲଙ୍ଗାନାର ପେଦାପଲ୍ଲି ଜିଲା ଅନ୍ତର୍ଗତ କାଟନାପାଲିଠାରେ ଥିବା ଇଟାଭାଟିରେ ନିୟୋଜିତ ହୋଇଥିଲେ। ଉଷା ପାରାଭୁଏଙ୍କ ବୟାନ ଅନୁଯାୟୀ ମୃତ ଶୁକଦେବ ପାରାଭୁଏ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ମାର୍ଚ୍ଚ ୮ ତାରିଖ ସକାଳେ ଇଟାଭାଟିରେ କାମ କରିବା ସମୟରେ ସେ ତଳେ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ବୟାନ ରେକର୍ଡ କରିଥିଲେ। ଶୁକଦେବ ପାରାଭୁଏଙ୍କ ମୃତ ଶରୀର ଏବଂ ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କୁ ତେଲଙ୍ଗାନା ରାଜ୍ୟରୁ ନିଜ ଗ୍ରାମକୁ ପ୍ରଶାସନ ସହଯୋଗରେ ଗତ ମାର୍ଚ୍ଚ ୯ ତାରିଖରେ ଅଣାଯାଇଛି। ଏହାଛଡ଼ା ଅନ୍ୟ ୮ ଜଣ ଶ୍ରମିକ ମଧ୍ୟ ନିଜ ଗ୍ରାମକୁ ଫେରିଆସିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି ବିବୃତି ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଧାନସଭା ଶୂନ୍ୟକାଳରେ କହିଥିଲେ, ଏହା କେବଳ ଗୋଟିଏ ଘଟଣା ନୁହେଁ। ବଲାଙ୍ଗୀର ଓ ନୂଆପଡ଼ା ଜିଲାରୁ ଲକ୍ଷ ଲକ୍ଷ ଲୋକ ଆନ୍ଧ୍ର ଓ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟ ସରକାର କେବଳ ରେଡ୍‌କ୍ରସରୁ ସହାୟତା ଦେଇ ଆତ୍ମସନ୍ତୋଷ ଲାଭ ନ କରି ଜିଲାରେ କାରଖାନା ପ୍ରତିଷ୍ଠା କରି ଲୋକଙ୍କୁ ରୋଜଗାର ଦେବାର ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି।

**■ବିଧାନସଭାରେ ବିବୃତି ରଖିଲେ ଶ୍ରମ ମନ୍ତ୍ରୀ**
**■ମୃତକ ପରିବାରକୁ ରେଡ୍‌କ୍ରସରୁ ୧୫ ହଜାର ସହାୟତା**

# ୧୧,୯୨୯ ସ୍କୁଲଘର ବିପଦସଙ୍କୁଳ

**■ବିଧାନସଭାରେ ଉଦ୍‌ବେଗ**
**■ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି: ମନ୍ତ୍ରୀ**

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ରାଜ୍ୟରେ ୧୧,୯୨୯ ସ୍କୁଲଘର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏସବୁ ଅସୁରକ୍ଷିତ ଶ୍ରେଣୀ ଗୃହ ଭାଙ୍ଗିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ବୁଧବାର ବିଧାନସଭା ପ୍ରଶ୍ନକାଳରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ଥିବା ବିପଦସଙ୍କୁଳ ସ୍କୁଲଗୁଡ଼ିକର ମରାମତି ପାଇଁ ପଞ୍ଚାୟତିରାଜ ବିଭାଗକୁ କୁହାଯାଇଛି। ଏହାଛଡ଼ା ବିଭିନ୍ନ ସ୍କୁଲ ପାଇଁ ମୋଟ୍ ୭୭ ହଜାର ୯୩୧ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯିବ। ୨୦୨୨-୨୩ରେ ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲରେ ୩୬୮୩ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ସେଥିରୁ ୧୦୦୩ ଶ୍ରେଣୀଗୃହ ନିର୍ମାଣ କରିବାକୁ ୧୧୮୫୫.୪୬ ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ମୋ ସ୍କୁଲ ଅଭିଯାନ ଅଧୀନରେ ପୁରାତନ ଛାତ୍ରୀଛାତ୍ରଙ୍କ ଆର୍ଥିକ ସହାୟତା ଓ ରାଜ୍ୟ ସରାରଙ୍କ ୨ ଗୁଣା ଆର୍ଥିକ ଅନୁଦାନକୁ ମିଶାଇ ୪୭୫୪ ସ୍କୁଲର ଶ୍ରେଣୀଗୃହ ମରାମତି ପାଇଁ ୮୯,୯୮,୭୭୫ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ବିଜେଡି ସଭ୍ୟ ଅମର ଶତପଥୀ ଅତିରିକ୍ତ ପ୍ରଶ୍ନରେ କହିଲେ, ରାଜ୍ୟରେ କେତେ ସ୍କୁଲ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ସାଏ କହିଲେ, ପିଲାମାନେ ଭଙ୍ଗାଦଦରା ଘରେ ପଢୁଛନ୍ତି। ସେଗୁଡ଼ିକ ଭାଙ୍ଗି ନୂଆ ଘର କରିବେ କି। ଭାଜପା ସଭ୍ୟ ପ୍ରକାଶ ସୋରେନ, ସନାତନ ବିଜୁଳି, ବିଜେଡି ସଭ୍ୟ ଅରବିନ୍ଦ ଢାଲି, କଂଗ୍ରେସ ସଭ୍ୟ ରାଜେନ ଏକ୍କା ପ୍ରମୁଖ ସ୍କୁଲ ଘରଗୁଡ଼ିକର ଦୟନୀୟ ଅବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାରୀ ସ୍କୁଲକୁ ବିଧାୟକ ପାଣ୍ଠିରୁ ସାହାଯ୍ୟ କରି ହେଉଛି। ମାତ୍ର ଭଲ ପାଠ ପଢ଼ାଯାଉଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ବିଧାୟକ ପାଣ୍ଠିରୁ ସାହାଯ୍ୟ କରି ହେଉନି। ମନ୍ତ୍ରୀ କହିଲେ, ରାଜ୍ୟରେ କୌଣସି ସ୍କୁଲ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିବ ନାହିଁ। ପଞ୍ଚାୟତିରାଜ ଅନୁଷ୍ଠାନ ଜରିଆରେ ସେଗୁଡିକ ମରାମତି କରାଯାଉଛି। ତେବେ ୨୦୧୪ରୁ ଏଭଳି ସ୍କୁଲ ଘରଗୁଡ଼ିକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସବୁ ଦର ବଢ଼ିଲାଣି, ଆମ ଦରମା ବଢ଼ାଅ

ବାଚସ୍ପତିଙ୍କୁ ବିଧାୟକଙ୍କ ଗୁହାରି

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଦୀର୍ଘ ବର୍ଷ ହେବ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା କିମ୍ବା ଅନ୍ୟାନ୍ୟ ଭତ୍ତା ବଢ଼ିନାହିଁ। ପେଟ୍ରୋଲ, ଡିଜେଲ ଦର ବଢ଼ିଲାଣି। ଅନ୍ୟାନ୍ୟ ଆନୁଷଙ୍ଗିକ ଦର ବୃଦ୍ଧି ହେଲାଣି। ଗାଡ଼ି ଚଲାଇବା, ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇ ପଡ଼ିଲାଣି। ସକାଳ ହେଲେ ଲୋକଙ୍କ ପାଇଁ ଖର୍ଚ୍ଚ କରିବାକୁ ପଡୁଛି। ବାହାଘର, ଏକୋଇଶିଆ, ବ୍ରତଘର, ରାମଲୀଳା, ଗୋଟିପୁଅ ନାଚ, ଫୁଟ୍‌ବଲ, କ୍ରିକେଟ ଖେଳ ଆଦି ପାଇଁ ଲୋକଙ୍କୁ ଅର୍ଥ ଦେବାକୁ ପଡୁଛି। ସେ ଟଙ୍କା ଆଣିବୁ କେଉଁଠୁ। ଅନ୍ୟ ରାଜ୍ୟରେ ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ାଯାଉଛି। ଆମର ଦରମା ଓ ପେନ୍‌ସନ ତୁରନ୍ତ ବଢ଼ାଯାଉ। ଏ ସଂକ୍ରାନ୍ତ କମିଟି ରିପୋର୍ଟ ଦେଇ ସାରିଛି। ବିଧାନସଭାରେ ତୁରନ୍ତ ବିଲ୍ ଅଣାଯାଉ। ଦଳଗତ ନିର୍ବିଶେଷରେ ବିଧାୟକମାନେ ବାଚସ୍ପତିଙ୍କ ନିକଟରେ ଏମିତି ଗୁହାରି କରିଛନ୍ତି।

ବୁଧବାର ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି- ବିଧାୟକ, ପୂର୍ବତନ ବିଧାୟକଙ୍କ ଦରମା ଓ ପେନ୍‌ସନ ବଢ଼ାଇବାକୁ ବିଜେଡି ସଦସ୍ୟ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟି ବିଭିନ୍ନ ରାଜ୍ୟ ଗସ୍ତ କରି ରିପୋର୍ଟ ଦେଇସାରିଛି। କମିଟି ରିପୋର୍ଟ ଦେବା ପରେ ମଧ୍ୟ କିଛି ଜଣାପଡୁନି। ସବୁ ବିଧାୟକଙ୍କର ଏକମତ। ବିଧାନସଭାରେ ଏ ନେଇ ବିଲ୍ ଅଣାଯାଉ ବୋଲି ନରସିଂହ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ, ପଦ୍ମନାଭ ବେହେରା, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଭାଜପା ସଭ୍ୟ ମୋହନ ଚରଣ ମାଝି ପ୍ରମୁଖ ନରସିଂହ ଉଠାଇଥିବା ପ୍ରସ୍ତାବକୁ ସମର୍ଥନ କରିବା ସହ ତୁରନ୍ତ ବିଧାନସଭାରେ ବିଲ୍ ଆଣି ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ାଇବାକୁ ଦାବି କରିଛନ୍ତି। ବିଧାୟକମାନଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଲେ, ବିଧାୟକ ଅମର ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ରିପୋର୍ଟକୁ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦିଆଯାଇଛି। ବିଭାଗ ଗୃହର ନେତାଙ୍କ ସହ ଏ ନେଇ ଆଲୋଚନା କରିବା ସହ ବିଧାନସଭାରେ ବିଲ୍ ଉପସ୍ଥାପନ କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ ୪୮.୬୫ ଲକ୍ଷ ଚାଷୀ, ୯୫ ହଜାର ଭାଗଚାଷୀ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

୨୦୧୫-୧୬ କୃଷି ଜନଗଣନା ଅନୁସାରେ ରାଜ୍ୟରେ ୪୮ ଲକ୍ଷ ୬୫ ହଜାର ୮୫୦ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୯୫ ହଜାର ୧୮୪ ଭାଗଚାଷୀ ଅଛନ୍ତି। ଭାଗ ଚାଷୀଙ୍କ ପାଇଁ ରାଜ୍ୟରେ ବଳରାମ ଯୋଜନା କାର୍ଯ୍ୟକାରୀ କରାଯାଉଛି। ରାଜ୍ୟରେ ଭାଗଚାଷୀ ଚିହ୍ନଟ କରିବା କଷ୍ଟକର ବ୍ୟାପାର। ଆଜି ଯିଏ ଜମି ଭାଗ ନେଇ ଚାଷ କରୁଛନ୍ତି ତାହାକୁ କାଲି ଅନ୍ୟ କିଏ କରୁଛନ୍ତି। ସେଭଳି କ୍ଷେତ୍ରରେ ଭାଗଚାଷୀଙ୍କୁ ଚିହ୍ନଟ କରିବା ସମ୍ଭବ ନୁହେଁ। ରାଜ୍ୟ ସରକାର କୃଷି ଓ କୃଷକଙ୍କର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ସମସ୍ତ ଯୋଜନାରେ ପ୍ରକୃତ ଚାଷୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି। ଏଥିଯୋଗୁ ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ପାଉଛି। ଜାତୀୟ ପରିସଂଖ୍ୟାନ ସଂସ୍ଥା ଦ୍ୱାରା ସାମୟିକ ରୂପେ କୃଷି ଦ୍ୱାରା ମାସିକ ଆୟର ଆକଳନ କରାଯାଇଥାଏ। ୨୦୧୨ରେ ଚାଷୀଙ୍କ ଆୟ ମାସିକ ୪୯୭୬ ଥିବା ବେଳେ ୨୦୧୯ରେ ମାସିକ ଆୟ ୫୧୧୨ ଟଙ୍କା ଥିଲା। ତେବେ ୨୦୧୨-୧୩ ମାସିକ ଆୟ ସହ ୨୦୧୮-୧୯ ମାସିକ ଆୟ ତୁଳନୀୟ ହୋଇ ନ ପାରେ। କାରଣ ୨୦୧୮-୧୯ରେ ୨ଟି ବାତ୍ୟା ହୋଇଥିଲା। ୨୦୧୮ରେ ରାଜ୍ୟ ମରୁଡ଼ିର ସମ୍ମୁଖୀନ ହୋଇଥିଲା। ଏହି ସମୟରେ କୃଷି କ୍ଷେତ୍ର, ପ୍ରାଣୀପାଳନ ଏବଂ ଅନ୍ୟାନ୍ୟ କ୍ଷେତ୍ରରୁ ଚାଷୀଙ୍କ ଆୟ କମି ଯାଇଥିଲା। କୃଷକ ପରିବାରର ମାସିକ ଆୟରେ ଥିବା ଅସଙ୍ଗତି ଦୂର କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଭାଜପା ସଭ୍ୟ ନିତ୍ୟାନନ୍ଦ ଗଣ୍ଡ ମୂଳ ପ୍ରଶ୍ନରେ ନଂ. ୨୭୧ରେ ପଚାରିଥିଲେ ଯେ ରାଜ୍ୟ ସରକାର ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦେଉନାହାନ୍ତି କାହିଁକି। ଚାଷୀଙ୍କ ଆୟ ସର୍ବଭାରତୀୟ ସ୍ତରଠାରୁ ଓଡ଼ିଶାରେ କମ୍ କାହିଁକି। ବିଜେଡି ସଭ୍ୟ ସୁନନ୍ଦା ଦାସ ବରି ନିର୍ବାଚନମଣ୍ଡଳୀରେ ସହାୟକ କୃଷି ଅଧିକାରୀ, ଜିଲା କୃଷି ଅଧିକାରୀ ପଦବୀ ଖାଲି ରହିଛି। କେବେ ସୁଦ୍ଧା ସେ ପଦବୀଗୁଡ଼ିକ ପୂରଣ ହେବ ବୋଲି ପଚାରିଥିଲେ। ଭାଜପା ସଭ୍ୟ ଭାସ୍କର ମଢ଼େଇ ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ ଆଣିବାକୁ କହିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ରାଜ୍ୟରେ ଭାଗ ଚାଷୀ କିଏ ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ଦାଶରଥି ଗମାଙ୍ଗ, ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ସ୍ୱରୂପ ଦାସ, ଭାଜପା ସଭ୍ୟ ଗଣେଶ ରାମ ଖୁଣ୍ଟିଆ ପ୍ରମୁଖ ରାଜ୍ୟରେ ଚାଷୀ, ଭାଗଚାଷୀ ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା କେତେ। କୃଷି ବିଭାଗରେ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି। ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ ଆଣିବେ କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଚାଷୀଙ୍କ ଆୟ ବଢ଼ାଇବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ୩୯ଟି ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ କେନ୍ଦ୍ର ପ୍ରବର୍ତ୍ତିତ ୧୧ଟି ଯୋଜନା କାର୍ଯ୍ୟକାରୀ କରାଯାଉଛି। ପୂର୍ବରୁ ଭାଗଚାଷୀ କିଛି ପାଉ ନ ଥିଲେ। ଏବେ ସମସ୍ତ ସୁବିଧା ପାଉଛନ୍ତି। ଭାଗ ଚାଷୀଙ୍କୁ ଜମି ଅଧିକାର ଦେବା ଅନ୍ୟ ଏକ ବିଷୟ। ସେ ନେଇ ବିତର୍କ ହେବାର ଆବଶ୍ୟକତା ରହିଛି। ଭାଗଚାଷୀଙ୍କୁ ଚିହ୍ନଟ କରିବା ସହଜ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇଲେ ଆଶାକର୍ମୀ

**■ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ବିଫଳ**
**■ଜାରି ରହିବ ଦିବା ରାତ୍ର ଧାରଣା**




ଆଶା କର୍ମୀଙ୍କ ଭତ୍ତା ବୃଦ୍ଧି, ୱାର୍କର ମାନ୍ୟତା ସମେତ ବିଭିନ୍ନ ଦାବି ନେଇ ଆଶା କର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ- ମୌସମ)

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଭତ୍ତା ବୃଦ୍ଧି, ୱାର୍କର ମାନ୍ୟତା ସମେତ ୧୨ ଦଫା ଦାବି ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆଶା କର୍ମୀ। ବୁଧବାର ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଏବଂ ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘକୁ ନେଇ ଗଠିତ ଆଶାକର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚାର ଆହ୍ୱାନକ୍ରମେ ହଜାର ହଜାର ଆଶା କର୍ମୀ ଶୋଭଯାତ୍ରାରେ ଆସି ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ପହଞ୍ଚିଥିଲେ। ମୋର୍ଚ୍ଚା ଆବାହକ ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନେତୃବୃନ୍ଦ ସରକାରଙ୍କ ଅଣଦେଖାର ତୀବ୍ର ପ୍ରତିବାଦ କରିଥିଲେ। ଚଳିତ ବଜେଟ୍‌ରେ ଆଶାକର୍ମୀଙ୍କ ସମସ୍ୟା ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ପରେ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ, ଉପସାଧାରଣ ସମ୍ପାଦିକା ମାତିଲଦା କୁଲୁ ଓ ଉମି ଗୁପ୍ତା, ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଲକ୍ଷ୍ମୀ ମହାରଣା ପ୍ରମୁଖ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଭେଟି ଦାବିପତ୍ର ଦେବାସହ ଆଲୋଚନା କରିଥିଲେ। ତେବେ ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବାରୁ ଦିବାରାତ୍ର ଆନ୍ଦୋଳନ ଜାରି ରହିବ ବୋଲି ମୋର୍ଚ୍ଚା ପକ୍ଷରୁ ନିଷ୍ପତ୍ତି ନିଆଯିବା ସହ ଚେତାବନୀ ଦିଆଯାଇଛି।

ମାସିକ ସୁନିଶ୍ଚିତ ଭତ୍ତା ପରିବର୍ତ୍ତେ ମାସିକ ଭତ୍ତା ଧାର୍ଯ୍ୟ ସହ ମାସିକ ସୁନିଶ୍ଚିତ ଭତ୍ତା ୨୫୦୦ ଟଙ୍କା ଓ ମାସିକ ସୁନିଶ୍ଚିତ ପ୍ରୋତ୍ସାହନ ରାଶି ୨୩୦୦ ଟଙ୍କା ପ୍ରଦାନ ସହ ଆର୍‌ଏମ୍‌ଏସି, ଏଏଚ୍, ଏନ୍‌ଡିସିପି, ଏନ୍‌ସିଡି ଆଦି ସାମିଲ କରିବାକୁ ଦାବି ହୋଇଛି। ସେହିପରି ସମସ୍ତ ଆଶାଙ୍କୁ ସିଏଚ୍‌ଓ ସେଣ୍ଟର ବାବଦରେ ଦେୟ ପ୍ରଦାନ ଏବଂ ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ୱାର୍କର ମାନ୍ୟତା, ଅବସର ବୟସ ୬୨ ପରିବର୍ତ୍ତେ ୬୫ ସହ ଅବସରକାଳୀନ ସହାୟତା ରାଶି ୫ଲକ୍ଷକୁ ବୃଦ୍ଧି, ଅବସରକାଳୀନ ଭତ୍ତା, ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷକୁ ବୃଦ୍ଧି, ଗ୍ରାମାଞ୍ଚଳରେ ଜନନୀ ସୁରକ୍ଷା ଯୋଜନା ଓ ଅନ୍ୟାନ୍ୟ ଦେୟ ପ୍ରଦାନ ହାରରେ ସହରାଞ୍ଚଳର ଆଶାମାନଙ୍କୁ ଅନୁଦାନ ବୃଦ୍ଧି, ସଂସଦୀୟ କମିଟିର ସୁପାରିସ ଅନୁସାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୦୧୧ ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଏଏନ୍‌ଏମ୍ ନିଯୁକ୍ତି ପ୍ରକ୍ରିୟାରେ ଆଶାକର୍ମୀଙ୍କ ମଧ୍ୟରୁ ୫୦ ପ୍ରତିଶତ ସଂରକ୍ଷଣ ଧାର୍ଯ୍ୟ କରି ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା, ଶିକ୍ଷାଗତ ଯୋଗ୍ୟତା ଓ ୫ ବର୍ଷର ଅଭିଜ୍ଞତା ଥିବା ଆଶାକର୍ମୀଙ୍କୁ ନର୍ସିଂ ସ୍କୁଲ ଓ କଲେଜରେ ତାଲିମ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା, କାର୍ଯ୍ୟର ମୂଲ୍ୟାୟନ ସହ ସମସ୍ୟାର ସମାଧାନ ପାଇଁ ପ୍ରତି ୩ମାସରେ ଥରେ ଆଶା ସମ୍ମିଳନୀ କିମ୍ବା ଆଶା ଦିବସ ସଂଗଠିତ କରିବା ପାଇଁ ଏଆଇଏସ୍‌ଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା ଦାବି କରିଛନ୍ତି। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଆଶାକର୍ମୀଙ୍କୁ ବୀମାଭୁକ୍ତ କରିବା, ସାମାଜିକ ସୁରକ୍ଷା ପ୍ରଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ସହ ପ୍ରତି ଆଶାକର୍ମୀଙ୍କୁ ବର୍ଷକୁ ଥରେ କଣ୍ଟିଜେନ୍‌ସି ବାବଦକୁ ୧୦ ହଜାର ଟଙ୍କା ପ୍ରଦାନ ଆଦି ରହିଛି। ସେହିପରି ଦୁଇ ବର୍ଷରେ ଥରେ ସାଇକେଲ ପ୍ରଦାନ ଓ ସାଧାରଣ ମୋବାଇଲ୍ ବଦଳରେ ସ୍ମାର୍ଟ ଫୋନ୍ ପ୍ରଦାନ, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନାରେ ବୟସ ସୀମା ନ ରଖି ସମସ୍ତଙ୍କୁ ପେନ୍‌ସନ୍‌ଭୁକ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

**ଖସିଲା ଶେୟାର ବଜାର**

**ନୂଆଦିଲ୍ଲୀ:** କ୍ରମାଗତ ୫ମ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୪୪ (୩୪୪.୨୯) ପଏଣ୍ଟ ହ୍ରାସ ଘଟି ୫୭,୫୫୬(୫୭,୫୫୫.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୭୧ (୭୧.୧୫) ପଏଣ୍ଟ ଖସି ୧୬,୯୭୨ (୧୬,୯୭୨.୧୫) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଫେବୃୟାରୀରେ ରପ୍ତାନି ୮.୮% ହ୍ରାସ

## ଲଗାତାର ୩ୟ ଥର ଲାଗି ହ୍ରାସ



ନୂଆଦିଲ୍ଲୀ,୧୫।୩

କ୍ରମାଗତ ୩ୟ ମାସ ଲାଗି ଭାରତୀୟ ରପ୍ତାନି କ୍ଷେତ୍ରରେ ହ୍ରାସ ଦେଖିବାକୁ ମିଳିଛି। ବିଶେଷକରି ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ବୈଶ୍ୱିକ ମାନ୍ଦାବସ୍ଥା ଯୋଗୁ ଦେଶର ରପ୍ତାନି ହାରରେ ହ୍ରାସ ଘଟିଛି। ଏପରିକି ଚଳିତ ବର୍ଷ ଫେବୃୟାରୀରେ ଦେଶର ରପ୍ତାନି ପରିମାଣ ୮.୮% ହ୍ରାସ ଘଟିଥିବା ଜଣାପଡ଼ିଛି। ଏ ନେଇ ବୁଧବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ମଧ ଦିଆଯାଇଛି। ସେହିଭଳି ୨୦୨୩ ଫେବୃୟାରୀରେ ଦେଶର ରପ୍ତାନି ପରିମାଣ ୩୩.୮୮%କୁ ଖସିଛି, ଯେତେବେଳେ କି ୨୦୨୨ ଫେବୃୟାରୀରେ ଦେଶର ରପ୍ତାନି ହାର ୩୭.୧୫% ରହିଥିଲା। ଏପରିକି ଚଳିତ ବର୍ଷ ଫେବୃୟାରୀରେ ଦେଶର ବାଣିଜ୍ୟିକ କ୍ଷତି ହ୍ରାସ ପାଇ ୧୭.୪୩ ବିଲିୟନ ଡଲାରରେ ରହିଛି। ଅପରପକ୍ଷରେ ଚଳିତ ବର୍ଷ ଫେବୃୟାରୀ ଆମଦାନୀରେ ମଧ ୮.୨୧% ହ୍ରାସ ହୋଇଛି। ୨୦୨୩ ଫେବୃୟାରୀରେ ଦେଶର ଆମଦାନୀ ୫୧.୩୧ ବିଲିୟନ ଡଲାର ହୋଇଛି, ଯାହା ୨୦୨୨ ଫେବୃୟାରୀରେ ୫୫.୯ ବିଲିୟନ ଡଲାର ଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷ (ଏପ୍ରିଲରୁ ଫେବୃୟାରୀ) ର ୧୧ ମାସ ସମୟ ମଧ୍ୟରେ ଦେଶରୁ ସମୁଦାୟ ରପ୍ତାନି ୭.୫% ବୃଦ୍ଧି ଘଟି ୪୦୫.୯୪ବିଲିୟନ ଡଲାରରେ ରହିଛି। ଏହି ସମୟ ମଧ୍ୟରେ ଦେଶର ଆମଦାନୀ ୧୮.୮୨% ବୃଦ୍ଧି ଘଟି ୬୫୩.୪୭ ବିଲିୟନ ଡଲାର ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ପୋକୋ ଏକ୍ସ୫ ୫ଜି ଉନ୍ମୋଚିତ

ନୂଆଦିଲ୍ଲୀ,୧୫।୩

କଞ୍ଜ୍ୟୁମର ଟେକ୍ନୋଲୋଜିବ୍ରାଣ୍ଡ୍ ପୋକୋର ଲୋକପ୍ରିୟ ଏକ୍ସ-ସିରିଜ୍ ଅଧୀନରେ ଏକ ନୂଆ ସ୍ମାର୍ଟଫୋନ୍ ପୋକୋ ଏକ୍ସ୫ ୫ଜି କୁ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ପୋକୋ ଇଣ୍ଡିଆ ଉତ୍ସାହଜନକ ଫିଚର ଯେ ପରିକି କ୍ୱାଲ୍‌କମ୍ ସ୍ନାପ୍‌ଡ୍ରାଗନ ୬୯୫ପ୍ରୋସେସର, ୬.୬୭ ଇଞ୍ଚ୍ ୧୨୦ଏଚ୍‌ଜେଡ୍ ସୁପର ଆମୋଲେଡ୍ ଡିସ୍‌ପ୍ଲେ, ୪୮ ଏମ୍‌ପି ଟ୍ରିପଲ୍ କ୍ୟାମେରା ଓ ୩୩ୱାଟ୍ ଫାଷ୍ଟ ଚାର୍ଜିଂ ଦ୍ୱାରା ସମର୍ଥିତ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି ସହିତ ଦି ୫ଜି ଅଲ୍‌ଷ୍ଟାର୍‌କୁ ବଜାରକୁ ଆଣିଛି। ଦୁଇଟି ଷ୍ଟୋରେଜ୍ ଭାରିଆଣ୍ଟ ୬ଜିବି+୧୨୮ଜିବି ଓ ୮ଜିବି+୨୫୬ଜିବି ଏବଂ ୩ଟି ଆକର୍ଷଣୀୟ ରଙ୍ଗ ସୁପରନୋଭା ଗ୍ରୀନ୍, ୱାଇଲ୍ଡକ୍ୟାଟ୍ ବ୍ଲୁ, ଜାଗୁଆର ବ୍ଲାକ୍‌ରେ ଶୁଭାରମ୍ଭ ହୋଇଥିବା ପୋକୋ ଏକ୍ସ୫ ୫ଜିର ମୂଲ୍ୟ ଯଥାକ୍ରମେ ୧୮୯୯୯ ଟଙ୍କା ଓ ୨୦,୯୯୯ ଟଙ୍କା ରହିଛି।

## ସୋନାଲିକାର ୧,୩୭,୩୪୪ ୟୁନିଟ୍ ବିକ୍ରି

ନୂଆଦିଲ୍ଲୀ,୧୫।୩

ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ୧,୩୭,୩୪୪ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି। ଫଳରେ କମ୍ପାନୀର ବଜାର ଅଂଶ ୧୪.୧%କୁ ବୃଦ୍ଧି ପାଇଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ୍ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ପ୍ରଥମେ ଉତ୍ପାଦର ଗୁଣାତ୍ମକ ମାନ ଓ ଚାଷୀମାନଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ଆମେ ଦ୍ରୁତଗତିରେ ନବସୃଜନ କରୁଛୁ। ବିଶେଷକରି ଚାଷୀଙ୍କ ଦ୍ୱାରା ଯାନ୍ତ୍ରିକୀକରଣକୁ ଦ୍ରୁତଗତିରେ ଗ୍ରହଣ କରାଯାଉଥିବା ଦେଖୁଛୁ। ଏପରିକି ଶିଳ୍ପର ଅଭିବୃଦ୍ଧିକୁ ଅତିକ୍ରମ କରି ୧୪.୧% ର ବଜାର ଅଂଶ ହାସଲକରି ଫେବୃୟାରୀ ସୁଦ୍ଧା ସର୍ବକାଳୀନ ରେକର୍ଡ ୧,୩୭,୩୪୪ଟ୍ରାକ୍ଟର ବିକ୍ରି ସଂଖ୍ୟାକୁ ହାସଲ କରିଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ। ବିଶେଷକରି ଚଳିତ



ରମଣ ମିତ୍ତଲ

ଆର୍ଥିକ ବର୍ଷର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ସହ ଏଭଳି ଉଲ୍ଲେଖନୀୟ ସଫଳତା ଉଦୀୟମାନ ଚାହିଦା ଅନୁସାରେ ଉନ୍ନତ ଟ୍ରାକ୍ଟର ପ୍ରଦାନ କରିବା ଏବଂ ଚାଷୀଙ୍କ ସହିତ ମିଳିତ ଭାବେ ଆଗକୁ ବଢ଼ିବାକୁ ଉପସ୍ଥାପିତ କରୁଛି। ଭାରତରେ ଚାଷ ଏକ ଜଟିଳ ପ୍ରକ୍ରିୟା ଏବଂ ସୋନାଲିକା ଆରମ୍ଭରୁ ଏକ କୃଷକ କୈନ୍ଦ୍ରୀକ ବ୍ରାଣ୍ଡ ଭାବେ ସେମାନଙ୍କ ସୀମିତ ସମ୍ବଳରେ ଆୟ ଓ ଉତ୍ପାଦକତା ବଢ଼ାଉଛି।

## ନୀଳାଞ୍ଜନା କେଏଚ୍‌ଏଲ୍‌ର ନୂତନ ଏମ୍‌ଡି



ଭୁବନେଶ୍ୱର,୧୫।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କଳିଙ୍ଗ ହସ୍ପିଟାଲ ଲିମିଟେଡ୍(କେଏଚ୍‌ଏଲ୍)ର ନୂତନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ଅଭିଜ୍ଞ ପ୍ରଶାସିକା ନୀଳାଞ୍ଜନା ମୁଖାର୍ଜୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର କେଏଚ୍‌ଏଲ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନୀଳାଞ୍ଜନା ଆନୁଷ୍ଠାନିକ ଭାବେ ଉକ୍ତ ଦାୟିତ୍ୱ ଗ୍ରହଣ କରିଥିବା କେଏଚ୍‌ଏଲ୍ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ କେଏଚ୍‌ଏଲ୍‌ର ଚେୟାରମ୍ୟାନ ଡା. ଏସ୍.କେ. ଦାସଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କେଏଚ୍‌ଏଲ୍‌ର ନୂତନ ଏମ୍‌ଡିଙ୍କୁ ସ୍ୱାଗତ କରିବା ସହ ହସ୍ପିଟାଲର ଆଗାମୀ ଯୋଜନା ଓ ଆଭିମୁଖ୍ୟ ସମ୍ପର୍କରେ ଦାସ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଏଚ୍‌ଏଲ୍‌ର ବୋର୍ଡ ଅଫ୍ ଡାଇରେକ୍ଟୋରି (ନିର୍ଦ୍ଦେଶକ ମଣ୍ଡଳୀ) ସଦସ୍ୟଙ୍କ ସମେତ ବରିଷ୍ଠ ପରିଚାଳନା ତଥା ପରାମର୍ଶଦାତା, ହସ୍ପିଟାଲର ଏମ୍‌ଏସ୍, ସିଏମ୍‌ଓ, ଡାକ୍ତର ଏବଂ ନର୍ସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ନୀଳାଞ୍ଜନା ଏହା ପୂର୍ବରୁ ଭୁବନେଶ୍ୱର ଆମ୍ରି ହସ୍ପିଟାଲର ଉପାଧ୍ୟକ୍ଷ ତଥା ୟୁନିଟ୍ ମୁଖ୍ୟ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି।

## ହୋଣ୍ଡାର ନୂଆ ୧୦୦ସିସି ମୋଟରସାଇକେଲ 'ସାଇନ୍ ୧୦୦'

ନୂଆଦିଲ୍ଲୀ,୧୫।୩



ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା 'ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ'(ଏଚ୍‌ଏମ୍‌ଏସ୍‌ଆଇ) ଲିମିଟେଡ୍‌ର ନୂଆ ୧୦୦ସିସି ମୋଟରସାଇକେଲ 'ସାଇନ୍ ୧୦୦'ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଓବିଡି୨ ନିୟମ ପାଳନ କରୁଥିବା ସହ ସବୁଠୁ ସୁଲଭ ଓ ଇନ୍ଧନ ମିତବ୍ୟୟୀ ହୋଇପାରିଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ,ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ସାରା ଭାରତର ଲୋକମାନଙ୍କ ପାଖରେ ଗମନାଗମନ ସୁବିଧା ଓ ସୁଲଭତା ପହଞ୍ଚାଇବା ଦିଗରେ ସାଇନ୍ ୧୦୦ ହେଉଛି ହୋଣ୍ଡାର ପରବର୍ତ୍ତୀ ବଡ଼ ପଦକ୍ଷେପ। ମୌଳିକ କମ୍ୟୁଟର ବର୍ଗରେ ଗ୍ରାହକମାନଙ୍କ ପାଇଁ ଏକ ସୁଦୃଢ଼, ଭରସାଯୋଗ୍ୟ ଓ ଇନ୍ଧନ ମିତବ୍ୟୟୀ ମୋଟରସାଇକେଲକୁ ଉପସ୍ଥାପନ କରି ଆମେ ଗର୍ବିତ।

ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ଅପରେଟିଂ ଅଫିସର (ବିକ୍ରି ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ଭାରତୀୟ ଗ୍ରାହକମାନଙ୍କ ଲାଗି ସମ୍ପୂର୍ଣ୍ଣ ନୂଆ ୧୦୦ସିସି ମୋଟରସାଇକେଲ ସାଇନ୍ ୧୦୦କୁ ଉନ୍ମୋଚନ କରି ଆମେ ଏକ ନୂଆ ଯାତ୍ରା ଆରମ୍ଭ କରିଛୁ। ଅପରପକ୍ଷରେ ନୂଆ ସାଇନ୍-୧୦୦ରେ ୧୦୦ ସିସିର ଓବିଡି ୨ନିୟମ ପାଳନ କରୁଥିବା ପିଜିଏମ୍-ଏଫ୍‌ଆଇ ଇଞ୍ଜିନ ରହିଛି, ଯେଉଁଥିରେ ଏନ୍‌ହାନ୍ସଡ୍ ସ୍ମାର୍ଟ ପାୱାର (ଇଏସ୍‌ପି) ସୁବିଧା ରହିଛି। ଏଥିରେ ପ୍ରୋଗ୍ରାମଡ୍ ଫୁଏଲ୍ ଇଞ୍ଜେକ୍ସନ (ପିଜିଏମ୍-ଏଫ୍‌ଆଇ),ଫ୍ରିକ୍ସନ ରିଡକ୍ସନ ଓ ସେଲେନୋଏଡ୍ ଭାଲ୍‌ଭ ରହିଛି। ଏଥିରେ ସାଇଡ୍ ଷ୍ଟାଣ୍ଡ ସହିତ ଇଞ୍ଜିନ ଇନ୍‌ହିବିଟର, କମ୍ବି ବ୍ରେକ୍ ସିଷ୍ଟମ୍ (ସିବିଏସ୍) ସହ ଇକ୍ୱିଲାଇଭର, ୧୨୪୫ ଏମ୍‌ଏମ୍‌ର ହ୍ୱିଲ୍ ବେସ୍, ୧୬୮ଏମ୍‌ଏମ୍‌ର ଗ୍ରାଉଣ୍ଡ କ୍ଲିୟରାନ୍ସ ରହିଛି। ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ସାଇନ୍ ୧୦୦ ଉପରେ ୩ ବର୍ଷର ସାଧାରଣ ଓ ୩ ବର୍ଷର ବିକଳ୍ପ ବର୍ଦ୍ଧିତ ୱାରେଣ୍ଟି ସମେତ ୬ ବର୍ଷର ୱାରେଣ୍ଟି ପ୍ରଦାନ କରାଯାଉଛି। ୫ଟି ରଙ୍ଗ କଳା ସହିତ ରେଡ୍ ଷ୍ଟ୍ରାଇପ୍, ବ୍ଲାକ୍ ସହିତ ବ୍ଲୁ ଷ୍ଟ୍ରାଇପ୍, ବ୍ଲାକ୍ ସହିତ ଗ୍ରୀନ୍ ଷ୍ଟ୍ରାଇପ୍, ବ୍ଲାକ୍ ସହିତ ଗୋଲ୍‌ଡେନ୍ ଷ୍ଟ୍ରାଇପ୍ ଓ ବ୍ଲାକ୍ ସହିତ ଗ୍ରେ ଷ୍ଟ୍ରାଇପ୍ ରେ ସାଇନ୍ ୧୦୦ ଉପଲବ୍ଧ ହେବ। ଏହାର ଏକ୍ସ ଶୋ'ରୁମ୍ ମୂଲ୍ୟ ୬୪,୯୦୦ ଟଙ୍କା ରଖାଯାଇଛି।

## ଓଡ଼ିଶାର ୧୭ ସହରରେ ଜିଓ ଟ୍ରୁ-୫ଜି ସେବା

### ଦେଶର ମୋଟ ୩୬୫ ସହରରେ ଉପଲବ୍ଧ

ଭୁବନେଶ୍ୱର,୧୫।୩

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ବୁଧବାର ଓଡ଼ିଶାର ସୁନ୍ଦରଗଡ଼, ଭବାନୀପାଟଣା, ଜଟଣୀ ଏବଂ ଖୋର୍ଦ୍ଧା ଭଳି ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଜିଓ ଟ୍ରୁ-୫ଜି ସେବା ଓଡ଼ିଶାର ୧୭ଟି ସହରରେ ଉପଲବ୍ଧ ହୋଇପାରିଛି। ପୂର୍ବରୁ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ, ବଲାଙ୍ଗୀର, ନାଲ୍‌କୋ-ଅନୁଗୋଳ, ତାଳଚେର ଭଳି ସହରରେ ଟ୍ରୁ ୫ଜି ସେବାର ଶୁଭାରମ୍ଭ କରାଯାଇଥିଲା।

ସେହିଭଳି ଜାତୀୟ ସ୍ତରରେ ମଧ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୩୪ଟି ସହରରେ ଜିଓ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଥିବା ଜିଓ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରେ ଓଡ଼ିଶାର ୪ଟି ସହର ମଧ ଅନ୍ତର୍ଭୁକ୍ତ ରହିଛି। ଉପରୋକ୍ତ ସମସ୍ତ ସହର ମଧ୍ୟରୁ ଅଧିକାଂଶ ସହରରେ ପ୍ରଥମ ଟେଲିକମ୍ ଅପରେଟର ଭାବେ ଭବିଷ୍ୟତଧର୍ମୀ ଓ ଯୁଗାନ୍ତକାରୀ ଟ୍ରୁ ୫ଜି ସେବା ପ୍ରଦାନକରି ଭାରତର ଡିଜିଟାଲ୍ ରୂପାନ୍ତରଣ ଦିଗରେ ଜିଓ କାର୍ଯ୍ୟ କରୁଛି। ଏହି ପରିପ୍ରେକ୍ଷୀରେ ଜିଓର ପ୍ରବକ୍ତା କହିଛନ୍ତି,ଉପରୋକ୍ତ ସହରଗୁଡ଼ିକରେ ଜିଓ ଟ୍ରୁ ୫ଜିର ଶୁଭାରମ୍ଭ କରିଥିବାରୁ ଆମେ ଗର୍ବିତ। ଏପରିକି ଉକ୍ତ ସହରଗୁଡ଼ିକର ନିୟୁତାଧିକ ଜିଓ ବ୍ୟବହାରକାରୀଙ୍କ ଲାଗି ଏହା ଆମର କୃତଜ୍ଞତା ସଦୃଶ, ଯେଉଁଠାରେ ଜିଓ ଟ୍ରୁ-୫ଜି ପ୍ରଯୁକ୍ତିର ଲାଭକୁ ସେମାନେ ଉପଭୋଗ କରିବେ। ପ୍ରତି ଭାରତୀୟଙ୍କୁ ଟ୍ରୁ-୫ଜି ସେବା ପ୍ରଦାନ କରିବା ଲାଗି ଜିଓର ଇଞ୍ଜିନିୟରମାନେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। ଯାହାଦ୍ୱାରା ଏହି ପ୍ରଯୁକ୍ତିର ରୂପାନ୍ତରିତ ଶକ୍ତି ଓ ଉଲ୍ଲେଖନୀୟ ଲାଭକୁ ଦେଶର ପ୍ରତିଟି ନାଗରିକ ଅନୁଭବ କରିପାରିବେ।

**ଫୁରସତ୍**

## ୧୮୧ କେଜିର ବ୍ଲୁ ହ୍ୱେଲ ହୃତ୍‌ପିଣ୍ଡ

ନୂଆଦିଲ୍ଲୀ

ପୃଥିବୀରେ ବ୍ଲୁ ହ୍ୱେଲ୍ ହେଉଛି ବର୍ତ୍ତମାନ ସବୁଠାରୁ ବଡ଼ ପ୍ରାଣୀ। ସାଧାରଣତଃ ଏମାନେ ୧୦୦ ଫୁଟ୍ ପର୍ଯ୍ୟନ୍ତ ଲମ୍ବା ହୋଇପାରୁଥିବାବେଳେ ତାଙ୍କ ଓଜନ ୨୦୦ ଟନ୍ ହୋଇଥାଏ। ତେବେ ଏତେବଡ଼ ପ୍ରାଣୀର ହୃତ୍‌ପିଣ୍ଡର ଓଜନ ହଜାରେ ପାଉଣ୍ଡ ଅର୍ଥାତ୍ ୪୫୩ କେଜି ପର୍ଯ୍ୟନ୍ତ ହୋଇପାରେ। ନିକଟରେ ହର୍ଷ ଗୋଏଙ୍କା ତାଙ୍କ ଟୁଇଟର ହ୍ୟାଣ୍ଡେଲରେ ସଂରକ୍ଷିତ ଭାବେ ରଖାଯାଇଥିବା ବ୍ଲୁ ହ୍ୱେଲ୍‌ର ଏକ ବିଶାଳ ହୃତ୍‌ପିଣ୍ଡର ଫଟୋ ଶେୟାର କରିଛନ୍ତି, ଯାହାର ଓଜନ ୪୦୦ ପାଉଣ୍ଡ ଅର୍ଥାତ୍ ୧୮୧ କେଜି। ଏହାର ଚଉଡା ୩.୯ ଫୁଟ୍ ହୋଇଥିବାବେଳେ ଲମ୍ବ ୪.୯ ଫୁଟ୍ । ଏହି ବିଶାଳ ହୃତ୍‌ପିଣ୍ଡକୁ କାନାଡାର ଓଣ୍ଟାରିଓ ମ୍ୟୁଜିୟମ୍‌ରେ ୨୦୧୭ରୁ ସଂରକ୍ଷିତ ଭାବେ ରଖାଯାଇଛି। ରିପୋର୍ଟ ମୁତାବକ, ମଣିଷର ହୃତ୍‌ପିଣ୍ଡ ଏକ ମିନିଟ୍‌କୁ ୬୦ରୁ ୧୦୦ ଥର ଧକ୍‌ଧକ୍ ହୋଇଥିବାବେଳେ ବ୍ଲୁ ହ୍ୱେଲର ହୃତ୍‌ପିଣ୍ଡ ଏକ ମିନିଟ୍‌କୁ ମାତ୍ର ୫ରୁ ୬ ଥର ଧକ୍‌ଧକ୍ ହୋଇଥାଏ। ଏହି ହୃଦ୍‌ସ୍ପନ୍ଦନର ଶବ୍ଦ ୩.୨ କିମି ପର୍ଯ୍ୟନ୍ତ ଶୁଣାଯାଇଥାଏ।



## ଧୂମପାନ କରି ଅନନ୍ୟା ଟ୍ରୋଲ୍

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ଏକ ଫଟୋକୁ ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଅନନ୍ୟା ମଙ୍ଗଳବାର ଭଉଣୀ ଅଲାନା ପାଣ୍ଡେଙ୍କ ମେହେନ୍ଦୀ ଉତ୍ସବରେ ଧୂମପାନ କରୁଥିବା ନଜରକୁ ଆସିଥିଲେ। ଏହି ଫଟୋ ତାଙ୍କର ଜଣେ ବନ୍ଧୁ ସୋସିଆଲ ମିଡିଆରେ ଶେୟାର କରି ପରେ ପୋଷ୍ଟକୁ ହଟାଇ ଦେଇଥିଲେ। ଏଥିରେ ଅନନ୍ୟାଙ୍କ ଅନେକ ପ୍ରଶଂସକ ତାଙ୍କର ଏହି କାର୍ଯ୍ୟ ନାପସନ୍ଦ କରିଛନ୍ତି। ସୋସିଆଲ ମିଡିଆରେ ତାଙ୍କୁ ନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ଜଣେ ୟୁଜର୍ସ ଲେଖିଛନ୍ତି, ଏମାନଙ୍କ ବୁଦ୍ଧି ନ ଥାଏ। ଅନ୍ୟକୁ ଦେଖାଇ ହେବାକୁ ଯାଇ ଏମାନେ ଏଭଳି କରନ୍ତି। ଆସନ୍ତା ୭ ଜୁଲାଇରେ ତାଙ୍କ ଫିଲ୍ମ 'ଡ୍ରିମ୍ ଗର୍ଲ-୨' ରିଲିଜ୍ ଅପେକ୍ଷା ଅଛି।



## ମାଲୟାଲମ ଖବରକାଗଜରେ ନାଟୁ ନାଟୁ ଡ୍ୟାନ୍ସ ଷ୍ଟେପ୍

ନୂଆଦିଲ୍ଲୀ

ନିକଟରେ ୯୫ତମ ଓସ୍କାର ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ଏସ୍‌ଏସ୍ ରାଜମୌଳିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆର୍‌ଆର୍‌ଆର୍'ର 'ନାଟୁ ନାଟୁ' ଶ୍ରେଷ୍ଠ ଅରିଜିନାଲ ଗୀତ ବର୍ଗରେ ପୁରସ୍କୃତ ହୋଇଛି। ଅନ୍ତର୍ଜାତୀୟ ସ୍ତରରେ ଏହି ଗୀତର ଅଧିକ କ୍ରେଜ୍ ଦେଖିବାକୁ ମିଳୁଛି। ପିଲାଙ୍କଠାରୁ ଆରମ୍ଭ କରି ବୁଢ଼ା ଏବଂ ଉଚ୍ଚପଦବୀ ଯୁକ୍ତ ବ୍ୟକ୍ତିମାନେ ମଧ ଏହି ଗୀତରେ ଡ୍ୟାନ୍ସ କରିଥିବା ନଜରକୁ ଆସିଛି। ଏହା ମଧ ମାଲୟାଲମ୍ ଡେଲି ଖବରକାଗଜ 'ମନୋରମା' ତା'ର କାଗଜରେ ଏହି ନାଟୁ ନାଟୁ ଗୀତର ଡ୍ୟାନ୍ସ ଷ୍ଟେପ୍ ଅତି ସୁନ୍ଦର ଭାବେ ଦେଖାଇ ଲୋକଙ୍କ ଧ୍ୟାନ ଆକର୍ଷଣ କରିଛି। ଏହାକୁ ଜଣେ ଟୁଇଟର ୟୁଜର ଟୁଇଟ କରି ଲେଖିଛନ୍ତି, ଆଞ୍ଚଳିକ ଖବରକାଗଜରେ ଏପରି କାହିଁକି ଦେଖାଯାଉଛି, ହେଲେ ଜାତୀୟ ଖବରକାଗଜରେ ଏପରି ହେଉନି କାହିଁକି ବୋଲି ପ୍ରଶ୍ନ କରିଛନ୍ତି।




## ସଚେତନତା ହିଁ ନିଦାନ

### ଜାତୀୟ ଟିକାକରଣ ଦିବସ

ବିଭିନ୍ନ ଶାରୀରିକ ସମସ୍ୟା ନେଇ ସଚେତନ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ତେଣୁ କୁହାଯାଇଥାଏ ସଚେତନତା ହିଁ ପ୍ରକୃତ ନିଦାନ। ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରହିବା ପାଇଁ ଜାତୀୟ ଟିକାକରଣ ଦିବସ ପ୍ରତିବର୍ଷ ମାର୍ଚ୍ଚ ୧୬ରେ ପାଳନ କରାଯାଇଥାଏ। ଜନସ୍ୱାସ୍ଥ୍ୟରେ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ୧୯୯୫ରେ ଏହି ଦିନ, ଭାରତରେ ପ୍ରଥମ ପୋଲିଓ ବୁନ୍ଦା ଦିଆଯାଇଥିଲା। ପରଠାରୁ ଏହି ଦିନକୁ ପ୍ରତିବର୍ଷ ଜାତୀୟ ଟିକାକରଣ ଦିବସ ଭାବେ ପାଳନ କରାଯାଇ ଆସୁଛି। ସଂକ୍ରାମକ ରୋଗର ବିସ୍ତାରକୁ ରୋକିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଂକ୍ରମଣକୁ ନିୟନ୍ତ୍ରଣ ଏବଂ ବିଲୋପ କରିବା ପାଇଁ ଏହା ଏକ ଉପକରଣ ଭାବରେ କାର୍ଯ୍ୟ କରିଥାଏ। ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ସୁସ୍ଥ ଜୀବନଯାପନ ଦୃଷ୍ଟିରୁ ସେମାନଙ୍କ ମାନ ବୃଦ୍ଧି କରିବା ଜରୁରୀ। ଇତିହାସରେ ଟିକାକରଣ ବିଷୟରେ ବହୁ ତଥ୍ୟ ଉଲ୍ଲେଖ କରାଯାଇଛି। ୧୭୦୦ ଦଶକରେ ଏହା ଆରମ୍ଭ ହୋଇଥିଲା ବୋଲି କୁହାଯାଏ।



ଏଡୱାର୍ଡ ଜେନେର୍, ଜଣେ ଇଂଲିଶ ଚିକିତ୍ସକ ତଥା ବୈଜ୍ଞାନିକ ପ୍ରଥମ ଟିକା ପ୍ରତିଷ୍ଠାତା ଭାବରେ ବିବେଚିତ ହୋଇଥିଲେ। ସେ ୧୭୯୬ମସିହାରେ ଜଣେ ୧୩ବର୍ଷର ଶିଶୁକୁ କାଓପକ୍ସ ଏବଂ ବସନ୍ତର ଟ୍ରାଏଲ ଟିକା ଦେଇଥିଲେ। ପରେ ଏହି ଟିକା ପ୍ରଥମେ ୧୭୯୮ ମସିହାରେ ବିକଶିତ ହୋଇଥିଲା। ଅଷ୍ଟାଦଶ ଏବଂ ଉନବିଂଶ ଶତାବ୍ଦୀ ମଧ୍ୟରେ ବସନ୍ତ ପାଇଁ ବ୍ୟାପକ ଟିକାକରଣ କରାଯାଇଥିଲା। ଟିକାକରଣ ଦ୍ୱାରା ୧୯୭୯ରେ ବସନ୍ତର ବିଲୋପ ହୋଇଥିଲା। ସେହିଭଳି, ଲୁଇ ପାଶ୍ଚରଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷଣ ଉନବିଂଶ ଶତାବ୍ଦୀରେ କଲେରା ବିରୋଧରେ ଟିକାକରଣରେ ସାହାଯ୍ୟ କରିଥିଲା । ସେହିଭଳି, ପରବର୍ତ୍ତୀ ବର୍ଷଗୁଡ଼ିକରେ ବିଭିନ୍ନ ଟିକା ବିକଶିତ କରାଯାଇଥିଲା। ୧୯୪୦ରୁ ୧୯୬୦ ଦଶକରେ ମିଳିମିଳା, ମମ୍ପସ ଏବଂ ରୁବେଲା ଆଦି ଟିକା ବିକଶିତ କରାଯାଇଥିଲା। ଏସବୁ ଏମ୍‌ଏମ୍‌ଆର୍ ଟିକା ଭାବେ ଜଣାଶୁଣା। ବିଗତ କିଛିବର୍ଷ ମଧ୍ୟରେ, ଆହୁରି ଗୁରୁତ୍ୱପୂର୍ଣ୍ଣ ବିକାଶ ଘଟିଥିଲା ଯାହା ଉନ୍ନତ ଟିକା ପ୍ରଯୁକ୍ତିବିଦ୍ୟା ସହିତ ଟିକା ଜଗତରେ ବ୍ୟାପକ ଅଗ୍ରଗତି କରିଥିଲା। ଟିକା ପ୍ରସ୍ତୁତିରେ ସଦ୍ୟତମ ବିକାଶ ଉଦାହରଣ ଭାବେ କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ କୋଭିଡ୍-୧୯ ଟିକାକରଣ କରାଯାଇ କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିଛି। ଜାତୀୟ ଟିକାକରଣ ଦିବସ ଅବସରରେ ଏନେଇ ସଚେତନତା ସୃଷ୍ଟି ଲାଗି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିକ୍ରାନ୍ତ ମଲିକଙ୍କୁ ସ୍ୱର୍ଣ୍ଣ ପଦକ



ବିକ୍ରାନ୍ତ ମଲିକ

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ

**ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି):** ଚେନ୍ନାଇସ୍ଥିତ ତାମିଲନାଡ଼ୁ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ ୟୁନିଭର୍ସିଟି ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ କିଟ୍‌ର ବିକ୍ରାନ୍ତ ମଲିକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବିକ୍ରାନ୍ତ ପୁରୁଷ ଜାଭେଲିନ ଥ୍ରୋରେ ୭୭.୫୨ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ଏଥିସହ ସେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ୫୦୦୦ ମିଟର ରେସ୍‌ରେ ୮ମ ସ୍ଥାନରେ ରହିଥିଲେ ହେଁ ଅନ୍ତିମା ପାଲ୍ ଉତ୍ତର ପ୍ରଦେଶରେ ହେବାକୁଥିବା ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଯୋଗ୍ୟତା ପାଇଛନ୍ତି।





ମୁମ୍ବାଇରେ ବୁଧବାର ଅନୁଷ୍ଠିତ ନେଟ୍ସ ସେସନରେ ବୋଲିଂ କରୁଛନ୍ତି ଅଷ୍ଟ୍ରେଲିଆର ଡେଭିଡ ୱାର୍ନର। ଫୁଟବଲ ଖେଳି ଭାରତୀୟ ଦଳର ଅଭ୍ୟାସ।

# ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ୱିଲ୍ ଜ୍ୟାକ୍ସ

**ନୂଆଦିଲ୍ଲୀ, ୧୫।୩:** ଆଇପିଏଲ୍ ୨୦୨୩ରୁ ବାଦ୍ ପଡିଛନ୍ତି ଇଂଲଣ୍ଡର ୱିଲ ଜ୍ୟାକ୍ସ। ଡିସେମ୍ବର ମାସରେ ଅନୁଷ୍ଠିତ ମିନି ଅକ୍ସନରେ ୩.୨ କୋଟି ଟଙ୍କାରେ ଜ୍ୟାକ୍ସଙ୍କୁ କିଣିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ନିକଟରେ ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜରେ ଫିଲ୍ଡିଂ କରୁଥିବା ସମୟରେ ଜ୍ୟାକ୍ସଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ସ୍କାନ ପରେ ସେ ଆଇପିଏଲ୍‌ରୁ ବାଦ୍ ପଡିବା ସ୍ପଷ୍ଟ ହୋଇଥିଲା। ମ୍ୟାକ୍ସୱେଲଙ୍କ ବିକଳ୍ପ ଭାବରେ ଜ୍ୟାକ୍ସଙ୍କୁ ସାମିଲ କରାଯାଇଥିବା ବେଳେ ବର୍ତ୍ତମାନ ନ୍ୟୁଜିଲାଣ୍ଡର ମାଇକେଲ ବ୍ରେସୱେଲଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରିବା ପାଇଁ ବାଙ୍ଗାଲୋର ଫ୍ରାଞ୍ଚାଇଜି ଉଦ୍ୟମ କରୁଥିବା ଜଣାପଡିଛି। ବ୍ରେସୱେଲ ଏହା ପୂର୍ବରୁ ଆଇପିଏଲ୍ ଖେଳି ନ ଥିବା ବେଳେ ଡିସେମ୍ବରର ମିନି ଅକ୍ସନରେ ତାଙ୍କୁ କୌଣସି ଦଳ କିଣି ନ ଥିଲେ।

# କୁଲ୍‌ଦୀପ୍-ଚହଲଙ୍କ ଉପରେ ନଜର

**ମୁମ୍ବାଇ, ୧୫।୩ (ପି.ଟି.)**

ଇଂଲଣ୍ଡରେ ଅନୁଷ୍ଠିତ ୨୦୧୯ ବିଶ୍ୱକପ୍‌ରେ ଭାରତର ପ୍ରଥମ ପସନ୍ଦର ବୋଲର ରହିଥିବା କୁଲ୍‌ଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲ(କୁଲ୍-ଚା) ପରବର୍ତ୍ତୀ ସମୟରେ ଅନେକ ପରିବର୍ତ୍ତନର ସାମ୍ନା କରିଛନ୍ତି। ୨୦୨୧ରେ କୁଲ୍‌ଦୀପଙ୍କ ଆଣ୍ଠୁରେ ସର୍ଜରୀ ହୋଇଥିବା ବେଳେ ଖରାପ ପ୍ରଦର୍ଶନ କାରଣରୁ ଚହଲ ଆଉ ପ୍ରଥମ ପସନ୍ଦର ବୋଲର ନାହାନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଓ ବିଶ୍ୱକପ୍ ଭଳି ଇଭେଣ୍ଟରେ ଚହଲଙ୍କୁ ଗୋଟିଏ ବି ମ୍ୟାଚରେ ସୁଯୋଗ ମିଳୁନାହିଁ। ତେବେ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଏହି ଦୁଇ ଖେଳାଳିଙ୍କ ଉପରେ ସଭିଙ୍କ ନଜର ରହିବ। ଦୁଇ ବୋଲରଙ୍କଠାରୁ ଗୁଗ୍‌ଲୀ, ଲେଗ୍ ବ୍ରେକ୍ ଏବଂ ଫ୍ଲିପର ପରି ବିବିଧତା ଦେଖିବାକୁ ପ୍ରଶଂସକମାନେ ବ୍ୟଗ୍ର। ଭାରତୀୟ ଦଳର ଷ୍ଟାଣ୍ଡ ଇନ୍ କ୍ୟାପଟେନ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ବୁଧବାର ଭାରତୀୟ ଖେଳାଳି ୱାଙ୍ଖେଡେରେ ଅଭ୍ୟାସ କରିଥିଲେ। ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ପାଇଁ ଭାରତୀୟ ଦଳରେ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦରଙ୍କ ପରି ଖେଳାଳି ରହିଛନ୍ତି। ଉଭୟ ଖେଳାଳି ବଲ୍ ଓ ବ୍ୟାଟ ଜରିଆରେ ସମାନ ଭାବରେ ପ୍ରଭାବଶାଳୀ। କୁଲ୍-ଚା ଯୋଡିଙ୍କ ନିକଟରେ ସମାନ ବ୍ୟାଟିଂ ଦକ୍ଷତା ନ ଥିବା ବେଳେ କୁଲ୍‌ଦୀପ ନିମ୍ନକ୍ରମରେ ଉପଯୋଗୀ ବ୍ୟାଟିଂ କରିପାରନ୍ତି। ତେବେ ଫିଙ୍ଗର ସ୍ପିନରଙ୍କ ଅପେକ୍ଷା ରିଷ୍ଟ ସ୍ପିନରଙ୍କ ଉଇକେଟ ନେବାର ଦକ୍ଷତା ଅଧିକ ରହିଥାଏ। ତେଣୁ କୁଲ୍-ଚା ଯୋଡିଙ୍କ ଉପରେ ମ୍ୟାନେଜମେଣ୍ଟ ଭରସା ଦେଖାଇପାରେ। ଭାରତର ନିୟମିତ ଅଧିନାୟକ ରୋହିତ ଶର୍ମା ପ୍ରଥମ ଦିନିକିଆରେ ସାମିଲ ନାହାନ୍ତି। ବୁଧବାର ପାଣ୍ଡ୍ୟାଙ୍କ ସମେତ ମହମ୍ମଦ ସିରାଜ, ଜୟଦେବ ଉନାଡକଟ, ଉମ୍ରାନ ମଲିକ, ଶାର୍ଦ୍ଦୂଳ ଠାକୁର, ସୂର୍ଯ୍ୟ କୁମାର ଯାଦବ ଓ ଇଶାନ କିଷନ ଅଭ୍ୟାସ କରୁଥିବାର ନଜର ଆସିଥିଲେ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଏହି ସେସନରେ ଅନୁପସ୍ଥିତ ଥିବା ବେଳେ ବ୍ୟାଟିଂ କୋଚ୍ ବିକ୍ରମ ରାଠୋଡ, ଫିଲ୍ଡିଂ କୋଚ୍ ଟି. ଦିଲୀପ୍, ବୋଲିଂ କୋଚ୍ ପାରସ୍ ମାହାମ୍ବ୍ରେ ଓ ଥ୍ରୋ ଡାଉନ୍ ସ୍ପେଶାଲିଷ୍ଟ ରାଘବେନ୍ଦ୍ର ଓ ନୁଆନ୍ ସେନିଭିରାଣ୍ଟେ ଖେଳାଳିଙ୍କୁ ଅଭ୍ୟାସ କରାଇଥିଲେ। ବର୍ଡର ଗାଭାସ୍କର ଟ୍ରଫିର ଅନ୍ତିମ ଦୁଇ ଟେଷ୍ଟରୁ ବାଦ୍ ପଡିଥିବା ଲୋକେଶ ରାହୁଲ ମଧ୍ୟ ଟ୍ରେନିଂ ସେସନରେ ଅନୁପସ୍ଥିତ ଥିଲେ। ସୂର୍ଯ୍ୟକୁମାର ଯାଦବ ଆକ୍ରମଣାତ୍ମକ ବ୍ୟାଟିଂ ଅଭ୍ୟାସ କରିଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା କିଛି ସମୟ ବୋଲିଂ ଅଭ୍ୟାସ କରିଥିଲେ।

### ପ୍ରଥମ ଦିନିକିଆ ପୂର୍ବରୁ ଭାରତୀୟ ଖେଳାଳିଙ୍କ ଅଭ୍ୟାସ

ବାସ୍ତୁ ବିହାର
ଜମି ଆବଶ୍ୟକ
ଆମେ ଆପଣଙ୍କ ସହରରେ କିମ୍ବା ସହରକୁ ସଂଯୋଗ କରୁଥିବା ବିଭିନ୍ନ ମାର୍ଗରେ 5 କିଲୋମିଟର ଦୂରତା ମଧ୍ୟରେ, ନୂଆ ଆବାସିକ କମ୍ପ୍ଲେକ୍ସ (Flat & Bungalow) ନିର୍ମାଣ କରିବା ପାଇଁ (ଅତି କମ୍‌ରେ 1.5 ଏକର) ଜମି ଆବଶ୍ୟକ କରୁଛୁ। ଆପଣ ଜମି ବିକିପାରନ୍ତି କିମ୍ବା ଜମି ବଦଳରେ ବଙ୍ଗଳା କିମ୍ବା ଫ୍ଲାଟ୍ ମଧ୍ୟ ନେଇପାରନ୍ତି।
Call: 95340 95340

### ବୋର୍ନିଓ ସେଭେନ୍ସ ମହିଳା ରଗ୍‌ବୀ

# ଭାରତୀୟ ଦଳରେ କିସ୍‌ର ୬ ଖେଳାଳି

**ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡୋନେସିଆରେ ଚଳିତ ମାସ ୧୭ରୁ ୧୯ ପର୍ଯ୍ୟନ୍ତ ବୋର୍ନିଓ ସେଭେନ୍ସ ମହିଳା ରଗ୍‌ବୀ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ କିସ୍‌ର ୬ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ହୁପି ମାଝି, ପାର୍ବତୀ କିସ୍କୁ, ମାମା ନାଏକ, ଡୁମୁନି ମାର୍ଣ୍ଡି, ତରୁଲତା ନାଏକ ଓ ନିର୍ମାଲ୍ୟ ରାଉତ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ)ର କୋଚିଂ କ୍ୟାମ୍ପ କୋଲକାତାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପରିସରରେ ଚାଲିଥିଲା। ଭାରତୀୟ ଦଳ ବୁଧବାର ଇଣ୍ଡୋନେସିଆ ଯାତ୍ରା କରିଛି।



ଇଣ୍ଡୋନେସିଆରେ ହେବାକୁଥିବା ବୋର୍ନିଓ ସେଭେନ୍ସ ମହିଳା ରଗ୍‌ବୀ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା କିସ୍‌ର ୬ ଖେଳାଳି।

Classified Everyday
0674-2580101, 2549949



REAL ESTATE

SALE

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

2BHK Flat (Semi Furnished) is available for sale at Cube Residency (Raghunathpur) Patia, only Genuine Buyer. Contact- 7328071772, 7609893585. D-2994

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 6372101211. D-74829

ଭୁବନେଶ୍ୱର, ଜଟଣୀଗେଟ୍ 1200 sqft.- 3,60,000/-, ଛତାବର 1200 sqft.- 5,40,000/-, ନଖରା- 300/-. 6371569855. D-74832





All types of Professional body massage by professional therapy. Contact: 9556924059 / 7077933109. D-2996

Relax, Refresh your Body, Mind at Saikrupa Spa with best therapies. 8984068077. D-2932

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74656

"Only Professional body massage, Steam- Bath & Body Scrubbing. 9861550765". D-2985

LOST

ମୁଁ, ପ୍ରଶାନ୍ତ କୁମାର ପାତ୍ର ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବୌଦ୍ଧ ଶାଖାକୁ ଯିବା ସମୟରେ ମୋର ମାଧପୁର ମୌଜା, ଜିଲ୍ଲା: ବୌଦ୍ଧ, ପ୍ଲଟ୍ ନଂ.୩୪୭/୭୬୪, ୩୪୭/୭୬୨ ଏବଂ ଖାତା ନଂ.୪୦/୪୧, ୪୦/୭୭ ସମ୍ବଳିତ ଜମି ପଟ୍ଟା ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ତାହା ପାଇଥାନ୍ତି ଦୟାକରି ଯୋଗାଯୋଗ କରନ୍ତୁ: ୯୭୭୭୮୪୫୧୪୬। ଧ-୨୯୯୭

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱହରେକୃଷ୍ଣ ସ୍ୱାଇଁ
ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର
ଆବିର୍ଭାବ: 27.07.1936
ତିରୋଧାନ: 06.03.2023
ଆପଣଙ୍କର ଦୁଃଖଦ ବିୟୋଗରେ ଆମ୍ଭେ ସମସ୍ତେ ମର୍ମାହତ । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଉପଦେଶ ଓ ଆଶୀର୍ବାଦ ଆମ୍ଭ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଆପଣଙ୍କର ହତଭାଗିନୀ
ସ୍ତ୍ରୀ- ପ୍ରମିଳା ସ୍ୱାଇଁ ଓ ପରିବାରବର୍ଗ
ଧ-୨୯୯୫

ଦଶମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱସୁରେନ୍ଦ୍ର କୁମାର ସାହୁ
ଆବିର୍ଭାବ- 6.8.1946
ତିରୋଧାନ- 4.4.2013
ପ୍ରତିମୁହୂର୍ତ୍ତରେ ତୁମ ନିବିଡ଼ତାଭରା କଥା ମନେପଡେ, ସମୟର ସ୍ରୋତରେ ଏକାନ୍ତ ଭାବନାରେ ତୁମେ ଭାସିଆସ ବାରମ୍ବାର ଅଜ୍ଞାତରେ। କ'ଣ ଭାବିଲ ଛାଡି ଚାଲିଗଲ, ଫେରି ନ ଚାହିଁଲ, କେମିତି ରହିବୁ ତୁମ ବିନା। ଯେଉଁଠି ବି ଥାଅ, ସୁଖେ ରହିଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହିତ: ଚଞ୍ଚଳା ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ଭୁବନ (ବଡ଼ହାଟ), ଢେଙ୍କାନାଳ
ଧ-୭୪୦୫୨

# ଆର୍‌ସିବିର ପ୍ରଥମ ବିଜୟ

**ମୁମ୍ବାଇ, ୧୫।୩ :** ଓମେନ୍ସ ପ୍ରିମିୟର୍ ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୱାରିୟର୍ଜ ୧୯.୩ ଓଭରରେ ୧୩୫ ରନରେ ଅଲଆଉଟ ହୋଇଥିବା ବେଳେ ୧୮ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା ଆରସିବି। ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୟୁପି ୩୧ ରନରେ ୫ ଉଇକେଟ ହରାଇଥିଲା। ଗ୍ରେସ୍ ହାରିସ୍ ୪୬ ଓ ଦୀପ୍ତି ଶର୍ମା ୨୨ ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଆରସିବି ପକ୍ଷରୁ ଏଲିସ୍ ପେରୀ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୋଫି ଡିଭାଇନ୍ ଓ ଆଶା ଶୋଭନା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୩୬ ରନ୍‌ର ପିଛା କରି ଆରସିବି ୬୦ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ କନିକା ଆହୁଜା ୪୬ ଓ ରିଚା ଘୋଷଙ୍କ ଅପରାଜିତ ୩୧ ରନ୍‌ବଳରେ ଦଳ ବିଜୟୀ ହୋଇଥିଲା। ୟୁପି ପକ୍ଷରୁ ଦୀପ୍ତି ଶର୍ମା ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୟୁପି ୱାରିୟର୍ଜ ୧୯.୩ ଓଭରରେ ୧୩୫/୧୦ (ଗ୍ରେସ୍ ହାରିସ୍- ୪୬, ଦୀପ୍ତି ଶର୍ମା-୨୨, କିରଣ ନଭଗିରେ-୨୨, ଏଲିସ୍ ପେରୀ-୩/୧୬, ସୋଫି ଡିଭାଇନ୍-୨/୨୩, ଆଶା ଶୋଭନା-୨/୨୭)। ଆରସିବି ୧୮ ଓଭରରେ ୧୩୬/୫(କନିକା ଆହୁଜା-୪୬, ରିଚା ଘୋଷ-୩୧*, ହିଥର ନାଇଟ୍-୨୪, ଦୀପ୍ତି ଶର୍ମା-୨/୨୬, ଦେବିକା ବୈଦ୍ୟ-୧/୧୯, ସୋଫି ଏକେଲଷ୍ଟୋନ-୧/୨୦)।

### ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ

# ପ୍ରଥମ ରାଉଣ୍ଡରୁ ସିନ୍ଧୁ ବିଦା

**ଲଣ୍ଡନ୍, ୧୫।୩**

ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ଭାରତର ପି. ଭି. ସିନ୍ଧୁ। ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ପ୍ରଥମ ରାଉଣ୍ଡରେ ଚାଇନାର ଝାଙ୍ଗ ୟି ମାନ୍‌ଙ୍କ ନିକଟରୁ ପରାଜିତ ହୋଇଛନ୍ତି। ବୁଧବାର ବର୍ମିଂହାମରେ ଅନୁଷ୍ଠିତ ମ୍ୟାଚରେ ସିନ୍ଧୁ ୧୭-୨୧ ଓ ୧୧-୨୧ରେ ପରାଜିତ ହୋଇଥିଲେ। ମ୍ୟାଚ୍‌ଟି ମାତ୍ର ୩୯ ମିନିଟ ଧରି ଚାଲିଥିଲା। ୨୦୨୩ ସିନ୍ଧୁଙ୍କ ପାଇଁ ଏତେଟା ଉଲ୍ଲେଖନୀୟ ରହିନାହିଁ। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ ପରେ ମାଲେସିଆ ଓପନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ବୁଧବାର ପ୍ରଥମ ରାଉଣ୍ଡରେ ସିନ୍ଧୁ ସାମାନ୍ୟ ସଂଘର୍ଷ କରିଥିଲେ। ମାତ୍ର ଦ୍ୱିତୀୟ ରାଉଣ୍ଡରେ ଝାଙ୍ଗ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ଏକପାଖିଆ ଭାବରେ ମ୍ୟାଚ ଜିତି ନେଇଥିଲେ। ବୁଧବାର ମହିଳା ଡବଲ୍ସ ଯୋଡି ଟ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବାରେ ସଫଳ ହୋଇଛନ୍ତି। ଜୋଲ-ଗୋପୀଚାନ୍ଦ ସପ୍ତମ ସିଡ୍ ଥାଇଲାଣ୍ଡର ଜଙ୍ଗକୋଲଫାନ କିଟିଥାରାକୁଲ ଓ ରାୱିଣ୍ଡା ପ୍ରଜୋଗଜାଇଙ୍କୁ ୨୧-୧୮ ଓ ୨୧-୧୪ ସେଟରେ ପରାସ୍ତ କରିଛନ୍ତି। ଅନ୍ୟତମ ଭାରତୀୟ କିଡାମ୍ବି ଶ୍ରୀକାନ୍ତ ସଂଘର୍ଷପୂର୍ଣ୍ଣ ୧୯-୨୧, ୨୧-୧୪ ଓ ୨୧-୫ର ୩ ସେଟ ମୁକାବିଲାରେ ଟି. ପୋପୋଭଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟକୁ ହାରିବା ପରେ ଶ୍ରୀକାନ୍ତ ଜବରଦସ୍ତ କମବ୍ୟାକ୍ କରି ଜିତିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ ଜାପାନର କୋଡାଇ ନାରାକାଡାଙ୍କୁ ଭେଟିବେ।



ଶଟ୍ ଖେଳିବା ଅବସରରେ ପି.ଭି. ସିନ୍ଧୁ।



ଚଣ୍ଡିଗଡ଼ରେ ଅନୁଷ୍ଠିତ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିୟନଶିପ୍‌ରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଥିବା କିଟ୍ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

ପରଦା ପଛରେ..

# ସଙ୍ଗୀତ ମାୟାରେ ମାନସୀ


ମାନସୀ

ସ୍କୁଲରେ ପଢ଼ିବା ସମୟରୁ ସେ ସଙ୍ଗୀତ ପ୍ରତି ଆକର୍ଷିତ ହୋଇଥିଲେ। ତା'ପରେ ସତ୍ୟ ରଞ୍ଜନ ମହାପାତ୍ର ଏବଂ ରଜନୀକାନ୍ତ ମହାପାତ୍ରଙ୍କ ନିକଟରୁ ତାଙ୍କର ଆରମ୍ଭ ହୋଇଥିଲା ସଙ୍ଗୀତ ଶିକ୍ଷା। ବର୍ତ୍ତମାନ ସେ ଏହାକୁ ନିଜର ଏକ କ୍ୟାରିୟର ଭାବରେ ଗ୍ରହଣ କରିସାରିଛନ୍ତି। ବିଶେଷଭାବରେ ତାଙ୍କର ରୋମାଣ୍ଟିକ ଏବଂ ସମ୍ବଲପୁରୀ ଗୀତରେ ବେଶ୍ ପଟୁତା ରହିଛି। ସେ ହେଲେ ମାନସୀ ସାହୁ। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ମୁଁ ସଙ୍ଗୀତ ମାୟାରେ ପଡିଯାଇଥିଲି। ଏହାକୁ କ୍ୟାରିୟର କରିବା ପଛରେ ମୋ ବାପା ଆନନ୍ଦ ଚରଣ ସାହୁ ଏବଂ ମା' ଟିଙ୍କିନା ସାହୁଙ୍କ ପ୍ରେରଣା ଆଦୌ ଭୁଲିପାରିବି ନାହିଁ। ସବୁବେଳେ ଡିଫରେଣ୍ଟ ଟେଷ୍ଟର ଗୀତ ଗାଇଲେ ତାହା ଶ୍ରୋତାଙ୍କ ମନ ଜିଣିବାରେ ସକ୍ଷମ ହୋଇଥାଏ। ଏ ପର୍ଯ୍ୟନ୍ତ ଅନେକ ଭଜନ, ଆଲବମ୍ ଏବଂ ସମ୍ବଲପୁରୀ ଗୀତ ଗାଇସାରିଛି। ତା' ସହ ଓଡ଼ିଆ ସିନେମା 'ଆସୀକ', 'ମୋହବତ୍' ଏବଂ 'ଇସ୍କ ବାଲା ପ୍ରେମ' ପାଇଁ ମଧ୍ୟ କଣ୍ଠଦାନ କରିସାରିଛି। ମୁଁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ପ୍ରତିଦିନ କିଛି ସମୟ ଗୀତ ଗାଇବା ଅଭ୍ୟାସ କରିଥାଏ।' ବର୍ତ୍ତମାନ ମାନସୀ ଅଫିସ ମ୍ୟାନେଜମେଣ୍ଟ କୋର୍ସ କରୁଛନ୍ତି। ଆଲବମ୍ ମାୟାବିନୀ, ଅଧୁରା ପ୍ରେମ, ମାଲ୍ ମହୁ, ସ୍ମୃତି ତୁମେ ତାଙ୍କ ସଙ୍ଗୀତ କ୍ୟାରିୟରକୁ ବେଶ୍ ମାଇଲେଜ ଦେଇଛି। ଗୀତ ଗାଇବା ବ୍ୟତୀତ ଚିତ୍ର ଆଙ୍କିବା ଏବଂ ଅଭିନୟ ପ୍ରତି ନୟାଗଡରେ ଜନ୍ମିତା ମାନସୀଙ୍କର ରୁଚି ରହିଛି।



# ଆର୍‌ଆର୍‌ଆର୍

ଡିଭିଭି ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ତଥା ଡିଭିଭି ଦାନୟାଙ୍କ ପ୍ରଯୋଜିତ ଏବଂ ଏସ.ଏସ. ରାଜମୌଲିଙ୍କ ନିର୍ଦ୍ଦେଶିତ ସୁପରହିଟ୍ ତେଲୁଗୁ ଫିଲ୍ମ 'ଆର୍‌ଆର୍‌ଆର୍' ନିକଟରେ ସମ୍ମାନଜନକ ଓସ୍କାର ପୁରସ୍କାରରେ ଶ୍ରେଷ୍ଠ ଅରିଜିନାଲ ସଙ୍ଗ୍ ବିଭାଗରେ ପୁରସ୍କୃତ ହୋଇଛି। ୨୦୧୮ରେ ଏହାର ଟାଇଟଲ ଘୋଷଣା କରାଯାଇଥିଲା ଏବଂ ଫିଲ୍ମଟିର ବଜେଟ ଥିଲା ପାଖାପାଖି ୫୫୦ କୋଟି, ଯାହାକି ଏକ ସିନେମା ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିବା ସର୍ବାଧିକ ବଜେଟ। ବନ୍ଧୁତା ଦିବସ ଅବସରରେ ଏହାର ସମସ୍ତ ଗୀତ ରିଲିଜ କରାଯାଇଥିଲା। ପ୍ରଥମେ ଏହି ଫିଲ୍ମଟିକୁ ୨୦୨୦ ଜୁଲାଇ ୩୦ରେ ରିଲିଜ କରାଇବାକୁ ସ୍ଥିର ହୋଇଥିଲା। କିନ୍ତୁ ନିର୍ମାଣରେ ବିଳମ୍ବ ହେତୁ ଏବଂ ପରବର୍ତ୍ତୀ ସମୟରେ କରୋନା ମହାମାରୀ ପାଇଁ ଚିତ୍ରଟି ୨୫ ମାର୍ଚ୍ଚ ୨୦୨୨ରେ ପରଦା ଉପରକୁ ଆସିଥିଲା। ଏହି ଫିଲ୍ମର କାହାଣୀକୁ ନିର୍ଦ୍ଦେଶକ ରାଜମୌଲିଙ୍କ ବାପା କେ.ଭି. ବିଜୟେନ୍ଦ୍ର ପ୍ରସାଦ ରଚନା କରିଥିଲେ। ଖାସ୍ କଥା ହେଲା, ଏହାର ଚିତ୍ରନାଟ୍ୟ ରଚନା କରିବାକୁ ନିର୍ଦ୍ଦେଶକଙ୍କୁ ଛଅ ମାସ ସମୟ ଲାଗିଥିଲା। ଏଥିରେ ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଆଲିୟା ଭଟ୍ଟ ତେଲୁଗୁ ଭାଷା ଶିଖିଥିଲେ। ଏହି ଫିଲ୍ମର ଏକ ଆକ୍ସନ ଦୃଶ୍ୟର ଶୁଟିଂରେ ୧୦୦୦ ଜଣ ସହଯୋଗୀ କଳାକାର ଅଂଶଗ୍ରହଣ କରିଥିଲେ। ଉକ୍ତ ଦୃଶ୍ୟର ଶୁଟିଂ ସମୟରେ ରାମ ଚରଣ ଏବଂ ଏନ.ଟି. ରାମାରାଓ ଜୁନିୟର ଆହତ ହୋଇଥିଲେ। ସେମାନେ ସୁସ୍ଥ ହେବାପରେ ଏହାର ପୁଣି ଥରେ ଶୁଟିଂ ହୋଇଥିଲା। କେବଳ ଏହି ଆକ୍ସନ ଶଟ୍ ପାଇଁ ବଜେଟ କେତେ ଥିଲା ଜାଣନ୍ତି ? ୪୫ କୋଟି। ନିକଟରେ ଓସ୍କାର ପୁରସ୍କାରପ୍ରାପ୍ତ 'ନାଟୁ ନାଟୁ' ଗୀତଟି ୟୁକ୍ରେନ୍‌ର କିଭ୍‌ରେ ଶୁଟିଂ କରାଯାଇଥିଲା। ଫିଲ୍ମଟିର ମ୍ୟୁଜିକ ରାଇଟକୁ ଲାହାରି ମ୍ୟୁଜିକ୍ ଏବଂ ଟି-ସିରିଜ ୨୫ କୋଟି ଟଙ୍କାରେ କ୍ରୟ କରିଥିଲେ। ଏହାର ଶୁଟିଂ ପୂର୍ବରୁ ବଜେଟ ଅଟକଳ ୪୦୦କୋଟି ଥିଲା କିନ୍ତୁ ଶୁଟିଂ ପରେ ଏହା ୫୫୦ କୋଟିରେ ପହଞ୍ଚି ଯାଇଥିଲା। ବକ୍ସ ଅଫିସରେ ଚିତ୍ରଟି ପ୍ରାୟ ୧୨୫୮ କୋଟି ଇନ୍‌କମ୍ କରିଥିଲା।

# ଏ ଦିଲ୍ ତତେ ଦେଲି

ଏକ ଭିନ୍ନଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଏ ଦିଲ୍ ତତେ ଦେଲି'। ଏହି ଫିଲ୍ମଟି ଚଳିତମାସ ୧୭ ତାରିଖରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ ହେବାକୁ ଯାଉଛି। ଚିତ୍ରଟି ଉକ୍ତ ଦିନ ଅନ୍ୟତମ ଲୋକପ୍ରିୟ ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ପ୍ରସାରିତ ହେବ। ପ୍ରେମର ଗଣିତ ଯେତେକି ଜଟିଳ ତାହାର ଭାଗଫଳକୁ ବୁଝିବା ସେତିକି କଷ୍ଟକର। ସରଳ ଯୁବକ ସୁରଜ ଯେଉଁଦିନ ରୁପାକୁ ଦେଖିଛି ସେହିଦିନ ହିଁ ତା' ପ୍ରେମରେ ପଡ଼ିଯାଇଛି। ତେବେ ଏହି ପ୍ରେମ ମିଶନକୁ ନେଇ ଆଗେଇବା ସମୟରେ ସେମାନଙ୍କୁ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଫିଲ୍ମର ନାୟିକା ସାଜିଛନ୍ତି ରିୟାନା। ଏହପୂର୍ବରୁ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ଏଥିରେ ନାୟକ ଭୂମିକାରେ ବିଭାସଙ୍କୁ ଦେଖିବାକୁ ମିଳିବ। ଷ୍ଟେପ୍ ବାଏ ଷ୍ଟେପ୍ ପିକ୍ଚର୍ସ ଏବଂ ରଙ୍ଗ କ୍ରିଏଶନର ମିଳିତ ସହଯୋଗରେ ଏହାର ନିର୍ମାଣ କରାଯାଇଛି। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଅଖିଳେଶ ବର୍ମା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ନିଲୁ ବକ୍ସ। ମାନସ ସାହୁଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ମହମ୍ମଦ ମୁସୀର। ଚଳଚ୍ଚିତ୍ରର କ୍ରିଏଟିଭ ମୁଖ୍ୟ ଅଛନ୍ତି ପ୍ରଣୟ ଜେଠୀ।


ବିଭାସ-ରିୟାନା

# ବିଲ୍ଲି..ବିଲ୍ଲି

ଚଳିତ ବର୍ଷ ଇଦ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି ସଲମାନ ଖାନ୍-ପୂଜା ହେଗ୍‌ଡେ ଅଭିନୀତ 'କିସି କା ଭାଇ କିସି କା ଜାନ୍'। ଏହି ଫିଲ୍ମର ଏକ ଗୀତ- 'ବିଲ୍ଲି ବିଲ୍ଲି' ବେଶ୍ ଭାଇରାଲ ହୋଇଛି। କେବଳ ସେତିକି ନୁହେଁ, ଏହି ଗୀତଟି ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ ବୋଲି କହିବୁଲୁଛନ୍ତି ପୂଜା। ଏ ସମ୍ପର୍କରେ ସେ କହନ୍ତି, 'ଏହି ଗୀତର ଶୁଟିଂ ପୂର୍ବରୁ ଆମେ ଦୁହେଁ ଭଲ ଭାବରେ ପ୍ରାକ୍ଟିସ କରିଥିଲୁ। ଏଥିରେ ସଲମାନଙ୍କ ସହ ମୋ ଯୋଡିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି। ସଲମାନଙ୍କ ହୋମ୍ ବ୍ୟାନର 'ସଲମାନ ଖାନ୍ ଫିଲ୍ମସ'ରେ ଏହାକୁ ନିର୍ମାଣ କରାଯାଇଛି। ଫରହଦ ସାମ୍‌ଜୀ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏଥିରେ ଭାଇଜାନ୍ ଭୂମିକାରେ ସଲମାନ ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ଏହି ଫିଲ୍ମରେ ଭେଙ୍କଟେଶ, ଜଗନ୍ନାଥ ବାବୁ, ଜୈସି ଗିଲ୍, ସିଦ୍ଧାର୍ଥ ନିଗମ, ଭୂମିକା ଚାୱଲା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଭି. ମଣିକନ୍ଦନମ୍। ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୨୧ରେ ପରଦା ଉପରକୁ ଆସିବ।


ପୂଜା

# ବାହାଘର ଡଟ୍ କମ୍

ନିଜର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ମା'ଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ପଡ଼ିବ। ଅର୍ଥାତ୍, ଯେମିତି ହେଲେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ପଡ଼ିବ। କେବଳ ସେତିକି ନୁହେଁ, ବିବାହଟି ଏକ ଭିନ୍ନ ଉପାୟରେ ଅନୁଷ୍ଠିତ ହେବ। ତେବେ ଏଭଳି ଏକ ରୋଚକ ତଥା ଭିନ୍ନଧରଣର କାହାଣୀକୁ ନେଇ ଜୀ ସାର୍ଥକ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ବାହାଘର ଡଟ୍ କମ୍'। ଏହି ଫିଲ୍ମଟି ଚଳିତ ମାସ ୧୯ ତାରିଖ ସନ୍ଧ୍ୟା ୬.୩୦ରେ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ 'ଜି ସାର୍ଥକ' ପ୍ରସାରିତ ହେବ। ଓମ୍ ସାଇ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ପ୍ରଦ୍ୟୁମ୍ନ ଲେଙ୍କା। ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଗୁଡଲି ରଥ। ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମାର ଚାର୍ମ ଦର୍ଶକ ନେଇପାରିବେ। ବିଶେଷଭାବରେ ସବୁ ବର୍ଗର ଦର୍ଶକ ତଥା ପରିବାରକୁ ନେଇ ସମସ୍ତେ ଏହି ଫିଲ୍ମଟିକୁ ଦେଖିପାରିବେ ବୋଲି ଚ୍ୟାନେଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ମୁଖ୍ୟ ଭୂମିକାରେ ରଷି, ସାୟଲ ମୁଖାର୍ଜୀ ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ ପୁଷ୍ପା ପଣ୍ଡା ଏବଂ ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ସେପଟେ ଏଭଳି ଏକ ଚମତ୍କାର କାହାଣୀ ଦର୍ଶକଙ୍କୁ ଫୁଲ୍ ମନୋରଞ୍ଜନ ଦେବ ବୋଲି ଆଶାବାଦୀ ଅଛନ୍ତି ପ୍ରଯୋଜନା ସଂସ୍ଥା ଜୀ ସାର୍ଥକର ଚ୍ୟାନେଲର ବିଜନେସ୍ ହେଡ୍ ପ୍ରତୀକ ସିଲ।


'ବାହାଘର ଡଟ୍ କମ୍' ଫିଲ୍ମରେ ରଷି-ସାୟଲ

# ରହସ୍ୟମୟ ଗୁଡୁ

ରିଲିଜ୍ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଗୁଡୁ ଗ୍ୟାଙ୍ଗଷ୍ଟର'ରେ ଗୁଡୁ ଚରିତ୍ରକୁ ନେଇ ଚର୍ଚ୍ଚା। ଏହି ଫିଲ୍ମରେ ଅସଲି ଗୁଡୁ କିଏ ? ତେବେ ଏହା ପଛରେ କି ରହସ୍ୟ ରହିଛି ତାହା ଚିତ୍ରଟିକୁ ଦେଖିଲେ ହିଁ ଜାଣିପାରିବେ। ଏକ ରହସ୍ୟ ରୋମାଞ୍ଚ ତଥା ଆକ୍ସନଭରା କାହାଣୀକୁ ନେଇ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଅନ୍‌ସ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ବିଗ୍ ବଜେଟ ଫିଲ୍ମଟି ଚଳିତ ବର୍ଷ ରଜରେ ରିଲିଜ ହେବାର ଯୋଜନା ରହିଛି। ଏହାର ପ୍ରଯୋଜନା ପ୍ରୀତମ ସାହୁ କରିଛନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ଫିଲ୍ମଟିର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ନମ୍ରତା ଥାପ୍ପା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ଏଲି ପାଢ଼ୀ, କେକେ, ବବି ମିଶ୍ର, ରାଖୀ ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ଆଦି କଳାକାର ଅଭିନୟ କରିଛନ୍ତି। 'ଫିଲ୍ମଟିର କାହାଣୀରେ ଅନେକ ନୂତନତ୍ୱ ଭରିରହିଛି। ସେଗୁଡ଼ିକୁ ଏବେଠାରୁ ଖୁଲାସା କରିବା ଠିକ୍ ହେବ ନାହିଁ। ଏଥର ରଜରେ ଦର୍ଶକ ଏହି ଫିଲ୍ମରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି କହନ୍ତି ଅଶୋକ।' ଏହାର କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଗୀତଗୁଡିକୁ ରଚନା କରିଛନ୍ତି ପୁଷ୍ପକ ପରିଡା, ରଞ୍ଜନ ନାୟକ ଏବଂ ତପୁ ନାୟକ। ଏଗୁଡିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ। ଫିଲ୍ମଟିର ମୁଖ୍ୟ ସହଯୋଗୀ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମାନସ ମହାପାତ୍ର।


ଶୈଳେନ୍ଦ୍ର

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୬/୨୦୨୩ Bhubaneswar, Thursday, March 16/ 2023

# ଶୁଟ୍‌ଆଉଟରେ ଭାରତ ବିଜୟୀ

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍**

ରାଉରକେଲା ଅଫିସ/ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୫।୩


ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ଶୁଟ୍‌ଆଉଟ/ସଡନ୍‌ଡେଥ୍ ୪-୩ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ସ୍ଥିତିରେ ବରାବର ରହିବାରୁ ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ, ସୁଖଜିତ ସିଂ ଓ ଦିଲପ୍ରୀତ ସିଂ ଗୋଲ ଦେଇଥିବାବେଳେ ହାର୍ଦ୍ଦିକ ସିଂ ଓ ବିବେକ ସାଗର ପ୍ରସାଦ ମିସ୍ କରିଥିଲେ। ଅଷ୍ଟ୍ରେଲିଆର ଜେକ୍ ହାର୍ଭି, କ୍ରେଗ୍ ମାରେସ ଓ ଜ୍ୟାକ୍ ୱେଲଚ ଗୋଲ ଦେଇଥିଲେ ଏବଂ ଜେକ୍ ହ୍ୱିଟନ ଓ ନାଥାନ ଏଫ୍ରାଉମ୍ସ ମିସ୍ କରିଥିଲେ। ଫଳରେ ସଡନ୍ ଡେଥ୍ ପଦ୍ଧତି ଅବଲମ୍ୱନ କରାଯାଇଥିଲା। ଏଥିରେ ଭାରତର ହରମନପ୍ରୀତ ଗୋଲ ଦେଇଥିବାବେଳେ ଅଷ୍ଟ୍ରେଲିଆର ଜ୍ୟାକ୍ ୱେଲ୍ଟ ମିସ୍ କରି ଯାଇଥିଲେ। ଏଠାରେ ବିଜୟ ଫଳରେ ଭାରତ ପ୍ରୋ-ଲିଗ୍‌ର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୪ଟି ମ୍ୟାଚ ଜିତି ଅପରାଜେୟ ରହିଛି। ଦଳ ୨ଥର ଲେଖାଏ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ମ୍ୟାଚର ୨ୟ ମିନିଟରେ କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ଗେମ୍ ଖେଳୁଥିବା ବିବେକ ସାଗର ପ୍ରସାଦଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ପ୍ରଥମ କ୍ୱାର୍ଟର ଶେଷରେ ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଆଉ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୧-୦ରେ ଆଗୁଆ ରହି ଅଷ୍ଟ୍ରେଲିଆ ଉପରେ ଚାପ ପକାଇଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ତୃତୀୟ କ୍ୱାର୍ଟର ଆରମ୍ଭର ଅଳ୍ପ କିଛି ସମୟ ପରେ ଅର୍ଥାତ୍ ୩୭ତମ ମିନିଟରେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ମିଳିଥିଲା। ନାଥନ ଏଫ୍ରାଉମ୍ସ ଏଥିରୁ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୪ର୍ଥ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୪୭ତମ ମିନିଟରେ ସୁଖଜିତ ସିଂ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ପୁଣି ଅଗ୍ରଣୀ କରିଥିଲେ। ମାତ୍ର ୫୨ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲଟିକୁ ପରିଶୋଧ କରି ଦେଇଥିଲେ ନାଥନ ଏଫ୍ରାଉମ୍ସ।

ଭାରତ ଏହାର ପ୍ରଥମ ମ୍ୟାଚରେ ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ୩-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିବାବେଳେ ତୃତୀୟ ମ୍ୟାଚରେ ଜର୍ମାନୀକୁ ପୁଣି ୬-୩ ଗୋଲରେ ହରାଇ ବଡ଼ ସଫଳତା ପାଇଥିଲା। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଓ ଜର୍ମାନୀ ଏଠାରେ ଖେଳିଥିବା ୪ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ସହ ଅଭିଯାନ ଶେଷ କରିଛନ୍ତି।


୧୦୦ତମ ମ୍ୟାଚ୍ ଖେଳିଥିବା ବିବେକ ସାଗର ପ୍ରସାଦଙ୍କୁ ଖେଳାଳିମାନେ ଜର୍ସି ଦେଉଛନ୍ତି।

# ଆଜିଠାରୁ କଳାହାଣ୍ଡି କପ୍

- ୬ ଗ୍ରୁପ୍‌ରେ ଅଂଶଗ୍ରହଣ କରିବେ ୩୭ ଦଳ
- ଦିନିକିଆ ଫର୍ମାଟରେ ଖେଳାଯିବ ପ୍ରଥମ ପର୍ଯ୍ୟାୟ

ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଗୁରୁବାରଠାରୁ ବିଭିନ୍ନ ଭେନ୍ୟୁରେ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାରେ ମୋଟ ୩୭ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକୁ ୬ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ତାହାକୁ ଡାଇମଣ୍ଡ 'ଏ' ଓ 'ବି', ଗୋଲ୍ଡ 'ଏ' ଓ 'ବି' ଏବଂ ସିଲ୍‌ଭର 'ଏ' ଓ 'ବି' ରଖା ଯାଇଛି। ପ୍ରଥମ ପର୍ଯ୍ୟାୟ ପ୍ରିଲିମିନାରୀ ଲିଗ୍‌ରେ ଗୋଲ୍ଡ 'ଏ' ଓ ସିଲ୍‌ଭର 'ବି' ଦଳଗୁଡ଼ିକର ମ୍ୟାଚ ଖେଳାଯିବ। ବିଭିନ୍ନ ଭେନ୍ୟୁରେ ମ୍ୟାଚ ଖେଳାଯିବ। ପ୍ରଥମ ସେସନ ପୂର୍ବାହ୍ନ ୮ଟା ୩୦ରୁ ଆରମ୍ଭ ହୋଇ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ୧୨ଟା ୪୫ ପର୍ଯ୍ୟନ୍ତ ବ୍ରେକ୍ ରହିବ ଏବଂ ସେହିଠାରୁ ଦ୍ୱିତୀୟ ସେସନ ଆରମ୍ଭ ହୋଇ ଅପରାହ୍ନ ୪ଟା ୧୫ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ପ୍ରଥମ ଦିବସରେ ଗୋଲ୍ଡ 'ଏ' ଗ୍ରୁପ୍‌ରେ ସମ୍ବଲପୁର-କିଟ୍, ବୌଦ୍ଧ-ବରଗଡ଼ ଓ ଅନୁଗୋଳ-ନବରଙ୍ଗପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସେହିପରି ସିଲ୍‌ଭର 'ବି'ରେ କୋରାପୁଟ-ବଲାଙ୍ଗୀର, ରାୟଗଡ଼ା-ଦେବଗଡ଼, ସୋନପୁର-କଳାହାଣ୍ଡି ମ୍ୟାଚ ମଧ୍ୟ ଏହିଦିନ ଅନୁଷ୍ଠିତ ହେବ। ଗ୍ରୁପ୍‌ର ପ୍ରତି ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ ଖେଳିବେ।

ଡାଇମଣ୍ଡ 'ଏ' ଗ୍ରୁପ୍: ଭୁବନେଶ୍ୱର-ଏ, ଇକୋର୍ସା, କଟକ-ବି, ଖୋର୍ଦ୍ଧା, ସୁନ୍ଦରଗଡ଼, ଭଦ୍ରକ।
ଡାଇମଣ୍ଡ 'ବି' ଗ୍ରୁପ୍: କଟକ-ଏ, ଝାରସୁଗୁଡ଼ା, ଯାଜପୁର, ଭୁବନେଶ୍ୱର-ବି, ରାଉରକେଲା, ବାଲେଶ୍ୱର।
ଗୋଲ୍ଡ 'ଏ' ଗ୍ରୁପ୍: ସମ୍ବଲପୁର, କିଟ୍, ବୌଦ୍ଧ, ବରଗଡ଼, ଅନୁଗୋଳ, ନବରଙ୍ଗପୁର।
ଗୋଲ୍ଡ 'ବି' ଗ୍ରୁପ୍: ମୟୂରଭଞ୍ଜ, ଢେଙ୍କାନାଳ, ନୟାଗଡ଼, ଜଗତ୍‌ସିଂହପୁର, କେନ୍ଦୁଝର, ପୁରୀ।
ସିଲ୍‌ଭର 'ଏ' ଗ୍ରୁପ୍: ଗଞ୍ଜାମ, କେନ୍ଦ୍ରାପଡ଼ା, ନୂଆପଡ଼ା, ପାରାଦୀପ, କନ୍ଧମାଳ, ଗଜପତି, ମାଲକାନଗିରି।
ସିଲଭର 'ବି' ଗ୍ରୁପ୍: କୋରାପୁଟ, ବଲାଙ୍ଗୀର, ରାୟଗଡ଼ା, ଦେବଗଡ଼, ସୋନପୁର, କଳାହାଣ୍ଡି।

# ଦିନିକିଆ ସିରିଜରୁ ଆୟର ଓହରିଲେ

ମୁମ୍ବାଇ, ୧୫।୩ (ପି.ଟି.)


ଶ୍ରେୟସ ଆୟର

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରୁ ଭାରତର ଶ୍ରେୟସ ଆୟର ଓହରି ଯାଇଛନ୍ତି। ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଟି. ଦିଲୀପ ଆନୁଷ୍ଠାନିକଭାବେ ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ପିଠିର ନିମ୍ନଭାଗରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ଆୟରଙ୍କର ଏହି ସିରିଜରେ ଖେଳିବାନେଇ ପୂର୍ବରୁ ସନ୍ଦେହ ପ୍ରକାଶ ପାଇଥିଲା। କେବଳ ସେତିକି ନୁହେଁ ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ଆୟର ଖେଳିବା ସମ୍ଭାବନା କମ୍ ରହିଛି। ଆୟର ଜାତୀୟ କ୍ରିକେଟ ଏକାଡେମୀକୁ ପ୍ରତ୍ୟାବର୍ତ୍ତନ କରି ଚିକିତ୍ସିତ ହେଉଛନ୍ତି। ତେବେ ଯଶପ୍ରୀତ୍ ବୁମ୍‌ରା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କଭଳି ଆୟରଙ୍କ ପିଠିରେ ଅସ୍ତ୍ରୋପଚାର ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। "ଖେଳାଳିଙ୍କ ଆହତ ସମସ୍ୟା ଖେଳର ଏକ ଅଂଶବିଶେଷ। ଆମର ବହୁତ ଭଲ ମେଡିକାଲ ବ୍ୟବସ୍ଥା ରହିଛି। ତଦନୁସାରେ ଚିକିତ୍ସା ଚାଲିଛି। ଆମେ ଏନ୍‌ସିଏ ସହିତ ଯୋଗାଯୋଗରେ ରହିଛୁ। ଆୟର ଦିନିକିଆ ସିରିଜରୁ ଓହରି ଯାଇଛନ୍ତି" ବୋଲି ଦିଲୀପ ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ପିଠି ଯନ୍ତ୍ରଣାରୁ ମୁକୁଳିବା ପରେ ଆୟର ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଭାରତୀୟ ଦଳକୁ ଫେରିଥିଲେ। ମାତ୍ର ଅହମଦାବାଦରେ ଅନୁଷ୍ଠିତ ୪ର୍ଥ ଟେଷ୍ଟ ଅବସରରେ ସେ ପୁଣି ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତାଙ୍କ ଯନ୍ତ୍ରଣା ସ୍ଥାନରେ ପୁଣି ସ୍କାନ କରାଯାଇଥିଲା। ଯନ୍ତ୍ରଣା ଯୋଗୁ ଆୟର ଏହି ଟେଷ୍ଟରେ ବ୍ୟାଟିଂ କରିପାରି ନ ଥିଲେ। ତେବେ ବିରାଟ କୋହଲିଙ୍କ ୧୮୬ ରନ ବଳରେ ଭାରତ ୫୭୧ ରନର ବୃହତ୍ ସ୍କୋର କରିଥିଲା। ଚିକିତ୍ସାଧୀନ ଥିବାରୁ ଆୟର ଚଳିତମାସ ୩୧ରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରଥମାର୍ଦ୍ଧ ଖେଳିବା ସମ୍ଭାବନା ନାହିଁ। ଆୟର କୋଲକାତା ନାଇଟ ରାଇଡର୍ସର ଅଧିନାୟକ। ତେଣୁ ତାଙ୍କ ଅନୁପସ୍ଥିତିରେ କୋଲକାତା ଦଳକୁ ନୂଆ ନେତୃତ୍ୱ ଖୋଜିବାକୁ ପଡ଼ିବ।

# ନିଖତ, ଲଭଲିନା ପଦକ ଫେଭରିଟ୍

**ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍**


ନିଖତ ଜରିନ୍ ଓ ଲଭଲିନା ବୋର୍ଗୋହେନ୍।

ନୂଆଦିଲ୍ଲୀ, ୧୫।୩ (ପି.ଟି.)

ନୂଆଦିଲ୍ଲୀରେ ମହିଳା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହୋଇଥିବା ବେଳେ ନିଖତ ଜରିନ୍ ଓ ଲଭଲିନା ବୋର୍ଗୋହେନ୍ ଭାରତର ପଦକ ଫେଭରିଟ୍ ରହିଛନ୍ତି। ମହିଳା ବିଶ୍ୱ ଚାମ୍ପିୟନଶିପ୍‌ର ୧୩ ତମ ସଂସ୍କରଣରେ ୬୫ ଦେଶର ୩୦୦ରୁ ଅଧିକ ବକ୍ସର ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଭାରତୀୟ ଖେଳାଳିଙ୍କ ଚୟନକୁ ନେଇ ବାଦ ବିବାଦ ପରେ ଟୁର୍ନାମେଣ୍ଟ ଆରମ୍ଭ ହେଉଥିବା ବେଳେ ଘରୋଇ ପରିବେଶରେ ଭାରତୀୟ ଖେଳାଳିଙ୍କ ନିକଟରୁ ଦୃଢ଼ ପ୍ରଦର୍ଶନ ଆଶା କରାଯାଉଛି। ପ୍ରଥମ ଥର ପାଇଁ ୬ଥର ବିଶ୍ୱ ଚାମ୍ପିୟନ ଏମ୍ ସି ମ୍ୟାରୀକମଙ୍କ ଅନୁପସ୍ଥିତିରେ ଭାରତ ଖେଳୁଥିବା ବେଳେ ଅଲିମ୍ପିକ୍ସ ପଦକ ବିଜୟିନୀ ଲଭଲିନା ଓ ନିଖତ ଜରିନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ନୂତନ ଓଜନ ବର୍ଗରେ ଉଭୟ ଖେଳାଳି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଉଭୟ ଖେଳାଳିଙ୍କ ପ୍ରାଥମିକତା ରହିବ। ୫୦ କିଗ୍ରା ବର୍ଗରେ ନିଖତ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟପକ୍ଷରେ ୭୫ କିଗ୍ରା ଓଜନ ବର୍ଗରେ ଲଭଲିନା ଖାପଖୁଆଇବାକୁ ପ୍ରୟାସ କରିବେ। ପୂର୍ବରୁ ଦୁଇ ଥର ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଲଭଲିନା ଘରୋଇ ପରିବେଶରେ ସ୍ୱର୍ଣ୍ଣ ହାସଲ କରିବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ଦୁଇ ଖେଳାଳିଙ୍କ ବ୍ୟତୀତ ରାଜ୍ୟ ଗୋଷ୍ଠୀ ପଦକ ବିଜୟିନୀ ନୀତୁ ଘଘାଂସ (୪୮ କିଗ୍ରା) ଓ ମନୀଷା ମାଉଁ(୫୭ କିଗ୍ରା)ଙ୍କ ନିକଟରୁ ମଧ୍ୟ ପଦକ ଆଶା କରିବ ଭାରତ। ଅନ୍ୟମାନଙ୍କ ମଧ୍ୟରେ ସାକ୍ଷୀ ଚୌଧାରୀ(୫୨), ପ୍ରୀତି(୫୪), ଶଶୀ ଚୋପ୍ରା(୬୩) ଓ ସାନମଚା ଚାନୁ (୭୦ କିଗ୍ରା)ଙ୍କ ନିକଟରୁ ମଧ୍ୟ ଭଲ ପ୍ରଦର୍ଶନର ଆଶା ରହିବ। ରୁଷୀୟ ବକ୍ସରଙ୍କ ଅଂଶଗ୍ରହଣ କାରଣରୁ ଆମେରିକା, ବ୍ରିଟେନ ଓ ଆୟର୍ଲାଣ୍ଡ ଓହରି ଯାଇଛନ୍ତି। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜେତାଙ୍କୁ ୧ ଲକ୍ଷ ଡଲାର, ରୌପ୍ୟ ବିଜେତାଙ୍କୁ ୫୦ ହଜାର ଡଲାର ଓ ବ୍ରୋଞ୍ଜ ବିଜେତାଙ୍କୁ ୨୫ ହଜାର ଡଲାର ପୁରସ୍କାର ଦିଆଯିବ। ୨୦୦୬ରେ ଭାରତରେ ଆୟୋଜିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଦଳ ୪ ସ୍ୱର୍ଣ୍ଣ ସହିତ ୮ ପଦକ ବିଜୟୀ ହୋଇଥିଲା।

# ଏକ ନମ୍ବରକୁ ଫେରିଲେ ଅଶ୍ୱିନ

ଦୁବାଇ, ୧୫।୩



ଟେଷ୍ଟ କ୍ରିକେଟରେ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଚମତ୍କାର ପ୍ରଦର୍ଶନ ଜାରିରହିଛି। ବର୍ଡର ଗାଭାସ୍କର ସିରିଜରେ ରବୀନ୍ଦ୍ର ଜାଡେଜାଙ୍କ ସହିତ ଯୁଗ୍ମ ପ୍ଲେୟର ଅଫ୍ ଦ ସିରିଜ୍ ହୋଇଥିବା ଅଶ୍ୱିନ ପୁନର୍ବାର ଆଇସିସି ବୋଲରଙ୍କ ତାଲିକାରେ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜର ଅନ୍ତିମ ମ୍ୟାଚରେ ୯୧ ରନ୍ ଦେଇ ୬ ଉଇକେଟ ଅକ୍ତିଆର କରିଥିବା ଅଶ୍ୱିନ ଇଂଲଣ୍ଡର ଜେମ୍ସ ଆଣ୍ଡରସନଙ୍କୁ ପଛରେ ପକାଇ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ବର୍ଡର ଗାଭାସ୍କର ସିରିଜରେ ୨୫ ଉଇକେଟ ଅକ୍ତିଆର କରିବା ସହିତ ସେ ଆଣ୍ଡରସନ୍‌ଙ୍କଠାରୁ ୧୦ ପଏଣ୍ଟ ଆଗରେ ରହିଛନ୍ତି। ପୂର୍ବ ସପ୍ତାହରେ ପ୍ରକାଶିତ ର୍ୟାଙ୍କିଂରେ ଅଶ୍ୱିନ ଓ ଆଣ୍ଡରସନ୍ ଯୁଗ୍ମ ଭାବରେ ପ୍ରଥମ ସ୍ଥାନ ହାସଲ କରିଥିଲେ। କେବଳ ବୋଲର ନୁହନ୍ତି ଅଲରାଉଣ୍ଡର ତାଲିକାରେ ମଧ୍ୟ ଅଶ୍ୱିନ ପ୍ରଥମ ସ୍ଥାନରେ ରହିଛନ୍ତି। ବାମହାତୀ ସ୍ପିନର ଅକ୍ଷର ପଟେଲ ମଧ୍ୟ ୬ ସ୍ଥାନ ଉପରକୁ ଉଠି ବୋଲରଙ୍କ ତାଲିକାରେ ୨୮ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି।

# ସେମିରେ ଗଙ୍ଗପଡ଼ା, ବାଲିଆପଡ଼ା

ପୁରୁଣା ଭୁବନେଶ୍ୱର, ୧୫।୩ (ଡିଏନ୍‌ଏ)

ଚ୍ୟାଲେଞ୍ଜ କପ୍ କ୍ରିକେଟ ଆସୋସିଏଶନ୍ ଆନୁକୂଲ୍ୟରେ ସ୍ଥାନୀୟ ସୁଆଙ୍ଗ ପଡିଆରେ ଚାଲିଥିବା ପଞ୍ଚମ ଆଧାର କାର୍ଡ କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଗଙ୍ଗପଡା ଓ ବାଲିଆପଡା। ପ୍ରଥମ କ୍ୱାର୍ଟରରେ ଗଙ୍ଗପଡା ୨୨ ରନରେ ଝାରପଡାକୁ ଓ ଦ୍ୱିତୀୟ କ୍ୱାର୍ଟରରେ ବାଲିଆପଡା ୩ ଉଇକେଟରେ ଘାଟିକିଆକୁ ପରାସ୍ତ କରିଥିଲା। ଗଙ୍ଗପଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କର ୧୫ ଓଭରରେ ୬ ଉଇକେଟରେ ୧୪୨ ରନ୍ କରିଥିବା ବେଳେ ଝାରପଡା ନିର୍ଦ୍ଧାରିତ ଓଭରରେ ୪ ଉଇକେଟରେ ୧୨୦ ରନ୍ କରିଥିଲା। ଦ୍ୱିତୀୟ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଘାଟିକିଆ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ଜବାବରେ ୧୪.୨ ଓଭରରେ ୭ ଉଇକେଟ ହରାଇ ୧୨୧ ରନ୍ କରି ନେଇଥିଲା ବାଲିଆପଡା। ଗଙ୍ଗପଡା ଦଳର ଅନିଲ ମହାପାତ୍ର ଓ ବାଲିଆପଡାର ଅନିଲ ସାହୁଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ମନୋଜ ଜେନା।

# ଓଡ଼ିଶା ସିନିୟର ଟେବୁଲ ଟେନିସ ଦଳ ଘୋଷିତ

କଟକ ଅଫିସ/ଭୁବନେଶ୍ୱର, ୧୫।୩ (କ୍ରୀଡ଼ା ପ୍ରତିନିଧି): ଜମ୍ମୁର ଏମ୍.ଏ. ଷ୍ଟାଡିୟମରେ ଚଳିତ ମାସ ୨୦ରୁ ୨୭ ପର୍ଯ୍ୟନ୍ତ ୮୪ତମ ଜାତୀୟ ସିନିୟର ଏବଂ ଆନ୍ତଃରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ପୁରୁଷ ଦଳରେ ତୌଫିକ୍ ହକ୍, ମୈନକ ଦାସ, ତୁଷାର ଚୌହାନ, ସମ୍ରାଟ ଚକ୍ରବର୍ତ୍ତୀ, ଶୁଭେନ୍ଦୁ ଶ', ଏମ. ଈଶ୍ୱର ରାଓ, ମହମ୍ମଦ ଆଝାର ଓ ଦିକ୍ଷାନ୍ତ ପରିଡ଼ା ସ୍ଥାନ ପାଇଛନ୍ତି। ସେହିପରି ମହିଳା ଦଳରେ ନେହା କୁମାରୀ, ଅଞ୍ଜଳି ଅଗ୍ରୱାଲ, ସ୍ୱିକୃତି ଭଗତ, ପାୟଲ ପାଣି ଓ ଗାୟତ୍ରୀ ମିତ୍ର ସାମିଲ ହୋଇଛନ୍ତି। ମ୍ୟାନେଜର ଓ କୋଚ୍‌ଭାବେ ସୁଜିତ ରୟ ଦାୟିତ୍ୱ ନିର୍ବାହ କରିବେ। ଅମ୍ପାୟର କେ.ଏସ୍‌ଏନ୍ ମୂର୍ତ୍ତୀ ଓ ସୁରଭି ପରିଜା ମଧ୍ୟ ଓଡ଼ିଶା ଦଳ ସହ ୧୭ ତାରିଖରେ ଜମ୍ମୁ ଯାତ୍ରା କରିବେ।


ଜାତୀୟ ସିନିୟର ଏବଂ ଆନ୍ତଃରାଜ୍ୟ ଟେବୁଲ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ